

ଦେଶର ହିତକୁ ଦେଖି ଭାରତ ସଠିକ୍ ନିଷ୍ପତ୍ତି ନେବ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 180 ଭାଗ ୩୪ | ସଂଖ୍ୟା ୧୮୦ | Monday 21 September 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୨୧ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମହିଳା ଏସିଆନ୍ ଗେମ୍ସ-୨୦୨୬

## ବାଂଲାଦେଶକୁ ହରାଇ ଫାଇନାଲ୍‌ରେ ଭାରତ

**ମଙ୍ଗଳବାର ଶ୍ରୀଲଙ୍କା ସହ ସ୍ୱର୍ଣ୍ଣ ଲଢ଼େଇ**



ନିଶିନ୍,୨୦।୯: ଚଳିତ ମହିଳା ଏସିଆନ୍ ଗେମ୍ସ-୨୦୨୬ରେ କ୍ରିକେଟ୍ ଇଭେଣ୍ଟରେ ଭାରତ ଫାଇନାଲ୍‌ରେ ପ୍ରବେଶ କରିଛି। ଆଜି ଏଠାରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଦଳ ବାଂଲାଦେଶକୁ ୧୧୪ ରନ୍‌ର ବୃହତ୍ ବ୍ୟବଧାନ ପରାସ୍ତ କରି ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏଥିସହ ଦଳ ଆସନ୍ତା ୨୨ ତାରିଖରେ ପ୍ରତିଯୋଗିତାର ଫାଇନାଲ୍‌ରେ ଶ୍ରୀଲଙ୍କାକୁ ଭେଟିବ।

ଆଜିର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ପ୍ରଥବେ ବ୍ୟାଟିଂ ଓପନର ଶେଫାଳୀ ବର୍ମାଙ୍କ ଅପରାଜିତ ଶତକୀୟ ଇନିଂସ ସହାୟତାରେ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା। ଅନ୍ୟତମ ଓପନର ସ୍ମୃତି ମନ୍ଧାନାଙ୍କ ସହ ଶେଫାଳୀ ୭୨ ରନ୍ ଯୋଡ଼ିବା ସହ ତୃତୀୟ ୱିକେଟ୍‌ରେ ଅଧିନାୟିକା ହରମନ୍‌ପ୍ରୀତ୍ ⮚ପୃଷ୍ଠା-୬

# ଦୀପାବଳୀ ପୂର୍ବରୁ ମହାନଦୀ ବିବାଦର ସମାଧାନ!

ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଦୀପାବଳୀ ପୂର୍ବରୁ ମହାନଦୀ ଜଳ ସମସ୍ୟାର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ୋକ୍ତି ସତ ହେବାକୁ ଯାଉଛି। ଦୁଇ ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିଛନ୍ତି। ଦୁଇ ରାଜ୍ୟର ଉନ୍ନତି ଓ ଜନକଲ୍ୟାଣ ପାଇଁ ସମନ୍ୱୟ ଏବଂ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି

- ଦୁଇ ମୁଖ୍ୟମନ୍ତ୍ରୀଙ୍କ ଦମ୍ଭୋକ୍ତି: ବିବାଦ ନାହିଁ କି ସମସ୍ୟା ନାହିଁ
- ସହମତିଭିତ୍ତିକ ସମାଧାନ ଦିଗରେ ଦୁଇ ରାଜ୍ୟ
- ମୋହନ ମାଝୀଙ୍କ ବାସଭବନରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ଉଭୟ ରାଜ୍ୟର ବିକାଶ ପାଇଁ ପାରସ୍ପରିକ ସହଯୋଗକୁ ଗୁରୁତ୍ୱ

ରାଜ୍ୟ ମଧ୍ୟରେ ଥିବା ଏହି ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ। ଓଡ଼ିଶା ଗସ୍ତରେ ଆସିଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆଜି ଏହି ସୂଚନା ଦେବା ସହ ମହାନଦୀକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ନାହିଁ କିମ୍ବା ସମସ୍ୟା ନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଦୁଇ ମୁଖ୍ୟମନ୍ତ୍ରୀ ଏକ କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ। ଲୋକଙ୍କ ବିକାଶ ଓ କଲ୍ୟାଣ ଦିଗରେ ଆମର ମିଳିତ ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ସୂଚନା ଦେଇଛନ୍ତି।

ମହାନଦୀ ଜଳ ବିବାଦ ମାମଲାରେ ଆସନ୍ତା ୨୮ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ତା' ପୂର୍ବରୁ ଆସନ୍ତାକାଲି କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ବୈଷୟିକ ଟିମ୍‌ର ଏକ ବୈଠକ ହେବ। ଏଭଳି ଏକ ସମୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏବଂ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଲମ୍ବା ବୈଠକ ସହମତିଭିତ୍ତିକ ସମାଧାନ ଆଡ଼େ ଇଙ୍ଗିତ କରୁଛି।



ସେପଟେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁଇ ରାଜ୍ୟରେ ବିଜେପି ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ତେଣୁ କୌଣସି ବିବାଦୀୟ ସ୍ଥିତି ନାହିଁ। ଏଥିସହ ଆମେ ମହାନଦୀ ନେଇ ଦୁଇ ମୁଖ୍ୟମନ୍ତ୍ରୀ ଓ ଅଧିକାରୀମାନେ ଦିଲ୍ଲୀରେ ଆଲୋଚନା କରିସାରିଛୁ। ସେଠାରେ ଆମେ ଦୁଇ ମୁଖ୍ୟମନ୍ତ୍ରୀ ସିଡବ୍ଲ୍ୟୁସିକୁ ସହମତି ଦେଇଛୁ, ଦୁଇ ରାଜ୍ୟ ପାଇଁ ଯାହା ହିତକର ହେବ ସିଡବ୍ଲ୍ୟୁସିର ନିର୍ଦ୍ଦେଶକୁ ମାନିବୁ। ବିଜେପି ସରକାର ଆସିବା ପରେ ଯେଉଁସବୁ ରାଜ୍ୟରେ ଜଳ ବିବାଦ ଥିଲା, ତା'ର ସମାଧାନ ହେଉଛି |

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ତାଙ୍କ ସରକାରୀ ବାସଭବନରେ ଚର୍ଚ୍ଚା ଆଲୋଚନା କରିଛନ୍ତି ବିଷ୍ଣୁ ଦେଓ। ଆଲୋଚନା ପରେ ବିଷ୍ଣୁଦେବ ସାଏ ନିଜ 'ଏକ୍ସ' ହ୍ୟାଣ୍ଡଲରେ ସୂଚନା ଦେଇଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ⮚ପୃଷ୍ଠା-୬

# ଭୋଟର୍ ତାଲିକା ଯାଞ୍ଚ

## ହାଇ-ପ୍ରୋଫାଇଲ୍ ବ୍ୟକ୍ତିବିଶେଷଙ୍କୁ ଏସଆଇଆର ନୋଟିସ୍

- ତାଲିକାରେ ଜୟଶଙ୍କର, ଆଡଭାନୀଙ୍କଠାରୁ ସିବଲ୍, ପୂର୍ବତନ ସେନାମୁଖ୍ୟଙ୍କ ନାଁ
- ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ, କେବଳ ନୋଟିସ୍ ମିଳିଲେ ନାଁ କଟିବନି



ନୂଆଦିଲ୍ଲୀ,୨୦।୯: ଦିଲ୍ଲୀରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅଧୀନରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦେଶର ବହୁ ହାଇ-ପ୍ରୋଫାଇଲ୍ ନେତା, ବରିଷ୍ଠ ଅଧିକାରୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି ବିଶେଷଙ୍କୁ ନୋଟିସ୍ ଜାରି କରାଯାଇଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଓ ତାଙ୍କ ପତ୍ନୀ କ୍ୟୋକୋ ଜୟଶଙ୍କରଙ୍କ ସମେତ ଏହି ତାଲିକାରେ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ, ପୂର୍ବତନ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ଦେସାଇ ଓ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ପରିବାରବର୍ଗ ସାମିଲ ଅଛନ୍ତି। ରିପୋର୍ଟ ଅନୁସାରେ, ଏହି ସମସ୍ତ ବ୍ୟକ୍ତି ବିଶେଷଙ୍କ ରେକର୍ଡଗୁଡ଼ିକ ୨୦୦୨ ମସିହାରେ ଅନୁଷ୍ଠିତ ପୂର୍ବତନ ଏସଆଇଆର୍ ଭୋଟର ତାଲିକା ସହ ଲିଙ୍କ୍ ବା ମ୍ୟାପ୍ ହୋଇପାରି ନାହିଁ। ଏସ୍. ଜୟଶଙ୍କର, ପ୍ରବୀଣ ସୁଦ, ପୂର୍ବତନ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଓ ଲାଲକୃଷ୍ଣ ଆଦ୍ୱାନୀଙ୍କ ପରିବାର ସଦସ୍ୟଙ୍କୁ ଅନମ୍ୟାପଡ୍ ବା ପୂର୍ବ ରେକର୍ଡ ସହ ସଂଯୋଗ ହୋଇନଥିବା ବର୍ଗରେ ରଖାଯାଇଛି। ଅନ୍ୟପକ୍ଷରେ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍‌ଙ୍କ ପରିବାରର କିଛି ସଦସ୍ୟଙ୍କୁ ନାମରେ ମେଳ ନଖାଇବା କାରଣରୁ ନୋଟିସ୍ ମିଳିଛି। ଏହାଛଡ଼ା ବୈଦେଶିକ ସଚିବ ବିକ୍ରମ ମିସ୍ରି, ସେବି ଅଧ୍ୟକ୍ଷ ତୁହିନ କାନ୍ତ ପାଣ୍ଡେ ଓ ସିଏଜି କେ. ସଞ୍ଜୟ ମୂର୍ତ୍ତିଙ୍କ ଭଳି ଅନେକ ସର୍ଭିସ୍‌ରେ ⮚ପୃଷ୍ଠା-୬

### ଭୁବନେଶ୍ୱରର ନୂଆ ଡିସିପି କିଏ ?

# ମୀନାଙ୍କ ପରେ ଚର୍ଚ୍ଚାରେ ୪ ଆଇପିଏସ






**ବସ୍ତୁତଃ ଦୁଇ ସପ୍ତାହ ଧରି ନାହାନ୍ତି ସ୍ଥାୟୀ ଡିସିପି**

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଜଗମୋହନ ମୀନାଙ୍କ କାର୍ଯ୍ୟକାଳ ସରିବା ପରେ କିଏ ହେବେ ରାଜଧାନୀର ନୂଆ ଡିସିପି, ତାକୁ ନେଇ ଖାକି ମହଲରେ ଚର୍ଚ୍ଚା ଜୋର ଧରିଛି। ଆଇନଶୃଙ୍ଖଳାଠାରୁ ଭିଭିଆଇପି ମୁଭମେଣ୍ଟକୁ ଶୃଙ୍ଖଳିତ କରିବାକୁ କାହା ଉପରେ ଭରସା କରିବେ ରାଜ୍ୟ ସରକାର, ସେନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଚର୍ଚ୍ଚାରେ ସବୁଠୁ ଆଗରେ ଅଛନ୍ତି ଚାରି ଜଣ ୟଙ୍ଗ ଆଣ୍ଡ ଡାଇନାମିକ ଅଫିସର।

ଦୀର୍ଘ ୧୩ ବର୍ଷ ଧରି ପୁଲିସ ସେବାରେ ରହି ଆସିଥିବା ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜଗମୋହନ ମୀନା ସ୍ୱେଚ୍ଛାକୃତ ଭାବେ ନେଇଛନ୍ତି ଅବସର। ତାଙ୍କ ଇସ୍ତଫାକୁ କେନ୍ଦ୍ର ଗ୍ରହଣ କରିବା ପରେ ଭୁବନେଶ୍ୱରର ଡିସିପି ଭାବେ କାର୍ଯ୍ୟରତ ଥିବା ଶ୍ରୀ ମୀନାଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦେଇଛି କମିଶନରେଟ ପୁଲିସ। ଗତ ଜୁଲାଇରେ ମୀନା ସ୍ୱେଚ୍ଛାକୃତ ଅବସର ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଚଳିତ ମାସ ⮚ପୃଷ୍ଠା-୬

# ଯୁଦ୍ଧ ବନ୍ଦ ପାଇଁ ଇରାନର ୭ ସର୍ତ୍ତ



**ଟ୍ରମ୍ପ କହିଲେ, ପାଖରେ ଅଛି ୩ ବିକଳ୍ପ**

ତେହରାନ୍,୨୦।୯: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ସ୍ଥିତିରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଆଲୋଚନା ଆରମ୍ଭ କରିବାକୁ ଇରାନ୍ କତାର ମଧ୍ୟସ୍ଥିଙ୍କ ଜରିଆରେ ଆମେରିକା ନିକଟରେ ୭ଟି ସର୍ତ୍ତ ଉପସ୍ଥାପନ କରିଛି। ଆମେରିକା ଯଦି ଏହି ସର୍ତ୍ତଗୁଡ଼ିକୁ ପ୍ରତ୍ୟାଖ୍ୟାନ କରେ ତା'ହେଲେ ତେହରାନ୍ ନିର୍ଣ୍ଣାୟକ ଯୁଦ୍ଧ ଲାଗି ପ୍ରସ୍ତୁତ ବୋଲି ଇରାନ୍ ସ୍ପଷ୍ଟ କରିଦେଇଛି।

ଇରାନର ସର୍ବୋଚ୍ଚ ରାଷ୍ଟ୍ରୀୟ ସୁରକ୍ଷା ପରିଷଦର ସଚିବ ମୋହସେନ୍ ରେଜାଇ କହିଛନ୍ତି ଯେ କତାର ତେହରାନର ସର୍ତ୍ତଗୁଡ଼ିକୁ ୱାଶିଂଟନକୁ ପ୍ରଦାନ କରିଛି। ସେମାନେ ଏବେ କେବଳ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛନ୍ତି। ତେବେ ଯୁଦ୍ଧ ଶେଷ ଲାଗି ଇରାନ୍ କେଉଁସବୁ ସର୍ତ୍ତ ରଖିଛି, ତାହା ସାର୍ବଜନୀନ କରାଯାଇ ନ ଥିଲେ ମଧ୍ୟ ୭ଟି ସୂତ୍ର ମଧ୍ୟରେ ସବୁ ପ୍ରକାର ମୋର୍ଚ୍ଚାରେ ଯୁଦ୍ଧ ଶେଷ କରିବାକୁ ଗୋଟିଏ ସର୍ତ୍ତ ରଖାଯାଇଛି। ସେହିପରି ଫ୍ରିଜ୍ କରାଯାଇଥିବା ଇରାନର ପାଣ୍ଠିକୁ ମୁକ୍ତ କରିବା ଓ ହର୍ମୁଜରେ ନୌ-ପ୍ରତିବନ୍ଧକ ହଟାଇବାକୁ ସର୍ତ୍ତରେ ସାମିଲ କରାଯାଇଥିବା ରେଜାଇ ସୂଚନା ଦେଇଛନ୍ତି। ଇରାନ ଯେଉଁ ୭ଟି ସର୍ତ୍ତ ଦେଇଛି ତାହା ଅତ୍ୟନ୍ତ ⮚ପୃଷ୍ଠା-୬



କଟକ ବାରବାଟି ଷ୍ଟାଡ଼ିୟମଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଣ୍ଟି ବଜାଇ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି'ର ଉଦ୍‌ଘାଟନ କରୁଛନ୍ତି।

# କାର୍ଯ୍ୟରତ ସମୟରେ ପୁଲିସଙ୍କୁ ମୋବାଇଲ ମନା

- ଡ୍ୟୁଟି ସମୟରେ ଫଟୋ ଓ ଭିଡିଓ ମନା
- ନିୟମ ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ କର୍ମଚାରୀଙ୍କ ପାଇଁ ଡ୍ୟୁଟି ସମୟରେ ମୋବାଇଲ୍ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ସାଧାରଣ ଜନତାଙ୍କୁ ସୁରକ୍ଷା ଓ ସେବା ପ୍ରଦାନ କରିବା ସମୟରେ କର୍ତ୍ତବ୍ୟରେ ଅବହେଳା ରୋକିବା ପାଇଁ ଏବଂ ଗୁପ୍ତତା ବଜାୟ ରଖିବା ପାଇଁ ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ ପକ୍ଷରୁ ସୋସିଆଲ ମିଡିଆ ଓ ମୋବାଇଲ ବ୍ୟବହାର ନେଇ କଡ଼ା ମାର୍ଗଦର୍ଶିକା ଜାରି କରାଯାଇଛି। ଅନୁମତି ବିନା ସୋସିଆଲ ମିଡିଆରେ ପୋଷ୍ଟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିସ କମିସନରେଟ୍‌ର ମାର୍ଗଦର୍ଶିକା ଅନୁଯାୟୀ, ଡ୍ୟୁଟିରେ ଥିବା ସମୟରେ କୌଣସି ପୁଲିସ କର୍ମଚାରୀ ନିଜର ଫଟୋ କିମ୍ବା ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିପାରିବେ ନାହିଁ। ଲୋକଭବନ, ଲୋକ ସେବା ଭବନ, ହାଇକୋର୍ଟ, ଓଡ଼ିଶା ⮚ପୃଷ୍ଠା-୬

# ପୁଣି ନବୀନ ଖେଳିଲେ ଏମ୍‌ଏମ୍‌ଡିଆର୍ କାର୍ଡ

- ଆଇନ ପ୍ରତ୍ୟାହାର ପାଇଁ ବିଧାନସଭାରେ ଆସୁ ସର୍ବସମ୍ମତ ପ୍ରସ୍ତାବ
- ରାଜ୍ୟର ଅଧିକାର ପାଇଁ ଏକାଠି କାମ କରିବାକୁ ଆହ୍ୱାନ

ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ଏମ୍‌ଏମ୍‌ଡିଆର୍) (ସଂଶୋଧନ) ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ନବୀନ ଲେଖିଥିବା ତାଙ୍କ ଦ୍ୱିତୀୟ ଚିଠିରେ ସେ କହିଛନ୍ତି ଯେ ବିଜେଡି ସବୁବେଳେ ଓଡ଼ିଶାର ଅଧିକାର ଓ ଆମ ଯୁବ ସମାଜର ଭବିଷ୍ୟତ ସହ ରହିଆସିଛି ଏବଂ ଏହାର ଦୃଢ ସମର୍ଥନ କରୁଛି। ତେଣୁ ନିକଟରେ ସଂସଦରେ ବିନା ଆଲୋଚନାରେ ଗୃହୀତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସବୁ ନବୀନ ଆହ୍ୱାନ ଦେଇଛନ୍ତି।



ଏହାକୁ ବିଜେଡି ପୂର୍ଣ୍ଣ ସମର୍ଥନ କରିବ। ଏଭଳି ସମ୍ମିଳିତ ଉଦ୍ୟମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଓଡ଼ିଶାବାସୀ ମନେ ରଖିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

ନବୀନ କହିଛନ୍ତି ଯେ ଖଣିଜ ସମ୍ପଦ ଓ ଖଣି ଅଞ୍ଚଳ ଉପରେ ଟିକସ ଲାଗୁ କରିବା ସମ୍ପର୍କିତ ରାଜ୍ୟର ସାମ୍ବିଧାନିକ ଅଧିକାରକୁ ବିରୋଧ କରି ଖଣି କମ୍ପାନୀମାନେ ଅଦାଲତକୁ ଯାଇଥିଲେ। ଓଡ଼ିଶାର ଏହି ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡି ସରକାର ବହୁ ବର୍ଷ ଧରି ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଲଢ଼େଇ କରିଥିଲା। ପରେ ପରେ ରାଜ୍ୟ ବିଜେପି ⮚ପୃଷ୍ଠା-୬



# 'କାଲ୍'ର ସଫଳ ପରୀକ୍ଷଣ

### ୧୦୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

ନୂଆଦିଲ୍ଲୀ, ୨୦।୯: ଭାରତରେ ସ୍ୱଦେଶୀ ଡ୍ରୋନ୍ ପ୍ରଯୁକ୍ତି କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜସ୍ଥାନର ପୋଖରାନ୍‌ରେ ସ୍ୱଦେଶୀ ଲଙ୍ଗ୍ ରେଞ୍ଜ ୱାନ୍-ୱେ ଆଟାକ୍ କାଲ୍ (କେଏଏଲ୍) ଡ୍ରୋନର ସଫଳ ପରୀକ୍ଷଣ କରାଯାଇଛି। ଏହି ଡ୍ରୋନ୍‌କୁ ଦୀର୍ଘ ଦୂରତାର ଲକ୍ଷ୍ୟଭେଦୀ ଅଭିଯାନ ପାଇଁ ଡିଜାଇନ୍ କରାଯାଇଛି। ଏହାକୁ କାମିକାଜେ ବା ୱାନ୍-ୱେ ଆଟାକ୍ ଡ୍ରୋନ୍ ବୋଲି କୁହାଯାଉଛି। ଅର୍ଥାତ୍, ଲକ୍ଷ୍ୟସ୍ଥଳକୁ ଯାଇ ଆକ୍ରମଣ କରିବା ପାଇଁ ଏହି ପ୍ରକାରର ଡ୍ରୋନ୍ ବ୍ୟବହାର କରାଯାଏ। କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, 'କାଲ୍' ଥରକରେ ପ୍ରାୟ ୧,୦୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରିବ। ଏଥିସହ ଏହା ପ୍ରାୟ ୭ରୁ ୮ ଘଣ୍ଟା ପର୍ଯ୍ୟନ୍ତ ଉଡ଼ାଣ କରିବାର କ୍ଷମତା ରଖିଥିବା ଦାବି କରାଯାଇଛି। ଏହି ଡ୍ରୋନ୍ ସର୍ବାଧିକ ୫୦ କିଲୋଗ୍ରାମ ପେଲୋଡ୍ ବହନ କରିପାରିବ ବୋଲି ମଧ୍ୟ କମ୍ପାନୀ କହିଛି। ଏହା ଲମ୍ବା ରେଞ୍ଜ ଏବଂ ଅଧିକ ସମୟ ଧରି ଉଡ଼ାଣ କରିବାର କ୍ଷମତା ଯୋଗୁଁ ଦୂରବର୍ତ୍ତୀ ଲକ୍ଷ୍ୟ ପାଇଁ ଏହାକୁ ବିକଶିତ କରାଯାଇଛି।



### କାନ ଡେରିଥା

ବ୍ରାଣ୍ଡେଡ ଜୋତାକୁ ବିକ୍ରି କରିଥାଅ
ସୁନ୍ଦର ସୁନ୍ଦର ଘରେ
କିନ୍ତୁ ଗୀତା ବିକ୍ରି ହୁଏ ରାସ୍ତା କଡ଼େ
ଏଇ ଆମ ସମାଜରେ
ମଦ ମିଳେ ନଗଦରେ...
କ୍ଷୀରବାଲା କିନ୍ତୁ ଦଉଡ଼ି ଦଉଡ଼ି
ଅର୍ଥ ମାଗି ମାଗି ମରେ
ଚପଲ ଖଣ୍ଡକ ସାରେ ।

■ ଦେବାଶିଷ

# ଫେରିଲେ ପ୍ରସାଦ: ଭକ୍ତଙ୍କୁ କଲେ ନିଶାଣ

ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ବିଧାନସଭା ଅଧିବେଶନର ଅବ୍ୟବହିତ ପୂର୍ବରୁ ରାଜ୍ୟ କଂଗ୍ରେସରେ ଝଡ଼ ଆରମ୍ଭ ହୋଇଛି। ପୂର୍ବତନ ପ୍ରଦେଶ କଂଗ୍ରେସ ସଦସ୍ୟ ପ୍ରସାଦ ହରିଚନ୍ଦନ ଦଳରେ ପୁଣିଥରେ ସକ୍ରିୟ ହେବା ସହ ସିଧାସଳଖ ଭାବେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ନିଶାଣ କରିଛନ୍ତି। କଂଗ୍ରେସରୁ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ କଲମୀ ବିହନ ପରିବର୍ତ୍ତେ ଖାଣ୍ଟି ବିହନର ଆବଶ୍ୟକତା ରହିଛି ବୋଲି କହି ତେରଚ୍ଛା ବାଣ ମାରିଛନ୍ତି।

ଦଳର ଗତିବିଧି ଉପରେ ନଜର ରଖିଥିବା ପ୍ରସାଦ ନିଜର ନିରବତା ଭଙ୍ଗ କରି କହିଛନ୍ତି ଯେ ପିସିସିର ନୂଆ ଟିମ୍‌କୁ ନେଇ ବରିଷ୍ଠ ନେତାମାନେ ଏକଜୁଟ୍ ହେବା ଆବଶ୍ୟକ। କଂଗ୍ରେସ ମୁଁ ନୁହେଁ ଆମେ ହେବା ଆବଶ୍ୟକ। ହେଲେ ଆଜିଯାଏ ତାହା ହୋଇନାହିଁ। ନୂଆ କମିଟି ସମସ୍ତଙ୍କର ମତ ନେଇ ହେବାର ଆବଶ୍ୟକ ରହିଛି। କିନ୍ତୁ ନୂଆ କମିଟିରେ ନେତାଙ୍କ କଥାକୁ ଗୁରୁତ୍ୱ ଦିଆଯାଉନାହିଁ। ମୁଁ ଯେଉଁ ପ୍ରସ୍ତାବ ଦେଇଥିଲି ତାହାକୁ ଗ୍ରହଣ କରାଯାଇନାହିଁ। କଂଗ୍ରେସ ଏବେ କଲମୀରେ ଚାଲିଛି। ହେଲେ କଂଗ୍ରେସକୁ ଦରକାର ଖାଣ୍ଟି ବିହନ। ଖାଣ୍ଟି ବିହନକୁ ନେଇ କଂଗ୍ରେସ ଚାଲିଲେ ଦଳ ଆଗେଇବ।

- କଲମି ବିହନ କହି ମାରିଲେ ତେରଚ୍ଛା ବାଣ
- ଜରୁରୀ ବୈଠକ ଡାକିଲା କଂଗ୍ରେସ



କଂଗ୍ରେସ ସମସ୍ତଙ୍କୁ ନେଇ ନ ଚାଲିଲେ ଦଳ କ୍ଷମତାକୁ ଆସିପାରିବ ନାହିଁ ବୋଲି ପ୍ରସାଦ ସତର୍କ କରାଇ ଦେଇଛନ୍ତି।

ଦଳର ଜଣେ ପୂର୍ବତନ ସଭାପତିଙ୍କର ଏଭଳି ମନ୍ତବ୍ୟ ଦଳ ଭିତରେ ହଇଚଇ ସୃଷ୍ଟି କରିଛି। ବିଶେଷକରି ଭକ୍ତଙ୍କୁ ନିଶାଣ କରିବା ପରେ ରାଜ୍ୟ କଂଗ୍ରେସର ଏକପ୍ରକାର ନିଦ ଭାଙ୍ଗିଛି। ନୂଆ କମିଟି କରି ବସିଯାଇଥିବା ମୁଖିଆମାନେ ଆଗାମୀ ୨୨ ତାରିଖ ଦିନ ତୁରନ୍ତ ବୈଠକ ଡାକିଛନ୍ତି। ବୈଠକରେ କ'ଣସବୁ ଆଲୋଚନା ହେବ, ତାହା ସ୍ଥିର ହୋଇ ନ ଥିଲେ ମଧ୍ୟ ଦଳର ବରିଷ୍ଠ ନେତାମାନଙ୍କ ମାର୍ଗଦର୍ଶନ ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ ହେବ ବୋଲି ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ହାରିବା ପରଠାରୁ ଦଳରେ ଏକପ୍ରକାର ବରିଷ୍ଠ-କନିଷ୍ଠ ଯୁଦ୍ଧ ଚାଲିଛି। ବରିଷ୍ଠଙ୍କୁ ଉପନିର୍ବାଚନରେ ଅଣଦେଖା କରାଯାଇଥିବାରୁ ସେମାନେ ପ୍ରାୟତଃ କଂଗ୍ରେସ ଭବନ ମାଟି ମାଡୁନାହାନ୍ତି। ଏହାପରେ ହୋଇଥିବା ରାଜ୍ୟସଭା ଉପନିର୍ବାଚନରେ ମଧ୍ୟ ଭକ୍ତଙ୍କ ନିଷ୍ପତ୍ତିକୁ ଦଳର ଅନେକ ନେତା ଗ୍ରହଣ କରିପାରି ନ ଥିଲେ, ଯେଉଁଥିପାଇଁ ଦଳର ତିନି ତିନି ଜଣ ବିଧାୟକ କ୍ରସ ଭୋଟିଂ କରି ନିଲମ୍ବିତ ହୋଇଛନ୍ତି ଓ ଏହା ଫଳରେ ବିଧାନସଭାରେ ଦଳର ବିଧାୟକ ସଂଖ୍ୟା ୧୪ରୁ ୧୧କୁ ହ୍ରାସ ପାଇଛି।

ରାଜ୍ୟରେ କଂଗ୍ରେସ ଏବେ ନୂଆ ଆଶା ଦେଖୁଥିବା ବେଳେ ବରିଷ୍ଠ ନେତାମାନେ କିନ୍ତୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଙ୍କୁ କିମ୍ବା ତାଙ୍କ ଟିମ୍‌କୁ ସହଜରେ ଗ୍ରହଣ କରିପାରୁ ନ ଥିବା ସ୍ପଷ୍ଟ ହୋଇଛି। ପ୍ରସାଦ ଆଜି ମୁହଁ ଖୋଲିଥିବା ବେଳେ ଆଗକୁ ଆଉ କିଛି ବରିଷ୍ଠ ନେତା ପରାମର୍ଶ ନାଁରେ ତୁଣ୍ଡ ଖୋଲିବେ ବୋଲି ଦଳ ଭିତରେ ଆଲୋଚନା ଚାଲିଛି। ତେବେ ବିଧାନସଭା ଅଧିବେଶନରେ ଦଳର କେଉଁ ରଣନୀତି ନେଇ ⮚ପୃଷ୍ଠା-୬

# ଧର୍ମ ଏକା ବାରମାସୀ ମହତ ପଣିଆ




ଡ.ଚନ୍ଦ୍ରକଳା ନାୟକ




କଟକ ଏକ ପ୍ରାଚୀନ ସହର। ପ୍ରାୟ ହଜାର ବର୍ଷର ଇତିହାସ ଏଠି ଏବେ ବି ଜୀବନ୍ତ। ସେହି କଟକର ସାଂସ୍କୃତିକ ଭାବଧାରାରେ ଜଡିତ ଥିଲେ - ରୀତା ମହାପାତ୍ର। କଟକର ଗଳି ଭିତରେ ମାଛୁଆ ବଜାରରେ ତାଙ୍କର ଛୋଟ କିନ୍ତୁ ସୁନ୍ଦର ଘରଟିଏ। ଘରର ନାଁ ରଖିଥିଲେ - ଶ୍ରୀରାମ କୁଟୀର। ତାହା ତାଙ୍କ ଆଦର୍ଶର ଘର। ରୀତା ଏବେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ। ରୀତାଙ୍କ ସ୍ୱାମୀ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର। ରୀତା ଏବଂ ଅରବିନ୍ଦଙ୍କର ଏକମାତ୍ର ସନ୍ତାନ - ଜୀବନ ମହାପାତ୍ର। ଖୁବ ଜ୍ଞାନୀ, ବିଦ୍ୟାରେ ସର୍ବଦା ଅଗ୍ରଣୀ। ଜଣେ ସଫଳ ସଫ୍ଟୱେୟାର ଇଂଜିନିୟର। ବାଲ୍ୟ ସମୟରୁ ଜୀବନ ଜଣେ ସରଳ, ମେଳାପୀ, ଖୁସି ମିଜାଜର ପିଲା। ରୀତାଦେବୀ ଏପରି ସନ୍ତାନ ପ୍ରାପ୍ତି ପାଇଁ ଭାରି ଖୁସି। ଆଧ୍ୟାତ୍ମିକତାର ପରିବେଶରେ ରୀତାଙ୍କ ଘର ଆଗରେ ତୁଳସୀ ଚଉଁରା। ଘର ଭିତରେ ତତେଶ କୋଟି ଦେବାଦେବୀଙ୍କ ବାସ। ତା ଭିତରେ ତାଙ୍କର ଅନେକ ସ୍ୱପ୍ନ। ପୁଅ ଏଥର ବାଙ୍ଗାଲୋରରୁ ଘରକୁ ଫେରିଲେ, ତା'ର ବାହାଘର କରାଇବେ। ଘରକୁ ସୁନାନାକୀ ବୋହୁଟିଏ ଆଣିବେ। ଯେଉଁ ବୋହୁ ପାଦର ରୁମଝୁମ ସ୍ୱରରେ ସାରା ଘରଟା ସୁମଧୁର ସଙ୍ଗୀତ ଗାନ କରିବ। କେତେ କଣ କଳ୍ପନା ରୀତାଙ୍କ ମନ ବଗିଚାରେ ଉଙ୍କି ମାରୁଥାଏ। ଝିଅଟିଏ ନଥିବାର ଯେଉଁ ଶୂନ୍ୟତା, ତାହା ନିଶ୍ଚୟ ଜୀବନର ସ୍ତ୍ରୀ, ପୁରଣ କରିବ। ସେଥିପାଇଁ ସେ ଖୁବ ଆଶାବାଦୀ ଥିଲେ।

ହଠାତ ଦୁଇମାସ ପରେ ଜୀବନର ଫୋନ କଲ ଆସିଲା। ସେପଟୁ ଫୋନରେ ଜୀବନ କହୁଥିଲା, ମାମା ମୁଁ ଗୋଟେ କଥା ସେୟାର କରିପାରିବି। ରୀତାଦେବୀ ଉତ୍ତର ଦେଲେ- ଯାହା ଇଛା ତାହା କହିପାରୁ। ଜୀବନ ଏକାଥରେ କହିଗଲା- ମାମା, ମୁଁ ଏଠି ତୋ ପାଇଁ ବୋହୁ ଠିକ କରିଛି। ସେ ମୋ କମ୍ପାନୀରେ କାମ କରୁଛି। ତା ନାଁ ହେଉଛି- ନାଜିଆ। ଯେମିତି ଫୋନରେ ଆକାଶଟା ଛିଣ୍ଡି ପଡ଼ିଲା। ରୀତାଦେବୀ ଅବାକ। କିଛି ନକହି ରସିଭର ରଖିଦେଲେ। ତାଙ୍କ ସରଳ ମନର ପ୍ରତ୍ୟେକ ତନ୍ତ୍ରୀରେ ବେଦନାର ସ୍ୱର ଝଙ୍କୃତ ହେଲା। 'ନାଜିଆ' ନାଁଟା ତାଙ୍କୁ ବ୍ୟଥିତ କଲା। ସେ ଜାଣିଗଲେ, ନିଶ୍ଚୟ ଏ ଝିଅ ଅନ୍ୟ ସମ୍ପ୍ରଦାୟର ହୋଇଥିବ। ରୀତା, ସ୍ୱାମୀଙ୍କୁ ଏକଥା ଦୁଃଖଭରା କଣ୍ଠରେ ଜଣାଇଲେ। ଅରବିନ୍ଦବାବୁ କିନ୍ତୁ ବିଚଳିତ ନଥିଲେ। ଏହାକୁ ଅତି ହାଲକା ଢଙ୍ଗରେ ସେ ଗ୍ରହଣ କଲେ। ରୀତାଙ୍କୁ କହିଲେ ଶୁଣ- ପୁଅ ବି ତ ବଡ ହେଲାଣି। ସେ ଯାହା ନିଷ୍ପତ୍ତି ନେବ, ଆମେ ତାହା ଗ୍ରହଣ କରିବା ଉଚିତ। ହୁଏତ ପ୍ରଭୁଙ୍କର ଏଇଆ ହିଁ ଇଛା ଥିବ। ସ୍ୱାମୀଙ୍କର କଥା ଦୁଇପଦ ରୀତାଙ୍କ ମନକୁ ବୁଝାଇ ପାରୁ ନଥିଲା। ମନରେ ସ୍ଥିର କଲେ, ସେ ପୁଅଙ୍କୁ ନିଶ୍ଚୟ ଥରେ ବୁଝାଇବେ। ଆମ ପରମ୍ପରା, ଆମ ସଂସ୍କୃତି, ଆମ ହିନ୍ଦୁ ସନାତନ ଧର୍ମ, ଏସବୁକୁ କଣ ନାଜିଆ ବୁଝି ପାରିବ। ଅବ୍ୟକ୍ତ ବେଦନାରେ ମନଟା ଅନାଗତ ଭବିଷ୍ୟତ ଭିତରେ ଘାଣ୍ଟି ଚକଟି ହେଉଥିଲା।

ଦିନେ ସକାଳୁ ସକାଳୁ ଜୀବନ ଫୋନ କଲା। ପାଞ୍ଚ ଦିନର ଦୀର୍ଘ ବ୍ୟବଧାନ ପରେ ରୀତାଦେବୀ ଫୋନ ଧରିଲେ। ସେପଟୁ ଜୀବନ ଦରଦୀ ଭରା କଣ୍ଠରେ, ମାକୁ ତାର ଦେହ ଅସୁସ୍ଥ ଥିବାର ଖବର ଜଣାଇଲା। ତା ଅସୁସ୍ଥତା ସମୟରେ ନାଜିଆ ଦିନରାତି ସେବା କରି ତାକୁ କିପରି ସୁସ୍ଥ କରୁଛି, ସେକଥା ବି ବର୍ଣ୍ଣନା କଲା। ଅସୁସ୍ଥତା କାରଣରୁ ବେଶି କଥା ନକହି, ନାଜିଆ ସହ କଥା ହେବା ପାଇଁ ମାଙ୍କୁ ଅନୁରୋଧ କଲା। ଧୀର ନମ୍ର ସ୍ୱରରେ ରିସିଭର ଆର ପଟରୁ ରୀତାଦେବୀଙ୍କୁ ନାଜିଆ ପ୍ରଣାମ ଜଣାଇଲା। ଆଂଟି ମେ ବୁରୀ ନେହି ହୁଁ। ମେରା ଇସି ଦୁନିଆ ମେ କୋଇ ନେହିହେ। ମେ ଜବ ତେରା ସାଲ କି ଥି, ମେରା ଆବୁ ନେ ଆମୀକୁ ଛୋଡଦିଆ। ଆମୀ ଆବୁ କେ ବାରେ ମେଁ ସୋଚ ସୋଚ କେ, ଦୁନିଆ ଛୋଡ ଦି। ଆମି କେ ବାତ, ମେଁ ଏକଦମ ଅକେଲି ହୁଁ। ଆପ ମୁଝେ ଠୁକୁରାଇୟେ ମତ। ମେ 'ଜୀବନ' ସେ ବହୁତ ପ୍ୟାର କରତିହୁଁ। ଆଂଟି ମୁଝେ ଆପ ଆପନାଓଗେ ନା...। ଓକେ, ଓକେ କହି ରୀତାଦେବୀ ରିସିଭର ରଖିଦେଲେ। ଏମିତି ପରିସ୍ଥିତି ଦେଖି ଜୀବନ ଅସୁସ୍ଥତା ଭିତରେ ପୁଣି ମାଆଙ୍କୁ ଫୋନ କଲା। ମାଆ ତୁମେ ତା ସହ କଥା ହେଲନି କାହିଁକି ? ସେ ବହୁତ ଭଲ ଝିଅ ମାଆ। ମୁଁ ତୁମକୁ ବାଧ୍ୟ କରୁନି ତାକୁ ଗ୍ରହଣ କରିବାକୁ। ଅନ୍ତତ ମୋ ପାଇଁ ତା କଥଟିକେ ବିଚାର କରିବ। ଏଥର ଓଡ଼ିଶା ଫେରିଲା ବେଳେ ମୁଁ ତାକୁ ସାଙ୍ଗରେ ନେଇଯିବି। ଥରେ ତୁମେ ତାକୁ ପରଖି ନିଅ। ତା ପରେ ତମେ ଯାହା ନିଷ୍ପତ୍ତି ନେବ ମୁଁ ତାକୁ ମାନିନେବି। କିନ୍ତୁ ସେ ମୁସଲମାନ ବୋଲି ତାକୁ ରିଜେକ୍ଟ କରନା। ପୁଅ କଥାରେ କିଛି ଉତ୍ତର ନଦେଇ ଅସ୍ଥିର ହେଉଥିଲେ ରୀତାଦେବୀ। ବିଚାର କରିବି କହି, ରିସିଭର ରଖିଦେଲେ। ଜୀବନର ଅନେକ ସାଙ୍ଗ ବାଙ୍ଗାଲୋରରେ ଅଛନ୍ତି। ସେମାନଙ୍କୁ ରୀତାଦେବୀ ଜାଣନ୍ତି। ଜୀବନର ଅନ୍ତରଙ୍ଗ ବନ୍ଧୁ ଦୀପଙ୍କରଙ୍କୁ ଫୋନ କରି ରୀତାଦେବୀ ସବୁକଥା ଜାଣିବାକୁ ଚେଷ୍ଟା କଲେ। ଦୀପଙ୍କର ଗୋଟିଏ ମତ ଦେଲା। ମାଉସୀ ନାଜିଆ କୋଟିଏରେ ଗୋଟିଏ। ତଥାପି ରୀତାଦେବୀ ଦ୍ୱନ୍ଦରେ ପଡୁଥିଲେ। ଧର୍ମକଥାଟା ତାଙ୍କୁ ବାରମ୍ବାର ଆଘାତ ଦେଉଥିଲା। ଆମ ନୈଷ୍ଠିକ ହିନ୍ଦୁ ପରିବାରରେ ବୋହୁ ହୋଇ ସେ କଣ ଚଳି ପାରିବ ? ଆମ ସଂସ୍କୃତି ଓ ପରମ୍ପରାକୁ ସେ କଣ ଆପଣେଇ ପାରିବ। ସ୍ୱାମୀ ସ୍ତ୍ରୀ ଦୁଇଜଣ ବାରମ୍ବାର ଏ ବିଷୟରେ ଆଲୋଚନା କଲେ। ଅରବିନ୍ଦ ବାବୁ ରୀତା ଦେବୀଙ୍କୁ ବୁଝାଇବା ପରେ ନାଜିଆ ପାଖକୁ ଫୋନ କଲେ। ସେ କଣ ଚାହୁଁଛି, ଜାଣିବା ପାଇଁ ରୀତା ଦେବୀ ଫୋନ କରିବା ପରେ ନାଜିଆର ପାଦ ତଳେ ଲାଗିଲାନି। ରୀତାଦେବୀ ନାଜିଆକୁ କହିଥିଲେ -ମୋର କେତୋଟି ପ୍ରଶ୍ନର ଉତ୍ତର ଦିଅ। ତୁମେ କଣ ଆମ ଘରେ ଚଳି ପାରିବ ? ତୁମ ଧର୍ମକୁ ଛାଡି ପାରିବ ? ନାଜିଆ ଗମ୍ଭୀର ସ୍ୱରରେ ଉତ୍ତର ଦେଲା- ମୁଁ ମୋ ଅନୁଭୂତିରୁ ଏତିକି ଜାଣିଛି, ଆଂଟି ନିଜେ ସୁଖୀ ଓ ସଫଳ ହେବା ପାଇଁ ନାମ, ଯଶ, ସମ୍ପତ୍ତିଦରକାର ନାହିଁ। ମୁଁ ଚାହେଁ, ମୋ ପାଇଁ ଏମିତି ଗୋଟ ପରିବାର ଆବଶ୍ୟକ- ଯିଏ ମୋତେ ବୁଝିବ, ଭଲ ପାଇବ, ଶ୍ରଦ୍ଧା କରିବ ଓ ଆପଣେଇ ନେବ। ଆଂଟି ମୁଁ ଏକଥା ବି ଜାଣେ ଆପଣଙ୍କ ପୁଅ ଜୀବନ କୌଣସି ପରିସ୍ଥିତିରେ ଆପଣଙ୍କ ମାନଙ୍କ ଠାରୁ ଅଲଗା ହୋଇ ପାରିବ ନାହିଁ। କେବଳ ସେଇ ମନୋଭାବକୁ ମୁଁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରେ। ଆପଣ ଦୁଇଜଣଙ୍କ ପ୍ରତି ଜୀବନର ଇମୋଶନ ଓ ସମ୍ମାନବୋଧ ମୋ ଠାରୁ ବହୁ ଉର୍ଦ୍ଧ୍ୱରେ। ଏତିକିରୁ ମୁଁ ବୁଝି ପାରୁଛି ଆପଣଙ୍କ ଧର୍ମ ଓ ସଂସ୍କୃତି କେତେ ମହାନ। ଆ ଠାରୁ ବଳି ସୁନ୍ଦର ଜୀବନ ସାଥୀ ଏ ସଂସାରରେ ଆଉ କିଏ ଅଛି ? ଆଜି ବି ଜୀବନ ମୋତେ କହନ୍ତି, ମୋର ଅନେକ ଗୁଣ ଆପଣଙ୍କ ସହ କାଳେ ମେଳ ଖାଏ। ଏହା ମୋର ପରମ ସୌଭାଗ୍ୟ। ମୋ ମାଆକୁ ମୁଁ ହରାଇ ଯେତେ କଷ୍ଟ ପାଇଛି, ଆପଣଙ୍କ ସାନିଧ୍ୟ ପାଇ ସେତିକି କୃତାର୍ଥ ହେବି। ଭଗବାନ ସବୁଧର୍ମରେ ଅଛନ୍ତି। ଆଉ ମଣିଷ ପଣିଆ ହିଁ ସର୍ବଶ୍ରେଷ୍ଠ ଧର୍ମ। ଏତିକି ଶୁଣିବା ପରେ ରୀତା ଦେବୀ ଆଶ୍ଚର୍ଯ୍ୟ ହୋଇଗଲେ। ନାଜିଆ ଭଗବାନ ଶବ୍ଦଟା କାନରେ ବାରମ୍ବାର ଗୁଞ୍ଜରିତ ହେଉଥିଲା। ତାର ଆତ୍ମ ବିଶ୍ୱାସ ତାକୁ ରୀତାଦେବୀଙ୍କ ନିକଟତର କରୁଥିଲା। ରୀତାଦେବୀ ଓ ଅରବିନ୍ଦବାବୁ ଏ ବିଷୟରେ ଅଧିକ ତର୍ଜମା କରିବା ଆରମ୍ଭ କରିଥିଲେ।

ମାସ କେଇଟାରେପୁଅର ବିଭାଘର ନାଜିଆ ସହିତ ହୋଇଗଲା। ରୀତାଦେବୀଙ୍କ ଭିତରେ ନାଜିଆ ତା ମାଆଙ୍କୁ ଖୋଜି ପାଇଥିଲା। ରୀତାଦେବୀ ତାର ସଂସ୍କାରର ଅପଲୋକ ନେତ୍ରରେ ତାକୁ ଚାହିଁ ରହିଥିଲେ। ଘର ଭିତରେ ଖେଳିଗଲା ଖୁସିର ଲହରୀ। ହିନ୍ଦୁ ଧର୍ମକୁ ଆପଣେଇ ନେଇ ନାଜିଆ ପାଲଟି ଯାଇଥିଲା ପୁରା 'ଓଡିଆଣୀ'। ପାଦରେ ଅଳତା, ମୁଣ୍ଡରେ ସିନ୍ଦୁର ଦାଉ ଦାଉ ଜଳୁଥିଲା। ପାଖ ପଡ଼ିଶା, ବନ୍ଧୁ ବାନ୍ଧବଙ୍କ ମୁହଁ ବନ୍ଦ ହୋଇଗଲା। ଯେଉଁମାନେ ଟାହି ଟାପରା କରୁଥିଲେ, ନାଜିଆର ସଂସ୍କାରରେ ସେମାନେ ହତବାକ ହୋଇଗଲେ। ପନ୍ଦର ଦିନ ପରେ ଜୀବନ ତାର ଅଫିସ ବାଙ୍ଗାଲୋରକୁ ଚାଲିଗଲା। ହେଲେ ନାଜିଆ ଯିବାକୁ ଅନିଚ୍ଛା ପ୍ରକାଶ କଲା। ବାପ ମାଆଙ୍କୁ ଏକାକରି ସେ ଏତେଶିଘ୍ର ଏଠାରୁ ଯାଇ ପାରିବ ନାହିଁ। ନାଜିଆ ଜୀବନକୁ ଯିବା ବେଳେ କହିଥିଲା, ଯଦି ବାଙ୍ଗାଲୋର ଯିବି, ତେବେ ସାଙ୍ଗରେ ମାଆ ଓ ବାବା ଯିବେ। ଏକାଠି ସମସ୍ତେ ରହିବା। ମାଆଙ୍କ ଚାକିରୀ ଆଉ ତିନିମାସ ରହିଲା। ତିନିମାସ ଯାଏ ମୁଁ ଯିବାର ପ୍ରଶ୍ନ ଉଠୁ ନାହିଁ। କଟକର ଏ ଘରକୁ ଭଡା ଦେଇ ସେଠାକୁ ଚାଲିଯିବା। କିନ୍ତୁ ଏବେ ନୁହେଁ।

ମାସ କେଇଟାରେ କି ମାୟା ଲଗାଇ ନାଜିଆ ଶାଶୁ ଶ୍ୱଶୁରଙ୍କ ଝିଅ ପାଲଟି ଯାଇଥିଲା। ଶାଶୁ ଉଠିବା ଆଗରୁ ତୁଳସୀ ମୂଳେ ନାଜିଆ ପାଣି ଦିଏ। ଠାକୁର ଘରେ ବେଦ ଉଚ୍ଚାରଣ କରେ। ଫୁଲ ତୋଳେ। ଭକ୍ତିର ସହ ଦୀପ ଜଳାଇ ଘରର ମଙ୍ଗଳ କାମନା କରେ। ସବୁ ପରେ ବି, ଘରର ସମସ୍ତ କାମ ନିଜେ କରେ। ତାର ଗାୟତ୍ରୀ ମନ୍ତ୍ର ପାଠ 'ଅସତୋ ମା ସଦ୍‌ଗମୟ।' ରୀତାଦେବୀଙ୍କ ଆଖିରୁ ଆବେଗର ଲୁହ ନିଗାଡି ଦେଇଥିଲା। ସମୟର ଗତିଚକ୍ରରେ ରୀତା ଦେବୀ ଅବସର ନେଲେ। ଜୀବନର ସୁନ୍ଦର ଘରଟିଏ ଛାଡି ବାଙ୍ଗାଲୋର ଯିବା ପାଇଁ ପ୍ରସ୍ତୁତ ହେଲେ। ବୋହୁ ରୂପକ ଝିଅ ନାଦିଆର କଥାକୁ ରୀତା ଦେବୀ ଭାଙ୍ଗିବାର ସାହସ ସଞ୍ଚୟ କରିପାରି ନଥିଲେ। ରୀତା ଦେବୀ ମନେ ପକାଉଥିଲେ- ସେଦିନର କଥା। ଧର୍ମକୁ ନେଇ କୁଚିନ୍ତା ଥିଲା। ସେଦିନ ଯଦି ସେ ଭୁଲ ନିଷ୍ପତ୍ତି ନେଇଥାନ୍ତେ, ଆଜି ତାଙ୍କ ସଂସାର ତାଙ୍କ ନିଜ ହାତ ମୁଠାରୁ ମିରୀଚିକା ପରି ଅପସରି ଯାଇଥାନ୍ତା। ନାଜିଆ ଓଜାଡି ଦେଇଛି, ତାଙ୍କ ପଣତ କାନିରେ ଅସୁମାରୀ ଆନନ୍ଦ। ସ୍ୱର୍ଗ ସୁଖ କଣ ଏ ସୁଖ ଠାରୁ ଅଧିକ କି? ରୀତାଦେବୀ କେବେ ବି ନାଜିଆ ସହ ଆଡଜେଷ୍ଟ କରି ନାହାନ୍ତି। ବରଂ ସବୁବେଳେ ନାଜିଆ ହିଁ ତାଙ୍କ ମତକୁ ଯଥେଷ୍ଟ ସମ୍ମାନ ଜଣାଇଛି। ଏହି ଭାବନା ଭିତରେ ବୁଡି ରହିଥିବା ବେଳେ ପଛପଟୁ ରୀତାଦେବୀଙ୍କୁ ନାଜିଆ ଡାକଦେଲା- ମାମା କଣ ଭାବୁଛ ? ଚାଲ ଏକଲବ୍ୟକୁ ନେଇ ମନ୍ଦିରକୁ ପରା ଯିବା। ନାଜିଆର ସରଳ ମଣିଷ ପଣିଆ ଭିତରେ ଧର୍ମର ନିରଙ୍କୁଶତା ସମାଧି ନେଇ ସାରିଥିଲା। ମନ୍ଦିରରେ ପୂଜା ପାଇଁ ଅପେକ୍ଷାରତ ସଜଫୁଟା ପୁଷ୍ପ ପରି ନାଜିଆ ଉଲ୍ଲସିତ ଓ ପ୍ରଫୁଲ୍ଲିତ ଦିଶୁଥିଲା। ରୀତାଦେବୀଙ୍କ କାନରେ'ପକା କମ୍ବଳ ପୋତ ଛତା' ଓଡିଆ ଚଳଚ୍ଚିତ୍ରର ଏକ ଗୀତ ଭିତରର ପଦିଏ ଶୁଭି ଯାଉଥିଲା। ତାହା ଥିଲା- 'ଧର୍ମ ଏକା ବାରମାସୀ ମହତ ପଣିଆ, ଆଉସବୁ ବାରମାସୀ ଅଢେଇ ଦିନିଆ। ଧୂଳିରୁ ଜନମ ନେଲି, ଧୂଳିରେ ମୁଁ ଯିବି ଚାଲି। ସବୁରୀ ପରାଣେ ଥିବି ବସି ଲୋ ବାରମାସୀ।'ସତରେ ଧର୍ମ ଏକା ମହତ ପଣିଆ। ଧର୍ମ ନାମରେ ନାନା ପ୍ରକାର ଘୃଣା, କେବଳ ମଣିଷ ଓ ଭଗବାନ ଭିତରେ ଦୂରତା ସୃଷ୍ଟି କରି, ନିଜ ସ୍ୱାର୍ଥ ସାଧନ ପାଇଁ କେତେକ ହୀନ ମଣିଷଙ୍କର ଦୃଷ୍ଟ ଚିନ୍ତା ଓ ଚେତନା। ଆଉ ନାଜିଆ ଭିତରେ ଥିବା ସେଇ ମହତ ପଣିଆକୁ ରୀତାଦେବୀ ଜୀବନ୍ତ ଭାବେ ଦେଖୁଥିଲେ।


ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭




## ରାଧାଷ୍ଟମୀ


କବି ଭାରତୀ ବାସନ୍ତୀ ଲତା ଜେନା


ଭାଦ୍ରବ ମାସରେ ଶୁକ୍ଳ ଅଷ୍ଟମୀରେ
ଶ୍ରୀରାଧାଙ୍କ ଜନ୍ମ ଦିନ
ଗୌଡିୟ ବୈଷ୍ଣବ ବ୍ରତ କରି ଥାନ୍ତି
ରାଧାଷ୍ଟମୀର ପାଳନ ।୧।
ଅଯୋନି ସମ୍ଭୁତା ବୃଷ ଭାନୁ ଜେମା
ବରଷଣା ଗ୍ରାମ ଠାରେ
ଯମୁନା ଜଳରେ ନଳିନୀ ପୁଷ୍ପରେ
ଭାସୁ ଥିଲେ ଶୟନରେ ।୨।
କୀର୍ତ୍ତିଦା ଦେଖିଲେ କୋଳେଇ ଆଣିଲେ
ଯତ୍ନରେ ଘରକୁ ନେଲେ
ଆଦର ଯତ୍ନରେ ଝିଅକୁ ପାଳିଲେ
ନାମ ରାଧା ରଖି ଥିଲେ ।୩।
ତିନି ଦିନ ରାଧା ଆଖି ନ ଖୋଲିଲେ
କୃଷ୍ଣ ଅପେକ୍ଷାରେ ଥିଲେ
ଯଶୋଦା କୋଳରେ କୃଷ୍ଣଙ୍କୁ ଦେଖିଣ
ଆନନ୍ଦେ ଚକ୍ଷୁ ଖୋଲିଲେ ।୪।
ଶ୍ରୀକୃଷ୍ଣ ଦକ୍ଷିଣ ଅଙ୍ଗରୁ ଉତ୍ପତ୍ତି
ହୋଇ ଥିଲେ ରାଧା ରାଣୀ
ବୃଷ ଭାନୁ ଘରେ ଆନନ୍ଦେ ବଢିଲେ
ହେଲେ ପ୍ରେମ ମନ୍ଦାକିନୀ ।୫।
ବଡ଼ ହୋଇ ସେତ ଚନ୍ଦ୍ର ସେଣା ସାଥେ
ବିବାହ ଯେ କରି ଥିଲେ
ଶୟନେ ସପନେ ଅବା ଜାଗରଣେ
କୃଷ୍ଣଙ୍କୁ ସେ ଭାବୁ ଥିଲେ ।୬।
ଆହ୍ଲାଦିନୀ ଜେମା ଶ୍ରୀରାଧା ଅଟନ୍ତି
କୃଷ୍ଣ ପ୍ରେମରେ ପାଗୋଳୀ
ଶାଶୁ ନଣନ୍ଦଙ୍କ ଗଞ୍ଜଣା ଶୁଣନ୍ତି
ନ ପାରନ୍ତି ତାକୁ ଭୁଲି ।୭।
ରାଧା କୃଷ୍ଣ ପ୍ରେମ ଶାଶ୍ୱତ ଅଟଇ
ତ୍ୟାଗ ଭକ୍ତି ସମର୍ପଣ
ସାରା ସଂସାରକୁ ପ୍ରେମ ଶିଖାଇଲେ
ଆତ୍ମା ପରାତ୍ମା ମିଳନ ।୮।
ରାଧା ବିନା କୃଷ୍ଣ କୃଷ୍ଣ ବିନା ରାଧା
ହୋଇ ଥାନ୍ତି ଅଧା ଅଧା
ଦୁହେଁ ମିଶି ଗଲେ ପୂର୍ଣ୍ଣାଙ୍ଗ ହୁଅନ୍ତି
ରହେ ନାହିଁ କିଛି ବାଧା ।୯।
ଓଡ଼ିଆ ସଂସ୍କୃତି ଆମ ପରମ୍ପରା
ପ୍ରେମ ମନ୍ଦାକିନୀ ଧାରା
ବାରମାସେ ତେର ପରବ୍ପ ପାଳନ
ଗୁଞ୍ଜରିତ ହୁଏ ଧରା ।୧୦।
ସାକ୍ଷୀ ଗୋପାଳରେ ଅଁଳା ନବମୀ
ରାଧାଙ୍କ ପାଦ ଦର୍ଶନ
ସେ ପାଦ ଦର୍ଶନେ ମୋକ୍ଷ ପ୍ରାପ୍ତି ହୁଏ
ପବିତ୍ର ହୁଏ ନୟନ ।୧୧।
ସତ୍ୟ ଯୁଗେ ଲକ୍ଷ୍ମୀ ତ୍ରେତୟେ ଜାନକୀ
ଦ୍ୱାପର ଯୁଗେ ଶ୍ରୀରାଧା
ରାଧା କୃଷ୍ଣ ପ୍ରେମ ଚିରନ୍ତନ ବୋଲି
ଯୁଗଳ ମୂର୍ତ୍ତି ପୂଜିତା ।୧୨।


ଗାନ୍ଧୀନଗର, ନବରଙ୍ଗପୁର






## ଦେବଶିଳ୍ପୀ ବିଶ୍ୱକର୍ମା


ସ୍ୱାଗତିକା ସାହୁ


ହେ ଦେବଶିଳ୍ପୀ ବିଶ୍ୱକର୍ମା...
ରୁପରଙ୍ଗ ଶିଳ୍ପର ନାହିଁ ଅଙ୍ଗୀକାର
ପାଗ ଭିଡେ ଭାବପ୍ରବଣତା...!
ପ୍ରାକ୍ ଅଭିସାରର ନୈପୁଣ୍ୟ ପର୍ବ
ପୃଥିବୀର ପଦ୍ମଗନ୍ଧା ଶିଳ୍ପ ଲାବଣ୍ୟ
ସବୁ ତ ତୁମରି ....
ନୈବେଦ୍ୟର ଶ୍ରେଷ୍ଠ ତମ ଆଭିଜାତ୍ୟ
ତୁମ ତ ସୃଷ୍ଟିର ଏ ଅସହାୟ ଦେଖି
ଶରତେ ଆଶ୍ୱିନ କନ୍ୟା ସଂକ୍ରାନ୍ତିରେ
ଆଗମନ କର ଶୁଭ ଶୋଭନ ମୁହୂର୍ତ୍ତେ
ଜନ୍ମି ଏ ମାଟିକୁ ଭର ମିଠା ସୁଗନ୍ଧ...
ଦିହୁଡ଼ି ଜଳେ ମର୍ତ୍ତ୍ୟ,ସ୍ୱର୍ଗ ପୁରେ..!

ସର୍ବଶ୍ରେଷ୍ଠ ବିଜ୍ଞାଣୀ ନାମେ ପରିବ୍ୟାପ୍ତ ତୁମ ମହିମା...
ଭାସ୍କର୍ଯ୍ୟ ଠାକୁରହେ ଧନ୍ୟତୁମ କଳାକୃତି
ପ୍ରତି ଯୁଗେ ସ୍ୱର୍ଣ୍ଣିମା ସ୍ୱାକ୍ଷରେ
ଲିପିବଦ୍ଧ ତୁମ ସ୍ଥାପତ୍ୟ କଳା ସୁରଭି..!
ହଂସାସିନ ହେ ଦିବ୍ୟ ମୃଣ୍ମୟ ରୂପା
ସମୃଦ୍ଧିମନ୍ତ ଭାସ୍କର୍ଯ୍ୟ ଅଟେ ଅଚମ୍ବିତ
ସ୍ୱର୍ଗ ଇନ୍ଦ୍ରଭବନଠୁ, ସ୍ୱର୍ଣ୍ଣମୟୀ ଲଙ୍କା, ଦ୍ୱାରିକା ଭବନ
ଭବ୍ୟ ଇନ୍ଦ୍ରପ୍ରସ୍ଥ,ବ୍ରହ୍ମା ଭବନ ସବୁତ ତୁମରି ଦାନ....!
ନାହିଁ ପାଟାନ୍ତର ହେ କୁଶଳୀ କାରିଗର
ତୁଳନା ନାହିଁ ତୁମ ସର୍ଜନା ସମ୍ଭାର

ତୁମ ଅମର ଭାସ୍ୱର ଉତ୍କର୍ଷ କର୍ମେ
ଶୀଳନ୍ୟାସ ହୁଏ ଜୀବନ୍ତ,ସୁରମ୍ୟ
ତେଣୁ ପୂଜା ପାଏ ନବ୍ୟ ଶିଳ୍ପୀ କୁଳ...!
ବ୍ରହ୍ମା ପୁତ୍ର ହେ, ଦେବଲୋକ ଯନ୍ତ୍ରୀ
ତ୍ରିନେତ୍ର ସୁମୁଖ ହେ ସଂସାର ନିର୍ମାତା

ସୁଦକ୍ଷ ବିଜ୍ଞାଣୀ ହେ ଅଦ୍ଭୁତ କଳାର ପୃଷ୍ଟି
ବିଶ୍ୱ ବନ୍ଦନୀୟ ତୁମ କଳା କୁଞ୍ଜ କୃତି...!
ସୃଷ୍ଟି ରକ୍ଷା କରିବାକୁ ତୁମ...
ସପ୍ତଶ୍ଚର୍ଯ୍ୟ କୀର୍ତ୍ତିର ଶାଶ୍ୱତ
ଚିର ନମସ୍ୟ ତୁମ ବିକାଶର ଶିଳ୍ପ..!


ଉମରକୋଟ, ନବରଙ୍ଗପୁର




## ଶବ୍ଦାବଳୀ


ଡ.ଚନ୍ଦ୍ରକଳା ନାୟକ


ଫୁଲମାନେ ଫୁଟନ୍ତି ଆଉ
ଜଗତକୁ ହସାଇ ରସାଇ ଦିଅନ୍ତି
କେବେ ନଥାଏ ତାଙ୍କ କୋମଳତାରେ ଅହଂକାର
ସର୍ବଦା ଝରି ପଡେ ମହକ
କି ସଞ୍ଜ କି ସକାଳ
ଆନନ୍ଦ ପାଆନ୍ତି ନିସ୍ୱାର୍ଥ ତ୍ୟାଗରେ
ଏବେ ତ ସେଇ ଭାବଟା ସବୁଆଡେ ଅଭାବ ।
ନଈ କଣ କେବେ ସ୍ଥିର ରହେ
ସେ ରାଗିଗଲେ ବନ୍ୟାକରେ
ଯେମିତି ତୁ ଯଦି ରାଗି ପାରନ୍ତୁ
ମୁଁ ବନ୍ୟା ପ୍ଲାବିନୀ ସାଜି ଲେଖି ପକାନ୍ତି
ଶ୍ରୀରାଧାଙ୍କ ତୁଣ୍ଡରେ ଶ୍ରୀକୃଷ୍ଣଙ୍କ ପ୍ରେମରାସ ।
ବାରୁଣୀବନ୍ତ ପାହାଡଟା ସର୍ବଦା ସ୍ଥିର
ଯେମିତି ଏକ ତପସ୍ୟା ମୁଦ୍ରାରେ
ସେ ମୁଦ୍ରାକୁ ଭାଙ୍ଗି ପାରେନା ମେଘ କି ବିଜୁଳି
ମଣିଷର ଅବିଶ୍ୱାସଟା ବି
ହେଲେ ତୁମ ନରମ ପଣର ସତ୍ତାରେ
ତପସ୍ୟା କରି ମୁଁ ଯଦି ବଜ୍ର ହୁଅନ୍ତି
ମୋ ନିଦ୍ରା ଭଙ୍ଗ ପରେ
ନୂଆ ଏକ ଇତିହାସ ଲେଖନ୍ତି ।
ମୁଁ ଚାହିଁଲେ ବି ବିଚ୍ୟୁତ ହୁଏନି
ନିଜ କର୍ମ ଓ ଧର୍ମର ସ୍ଥିତିରୁ
ନୀଳ ପର୍ବତର ଶିଖର ପରି
ମୁଁ ବି ତ ତପସ୍ୟା ରତ ହୁଏ
ମୋ ମନକୁ ଭାଙ୍ଗି ପାରେନା ଝଡ କି ବର୍ଷା
ଖାଲି ଗୁଡେଇ ହୁଏ ବିବେକଟା
ଛନ୍ଦି ହେଉଥିବା ଘୂର୍ଣ୍ଣନ ଭିତରେ ।
ଡାଙ୍କ ରଖିଥାଏ ବାଦଲ ଆକାଶକୁ
ଯେମିତି ତୁମ ଚିନ୍ତା ମୋତେ ଢାଙ୍କେ
ତୁମେ ଆପେ ଆପେ ଓହ୍ଲାଇ ଆସ
ମୋ ବିଜୟ ଯାତ୍ରାର ରୋଷଣୀ ଭିତରେ
ଲେଖୁ ବସନ୍ତି ଆଗାମୀ କାଲିର ଶବ୍ଦାବଳୀରେ
ଜୀବନର ନୂଆ ଏକ ଇତିହାସକୁ ।


ଅଧ୍ୟାପିକା, ମହାପୁରୁଷ ହାଡିବାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର




## ବିଭାବରୀ


ଡ. ଶୁଭେନ୍ଦୁ ମେହେର


ଉଠ ବିଭାବରୀ, ସ୍ୱପ୍ନ ସୁନ୍ଦରୀ ଲୁଚାଅନି ଅନ୍ଧକାର
କେତେ କେତେ ଆଖି ରହିଅଛି ଚାକି ଅନ୍ଧାର ତଳେ ତୋ'ର ।
ଭୋକିଲାର କ୍ଷୁଧା, କଏଦୀର ବ୍ୟଥା, ଦିନ ମଜୁରିଆ ଦୁଃଖ
ତୋ' କୋଳରେ ଶୋଇ ଶାନ୍ତି ପାଇବେ ବିଶ୍ୱ ବୁକୁର ଲୋକ ।।
ଯେଉଁ ମାଆ ରାତିସାରା ଅନାଇଁଛି ଫେରିବା ପୁଅର ବାଟ
ଫେରିବ ଫେରିବ ବୋଲି ସେ' ଜଗିଛି ଦେଇନି ଦାଣ୍ଡ କବାଟ ।
ପ୍ରେମିକାର ଚିଠି ଆସିବ ବୋଲିକି ପ୍ରେମିକ ରହିଛି ଚାକି
ନୀରବେ ବସିଛି ଘନ ଅନ୍ଧାରେ ମିଳନ ରହିଛି ବାକି ।।
ଗୋଡ଼ ଛନ୍ଦି ଠିଆ ହୋଇଛି ଡ଼ଙ୍ଗର ନିରଖିଛି ନଈ ଧାର
ଅନ୍ଧାର ଚିରି ଆଣିବ ବୋଲି ସେ' ସ୍ୱପ୍ନର ନୂଆ ସହର ।
ଉଦାସିଆ ନଈ ବେପଥୁ ଚୁମ୍ବନ ଷୋଳ ଶୃଙ୍ଗାର ଭେଦ
ସ୍ୱପ୍ନ କିଆରୀରେ ତନ୍ଦ୍ରା ତଟରେ ଟଳମଳ ହୁଏ ପାଦ।।
ଉଠ ବିଭାବରୀ, ଶେଷଥର ପାଇଁ ଖୋଲ ଗୋପନର ପେଡ଼ି ।
ଅମୃତ ଲାଳସୀ ଭରିଛି କଳସୀ ଫିଟାଇ ଆସ ଦିହୁଡ଼ି ।।


ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪




# ଶବ୍ଦ ସୌନ୍ଦର୍ଯ୍ୟ ଓ ଭାଷାର ଭାବ







ଡକ୍ଟର ଲକ୍ଷ୍ମଣ ସାହୁ


ଯେତେବେଳେ କବିତା ବିଷୟରେ ଚିନ୍ତା କରିବାର ପ୍ରକ୍ରିୟା ଆରମ୍ଭ ହୁଏ, ସଂସ୍କୃତ କବିତାର ଆଚାର୍ଯ୍ୟ ଭାମଙ୍କ ଧାଡ଼ି ହଠାତ୍ ମନକୁ ଆସେ - 'ଶବଧରଥନ୍ ସାହିତା କାଭ୍ୟାମ୍'। ଭାମ କହିଛନ୍ତି ଯେ କବିତା ହେଉଛି ଶବ୍ଦ ଓ ଅର୍ଥର ମିଶ୍ରଣ। ସର୍ବଶେଷରେ, ଏହି ଅନ୍ତର୍ଭୁକ୍ତ ଅନୁଭବ କ'ଣ ? ଯେତେବେଳେ ଶବ୍ଦ ଓ ଅର୍ଥ ପରସ୍ପର ମଧ୍ୟରେ ପରିପୂର୍ଣ୍ଣ ଓ 'ସତ୍ୟମ୍ ଶିବମ୍ ସୁନ୍ଦରମ୍'ର ଅଭିବ୍ୟକ୍ତି ପାଇଁ ଏକ ପ୍ରକାର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୁଏ। ସେତେବେଳେ ବୋଧହୁଏ ଏହାକୁ ଶବ୍ଦ ଓ ଅର୍ଥର ମିଳିତ ଅନୁଭବ ବୋଲି କୁହାଯାଇପାରେ। ସେହି ପ୍ରକ୍ରିୟା କେତେ ଚମତ୍କାର ହେବ। ଯେଉଁଥିରେ ସଂପୂର୍ଣ୍ଣ ଭିନ୍ନତାର ସଂପନ୍ନତା ଅଛି, କିନ୍ତୁ ସେ ସମୟରେ ପ୍ରତିଯୋଗିତା ମଧ୍ୟ ଅଛି। ପ୍ରତିଯୋଗିତାର ବ୍ୟବହାର କ'ଣ ?

ଶବ୍ଦଟିକୁ ନେଇ ଭାବିବା ଉଚିତ୍ ହେବ ଯେ ଏହାର ଅର୍ଥ ସୁନ୍ଦର ରୂପରେ, ଏହାର ଚରମ ଶିଖରରେ ପ୍ରକାଶ କରାଯିବା ଉଚିତ୍ ଓ ଏହାକୁ ପ୍ରେରଣା ଦେବା ପାଇଁ ଶବ୍ଦଟିଏ। ଏହାର ସୌନ୍ଦର୍ଯ୍ୟ ଓ ଗୀତର ଶିଖରରେ ପହଞ୍ଚିବାକୁ ଚେଷ୍ଟା କରିବା ଉଚିତ୍। ଅର୍ଥଟି ହୃଦୟଙ୍ଗମ ଏପରି ହେବା ଉଚିତ ଯେ ଶବ୍ଦର ସଂଗୀତ, ଶବ୍ଦର ସୌନ୍ଦର୍ଯ୍ୟ ତାଙ୍କୁ ଏହାର ମହତ୍ତ୍ୱ ଦେଖାଇଥାଏ, ତେଣୁ ସେ କିଛି କରିବା ଉଚିତ୍ ଯାହା ଦ୍ୱାରା ଶବ୍ଦ ଏହାର ଚରମ ସୌନ୍ଦର୍ଯ୍ୟ ହାସଲ କରେ। ଉଭୟଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଯାହା ନିଜ ପାଇଁ ନୁହେଁ, ଅନ୍ୟର ବିଜୟ ପାଇଁ। ଶବ୍ଦର ଚେତନା ଯେଉଁଠାରେ ସମୟ ଓ ସ୍ଥାନ ବାହାରେ ପହଞ୍ଚିଛି, ସେଠାରେ ଏକ ବିଶ୍ୱ ହୋଇପାରେ କିମ୍ବା ନ ହୋଇପାରେ।

ଏହା ସମାନ ପ୍ରକ୍ରିୟା ହୋଇଥାଇପାରେ। ସର୍ବଶେଷରେ, ଶବ୍ଦ ଓ ଅର୍ଥର ମିଶ୍ରଣ କେବେ ଓ କିପରି ଘଟେ ? ବୋଧହୁଏ ନିଜ ସହିତ, ପ୍ରକୃତି ସହିତ, ସମଗ୍ର ଜୀବନ୍ତ ଜଗତ ସହିତ ଯୋଗାଯୋଗ କରିବା ସମୟରେ କିଛି ମହାନ୍ ମୁହୂର୍ତ୍ତ ଘଟିଥାଇପାରେ। ସେହି ମୂହୁର୍ତ୍ତରେ, ଅଭାଟାର ଫ୍ଲାସ୍ ସହିତ, ଆମର ଅନ୍ତର୍ନିହିତ ଆତ୍ମରେ ଜମା ହୋଇଥିବା ଅନ୍ଧକାର ସ୍ତରଗୁଡିକ ଧୋଇଯିବା ଆରମ୍ଭ କରିବ ଓ ଆମର ନିଜ ପ୍ରତିଛବି ଭିତର ଦର୍ପଣରେ ଦେଖାଯିବା ଆରମ୍ଭ କରିବ। ସେହି ମୁହୂର୍ତ୍ତରେ ହିଁ ସୃଷ୍ଟିକର୍ତ୍ତା ହୁଏତ ନିଜକୁ ସାକ୍ଷାତ୍ କାର ଦେଇ ପାରିଥାନ୍ତେ। ବୋଧହୁଏ ଏହା କେବଳ ସେହି ମୁହୂର୍ତ୍ତରେ ହିଁ ଶବ୍ଦ ଓ ଅର୍ଥର ମିଳିତ ଅନୁଭବ ହୁଏ ! ଏହା କୁହାଯାଇପାରେ କି କବିତା ଆତ୍ମାର ଦର୍ପଣରେ ନିଜକୁ, ଜଗତ ଓ ଜଗତକୁ ପ୍ରତିଫଳିତ କରେ ?

ସମ୍ପର୍କକୁ ଦେଖିବାର ଏକ ଭିନ୍ନ ପ୍ରକ୍ରିୟା ଅଛି ! ଯାହା ଆତ୍ମ-ହୃଦୟଙ୍ଗମ ଖୁବ୍ କମ୍ ସମୟ ମଧ୍ୟରେ ଘଟେ, ଯୋଗୀ କିମ୍ବା ଋଷିର ଆତ୍ମ-ହୃଦୟଙ୍ଗମ ନୁହେଁ। ସେଠାରେ ଜଣେ କଳାକାରଙ୍କର ଆତ୍ମ-ହୃଦୟଙ୍ଗମ ? ରହସ୍ୟମୟ ଜ୍ଞାନ ଯୋଗର ଆତ୍ମ-ହୃଦୟଙ୍ଗମରୁ ଉତ୍ପନ୍ନ ହୁଏ ଓ କବିତା ଆତ୍ମ-ହୃଦୟଙ୍ଗମରୁ କବିତା ଉତ୍ପନ୍ନ ହୁଏ। କେବଳ ଯେଉଁମାନେ ଅସ୍ତିତ୍ୱର ସମୁଦ୍ରରୁ ସ୍ୱାଧୀନତା ଚାହାଁନ୍ତି କିମ୍ବା ବ୍ରହ୍ମାଣ୍ଡର ରହସ୍ୟ ଜାଣିବାକୁ ଚାହାଁନ୍ତି, ସେମାନେ ଏହିପରି ଜ୍ଞାନ ପ୍ରତି ଆକର୍ଷିତ ହୁଅନ୍ତି। ଯେଉଁଠାରେ କବିତା ସରଳ ଜୀବନର ଯୋଗକୁ ଆକର୍ଷିତ କରିଥାଏ ଯଥା ସାଧାରଣ ମଣିଷ ଯିଏ ସାଧାରଣତାର ସୌନ୍ଦର୍ଯ୍ୟ ବଞ୍ଚେ ଏବଂ ଏହାର ମହତ୍ତ୍ୱ ସହିତ ସେମାନଙ୍କ ଜୀବନରେ ସୁଖ ସୃଷ୍ଟି କରେ। ଏହି ଅର୍ଥରେ କବିତାର ପରିସର ବ୍ୟାପକ ଅଟେ। ଏହାର ପରିସର ବହୁତ ପ୍ରଶସ୍ତ। ରାସା ପ୍ରସଙ୍ଗରେ, ତାଇତିରିୟା ଉପନିଷଦର ରାସା ସହିତ ଜଡିତ ପଦଟି ମଧ୍ୟ ଅଛି।

କବି ହେଉଛନ୍ତି ଭାଷାର ସୃଷ୍ଟିକର୍ତ୍ତା। ତାହା ହେଉଛି ଭାଷାର ନବୀକରଣ। କୌଣସି ପ୍ରକାରେ, କବି ଶବ୍ଦ ମୁକ୍ତିର ବଳିଦାନ ମଧ୍ୟ କରନ୍ତି। ସମୟ ସହିତ ଘଟୁଥିବା ଅର୍ଥର ସଂକୋଚନରୁ କବି ଶବ୍ଦକୁ ମୁକ୍ତ କରେ। କେବଳ ଏତିକି ନୁହେଁ, ଏହା କେବଳ ଶବ୍ଦର ଅର୍ଥ ବିସ୍ତାର କରେ ନାହିଁ ବରଂ ଏହାକୁ ନୂତନ ଅର୍ଥରେ ମଧ୍ୟ ପୂର୍ଣ୍ଣ କରେ। ଏହି ଅର୍ଥରେ, କବି ଶବ୍ଦର ଆଧ୍ୟାତ୍ମିକ ଅଭ୍ୟାସ ପାଇଁ ଏକ ମାଧ୍ୟମ ହୋଇଯାଏ। ଏହାର ଉଦ୍ଦେଶ୍ୟ ହେଉଛି ଶବ୍ଦର ଚେତନାକୁ କ୍ରମାଗତ ଭାବରେ ବୃଦ୍ଧି କରିବା।

ଏକତ୍ର ଆମେ ଭାଷାର ଏକ ରହସ୍ୟମୟ ଜଗତ ସୃଷ୍ଟି କରୁ। ଶବ୍ଦର ଏହି ଆଧ୍ୟାତ୍ମିକ ଯାତ୍ରା ମାଧ୍ୟମରେ ଏକ ଭଲ କବିତା ଏକ ଯାଦୁ ବାକ୍ସରେ ପରିଣତ ହୁଏ। ଏପରି ଏକ ଯାଦୁ ବାକ୍ସ ଯେ ପ୍ରତ୍ୟେକ ଥର ସମାନ କବିତା ସମାନ ବ୍ୟକ୍ତିଙ୍କ ଦ୍ୱାରା ପଢାଯାଏ, ଏହା ନିଜ ଉପରେ ରହସ୍ୟର ଏକ ନୂଆ ଆବରଣ ଉଠାଏ। ଏହା କୁହାଯାଇପାରେ ଯେ ନବକଳେବର ହେଉଛି କବିତାର ଧର୍ମ। ସେଥିପାଇଁ କବିତା ଏକ ନିରନ୍ତର ପ୍ରକ୍ରିୟା, ଯାହାକି କବି କବିତା ସମାପ୍ତ କରିବା ପରେ ମଧ୍ୟ ଜାରି ରହିଥାଏ। ଯେପରି ଏକ ପର୍ବତର ହୃଦୟରୁ ବାହାରୁଥିବା ନଦୀ ବନ୍ଦ ହୁଏ ନାହିଁ, ଏହା କ୍ରମାଗତ ଭାବରେ ଗତି କରେ ଓ ପ୍ରତ୍ୟେକ ମୁହୂର୍ତ୍ତରେ ତା'ର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ନୂତନ ଦିଶିଥାଏ। ତେଣୁ ଜୀବନରେ ଯେକୌଣସି ରୂପରେ କବିତାର ଉପସ୍ଥିତି ମଣିଷ ପାଇଁ ଏକ ଆନନ୍ଦ ଉତ୍ସାହ। ଜୀବନର ମରୁଭୂମିରେ ଗୋଲାପ ବଗିଚା ପରି।

ତେଣୁ ମନୁଷ୍ୟ ନିଶ୍ଚୟ କୌଣସି ସମୟରେ ଶବ୍ଦ ସଙ୍କେତ ସହିତ ନିଜକୁ ପ୍ରକାଶ କରିବା ଶିଖିଥିବେ, ଯାହା ଭାଷା ସୃଷ୍ଟି କରିଥାନ୍ତା। ଭାଷା ଓ ମଣିଷ ମଧ୍ୟରେ ସମ୍ପର୍କର ଅନେକ ସୀମା ଅଛି। ଏହା ଏକ ସରଳ ସମ୍ପର୍କ ନୁହେଁ। ଭାଷା କେବଳ ସାମାଜିକ ପାରସ୍ପରିକ କ୍ରିୟା ଓ ଚିନ୍ତାଧାରାର ପ୍ରକାଶନ ପର୍ଯ୍ୟନ୍ତ ସୀମିତ ନୁହେଁ , ବରଂ ଏହା ମାନବ ସାଂସ୍କୃତିକ ପରିଚୟର ଏକ ଅତ୍ୟାବଶ୍ୟକ ଅଂଶ। ଏକ ସମ୍ପ୍ରଦାୟର ସଂସ୍କୃତିର ସବୁଠାରୁ ସ୍ପଷ୍ଟ ଓ ଦୃଶ୍ୟ ରୂପ ଏହାର ଭାଷାରେ ଦେଖାଯାଏ। ଏକ ସଂସ୍କୃତିର ଅତୀତ ପୌରାଣିକ କାହାଣୀ ଓ ଏହାର ଭାଷାର ଧାରଣାରେ ପ୍ରତିଧ୍ୱନିତ ହୁଏ। ଭାଷା ମାଧ୍ୟମରେ ଆମେ କେବଳ ଆମର ଚିନ୍ତାଧାରା ପ୍ରକାଶ କରୁନାହୁଁ, ବରଂ ଏଥିରେ ନିଜକୁ ମଧ୍ୟ ପ୍ରକାଶ କରୁ। ସତ୍ୟ ହେଉଛି ଭାଷା ବିନା ମଣିଷ କିଛି ନୁହେଁ। ପ୍ରାଣୀ ଓ ଦେବତାମାନଙ୍କ ମଧ୍ୟରେ, ମଣିଷ ଏକମାତ୍ର ପ୍ରାଣୀ ଯିଏ ନିଜର ଗବେଷଣା କରେ। ଭାଷା ହେଉଛି ଆତ୍ମ-ଅନ୍ୱେଷଣର ତାଙ୍କର ଉପକରଣ। ଏହା ମାନବ ଶରୀରର ଅଦୃଶ୍ୟ ଅଂଶ, ଦୃଷ୍ଟି। ସତ୍ୟ ହେଉଛି ଯେ ଭାଷା ଯେପରି ପ୍ରକାଶିତ ହେଉ, ଏହା ବିନା ମଣିଷରେ କୌଣସି ଆତ୍ମନିରୀକ୍ଷଣ ହୋଇପାରିବ ନାହିଁ।

ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହା ସଂସ୍କୃତିର ବାହକ। ଏକ ସଂସ୍କୃତିର ଉଚ୍ଚତାରେ ମଧ୍ୟ, ଏହାର ସତ୍ୟତା ଏହାର ଭାଷାରେ ବଞ୍ଚି ରହିଥାଏ। ମାନବ ବିକାଶ ସମୟରେ ପ୍ରତ୍ୟେକ ଭାଷା ନିଜର ଅନନ୍ୟ ଗଠନ ବିକଶିତ କରେ। କିନ୍ତୁ ଅସ୍ତିତ୍ୱ ପାଇବା ପରେ ଏହା ମାନବ ଆଭ୍ୟନ୍ତରୀଣ ପ୍ରକ୍ରିୟାଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ କରେ। ଭାଷା କେବଳ ଏକ ସମାଜର ସାଂସାରିକ ଉଦ୍ଦେଶ୍ୟ ହାସଲ କରିବାର ଏକ ମାଧ୍ୟମ ନୁହେଁ, ବରଂ ସମାଜର ଆଭ୍ୟନ୍ତରୀଣ ସ୍ୱଭାବ, ଏହାର ସମ୍ବେଦନଶୀଳତା ଏବଂ ଚରିତ୍ର ମଧ୍ୟ ନିର୍ଣ୍ଣୟ କରେ। ପ୍ରତ୍ୟେକ ଭାଷାର ନିଜସ୍ୱ ଦୃଷ୍ଟିକୋଣ ଅଛି, ଯାହା ସାହାଯ୍ୟରେ ସେ ବିଶ୍ୱକୁ ଦେଖେ। ଭାଷା ଆମର ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଆମର ପରିଚୟ। ଏକ ସଂସ୍କୃତିର ସମସ୍ତ ପ୍ରତିଛବି, ପୌରାଣିକ କାହାଣୀ, ରୂପକ ଓ ନିର୍ଦ୍ଦିଷ୍ଟ ପ୍ରତୀକ ଏହାର ଭାଷା ମାଧ୍ୟମରେ ଏହାର ସାହିତ୍ୟରେ ନିଜର ସ୍ଥାନ ପାଏ। ଭାଷାଗୁଡ଼ିକର ସେମାନଙ୍କର ପୌରାଣିକ ଉତ୍ସଗୁଡ଼ିକ ସେମାନଙ୍କର ଜଗତ, ସେମାନଙ୍କର ଗଠନକୁ ପ୍ରଭାବିତ କରନ୍ତି। ତେଣୁ ପ୍ରତ୍ୟେକ ଭାଷାର ସମାନ ବିଶ୍ୱରେ ରହିବା ସହିତ ନିଜସ୍ୱ ବିଶ୍ୱ ଓ ନିଜସ୍ୱ ଭୂଗୋଳ ଥାଏ।

ଆମ ଭାଷାକୁ ଜୀବନ୍ତ ରଖି ଆମେ ଆମର ସଂସ୍କୃତି ଓ ଏହା ମଧ୍ୟରେ ଗଠିତ ପରିଚୟକୁ ଜୀବନ୍ତ ରଖିଥାଉ। ଏକ ଭାଷା ଜୀବନ୍ତ କିମ୍ବା ଜୀବନ୍ତ ନୁହେଁ। ସାହିତ୍ୟ ପରି ଜୀବନ୍ତ ଭାଷା କଳାତ୍ମକ ଅଭିଜ୍ଞତାରେ ସକ୍ରିୟ। ଆମ ସଂସ୍କୃତିର ପ୍ରାଣବନ୍ତ ପାଇଁ ଭାଷାକୁ ଦୁର୍ନୀତିରୁ ରକ୍ଷା କରିବା ଆବଶ୍ୟକ। ଆମେ କେବଳ ଭାଷା ମାଧ୍ୟମରେ ଆମର ଭାବନା, ପୌରାଣିକ କଥା, ଅଭିଜ୍ଞତାକୁ ସଂରକ୍ଷଣ କରିପାରିବା। ତେଣୁ ବିଶ୍ୱକରଣର ଏହି ଯୁଗରେ ଯେତେବେଳେ ଇଂରାଜୀ ବଜାର ଓ ପ୍ରଯୁକ୍ତିବିଦ୍ୟାର ଭାଷା ଭାବରେ ପ୍ରାଧାନ୍ୟ ପାଏ। ସେତେବେଳେ ଏହାର ପ୍ରଭାବରେ ଆମର ମାତୃଭାଷାକୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ବିଶ୍ୱରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ କ୍ୟାରିୟରରେ ଗୋଟିଏ ଭାଷା ପ୍ରାଥମିକତା ପାଏ, ଏହା କିଛି ଦେଶ, ଭାଷା ଓ ସଂସ୍କୃତି ଉପରେ ଆକ୍ରମଣ। ଏହି ଆକ୍ରମଣକୁ ରୋକିବାର କ୍ଷମତା ଆମ ପାଖରେ ନାହିଁ, କିନ୍ତୁ ପ୍ରତିରୋଧ କରିବାର କ୍ଷମତା ଆମ ପାଖରେ ଅଛି...!!!


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

**ଲଘୁଚାପ ବର୍ଷା**

# ସମୁଦ୍ରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଲଘୁଚାପ। ଉତ୍ତର ଆଣ୍ଡାମାନ ସାଗର ଏବଂ ତା'ର ସଂଲଗ୍ନ ଅଞ୍ଚଳରେ ଗତକାଲି ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟ୍‌ରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ଓଡ଼ିଶାରେ ଆଗାମୀ କିଛି ଦିନରେ ବର୍ଷା ପରିମାଣ ବଢ଼ିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଗାମୀ ୨୪ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଇଏମଡି ଅନୁସାରେ, ଆସନ୍ତାକାଲି ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଅବପାତରେ ପରିଣତ ହେବାର ଖୁବ୍ ଅଧିକ ସମ୍ଭାବନା ରହିଛି। ଆସନ୍ତା ୨୨ ତାରିଖ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଗଭୀର ଅବପାତର ରୂପ ନେଇପାରେ।

ଆଇଏମ୍‌ଡିର ଭୁବନେଶ୍ୱର କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ଉତ୍ତର ଥାଇଲାଣ୍ଡ ଉପରେ ଥିବା ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ ଆସିବା ପରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ଏହା ଆଗାମୀ ୩ରୁ ୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଯାଇପାରେ।

**ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

# ବାରବାଟୀ ଷ୍ଟାଡିୟମ ହେବ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁ



ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଟ୍ରଫିରେ ଫୁଟବଲ, ଖୋ-ଖୋ, କବାଡ଼ି ଓ ଭଲିବଲ ପରେ ଏବେ କ୍ରିକେଟ୍ ପଞ୍ଚମ କ୍ରୀଡ଼ା ଭାବେ ସାମିଲ ହୋଇଛି, ଯାହା ଆମ ୩୦ଟି ଜିଲ୍ଲାରେ ଥିବା ଗ୍ରାମୀଣ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ଏକ ନୂଆ ଓ ବଡ଼ ମଞ୍ଚ ପ୍ରଦାନ କରିବ ବୋଲି ଆଜି କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖେଳ ଏବେ କେବଳ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ସୀମିତ ନ ରହି ଏକ ସଫଳ କ୍ୟାରିୟରର ମାଧ୍ୟମ ପାଲଟିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦଶନ୍ଧି ମଧ୍ୟରେ ଭାରତର କ୍ରୀଡ଼ା ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜିର ଟି-୨୦ ଓ ଲିଗ୍ କ୍ରିକେଟ୍ ଯୁଗରେ ଯୁବ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଛି। ଏହି ଲିଗ୍‌ରେ ପ୍ରସିଦ୍ଧ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଓଡ଼ିଶାର 'ସ୍ୱିଙ୍ଗ ମାଷ୍ଟର' ଦେବାଶିଷ ମହାନ୍ତି

## ୩୧୪ କୋଟିରେ ନିର୍ମାଣ ହେବ ଅତ୍ୟାଧୁନିକ ଷ୍ଟାଡିୟମ୍

ଆମ୍ବାସାଡର ଭାବେ ଯୋଡ଼ି ହୋଇଥିବାରୁ ଏହା ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ। ରାଜ୍ୟରେ ପ୍ରତିଭା ଓ ଭିତ୍ତିଭୂମିର ଅଭାବ ନାହିଁ, ତେଣୁ ଚୟନକର୍ତ୍ତାମାନେ ସଠିକ୍ ପ୍ରତିଭାକୁ ଚିହ୍ନଟ କରି ଆଗାମୀ ଦିନରେ ଓଡ଼ିଶାରୁ ଆହୁରି ଅନେକ ଜାତୀୟ ଓ ଆଇପିଏଲ୍ ଖେଳାଳି ସୃଷ୍ଟି କରିବେ ବୋଲି ସେ ବିଶ୍ୱାସ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଏଥିସହ ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ହାଇ-ଟେକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ବାରବାଟୀ ଷ୍ଟାଡିୟମର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଏହି ଅବସରରେ ରାଇନା କହିଛନ୍ତି ଯେ ସେ ଶେଷ ଥର ପାଇଁ କଟକର ବାରବାଟୀ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ଅବସରରେ ଓଡ଼ିଶା ଆସିଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ପ୍ରକୃତରେ ପ୍ରଶଂସନୀୟ।

**ମଧ୍ୟପ୍ରଦେଶରେ ମର୍ମନ୍ତୁଦ ଦୁର୍ଘଟଣା ମାମଲା**

# ମୃତ ଜ୍ଞାନେନ୍ଦ୍ରଙ୍କ ଝିଅର ପଢ଼ାଖର୍ଚ୍ଚ ବହନ କଲେ ନିରଞ୍ଜନ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ମଧ୍ୟପ୍ରଦେଶରେ ଠାକୁର ଦର୍ଶନ କରିବାକୁ ଯାଇଁ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବଡ଼ମ୍ବାର ଜ୍ଞାନେନ୍ଦ୍ର ବେହେରା ଓ ତାଙ୍କ ପରିବାରର ୭ ଜଣ ଓଡ଼ିଆ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଘଟିଛି। ଏହି ଦୁଃଖଦ ଖବର ଗଭୀର ମର୍ମାହତ କରିବା ସହ ଦୁଃଖ ଦେଇଛି ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ସେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାମାନଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସ୍ୱର୍ଗତଃ ଜ୍ଞାନେନ୍ଦ୍ର ବେହେରାଙ୍କ ଏକମାତ୍ର ଝିଅ ଯିଏକି ଯୁକ୍ତ ୨ର ଛାତ୍ରୀ, ତାଙ୍କ ପଢ଼ା ବନ୍ଦ ନ କରିବାକୁ ନିବେଦନ କରିବା ସହ ଝିଅର ସମସ୍ତ ପଢ଼ାଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ଚୌଦ୍ୱାର ଜେଲ୍‌ରୁ ବିହାରୀ କଏଦୀ ଚମ୍ପଟ୍ ଘଟଣା**

# ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ଗିରଫ

- ସରକାରୀ ରେକର୍ଡ ହେରଫେର ଓ ଜାଲିଆତି ଅଭିଯୋଗ
- ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିଲେ ହାଇକୋର୍ଟ



ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ମାମଲାରେ ଜେଲ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ଆଜି ଗିରଫ କରିଛି ପୁଲିସ। ହାଇକୋର୍ଟରେ ମଧ୍ୟ ଆଗୁଆ ଜାମିନ ପାଇଁ ସେ ଆବେଦନ କରିଥିବା ବେଳେ ଏହାକୁ କୋର୍ଟ ଖାରଜ କରିଦେଇଥିଲେ।

ଜେଲରୁ ଦୁଇ ବିଚାରାଧୀନ ବିହାରୀ କଏଦୀ ଫେରାର ହେବା ପରେ ତର୍କରେ ଥିଲେ ଚୌଦ୍ୱାର ଜେଲ ଅଧୀକ୍ଷକ ଶ୍ରୀ ରାଉଳ। ଏହାପରେ ସରକାରୀ ରେକର୍ଡରେ କଥିତ ଜାଲିଆତି ଓ ଦସ୍ତାବିଜ୍ ହେରଫେର ନେଇ ସୁଜିତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ଓଡ଼ିଶା ହାଇକୋର୍ଟ ଖାରଜ କରିଥିଲେ। ସୁପ୍ରିମକୋର୍ଟ ମଧ୍ୟ ତାଙ୍କର ଆଗୁଆ ଜାମିନକୁ ଖାରଜ କରିଦେଇଥିଲେ।

ଗତ ବର୍ଷ ଅକ୍ଟୋବର ୨ ତାରିଖରେ ଦୁର୍ଗାପୂଜା ଚାଲିଥିବା ସମୟରେ ଚୌଦ୍ୱାର ହାଇସିକ୍ୟୁରିଟି ଜେଲରୁ ଦୁଇ ବିଚାରାଧୀନ ବିହାରୀ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଫେରାର ହୋଇଯାଇଥିଲେ। ଏନେଇ ସାରା ରାଜ୍ୟରେ ଚୌଦ୍ୱାର ହାଇସିକ୍ୟୁରିଟି ଜେଲକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ମିଳିଥିବା ସୂଚନାନୁସାରେ, ଦୁଇ ବିଚାରାଧୀନ ବିହାରୀ କଏଦୀ ସେଲ୍‌ର ଲୁହା ରଡ୍ କାଟିବା ପରେ ଜେଲ୍‌ର ଦୁଇଟି କାନ୍ଥ ଡେଇଁ ଫେରାର୍ ହୋଇଥିଲେ। ସେମାନଙ୍କୁ ଧରିବା ପାଇଁ ଟିମ୍ ଗଠନ କରାଯାଇଥିଲା। ଏପରିକି ତତ୍କାଳୀନ ଜେଲର ସନ୍ତୋଷିନୀ ବାଗଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ସହ ତାଙ୍କର ବଦଳି ହୋଇଥିଲା।

ଏହାପରେ ସେ ଶ୍ରୀ ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ସନ୍ତୋଷିନୀଙ୍କ ଅଭିଯୋଗ ଥିଲା ଯେ ଜେଲରୁ କଏଦୀ ଫେରାର ହେବା ପରେ ତାଙ୍କ ଦସ୍ତଖତକୁ ମିନିଟ୍ ବୁକ୍‌ରେ କଥିତ ଭାବେ ଜାଲ୍ କରାଯାଇଥିଲା। ଏଥିସହ ଅକ୍ଟୋବର ୧, ୨ ଓ ୩ ତାରିଖର ଗେଟ୍ ଇନ୍-ଆଉଟ୍ ରେଜିଷ୍ଟରରେ ମଧ୍ୟ ହେରଫେର କରାଯାଇଥିବାର ସେ ଅଭିଯୋଗ କରିଥିଲେ। ସେ ଦାବି କରିଥିଲେ ଯେ ରେକର୍ଡରେ ଏଭଳି ହେରଫେର କରି ଦାୟିତ୍ୱ ଅନ୍ୟ ଜଣଙ୍କ ଉପରେ ଠେଲିବାକୁ ଚେଷ୍ଟା କରାଯାଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା।

ପରବର୍ତ୍ତୀ ସମୟରେ ମାମଲା ଆହୁରି ଜଟିଳ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଚୌଦ୍ୱାର ଜେଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ମିନିଟ୍ ବୁକ୍ ଦାଖଲ ପାଇଁ ଏକାଧିକ ଥର ନୋଟିସ୍ ଓ ରିମାଇଣ୍ଡର ଦେଇଥିବା କୋର୍ଟ ରେକର୍ଡରୁ ଜଣାପଡ଼ିଛି। ତଦନ୍ତ ପାଇଁ ଏହି ମିନିଟ୍ ବୁକ୍‌କୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ବୋଲି ଦର୍ଶାଯାଇଥିଲା।

ମାମଲାରେ ଗିରଫ ଏଡ଼ାଇବା ପାଇଁ ଶ୍ରୀ ରାଉଳ ଆଗୁଆ ଜାମିନ ଆବେଦନ କରିଥିଲେ। ମାର୍ଚ୍ଚ ୨୭ରେ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଦେଇଥିଲେ। ମେ' ମାସରେ ତଦନ୍ତରେ ସହଯୋଗ ଓ ଆବଶ୍ୟକ ଦସ୍ତାବିଜ୍ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଅଗଷ୍ଟ ୨୯ରେ ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠ ଆଗୁଆ ଜାମିନ ଆବେଦନ ଖାରଜ କରି ଅନ୍ତରୀଣ ସୁରକ୍ଷା ହଟାଇଥିଲେ। କୋର୍ଟ ରେକର୍ଡରେ ମିନିଟ୍ ବୁକ୍ ଉପଲବ୍ଧ ନ ଥିବା ଏବଂ ତାହାକୁ ନେଇ ଭିନ୍ନ ଭିନ୍ନ ମତ ଦିଆଯାଇଥିବା ବିଷୟ ମଧ୍ୟ ଉଲ୍ଲେଖ ରହିଛି।

**'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ**

# ଭିକାରୀ ଦାସଙ୍କୁ ଭେଟିଲେ କଟକ ମେୟର



କଟକ, ୨୧।୯(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମସି) ପକ୍ଷରୁ ଆରମ୍ଭ କରାଯାଇଥିବା 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମରେ ମାନବିକତା ଓ ସାମାଜିକ ସମ୍ପର୍କର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସହୋତା ଶାନ୍ତି କମିଟିର ସମ୍ପାଦକ ତଥା ସମାଜସେବୀ ଭିକାରୀ ଦାସଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି। ସୂଚନା ଅନୁଯାୟୀ, ଭିକାରୀ ଦାସ କିଛି ଦିନ ଧରି ଅସୁସ୍ଥ ଥାଇ ନିଜ ବାସଭବନରେ ବିଶ୍ରାମ ନେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବା ପାଇଁ ମେୟର ଓ କମିଶନର ତାଙ୍କ ଘରକୁ ଯାଇଥିଲେ। ସେମାନେ ଶ୍ରୀ ଦାସଙ୍କ ସହ ଆଲୋଚନା କରି ତାଙ୍କ ଚିକିତ୍ସା, ସ୍ୱାସ୍ଥ୍ୟବସ୍ଥା ଓ ଆବଶ୍ୟକ ସହାୟତା ବିଷୟରେ ପଚାରି ବୁଝିଥିଲେ। ଏଥିସହ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହ ଆବଶ୍ୟକ ହେଲେ ସିଏମସି ପକ୍ଷରୁ ସହଯୋଗ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସାକ୍ଷାତକାର ସମୟରେ ମେୟର ସୁବାସ ସିଂହ କହିଥିଲେ ଯେ, ସହରର ଉନ୍ନତି ଓ ସାମାଜିକ ଏକତା ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ବରିଷ୍ଠ ନାଗରିକ, ସମାଜସେବୀ ଓ ବିଭିନ୍ନ ସଂଗଠନର ପ୍ରତିନିଧିମାନଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସିଏମସିର ଦାୟିତ୍ୱ। କମିଶନର ସୁଶ୍ରୀ କିରଣଦୀପ କୌର ସହୋତା ମଧ୍ୟ ଭିକାରୀ ଦାସଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ସିଏମସି ପକ୍ଷରୁ ନାଗରିକମାନଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ଆବଶ୍ୟକ ସମୟରେ ସେବା ଯୋଗାଇଦେବାକୁ ପ୍ରାଥମିକତା ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ସିଏମସିର ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଳୟା ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ




କଟକ, ୨୧।୯(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି। ସର୍ବପ୍ରଥମେ ମହାବିଦ୍ୟାଳୟର ଅଧ୍ୟକ୍ଷକ୍ଷ ଦୀପା ନାଗ ରେଡକ୍ରସ ପତାକା ଉତ୍ତୋଳନ କରି ସମସ୍ତ ପରାମର୍ଶଦାତା, କଟକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ କଲେଜ ସଭାଗୃହରେ ଅଧ୍ୟକ୍ଷ୍ୟକ୍ଷଙ୍କ ସଭାପତିତ୍ୱରେ ଉଦଘାଟନୀ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୁବ ରେଡ଼କ୍ରସ ଅଧିକାରୀ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜ ସେବା ତଥା ଯୁବ ବିକାଶ ପାଇଁ ଯୁବ ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ଏବଂ ବିଗତ ବର୍ଷ ମାନଙ୍କରେ କଟକ ଜିଲ୍ଲାର ଏ କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ। ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଜିଲ୍ଲା ଅବାହିକା ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ।

# ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ନେତୃତ୍ୱ ବିକାଶ ମିଶନ ବୈଠକ

ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଦ୍ୱାରା 'ନେତୃତ୍ୱ ବିକାଶ ମିଶନ" ଅନ୍ତର୍ଗତ ଏକ ଆଲୋଚନାଚକ୍ର ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଆଲୋଚନାଚକ୍ର ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ରାଷ୍ଟ୍ରୀୟ ସଂଯୋଜକ ତଥା କର୍ଣ୍ଣାଟକାର ପୂର୍ବତନ ଏମଏଲସି ଆର୍ ଧର୍ମସେନା ଏହି ଆଲୋଚନାଚକ୍ରରେ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସର ସରକାର ନିଶ୍ଚିତ ଭାବେ ଗଠିତ ହେବ ଓ ସମସ୍ତ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ବିଧାନସଭା ଓ ଲୋକସଭା ଆସନରୁ କଂଗ୍ରେସ ନିଶ୍ଚିତ ଭାବେ ବିଜୟ ଲାଭ କରି ଆଗାମୀ ଦିନରେ ଜନନାୟକ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଦେଶରେ କଂଗ୍ରେସ ସରକାର ଗଠିତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ମୁରଲୀଧର ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, କର୍ଣ୍ଣାଟକର ଯୁବନେତା ମଲେଶ ବୋମାନେଲୁ, ପ୍ରବକ୍ତା କର୍ଣ୍ଣାଟକ ପିସିସି ଯଯାତି କେଶରୀ ନାୟକ, ଆଦିବାସୀ ବିଭାଗର ସାଧାରଣ ସମ୍ପାଦକ ମୋଟରାଜ ଡୁଙ୍ଗଡୁଙ୍ଗ, ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ପ୍ରତିମା ମଲ୍ଲିକ, ଜାନକୀ ମଲ୍ଲିକ, କ୍ଷୀରୋଦ ଚନ୍ଦ୍ର ପାତ୍ର, ଆଶିଷ ମଲ୍ଲିକ, ସୁରେନ୍ଦ୍ର କୁମାର ଦାସ, କାମଦେବ ବେହେରା, ଶ୍ରୀବତ୍ସ ମଲ୍ଲିକ, ରାଜେନ୍ଦ୍ର ଜେନା, ପ୍ରକାଶ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

**ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ କାର୍ଯ୍ୟକ୍ରମରେ ସନ୍ଦର୍ଭ ଉପସ୍ଥାପିତ**

# ଡିଜିଟାଲ୍ ରୂପାନ୍ତରଣ ହାସଲ କରିଛି ଓଡ଼ିଶା ବିଧାନସଭା




ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ଓଡ଼ିଶା ନିଜର ଅଭିଜ୍ଞତାକୁ କେବେ ସମ୍ପୂର୍ଣ୍ଣ ବୋଲି ଦାବି କରେନାହିଁ, ବରଂ ବୃତ୍ତିଗତ ଆଦାନ-ପ୍ରଦାନର ଭାବନା ସହ ସମୃଦ୍ଧ ପରମ୍ପରା ଓ ନୂତନ ଉଦ୍ଭାବନଗୁଡ଼ିକରୁ ଶିଖିବା ପାଇଁ ସର୍ବଦା ପ୍ରସ୍ତୁତ ରହିଛି। ୧୯୩୬ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡ଼ିଶାରେ ୧୯୩୭ ପ୍ରଥମ ବିଧାନସଭା ୬୦ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ବେଳେ ଏହା ଏବେ ଏହା ୧୪୭ରେ ପହଞ୍ଚିଛି। ସ୍ୱାଧୀନତା ପୂର୍ବ ସମୟରୁ ଆରମ୍ଭ କରି ଆଧୁନିକ ଡିଜିଟାଲ ବିଧାନସଭା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉତ୍ତରାଧିକାର ଓ ସାମ୍ପ୍ରତିକ ସଂସ୍କାରର ଏହି ଯାତ୍ରା ନିରନ୍ତର ଚାଲିଛି ବୋଲି ବିଧାନସଭା ସଚିବ ସତ୍ୟବ୍ରତ ରାଉତ କହିଛନ୍ତି।

ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀରେ 'ଓଡ଼ିଶା ବିଧାନସଭାର ଉତ୍ତମ କାର୍ଯ୍ୟଶୈଳୀ' ଉପରେ ନିଜର ସନ୍ଦର୍ଭ ଉପସ୍ଥାପନ କରି ଶ୍ରୀ ରାଉତ କହିଛନ୍ତି ଯେ ସପ୍ତଦଶ ବିଧାନସଭାର ପ୍ରଥମ ଦୁଇ ବର୍ଷ ମଧ୍ୟରେ ଗୃହରେ ୧୦୩ ଦିନ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରାୟ ୪୭୦ ଘଣ୍ଟା ଧରି ବିଧାନସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହା ଭାରତର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ। ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଗ୍ରହଣ କରି ଓଡ଼ିଶା ବିଧାନସଭାରେ ଡିଜିଟାଲ୍ ରୂପାନ୍ତରଣ ହାସଲ କରାଯାଇଛି। ନବନିର୍ବାଚିତ ଓ ପ୍ରଥମ ଥର ସଦସ୍ୟମାନଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ସହ ଗଣତାନ୍ତ୍ରିକ ଅନୁଷ୍ଠାନ ବିଷୟରେ ଅବଗତ କରାଇବା ପାଇଁ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଧ୍ୟୟନ ପରିଦର୍ଶନ ଆୟୋଜନ କରାଯାଇଛି। ବିଧାନସଭାର ବିଭିନ୍ନ କମିଟିମାନଙ୍କର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ତଥ୍ୟ ଉପସ୍ଥାପନ କରି ସଚିବ କହିଛନ୍ତି ଯେ ମୋଟ ୩୫ଟି କମିଟି ମଧ୍ୟରୁ ୧୦ଟି ବିଭାଗୀୟ କମିଟି ବିଭିନ୍ନ ବିଭାଗର ପ୍ରାଥମିକତା, ବ୍ୟୟ ଅଟକଳ, ଯୋଜନା ପ୍ରଣୟନ ଓ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଆଲୋଚନା କରି ବଜେଟ ପାଇଁ ପ୍ରସ୍ତାବ ଦେଇଥାନ୍ତି ବୋଲି ସେ କହିଛନ୍ତି।

# ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିଦର୍ଶନ



ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ ଆଜି ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସାମାଜିକ ଗଣମାଧ୍ୟମ ଉପଯୋଗରେ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନହିତକର ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ ସମୟରେ ଶ୍ରୀ ପାଇକରାୟ କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ନଥି ଓ ଅନ୍ୟାନ୍ୟ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ଯୋଗସୂତ୍ର ରକ୍ଷା କରି ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଠିକ୍ ଓ ପ୍ରଭାବଶାଳୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଜଟଣୀ, କୁଦିଆରା ଗ୍ରାମର ଆଦର୍ଶ ମହିଳା ପ୍ରମିଳା ମହାନ୍ତିଙ୍କର ସ୍ଥାନୀୟ ଏମ୍ସ୍ ହସ୍ପିଟାଲରେ ହୃଦରୋଗରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପୀ, ବନ୍ଧୁବତ୍ସଳା, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ବୀରେନ୍ଦ୍ର ପ୍ରସାଦ ଓ ସାନପୁଅ ରାଜେନ୍ଦ୍ର ପ୍ରସାଦ, ବୋହୂ ରଶ୍ମୀ, ଲୁରି ଋତୁପର୍ଣ୍ଣା, ଅମରି ମହାପାତ୍ର, ରମେଶ ମହାପାତ୍ର, ଝିଅ ମଧୁସ୍ମିତା ମହାନ୍ତି, ନାତି ରାଜବୀର, ନାତୁଣୀ ପ୍ରତ୍ୟୁଷା ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁତ୍ର ବୀରେନ୍ଦ୍ର ପ୍ରସାଦ ମୁଖାଗ୍ନି ଦେଇଥିଲେ। ପୂର୍ବରୁ ତାଙ୍କ ସ୍ୱାମୀ ବ୍ରହ୍ମାନନ୍ଦ ମହାନ୍ତି କେନ୍ଦ୍ର କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀଙ୍କର ପରଲୋକ ହୋଇସାରିଛି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭା ଘେରିବ ବିଜେଡି




ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା

> ପିଲାଙ୍କୁ ମିଳିନି ତ୍ରୁଟିଶୂନ୍ୟ ପୁସ୍ତକ, ସବୁ ଜାଣି ଆଖି ବୁଜିଛନ୍ତି ସରକାର

ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିନାହାନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ। ତେବେ ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ କିପରି ପରୀକ୍ଷା ଦେବେ? ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀ ତ୍ରୁଟିଶୂନ୍ୟ ପୁସ୍ତକ ପାଇପାରିଲେ ନାହିଁ। ବିଜେପି ସରକାର ଏନ୍‌ଇପି ଲାଗୁ କରି ଅହେତୁକ ବିଳମ୍ବରେ ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲା। ପିଲାଙ୍କ ଭବିଷ୍ୟତ ସହ ଖେଳି ବିଳମ୍ବରେ ମଧ୍ୟ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରଦାନ କଲେ। ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଛନ୍ତି। ନୂତନ ପୁସ୍ତକ ପ୍ରକାଶନ କରିବା ଟେଣ୍ଡର ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରଭାବଶାଳୀ ବିଜେପି ନେତାଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରକାଶନ ଟଙ୍କାକୁ ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟିଗୁଡ଼ିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ଏହା ପ୍ରତିବାଦରେ ଆସନ୍ତା ୨୨ ଓ ୨୩ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯଦି ଇସ୍ତଫା ନ ଦିଅନ୍ତି, ତା'ହେଲେ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବ ଯୁବ ଓ ଛାତ୍ର ବିଜେଡି।

ସେହିପରି ଶ୍ରୀମତୀ ସାହୁ କହିଛନ୍ତି ଯେ ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ ଶାସନ କାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏକ ମାଇଲଖୁଣ୍ଟ ହାସଲ କରି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଥିଲା। ୫-ଟି ଯୋଜନାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାରରେ ତାହା ବିପର୍ଯ୍ୟସ୍ତ ହୋଇଛି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି। ବିଜେପିର ଗୋଷ୍ଠୀ କନ୍ଦଳ ଯୋଗୁଁ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

# ଗରିବ ଲୋକ, ଓଡ଼ିଶା ଅପେକ୍ଷା ଗୁଜରାଟରେ ଅଧିକ



ଭୁବନେଶ୍ୱର,୨୦।୯: ଓଡ଼ିଶା ଅପେକ୍ଷା ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଅଧିକ ଗରିବ ଲୋକ ରହୁଛନ୍ତି। ଏଥିପାଇଁ ଓଡ଼ିଶା ତୁଳନାରେ ଏହି ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅଧିକ ପରିମାଣର ମାଗଣା ଖାଦ୍ୟଶସ୍ୟ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ହିସାବ ମୁତାବକ ସାରା ଦେଶରେ ପ୍ରାୟ ୮୦ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଗହମ ଆଦି ଯୋଗାଯାଉଛି। ଏଥିପାଇଁ ଚଳିତବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ୨,୨୭,୪୨୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ଦେଶର ଜନସଂଖ୍ୟା ପ୍ରାୟ ୧୪୦ କୋଟି ବୋଲି କୁହାଯାଉଥିବା ବେଳେ ୮୦ କୋଟିରୁ ଅଧିକ ଲୋକଙ୍କୁ ଗରିବ ଦର୍ଶାଇ ସେମାନଙ୍କ ଲାଗି ମାଗଣା ଖାଦଶସ୍ୟ ଯୋଗାଯାଉଥିବା ଆମ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ଆର୍ଥିକ ଅଭିବୃଦ୍ଧି ଘଟୁଛି ଏବଂ ଦାରିଦ୍ର୍ୟ ସୀମାରେଖା ଉପରକୁ ଅଧିକରୁ ଅଧିକ ଲୋକ ଉଠୁଛନ୍ତି ବୋଲି କୁହାଯାଉଥିବା ବେଳେ ଏତେସଂଖ୍ୟକ ଲୋକଙ୍କୁ ସରକାରୀ ତାଲିକାରେ ଗରିବ ଦର୍ଶାଯାଉଛି।

ଗତ ଜୁଲାଇରେ କେନ୍ଦ୍ର ସରକାର ଦେଇଥିବା ହିସାବ ମୁତାବକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାର ୩,୨୧,୯୩,୦୫୯ ଜଣ ହିତାଧିକାରୀ ରହିଛନ୍ତି। ତେବେ ଦେଶର ଅନ୍ୟତମ ସମୃଦ୍ଧ ରାଜ୍ୟ ବୋଲି କୁହାଯାଉଥିବା ଗୁଜରାଟରେ ଏମାନଙ୍କ ସଂଖ୍ୟା ୩,୩୮,୪୨,୯୩୫ ବୋଲି ଦର୍ଶାଯାଇଛି। ଉତ୍ତର ପ୍ରଦେଶରେ ପ୍ରାୟ ୧୪ କୋଟି ୬୭ ଲକ୍ଷ ଓ ପଶ୍ଚିମବଙ୍ଗରେ ୬ କୋଟିରୁ ଅଧିକ ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ହିତାଧିକାରୀ ରହିଛନ୍ତି। ରାଜସ୍ଥାନରେ ୪ କୋଟି ୩୮ ଲକ୍ଷ, ମହାରାଷ୍ଟ୍ରରେ ୬ କୋଟି ୭୭ ଲକ୍ଷ, ମଧ୍ୟପ୍ରଦେଶରେ ୫ କୋଟି ୪୧ ଲକ୍ଷ, କର୍ଣ୍ଣାଟକରେ ୪ କୋଟି ଓ ବିହାରରେ ୮ କୋଟି ୨୩ ଲକ୍ଷରୁ ଅଧିକ ଲୋକ ଏହି ଯୋଜନାରେ ମାଗଣା ଖାଦ୍ୟଶସ୍ୟ ପାଉଛନ୍ତି।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ୨୦୨୦ ଏପ୍ରିଲରେ ଆରମ୍ଭ ହୋଇଥିଲା। କରୋନା ଯୋଗୁ ଗରିବ ପରିବାରଗୁଡ଼ିକ ପ୍ରବଳ ଆର୍ଥିକ ଚାପର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କୁ ସହାୟତା କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଅବଶ୍ୟ ଏହା ପୂର୍ବରୁ ୟୁପିଏ ସରକାର ସମୟରେ କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଯୋଜନା ଆରମ୍ଭ ହୋଇଥିଲା। ସେତେବେଳେ କେନ୍ଦ୍ର ସରକାର ବଜାରରେ ଏଫ୍‌ସିଆଇ ମାଧ୍ୟମରେ ଚାଉଳ, ଗହମ ଭଳି ପ୍ରମୁଖ ଖାଦ୍ୟଶସ୍ୟ ସଂଗ୍ରହ କରି ହିତାଧିକାରୀମାନଙ୍କ ମଧ୍ୟରେ ବଣ୍ଟନ ଲାଗି ରାଜ୍ୟଗୁଡ଼ିକୁ କିଲୋ ୩ ଟଙ୍କା ଦରରେ ଯୋଗାଉଥିଲେ। ଅନେକ କ୍ଷେତ୍ରରେ ରାଜ୍ୟ ସରକାରମାନେ ଏହା ଉପରେ ଟଙ୍କାଏ କିମ୍ବା ୨ ଟଙ୍କା ସବ୍‌ସିଡି ଦେଇ ଲୋକଙ୍କୁ ଟଙ୍କିକିଆ କିମ୍ବା ଦୁଇଟଙ୍କିଆ ଚାଉଳ ବାଣ୍ଟୁଥିଲେ। ତେବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଆସିବା ପରେ ଆଉ ଲୋକଙ୍କୁ ଏ ବାବଦରେ ପଇସା ଦେବାକୁ ପଡୁନାହିଁ।

ଏହି ମାଗଣା ଚାଉଳ ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କୁ କିଲୋ ପିଛା ପ୍ରାୟ ୪୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେବେ ବିଭିନ୍ନ ରାଜ୍ୟରୁ ଅଭିଯୋଗ ଆସୁଛି ଯେ ବହୁ କ୍ଷେତ୍ରରେ ଅନେକ ସ୍ୱଚ୍ଛଳ ବ୍ୟକ୍ତି ନିଜକୁ ଗରିବ ଦର୍ଶାଇ ଉକ୍ତ ଯୋଜନାରୁ ଫାଇଦା ଉଠାଉଛନ୍ତି। ଓଡ଼ିଶାରେ ଏହି ମାଗଣା ଚାଉଳ ବଣ୍ଟନରେ ଅନ୍ୟୁନ ୨୮ ପ୍ରତିଶତ ହେର୍‌ଫେର୍ ହେଉଛି ବୋଲି ସର୍ଭେ ରିପୋର୍ଟରେ କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଢେର ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୨୧ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Monday 21 September 2026, Bhubaneswar

# ପଶ୍ଚିମବଙ୍ଗରେ ରାଜନୈତିକ ନାଟକ




୨୦୨୬ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗର ରାଜନୀତି ଏକ ଅଭୂତପୂର୍ବ ନାଟକୀୟ ମୋଡ଼ ନେଇଛି। ତୃଣମୂଳ କଂଗ୍ରେସ (ଟିଏମସି) ଯାହା ଦୀର୍ଘ ଦିନ ଧରି ରାଜ୍ୟର ରାଜନୈତିକ ଆକାଶରେ ଏକଛତ୍ର ପ୍ରଭୁତ୍ୱ ବିସ୍ତାର କରିଥିଲା, ଆଜି ସେହି ଦଳ ଭିତରେ ଗଭୀର ବିଭାଜନ ଦେଖାଦେଇଛି। ଏହି ପରିସ୍ଥିତିରେ ସବୁଠାରୁ ଚମକପ୍ରଦ ଘଟଣା ହେଉଛି ମମତା ବାନାର୍ଜୀଙ୍କ କଂଗ୍ରେସ ପ୍ରତି ସମର୍ଥନ। ଏହା କେବଳ ଏକ ରାଜନୈତିକ କୌଶଳ ନୁହେଁ, ବରଂ ବଙ୍ଗର ରାଜନୀତିର ଗତିପଥକୁ ପରିବର୍ତ୍ତନ କରିବାକୁ ସକ୍ଷମ ଏକ ବଡ଼ ଘଟଣା। ନିର୍ବାଚନ ଫଳାଫଳ ପରେ ଟିଏମସିର ଭିତରେ ଦୁଇଟି ସ୍ପଷ୍ଟ ଧାରା ଦୃଶ୍ୟମାନ ହୋଇଛି। ଗୋଟିଏ ପକ୍ଷ ମମତା ବାନାର୍ଜୀଙ୍କ ନେତୃତ୍ୱକୁ ଅଟଳ ଭାବେ ସମର୍ଥନ କରୁଛି ଏବଂ ଦଳର ପୁରୁଣା ଧାରାକୁ ବଜାୟ ରଖିବାକୁ ଚାହୁଁଛି। ଅନ୍ୟ ପକ୍ଷ ନୂଆ ପିଢ଼ିର ନେତାମାନଙ୍କ ନେତୃତ୍ୱରେ ଦଳର ଗଠନ, ନୀତି ଓ କୌଶଳରେ ପରିବର୍ତ୍ତନ ଦାବି କରୁଛି। ଏହି ବିଭାଜନ କେବଳ ବ୍ୟକ୍ତିଗତ ଅସନ୍ତୋଷର ଫଳ ନୁହେଁ। ଏହା ଦଳର ଦୀର୍ଘକାଳୀନ କ୍ଷମତା ପରିଚାଳନା, ଯୁବଶକ୍ତିର ଅଭାବ ଏବଂ ନିର୍ବାଚନୀ ଫଳାଫଳର ଚାପରୁ ଜନ୍ମ ନେଇଛି। ଯେଉଁ ଦଳ ଏକସମୟରେ ବାମପନ୍ଥୀ ଓ ବିଜେପି ବିରୋଧରେ ଏକତାର ପ୍ରତୀକ ଥିଲା, ଆଜି ସେହି ଦଳ ନିଜ ଭିତରେ ବିଭକ୍ତ। ଏହି ପରିସ୍ଥିତିରେ ମମତା ବାନାର୍ଜୀଙ୍କ କଂଗ୍ରେସ ସମର୍ଥନ ଆହୁରି ଅଧିକ ଚର୍ଚ୍ଚାର ବିଷୟ ହୋଇଛି। ବହୁ ବର୍ଷ ଧରି ଟିଏମସି ଓ କଂଗ୍ରେସ ମଧ୍ୟରେ ତିକ୍ତତା ରହିଥିଲା। କିନ୍ତୁ ବର୍ତ୍ତମାନ ମମତା ବାନାର୍ଜୀ କଂଗ୍ରେସକୁ ସମର୍ଥନ କରି ଏକ ନୂଆ ସମୀକରଣ ସୃଷ୍ଟି କରିଛନ୍ତି। ଏହା କେବଳ ରାଜ୍ୟ ରାଜନୀତିର କୌଶଳ ନୁହେଁ। ଏହା ଜାତୀୟ ସ୍ତରରେ ବିରୋଧୀ ଦଳଗୁଡ଼ିକର ଏକତାର ସମ୍ଭାବନାକୁ ମଧ୍ୟ ସୂଚିତ କରୁଛି। କିଛି ବିଶେଷଜ୍ଞ କହୁଛନ୍ତି ଯେ ମମତା ଏହି ପଦକ୍ଷେପ ମାଧ୍ୟମରେ ନିଜ ଦଳର ଭିତରେ ଥିବା ବିରୋଧୀ ଧାରାକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ଏବଂ ଜାତୀୟ ରାଜନୀତିରେ ନିଜର ଭୂମିକା ବଜାୟ ରଖିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟମାନେ ଏହାକୁ ଏକ ବାସ୍ତବବାଦୀ ପଦକ୍ଷେପ ଭାବେ ଦେଖୁଛନ୍ତି, ଯେଉଁଠାରେ ବିଜେପି ବିରୋଧରେ ଏକ ବିଶାଳ ଜୋଟ ଗଢ଼ିବା ଆବଶ୍ୟକ। ଏହି ନାଟକର ପ୍ରଭାବ କେବଳ ଟିଏମସି ପର୍ଯ୍ୟନ୍ତ ସୀମିତ ନୁହେଁ। ପଶ୍ଚିମବଙ୍ଗର ସାଧାରଣ ନାଗରିକ ଏହି ଘଟଣାକୁ ଆଶ୍ଚର୍ଯ୍ୟ ଓ ଉତ୍କଣ୍ଠାର ସହ ଦେଖୁଛନ୍ତି। ଯେଉଁ ଦଳ ଏକସମୟରେ 'ମା ମାଟି ମାନୁଷ'ର ସ୍ଲୋଗାନ୍ ଦେଇ ଜନସାଧାରଣଙ୍କ ମନ ଜିତିଥିଲା, ଆଜି ସେହି ଦଳର ଭିତରେ ବିଶ୍ୱାସର ସଙ୍କଟ ଦେଖାଦେଇଛି। ଯୁବସମାଜ, ଯେଉଁମାନେ ପରିବର୍ତ୍ତନ ଚାହୁଁଥିଲେ, ସେମାନେ ଏହି ବିଭାଜନକୁ ଦଳର ଦୁର୍ବଳତା ଭାବେ ଦେଖୁଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହି ସୁଯୋଗକୁ ନିଜ ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରୁଛି। ଯଦି ମମତାଙ୍କ ସମର୍ଥନ ବାସ୍ତବ ଏବଂ ସ୍ଥାୟୀ ହୁଏ, ତେବେ ରାଜ୍ୟରେ ଏକ ନୂଆ ରାଜନୈତିକ ସନ୍ତୁଳନ ସୃଷ୍ଟି ହୋଇପାରେ। ତଥାପି ଏହି ପରିସ୍ଥିତିରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି। ମମତା ବାନାର୍ଜୀଙ୍କ ଏହି ପଦକ୍ଷେପ କେତେ ଦୂର ଯିବ? ଟିଏମସିର ବିଭାଜିତ ଧାରାଗୁଡ଼ିକ ପୁନର୍ବାର ଏକତ୍ରିତ ହୋଇପାରିବେ କି? ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା— ଏହି ନାଟକ ବଙ୍ଗର ସାଧାରଣ ମନୁଷ୍ୟଙ୍କ ଜୀବନରେ କିପରି ପ୍ରଭାବ ପକାଇବ? ରାଜନୀତି ଯେତେ ନାଟକୀୟ ହେଉ, ଶେଷରେ ଏହାର ମୂଲ୍ୟାଙ୍କନ ହୁଏ ଜନସାଧାରଣଙ୍କ ସେବା ଓ ବିକାଶ ଉପରେ। ପଶ୍ଚିମବଙ୍ଗ ଆଜି ଏକ ସଙ୍କଟକାଳୀନ ସମୟରୁ ଗତି କରୁଛି। ଟିଏମସିର ଭାଗବଣ୍ଟା ଓ ମମତାଙ୍କ କଂଗ୍ରେସ ସମର୍ଥନ ଏହି ସଙ୍କଟକୁ ଆହୁରି ଜଟିଳ କରିଛି। ରାଜନୈତିକ ଦଳଗୁଡ଼ିକ ଯଦି କେବଳ କ୍ଷମତା ଓ କୌଶଳର ଖେଳରେ ବ୍ୟସ୍ତ ରୁହନ୍ତି, ତେବେ ଜନସାଧାରଣଙ୍କ ବିଶ୍ୱାସ ଆହୁରି କମିଯିବ। ସମୟ ଆସିଛି ଯେଉଁଠାରେ ନେତାମାନେ ନିଜ ସ୍ୱାର୍ଥଠାରୁ ଉପରକୁ ଉଠି ରାଜ୍ୟର ଭବିଷ୍ୟତ ବିଷୟରେ ଭାବିବେ। ନଚେତ୍ ଏହି ଉଚ୍ଚ ରାଜନୈତିକ ନାଟକ କେବଳ ଇତିହାସର ଏକ ଅଧ୍ୟାୟ ହୋଇ ରହିଯିବ, ଯାହା ଲୋକଙ୍କ ପାଇଁ କିଛି ନୂଆ ଆଶା ଆଣିପାରିବ ନାହିଁ।

# ରିକ୍ତା ତ୍ରୟ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ରିକ୍ତାକୁ ବୁଝିଲେ ହେବ, ରିକ୍ତ ମାନଙ୍କ ସମାହାର। ସଂସାରରେ କେବଳ ଶୁଭ, ମନ ସପକ୍ଷ କାମ ସମସ୍ତେ ଖୋଜନ୍ତି, ଯେଉଁଠି ସ୍ୱାର୍ଥ ଜଡ଼ିତ ତାର ମାନ୍ୟତା ରହେ ନଚେତ ନଜର ହଟାଯାଏ। ଏ ରିକ୍ତ ହେଉଛି ଏକ ସମୟ ଏକକ, ସବୁ କାର୍ଯ୍ୟ ବିଫଳ କରି ଏକକ ବୋଲି ରିକ୍ତା ଥଳିଭରା ଅର୍ଥ ବିନିମୟରେ ଅନର୍ଥ ମିଳେ। ପ୍ରେମର ଆକର୍ଷଣ, ବିକର୍ଷଣ ହୋଇଯାଏ। ଦାନ କୁଦାନ ହୁଏ। ଆଦେଶ ଅନୁଜ୍ଞା ହୁଏ। ଏମିତି ଅସ୍ତି ସବୁ ନାସ୍ତି ହୋଇଯାଏ। ଏ ଧାରଣା ଲୋକଙ୍କ ମୁହଁ ମୋଡ଼ ନାସ୍ତିତ୍ୱ ୪ର୍ଥୀ, ୯ମୀ, ୧୪ଶୀଙ୍କୁ ବଡ଼ ବାଧିଲା। ଭାବନା କଲେ ମହାକାଳଙ୍କ ଅଂଶ ହୋଇ ତାଙ୍କର ଅନ୍ୟ ସାଥି ନନ୍ଦା (ପ୍ରତିପଦ ୧ମୀ, ୬ଷ୍ଠୀ, ୧୧ଶୀ) ଭଦ୍ରା (୨ୟା, ୭ମୀ, ୧୨ଶୀ) ଜୟା (୩ୟା, ୮ମୀ, ୧୩ଶୀ) ରିକ୍ତା (୪ର୍ଥୀ, ୯ମୀ, ୧୪ଶୀ) ପୂର୍ଣ୍ଣା (୫ମୀ, ୧୦ମୀ, ପୂର୍ଣ୍ଣିମା / ଅମାବାସ୍ୟା) ଗୋଷ୍ଠୀରେ ସେତ୍ରୟ କେମିତି ଅବହେଳିତ, ତ୍ୟକ୍ତ ଦଳିତ ହେଲେ। ଏହା କଣ ଜନ୍ମର ଅଦୃଷ୍ଟ ନା ନାମର କାରନାମା। ଅଗ୍ନି ଦଗ୍ଧ ହୋଇ ସୁନା ମୂଲ୍ୟବାନ ଲୋକ ଗ୍ରାହ୍ୟ ମାତ୍ର ତୁଳା ନିଃଶେଷ ଏକ ମହାକାଳନିୟମ ଏକାଳ ନିୟମରେ ରିକ୍ତା ଗଣ ଯେ ପଡ଼ିଛନ୍ତି ଏହା ତାଙ୍କର ହୃଦୟ ବୋଧ ହେଉଛି। ମୁକ୍ତି ପଥ ପାଇଁ ବାଟ ତପସ୍ୟା ଦେବ ଉପାସନା, ୪ର୍ଥୀ କରିଛି ଗଣେଶ ସାଧନା, ୯ମୀ କରିଛି ମହାମାୟା ଦୁର୍ଗା ସାଧନା ୧୪ଶୀ କରିଛି ଶିବ ସାଧନା ତିନି ହେଁ ସିଦ୍ଧା ଗଣେଶ ଚତୁର୍ଥୀ ବିଜୟକ ଚତୁର୍ଥୀ ଏତ ମହାସିଦ୍ଧିଦାତାଙ୍କ ଆରାଧନାଙ୍କ ଦିବସ କେମିତି ରିକ୍ତା ରହିଲା? ଅନ୍ୟ ୨ରିକ୍ତା ପକ୍ଷରେ ବି ନାହାନ୍ତି ସାଧନା କଣ ନକରେ?

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଖଣିରୁ ଜ୍ଞାନ ଅର୍ଥନୀତି : ଓଡ଼ିଶାର ନୂଆ ସିଲିକନ୍ ସ୍ୱପ୍ନ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଓଡ଼ିଶାର ବିକାଶ ଯାତ୍ରାରେ କେତେକ ମୁହୂର୍ତ୍ତ କେବଳ ଏକ ଘୋଷଣା ହୋଇ ରହେନାହିଁ, ସେଗୁଡିକ ଭବିଷ୍ୟତର ଦିଗ ନିର୍ଦ୍ଦେଶ ହେବାର ସମ୍ଭାବନା ଧାରଣ କରେ। ସେମିକନ୍ ଇଣ୍ଡିଆ ୨୦୨୬ ମଞ୍ଚରେ ନରାଜଠାରେ ୮୭୦ ଏକର ଜମିରେ ଓଡ଼ିଶା ସିଲିକନ୍ ଭାଲି ଗଢ଼ିବାର ଘୋଷଣା, ପ୍ରାୟ ୨୩, ୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଏବଂ ପ୍ରାୟ ୬, ୧୦୦ ନିଯୁକ୍ତିର ସମ୍ଭାବନା ଓଡ଼ିଶାର ଶିଳ୍ପ ଚିତ୍ରରେ ଏକ ନୂଆ ଅଧ୍ୟାୟର ସଙ୍କେତ ଦେଇଛି। ଏହି ପଦକ୍ଷେପକୁ କେବଳ ଆଉ ଏକ ଶିଳ୍ପ ପ୍ରକଳ୍ପ ଭାବେ ଦେଖିଲେ ଏହାର ବ୍ୟାପକ ଅର୍ଥ ଧରାପଡ଼ିବ ନାହିଁ। ଖଣିଜ, ଧାତୁ ଓ ଭାରୀ ଶିଳ୍ପରେ ଦୀର୍ଘଦିନର ପରିଚୟ ଥିବା ଓଡ଼ିଶା ଏବେ ଜ୍ଞାନ, ପ୍ରଯୁକ୍ତି, ଗବେଷଣା, ନବସୃଜନ ଓ ଉଚ୍ଚଦକ୍ଷତାକୁ ନିଜ ଅର୍ଥନୈତିକ ଆକାଂକ୍ଷାର ଅଧିକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିବାକୁ ଚାହୁଁଛି। ନରାଜର ପ୍ରସ୍ତାବିତ ଅଞ୍ଚଳର ମୂଲ୍ୟ ତେଣୁ ଜମିର ପରିମାଣରେ ନୁହେଁ, ସେଠାରେ କେମିତି ଏକ ସମନ୍ୱିତ ପ୍ରଯୁକ୍ତି ପରିବେଶ ଗଢ଼ିଉଠିବ, ତାହାରେ ରହିଛି। ସେମିକଣ୍ଡକ୍ଟର ଶିଳ୍ପ ଏକାକୀ କୌଣସି କାରଖାନାରେ ସୀମିତ ନୁହେଁ, ଏହା ସହ ଜଡିତ ରହେ ଉପକରଣ, କଞ୍ଚାମାଲ, ଅତିଶୁଦ୍ଧ ପଦାର୍ଥ, ଶକ୍ତି, ଜଳ, ପରୀକ୍ଷଣ, ପ୍ୟାକେଜିଂ, ନକ୍ସା ପ୍ରସ୍ତୁତି, ଗବେଷଣା, ପରିବହନ, ପ୍ରଶିକ୍ଷଣ ଓ ଦକ୍ଷ ମାନବ ସମ୍ବଳ। ତେଣୁ ନରାଜକୁ ଯଦି ଏହି ସମଗ୍ର ଶୃଙ୍ଖଳର ଏକ କେନ୍ଦ୍ର ଭାବେ ବିକଶିତ କରାଯାଏ, ତେବେ ଏହାର ପ୍ରଭାବ କେବଳ ଏକ ଶିଳ୍ପ ଅଞ୍ଚଳରେ ଅଟକି ରହିବ ନାହିଁ। ଭୁବନେଶ୍ୱର ଓ କଟକର ଶିକ୍ଷା, ଗବେଷଣା, ଯାତାୟତ ଓ ସେବା କ୍ଷମତା ସହ ଏହାର ସମ୍ପର୍କ ଗଢ଼ିଲେ ଏକ ବ୍ୟାପକ ପ୍ରଯୁକ୍ତି ପରିବେଶର ଭିତି ସୃଷ୍ଟି ହୋଇପାରେ। ଏହି ଦିଗରେ ରାଜ୍ୟ ସରକାରଙ୍କ ସେମିକଣ୍ଡକ୍ଟର ନୀତିର ବିସ୍ତାର ମଧ ଉଲ୍ଲେଖନୀୟ। ନୀତିରେ ପ୍ରକଳ୍ପ ସହିତ ଦକ୍ଷତା ବିକାଶ, ପ୍ରଶିକ୍ଷଣ, ଗବେଷଣା, ଆନ୍ତର୍ଜାତୀୟ ପେଟେଂଟ ଓ ଯନ୍ତ୍ରପାତି, କଞ୍ଚାମାଲ, ଗ୍ୟାସ ଓ ଯୋଗାଣ ଶୃଙ୍ଖଳ ଭଳି ସହାୟକ କ୍ଷେତ୍ରକୁ ସମର୍ଥନ ଦେବାର ଉଦ୍ୟମ ଦେଖାଯାଉଛି। ଏହାର ଅର୍ଥ ହେଉଛି ଓଡ଼ିଶା କେବଳ କାରଖାନା ଆଣିବାକୁ ନୁହେଁ, ଏକ ପୂର୍ଣ୍ଣ ପରିବେଶ ଗଢ଼ିବାକୁ ଚେଷ୍ଟା କରୁଛି। ସେମିକନ୍ ଇଣ୍ଡିଆରେ ଓଡ଼ିଶା ପକ୍ଷରୁ ଦେଖାଯାଇଥିବା 'ବାଲିରୁ ସିଲିକନ୍' ଧାରଣା ଏହି ପରିବର୍ତ୍ତନକୁ ଏକ ସୁନ୍ଦର ଅର୍ଥ ଦେଇଛି। ଯେଉଁ ରାଜ୍ୟର ଶିଳ୍ପ ପରିଚୟ ଖଣିଜ ସମ୍ପଦ ସହ ଦୃଢ଼ ଭାବରେ ଜଡିତ, ସେହି ରାଜ୍ୟ ଏବେ ସେହି ଅତୀତକୁ ଅସ୍ୱୀକାର ନକରି ନୂଆ ପ୍ରଯୁକ୍ତି ଯୁଗ ସହ ଯୋଡ଼ିବାର ଚେଷ୍ଟା କରୁଛି। ଏହା ଖଣି ଅର୍ଥନୀତିକୁ ଜ୍ଞାନ ଅର୍ଥନୀତି ଦିଗକୁ ଏକ ଧାରଣାତ୍ମକ ପରିବର୍ତ୍ତନର ସୂଚନା। କିନ୍ତୁ ସ୍ୱପ୍ନର ସଫଳତା ଘୋଷଣାରେ ନୁହେଁ, କାର୍ଯ୍ୟାନ୍ୱୟନରେ ପ୍ରମାଣିତ ହେବ। ନିବେଶ ପ୍ରସ୍ତାବ ଓ ବାସ୍ତବ ନିବେଶ ମଧ୍ୟରେ ଦୀର୍ଘ ପଥ ରହେ। ଜମି, ଅନୁମତି, ଅର୍ଥବ୍ୟବସ୍ଥା, ନିର୍ମାଣ, ପ୍ରଯୁକ୍ତି ସ୍ଥାପନ, ପରୀକ୍ଷା ଓ ବ୍ୟବସାୟିକ ଉତ୍ପାଦନ ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ସମୟ, ନିଶ୍ଚିତତା ଓ ସମନ୍ୱୟ ଦରକାର। ତେଣୁ ୨୩, ୬୦୦ କୋଟି ଟଙ୍କାର ପ୍ରସ୍ତାବ ନିଶ୍ଚୟ ଉତ୍ସାହଜନକ ସଙ୍କେତ, କିନ୍ତୁ ତାହାକୁ ପ୍ରକଳ୍ପ, ଉତ୍ପାଦନ ଓ ନିଯୁକ୍ତିରେ ପରିଣତ କରିବା ହିଁ ଅସଲ ମାପକାଠି। ଏହି ସତର୍କତା ଆଶାକୁ କମାଏ ନାହିଁ, ବରଂ ଆଶାକୁ ବାସ୍ତବତା ସହ ଯୋଡେ। ଓଡ଼ିଶାର ଯୁବପିଢ଼ି ଏହି ପରିବର୍ତ୍ତନର ସବୁଠାରୁ ବଡ ସାମାଜିକ ଲାଭାର୍ଥୀ ହୋଇପାରେ। ରାଜ୍ୟର ଯାନ୍ତ୍ରିକ, ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉଚ୍ଚଦକ୍ଷତା ଆଧାରିତ ଚାକିରି, ଗବେଷଣା ଓ ଉଦ୍ୟମୀତାର ଦ୍ୱାର ଖୋଲିପାରେ। ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ଯଦି ଶିଳ୍ପର ଆବଶ୍ୟକତା ସହ ଯୋଡିହୁଏ, ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ପ୍ରଶିକ୍ଷଣ ମିଳେ ଏବଂ ଗବେଷଣାକୁ ବ୍ୟବସାୟିକ ପ୍ରୟୋଗ ସହ ଯୋଡାଯାଏ, ତେବେ ଓଡ଼ିଶାରୁ ପ୍ରତିଭା ବାହାରିଯିବାର ପ୍ରବଣତା କିଛି ମାତ୍ରାରେ ରୋକାଯାଇପାରେ। ତାହାଠାରୁ ମଧ ବଡ କଥା ହେଉଛି, ଏକ ନୂଆ ଉଦ୍ୟମୀ ପରିବେଶ ଜନ୍ମ ନେଇପାରେ। ଚିପ୍ ନକ୍ସା, ଯନ୍ତ୍ରପାତି, ପରୀକ୍ଷଣ, ସଫ୍ଟୱେର, ଶିଳ୍ପ ସେବା ଓ ପ୍ରଯୁକ୍ତି ପରାମର୍ଶ ଭଳି କ୍ଷେତ୍ରରେ ଛୋଟ ମଧ୍ୟମ ଉଦ୍ୟମର ସୁଯୋଗ ବଢ଼ିପାରେ। ଏହି ଶିଳ୍ପର ଆଉ ଏକ ଦିଗ ହେଉଛି ରପ୍ତାନୀ। ଖୋର୍ଦ୍ଧାର ଇନ୍ଫୋଭ୍ୟାଲି ଦ୍ୱିତୀୟ ପର୍ଯ୍ୟାୟରେ ସିଲିକନ୍ କାର୍ବାଇଡ ଉପକରଣ ନିର୍ମାଣ ପାଇଁ ୩, ୪୦୬ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ଏବଂ ୧, ୨୭୦ ନିଯୁକ୍ତି ସହ ରପ୍ତାନୀ ଆୟର ସମ୍ଭାବନା ଉଲ୍ଲେଖ ହୋଇଥିବା ଓଡ଼ିଶାର ଏହି ଯାତ୍ରାକୁ ଆହୁରି ଅର୍ଥପୂର୍ଣ୍ଣ କରେ। ଏହା ଦର୍ଶାଏ ଯେ ପ୍ରଯୁକ୍ତି ଶିଳ୍ପରେ ରାଜ୍ୟର ପ୍ରବେଶ କେବଳ ଭବିଷ୍ୟତର କଳ୍ପନା ନୁହେଁ, କିଛି ପ୍ରକଳ୍ପ ଅନୁମୋଦନ ଓ ନିର୍ମାଣ ଦିଗରେ ଆଗକୁ ବଢ଼ୁଛି। ତଥାପି ଏଠାରେ ଗୁଣମାନ ଓ ପରିବେଶର ପ୍ରଶ୍ନକୁ ଅବହେଳା କରାଯିବା ଉଚିତ ନୁହେଁ। ସେମିକଣ୍ଡକ୍ଟର ଶିଳ୍ପକୁ ନିରବିଚ୍ଛିନ୍ନ ବିଦ୍ୟୁତ, ଉଚ୍ଚମାନର ଜଳ, ସୁରକ୍ଷିତ ପଦାର୍ଥ ପରିଚାଳନା, ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳ ଓ ଦୃଢ଼ ଗୁଣନିୟନ୍ତ୍ରଣ ଆବଶ୍ୟକ। ବିକାଶର ଗତି ସହ ପରିବେଶୀୟ ଦାୟିତ୍ୱ ଓ ସ୍ଥାନୀୟ ଲୋକଙ୍କ ହିତକୁ ସମାନ ଗୁରୁତ୍ୱ ଦେବାକୁ ହେବ। ଏହି ସମତୁଳନ ରହିଲେ ମାତ୍ର ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଦୀର୍ଘସ୍ଥାୟୀ ହୋଇପାରିବ। ରାଜ୍ୟ ସରକାରଙ୍କ ସାମ୍ନାରେ ଏବେ ତିନିଟି ବଡ ଦାୟିତ୍ୱ ସ୍ପଷ୍ଟ। ପ୍ରଥମ, ନିବେଶକଙ୍କ ପାଇଁ ଦ୍ରୁତ ଓ ପୂର୍ବାନୁମାନ ଯୋଗ୍ୟ ପ୍ରଶାସନିକ ବ୍ୟବସ୍ଥା। ଦ୍ୱିତୀୟ, ଶିକ୍ଷା ଓ ଦକ୍ଷତା ବିକାଶକୁ ଶିଳ୍ପର ଚାହିଦା ସହ ମେଳ କରିବା। ତୃତୀୟ, ପ୍ରକଳ୍ପର ଘୋଷଣାରୁ ଉତ୍ପାଦନ ପର୍ଯ୍ୟନ୍ତ ସ୍ପଷ୍ଟ ନିରୀକ୍ଷଣ ଓ ସାର୍ବଜନୀନ ଦାୟିତ୍ୱ ସୁନିଶ୍ଚିତ କରିବା। ଏହି ତିନି ଦିଗ ଦୃଢ଼ ହେଲେ ନରାଜ କେବଳ ଏକ ଶିଳ୍ପ ଅଞ୍ଚଳ ନୁହେଁ, ପୂର୍ବ ଭାରତର ଉଚ୍ଚ ପ୍ରଯୁକ୍ତି ମାନଚିତ୍ରରେ ଏକ ଉଲ୍ଲେଖନୀୟ କେନ୍ଦ୍ର ହୋଇଉଠିପାରେ। ସେମିକନ୍ ଇଣ୍ଡିଆ ୨୦୨୬ରେ ଓଡ଼ିଶାର ପ୍ରଦର୍ଶନର ମୂଳ ଶକ୍ତି ହେଉଛି ଏହି ସମଗ୍ର ଚିନ୍ତାଧାରା। ନିର୍ମାଣ ସହ ଗବେଷଣା, ନକ୍ସା ପ୍ରସ୍ତୁତି ସହ ପ୍ରଶିକ୍ଷଣ, ନିବେଶ ସହ ନିଯୁକ୍ତି ଏବଂ ପ୍ରଯୁକ୍ତି ସହ ଉଦ୍ୟମୀତାକୁ ଏକାଠି ଦେଖିବାର ଆବଶ୍ୟକତା ଏବେ ସ୍ପଷ୍ଟ। ଭାରତର ଜାତୀୟ ସେମିକଣ୍ଡକ୍ଟର ପ୍ରୟାସ ମଧ ଏହି ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ଶକ୍ତିଶାଳୀ କରିବା ଦିଗରେ ଆଗୁଆ ବଢ଼ୁଛି। ଏହି ଜାତୀୟ ପରିପ୍ରେକ୍ଷୀରେ ଓଡ଼ିଶାର ପଦକ୍ଷେପକୁ ଦେଖିଲେ ରାଜ୍ୟର ସୁଯୋଗ ଆହୁରି ବଡ ହୋଇଉଠେ। ନରାଜର ୮୭୦ ଏକର ଆଜି ଏକ ଯୋଜନା, ଆସନ୍ତାକାଲି ଏହା ଗବେଷଣାଗାର, କାରଖାନ, ପ୍ରଶିକ୍ଷଣ କେନ୍ଦ୍ର, ନୂଆ ଉଦ୍ୟମ ଓ ଉଚ୍ଚଦକ୍ଷତାର ନିଯୁକ୍ତିର ସଂଯୁକ୍ତ ପରିସର ହୋଇାପରେ। ସେହି ସମ୍ଭାବନାକୁ ବାସ୍ତବ କରିବାରେ ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ବୈଜ୍ଞାନିକ ଓ ଯୁବସମାଜ-ସମସ୍ତଙ୍କର ଭୂମିକା ରହିବ। ଓଡ଼ିଶାର ପରିଚୟ ଖଣିଜ ସମ୍ପଦରେ ଗଢ଼ିଉଠିଛି, ଏବେ ତାହାର ଭବିଷ୍ୟତ ମାନବ ସମ୍ପଦର ଜ୍ଞାନରେ ଅଧିକ ଦୀପ୍ତ ହେବାର ସୁଯୋଗ ଆସିଛି। ଖଣିରୁ ଜ୍ଞାନ, ଧାତୁରୁ ପ୍ରଯୁକ୍ତି, ସମ୍ପଦରୁ ନବସୃଜନ ଏବଂ ନିବେଶରୁ ନିଯୁକ୍ତି - ଏହି ଯାତ୍ରା ଯଦି ନୀତିର ସ୍ଥିରତା, ପ୍ରଶାସନିକ ଦ୍ରୁତତା, ଶିଳ୍ପୀୟ ଶୃଙ୍ଖଳା ଓ ଯୁବ ପ୍ରତିଭାର ସମନ୍ୱୟରେ ଆଗକୁ ବଢ଼େ, ତେବେ ଓଡ଼ିଶାର ନୂଆ ସିଲିକନ୍ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିବ ନାହିଁ। ଏହା ଏକ ନୂଆ ଅର୍ଥନୈତିକ ପରିଚୟର ଭିତି ହୋଇପାରିବ। ଏହି ନୂଆ ଅଧ୍ୟାୟରେ ରାଜ୍ୟର ପୁରୁଣା ଶକ୍ତିଗୁଡିକୁ ମଧ ନୂଆ ଭାବରେ ବ୍ୟବହାର କରିବାର ସୁଯୋଗ ରହିଛି। ଶକ୍ତି ଉତ୍ପାଦନ, ଶିଳ୍ପ ଭିତି, ବନ୍ଦର, ରେଳପଥ, ସଡକ, ଜଳସମ୍ପଦ ଓ ଉଚ୍ଚଶିକ୍ଷା ପରିସର ଭଳି ଭୌତିକ ଭିତିଭୂମି ଯଦି ପ୍ରଯୁକ୍ତି ଶିଳ୍ପର ଆବଶ୍ୟକତା ସହ ସୁନିୟୋଜିତ ଭାବେ ଯୋଡାଯାଏ, ତେବେ ନୂଆ ଶିଳ୍ପ ପରିବେଶର ଗତି ବଢ଼ିପାରେ। ଏହା ସହିତ ଗ୍ରାମାଚଂଳର ଯୁବକଯୁବତୀଙ୍କୁ ମଧ ଦକ୍ଷତା ପ୍ରଶିକ୍ଷଣରେ ମୁଖ୍ୟ ଧାରାରେ ଆଣିବା ଆବଶ୍ୟକ। କେବଳ ବଡ ସହରର ଛାତ୍ରଛାତ୍ରୀ ନୁହେଁ, ଜିଲ୍ଲା ଓ ଉପଜିଲ୍ଲା ସ୍ତରର ପ୍ରତିଭାମାନେ ମଧ ଏହି ନୂଆ ଅର୍ଥନୀତିର ଅଂଶ ହେବା ଦରକାର। ମହିଳାଙ୍କ ଅଂଶଗ୍ରହଣ ମଧ ଏଠାରେ ଅତ୍ୟନ୍ତ ଜରୁରୀ। ପ୍ରଯୁକ୍ତି, ଗବେଷଣା, ନକ୍ସା, ପରିଚାଳନା ଓ ଉଦ୍ୟମିତାରେ ଅଧିକ ମହିଳାଙ୍କୁ ସୁଯୋଗ ମିଳିଲେ ଏହି ଅର୍ଥନୈତିକ ପରିବର୍ତ୍ତନର ସାମାଜିକ ଭିତି ଆହୁରି ବ୍ୟାପକ ହେବ। ସେହିପରି ଉଚ୍ଚ ପ୍ରଯୁକ୍ତି ଶିଳ୍ପର ବିକାଶକୁ କେବଳ ଚାକିରିର ସଂଖ୍ୟାରେ ମାପିବା ଠିକ୍ ହେବ ନାହିଁ। କେତେ ଉଚ୍ଚମାନର ଦକ୍ଷତା ସୃଷ୍ଟି ହେଲା, କେତେ ନୂଆ ଉଦ୍ୟମ ଜନ୍ମ ନେଲା, କେତେ ଗବେଷଣା ଫଳ ଶିଳ୍ପରେ ପରିଣତ ହେଲା, କେତେ ସ୍ଥାନୀୟ ସଂସ୍ଥା ଯୋଗାଣ ଶୃଙ୍ଖଳରେ ସ୍ଥାନ ପାଇଲା ଏବଂ କେତେ ରପ୍ତାନୀ ବଢ଼ିଲା-ଏହି ସବୁ ମାପକାଠି ମଧ ଗୁରୁତ୍ୱ ପାଇବା ଦରକାର। ଏହି ମାପକାଠି ଉପରେ ନିୟମିତ ଭାବେ ସାର୍ବଜନୀନ ତଥ୍ୟ ଦେବା ରାଜ୍ୟରେ ନୀତି ପ୍ରତି ଆସ୍ଥାକୁ ଆହୁରି ବଢ଼ାଇବ। ନିବେଶକଙ୍କ ଆସ୍ଥା ଯେତିକି ଦରକାର, ନାଗରିକଙ୍କ ଆସ୍ଥା ମଧ ସେତିକି ଦରକାର। ତେଣୁ ପ୍ରକଳ୍ପର ଅଗ୍ରଗତି, ନିଯୁକ୍ତି, ଜମି ବ୍ୟବହାର, ପରିବେଶୀୟ ଅନୁମତି ଓ ସାମାଜିକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟତା ରଖିବା ଦୀର୍ଘମିଆଦି ସଫଳତାର ଏକ ଅଂଶ ହେବ। ନରାଜର ଏହି ପଦକ୍ଷେପ ସଫଳ ହେଲେ ତାହାର ପ୍ରଭାବ ଓଡ଼ିଶାର ଅନ୍ୟ ଅଞ୍ଚଳକୁ ମଧ ପହଞ୍ଚିପାରେ। ଭୁବନେଶ୍ୱର ଓ କଟକ ଜ୍ଞାନ କେନ୍ଦ୍ର ଭାବେ, ଖୋର୍ଦ୍ଧା ଉତ୍ପାଦନ କେନ୍ଦ୍ର ଭାବେ, ରାଉରକେଲା ଓ ବ୍ରହ୍ମପୁର ଭଳି ସହର ଗବେଷଣା ଓ ପ୍ରତିଭା କେନ୍ଦ୍ର ଭାବେ ଏବଂ ବନ୍ଦର ଅଞ୍ଚଳ ରପ୍ତାନୀ ଓ ଯୋଗାଣ କେନ୍ଦ୍ର ଭାବେ ଯୋଡିହୋଇ ଏକ ବହୁକେନ୍ଦ୍ରିକ ପ୍ରଯୁକ୍ତି ଅର୍ଥନୀତି ଗଢ଼ିଉଠିପାରେ। ଏହା ଓଡ଼ିଶାର ଶିଳ୍ପ ଇତିହାସରେ ଏକ ନୂଆ ସମତୁଳନ ଆଣିପାରିବ। ଭାରୀ ଶିଳ୍ପ ଓ ଖଣିଜ ଆଧାରିତ ଅର୍ଥନୀତି ଯେଉଁ ଭିତି ତିଆରି କରିଛି, ଜ୍ଞାନଭିତିକ ଶିଳ୍ପ ଭିତି ଉପରେ ଉଚ୍ଚମୂଲ୍ୟର ନୂଆ ମହଲ ଗଢ଼ିପାରେ। ଏହି କାରଣରୁ ନୂଆ ସିଲିକନ୍ ସ୍ୱପ୍ନକୁ ପୁରୁଣା ଓ ନୂଆ ଓଡ଼ିଶାର ମଧ୍ୟରେ ପ୍ରତିସ୍ୱର୍ଦ୍ଧା ଭାବେ ନୁହେଁ, ଦୁଇ ପିଢ଼ିର ଶିଳ୍ପ ଶକ୍ତିର ସମନ୍ୱୟ ଭାବେ ଦେଖିବା ଅଧିକ ଯୁକ୍ତିସଙ୍ଗତ। ଆଜିର ଖଣିଜ ସମ୍ପଦ ଯଦି ଆସନ୍ତାକାଲିର ଗବେଷଣା, ଯନ୍ତ୍ରପାତି, ଚିପ୍ ନକ୍ସା ଓ ଉଚ୍ଚମୂଲ୍ୟ ଉତ୍ପାଦନରେ ପରିଣତ ହୁଏ। ତେବେ ସେହି ପରିବର୍ତ୍ତନ ଓଡ଼ିଶାକୁ ଅର୍ଥନୈତିକ ଭାବେ ଅଧିକ ବିବିଧ, ପ୍ରଯୁକ୍ତିଗତ ଭାବେ ଅଧିକ ସକ୍ଷମ ଏବଂ ମାନବ ସମ୍ପଦ ଦୃଷ୍ଟିରୁ ଅଧିକ ଆତ୍ମବିଶ୍ୱାସୀ କରିପାରିବ। ଏହି ଯାତ୍ରାରେ ସମୟ ମଧ ଏକ ନିର୍ଣ୍ଣାୟକ ଉପାଦାନ। ବିଶ୍ୱରେ ପ୍ରଯୁକ୍ତି ଉ ଓତ୍ପାଦନ କ୍ଷେତ୍ର ଦ୍ରୁତ ବଦଳୁଛି। କୃତ୍ରିମ ବୁଦ୍ଧିମତା, ବିଦ୍ୟୁତ ଯାନ, ଦୂରସଞ୍ଚାର, ରକ୍ଷା ପ୍ରଯୁକ୍ତି, ଶକ୍ତି ପରିବର୍ତ୍ତନ ଓ ଅନ୍ୟାନ୍ୟ ଆଧୁନିକ କ୍ଷେତ୍ରର ବିକାଶ ସହ ସେମିକଣ୍ଡକ୍ଟର ଚାହିଦା ଜଡିତ। ତେଣୁ ଓଡ଼ିଶା ଯଦି ଏବେ ନୀତି, ଭିତିଭୂମି ଓ ପ୍ରତିଭା ବିକାଶରେ ସମନ୍ୱିତ ଗତି ରଖିପାରେ, ତେବେ ଆଗାମୀ ଶିଳ୍ପ ପରିବର୍ତ୍ତନର ନିଜ ପାଇଁ ସ୍ଥାନ ସୃଷ୍ଟି କରିବାର ଅବକାଶ ରହିଛି। କିନ୍ତୁ ଏହି ସୁଯୋଗକୁ ଧରିବା ପାଇଁ କେବଳ ନିବେଶ ପ୍ରସ୍ତାବ ଯଥେଷ୍ଟ ନୁହେଁ। ଦ୍ରୁତ ନିଷ୍ପତି, ସୁଦକ୍ଷ ପ୍ରଶାସନ, ନିର୍ଭରଯୋଗ୍ୟ ଭିତିଭୂମି, ଗୁଣମାନସମ୍ପନ୍ନ ଶିକ୍ଷା ଓ ନିରନ୍ତର ଗବେଷଣା ହିଁ ଏହି ସ୍ୱପ୍ନର ମୂଳ ଆଧାର। ସରକାର ଦିଗ ଦେଇପାରେ, ନୀତି ତିଆରି କରିପାରେ ଓ ପରିବେଶ ସୃଷ୍ଟି କରିପାରେ, ଶିଳ୍ପ ନିବେଶ ଓ ପ୍ରଯୁକ୍ତି ଆଣିପାରେ, ଶିକ୍ଷାନୁଷ୍ଠାନ ପ୍ରତିଭା ଓ ଗବେଷଣା ଦେଇପାରେ, ଯୁବସମାଜ ଏହି ସମସ୍ତ ଶକ୍ତିକୁ ନୂଆ ଉଦ୍ୟମରେ ପରିଣତ କରିପାରେ। ଏହି ଚାରି ଶକ୍ତିର ସମନ୍ୱୟ ହିଁ ନରାଜର ସ୍ୱପ୍ନକୁ ସ୍ଥାୟୀ ସଫଳତାରେ ପରିଣତ କରିପାରିବ। ତେଣୁ ଆଜିର ଘୋଷଣାକୁ ଆନନ୍ଦର ସହ ସ୍ୱାଗତ କରିବା ସହିତ ଆସନ୍ତା ଦିନର କାର୍ଯ୍ୟଦକ୍ଷତା ଉପରେ ମଧ ଦୃଢ଼ ଦୃଷ୍ଟି ରଖିବା ଦରକାର। କାରଣ ଏକ ସ୍ୱପ୍ନର ମହତ୍ୱ ତାହାର ଆକାରରେ ନୁହେଁ, ତାହା କେତେ ଲୋକଙ୍କ ଜୀବନରେ ସୁଯୋଗ ସୃଷ୍ଟି କରେ, ସେଥିରେ ରହେ। ନରାଜର ଆଠଶହ ସତୁରି ଏକ ଯଦି ହଜାର ହଜାର ଯୁବ ପ୍ରତିଭାକୁ ନୂଆ ପଥ ଦେଖାଏ, ଗବେଷକଙ୍କୁ ନୂଆ ପରୀକ୍ଷାଗାର ଦିଏ, ଉଦ୍ୟମୀଙ୍କୁ ନୂଆ ବଜାର ଦିଏ ଏବଂ ଓଡ଼ିଶାକୁ ଉଚ୍ଚମୂଲ୍ୟ ଉତ୍ପାଦନର ନୂଆ ମାନଚିତ୍ରରେ ସ୍ଥାନ ଦିଏ, ତେବେ ଏହି ପଦକ୍ଷେପର ଐତିହାସିକ ମୂଲ୍ୟ ସ୍ପଷ୍ଟ ହେବ। ଖଣିରୁ ଆସିଥିବା ସମୃଦ୍ଧି ଯଦି ଜ୍ଞାନରେ ପରିଣତ ହୁଏ, ଜ୍ଞାନ ଯଦି ନବସୃଜନରେ ପରିଣତ ହୁଏ ଏବଂ ନବସୃଜନ ଯଦି ନିଯୁକ୍ତି ଓ ଲୋକକଲ୍ୟାଣରେ ପରିଣତ ହୁଏ, ତେବେ ଓଡ଼ିଶାର ବିକାଶ ଯାତ୍ରା ଏକ ନୂଆ ଉଚ୍ଚତାକୁ ପହଞ୍ଚିବ। ଏହାହେଉଛି ନୂଆ ସିଲିକନ୍ ସ୍ୱପ୍ନର ସାର୍ଥକ ଅର୍ଥ। ଏହି ଦୃଷ୍ଟିରୁ ନରାଜ କେବଳ ଏକ ସ୍ଥାନର ନାମ ନୁହେଁ, ଏହା ଏକ ଆକାଂକ୍ଷାର ପ୍ରତୀକ। ଏଠାରେ ଆଜି ଯେଉଁ ଯୋଜନାର ଚିତ୍ର ଅଙ୍କିତ ହେଉଛି, ତାହାର ଅସଲ ପରୀକ୍ଷା ଆସନ୍ତା ବର୍ଷଗୁଡିକରେ ହେବ। ଘୋଷଣାର ଆଲୋକ ଯେତେବେଳେ କାର୍ଯ୍ୟାନ୍ୱୟନର ଆଲୋକରେ ପରିଣତ ହେବ, ସେତେବେଳେ ଓଡ଼ିଶାର ନୂଆ ପରିଚୟ ଆହୁରି ସ୍ପଷ୍ଟ ହେବ। ସେହି ଦିନ ପାଇଁ ଆଜିଠାରୁ ପ୍ରସ୍ତୁତି ହିଁ ସର୍ବୋତମ ଦାୟିତ୍ୱ। ଏହି ପଥରେ ସଫଳତା ମିଳିଲେ ଓଡ଼ିଶାର ଯୁବ ମନରେ ଏକ ନୂଆ ବିଶ୍ୱାସ ଜନ୍ମ ନେବ - ସୁଯୋଗ ପାଇଁ ଦୂରକୁ ଯିବା ହିଁ ଏକମାତ୍ର ପଥ ନୁହେଁ, ନିଜ ମାଟିରେ ମଧ ବିଶ୍ୱମାନର ସ୍ୱପ୍ନ ଗଢାଯାଇପାରେ। ଏହି ବିଶ୍ୱାସ ହିଁ ଜ୍ଞାନ ଅର୍ଥନୀତିର ସବୁଠାରୁ ବଡ ପୁଞ୍ଜି। ଓଡ଼ିଶା ଏବେ ସେହି ପୁଞ୍ଜି ଗଢିବାର ଦ୍ୱାରରେ ଠିଆ ହୋଇଛି। ଏହା ଆଗାମୀ ଓଡ଼ିଶାର ନୂଆ ପରିଚୟ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ସଂସ୍କୃତି ଓ ପରମ୍ପରାରେ ଜନଜାତି

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ





ଆଦିବାସୀମାନେ ପ୍ରକୃତିର ଉପାସକ। ସେମାନେ ବୃକ୍ଷ, ନଈ, ଝରଣା, ପାହାଡ଼, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଆଦି ପ୍ରାକୃତିକ ଏବଂ ସ୍ୱର୍ଗୀୟ ବସ୍ତୁର ଉପାସନା କରିଥାନ୍ତି। ଶାଳ ଓ ମହୁଲ ହେଉଛି ଆଦିବାସୀଙ୍କ ସବୁଠୁ ପ୍ରିୟ ଓ ପୂଜ୍ୟ ବୃକ୍ଷ। ଆଦିବାସୀମାନେ ବିଭିନ୍ନ ପର୍ବପର୍ବାଣୀରେ ଶାଳ, ମହୁଲ ଗଛକୁ ପୂଜା କରିଥାନ୍ତି। ସେମାନେ ସୂର୍ଯ୍ୟ ଦେବତା, ଧରଣୀପେନୁ, ଚନ୍ଦ୍ର ଦେବତା, ପାହାଡ଼ ଦେବତା (ସରୁ ପେନୁ), ନଈ, ଝରଣାକୁ ପୂଜା କରିଥାନ୍ତି। ଗୋଷ୍ଠୀ ଜୀବନ ସେମାନଙ୍କର ବଞ୍ଚିବାର ମୂଳମନ୍ତ୍ର। ସେମାନେ ଯାହା କିଛି କରନ୍ତି ଏକାଠି ନିଷ୍ପତି ନେଇ କରନ୍ତି। ଆଦିବାସୀମାନେ ଏକାଠି ଗୀତ ଗାଇ, ନାଚି, ଖେଳି ଜୀବନକୁ ଉପଭୋଗ କରନ୍ତି। ସେମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। କନ୍ଧମାଳ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଅଞ୍ଚଳର କନ୍ଧ ଜନଜାତିର ଲୋକେ ଚୈତ୍ର ଓ ବୈଶାଖ ମାସରେ ପାହାଡ଼ ପୂଜା, ମେରିଆ ପୋଡ଼ ଯାତ୍ରା ଓ ବର୍ଷାଦିନେ ଟାକୁପର୍ବ, ବିହନ ପରବ ଯାହାକୁ ବୁର୍ଲାଙ୍ଗ ଯାତ୍ରା କୁହାଯାଏ। ଶୀତ ଦିନେ ପୁଣିକାଲୁ, ଆଦିବାସୀଙ୍କ ଭାଷାରେ ଅଣକା ଯାତ୍ରା, ପାଳନ କରନ୍ତି। ସେହିଭଳି କେନ୍ଦୁଝରର ଜୁଆଙ୍ଗ ଜନଜାତିମାନେ ବାଙ୍କୁର ପର୍ବ, ଆଷାଢ଼ୀ ପର୍ବ, ଅଖାଣି ପର୍ବ ଅର୍ଥ ଶିକାର ପର୍ବ, କୁସୁମ ନୂଆଖିଆ, ଆମ୍ବ ନୂଆଖିଆ, ମାଘପୋଡ଼ି ପର୍ବ ପାଳନ କରନ୍ତି। ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦିବାସୀମାନେ ନୂଆଖାଇ ପର୍ବ, କରମା ପର୍ବ, ବାହାବଙ୍ଗା ଅର୍ଥ ଶାଳଫୁଲ ପର୍ବ, ସହରାଇ ପର୍ବ, ମାଘେ ପରମ, ଗୋରୁଗାଈ ପୂଜା, ଉଡା ପର୍ବ ଆଦି ପାଳନ କରନ୍ତି। କୋରାପୁଟର ପରଜା ଆଦିବାସୀମାନେ ନୂଆଖିଆ ପର୍ବ, ପୁଷପୁନି ପର୍ବ, ଦିଆଲି ପର୍ବ, ଚଇତି ପରବ, କାନ୍ଦୁଲଭଜା ପରବ, ବାଲିଯାତରା, ବିଜପୁଟୁନି ପରବ, ଭୀମା ପୂଜା ଆଦି ଅନେକ ପର୍ବପର୍ବାଣୀ ପାଳନ କରନ୍ତି।

ଜାନଜାତିଙ୍କ ପର୍ବ ପର୍ବାଣିକୁ ମୁଖ୍ୟତଃ ଛଅ ବିଭାଗରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଲେ - କୃଷିଭିତ୍ତିକ ପର୍ବ, ପାରମ୍ପରିକ ପର୍ବ, ସାମାଜିକ ପର୍ବ, ଶିକାରଭିତ୍ତିକ ପର୍ବ, ରୋଗ ଓ ବ୍ୟାଧି ନିରାକରଣ ପର୍ବ, ଗ୍ରାମ ସଂସ୍କାରମୂଳକ ପର୍ବ। ଆଦିବାସୀମାନେ ପାଳନ କରୁଥିବା ଅଧିକାଂଶ ପର୍ବ କୃଷିଭିତ୍ତିକ ପର୍ବ। ଚୈତ୍ର ଓ ବୈଶାଖ ମାସ ବେଳକୁ ଆଦିବାସୀଙ୍କ ହାତରେ କିଛି କାମ ନଥାଏ। ଚାଷକାର୍ଯ୍ୟ ଶେଷ ହୋଇ ଅମଳ ବି ସରିଯାଇଥାଏ। ସେହି ସମୟରେ ଆଦିବାସୀମାନେ ଶିକାର ପର୍ବ ଅର୍ଥ ବେଣ୍ଟଯାତ୍ରା ପାଳନ କରନ୍ତି। ଦଳ ଦଳ ହୋଇ ଆଦିବାସୀଯୁବକମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି ଏବଂ ଜୀବଜନ୍ତୁ ଶିକାର କରି ଆଣନ୍ତି। ମାତ୍ର ଏବେ ବନ୍ୟପ୍ରାଣୀ ନିୟମ କଡ଼ାକଡ଼ି ହୋଇଯାଇଥିବାରୁ ଏବେ ଶିକାର ପର୍ବ ଆଉ ବ୍ୟାପକ ଭାବେ ନ ହୋଇ ପ୍ରତୀକାତ୍ମକ ଭାବେ ପାଳନ କରାଯାଉଛି। ଆଦିବାସୀଙ୍କ ସାମାଜିକ ଉତ୍ସବ ମଧ୍ୟରେ ବିବାହ, ଜନ୍ମ ଓ ମୃତ୍ୟୁ ସମ୍ପର୍କିତ କର୍ମକର୍ମାଣୀ ପ୍ରମୁଖ। ଆଦିବାସୀ ସମାଜରେ ବିଭିନ୍ନ ପ୍ରକାର ବିବାହ ଦେଖିବାକୁ ମିଳିଥାଏ। କେନ୍ଦୁଝରର ଜୁଆଙ୍ଗ ଓ ପାଉଡିଭୂୟାଁ ସମାଜରେ କମାଣ୍ଡରିଆ କନିଆ ବିଭା ଯାହାକୁ ସ୍ଥିରୀକୃତ ବିବାହ କୁହାଯାଏ।
ଟାଙ୍ଗେଇ ଓଟି ବିଭା ଯାହାକୁ ଆଦିବାସୀଙ୍କ ଭାଷାରେ ସ୍ଥିରୀକୃତ ବିବାହ କୁହାଯାଏ, ସେହିପରି ଡିଗର କନିଆ ବିଭା ଅର୍ଥ ବଳପୂର୍ବକ ଅପହରଣ ବିବାହ କୁହାଯାଏ, ମନମାନି ବିଭା ଯାହାର ଅର୍ଥ ହେଉଛି ଆଜିକାଲିକା ସମୟର ପ୍ରେମ ବିବାହ, ସେହିପରି ସୁରୁମ କନିଆ ବିଭା ଅର୍ଥ ପ୍ରେମ ବିବାହ, ଉଓ୍ୱଙ୍ଗ କନିଆ ବିଭା ଅର୍ଥ କନ୍ୟା ଗର୍ଭବତୀ ହୋଇଯିବା ପରେ ବିବାହ, ଓ୍ୱାଡ଼ି କନିଆ ବିଭା ଅର୍ଥ ବାଲ୍ୟ ବିବାହ, ଆଦିବାସୀ ସମ୍ପ୍ରଦାୟରେ ବୁର୍ହା କନିଆ ବିବାହ ପ୍ରଥା ରହିଛି ଯାହାର ଅର୍ଥ ବିଧବା ବିବାହ, ସେହିପରି ଏହି ଜନଜାତିଙ୍କର ଅନ୍ୟ ଏକ ବିବାହ ପ୍ରଥା ହେଉଛି ଡାକି କନିଆ ବିବାହ ଯାହାର ଅର୍ଥ ଛାଡ଼ପତ୍ର ପରେ ପୁନର୍ବାର ବିବାହ ଆଦି ବିବାହ ଦେଖିବାକୁ ମିଳିଥାଏ।

ସେହିଭଳି କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନାଗିରି, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଆଦିବାସୀଙ୍କ ମଧ୍ୟରେ ମଗା ବିଭା ଯାହାର ଅର୍ଥ ସ୍ଥିରୀକୃତ ବିବାହ, ସେହିପରି କନିଆ ଝିକା ବିଭା ଯାହାର ଅର୍ଥ ଝିଅକୁ ଅପହରଣ କରି ଆଣିବା ପରେ ବିବାହ, ଅନ୍ୟଏକ ବିବାହ ହେଉଛି ଉଦୁଲିଆ ବିଭା ଯାହାର ଅର୍ଥ ଝିଅକୁ ଅପହରଣ କରିବା ପରେ ବିବାହ, ପଇସାମୁଣ୍ଡି ବିଭା ଅର୍ଥ ପ୍ରେମ ବିବାହ, ପସନାମୁଣ୍ଡି ବିଭା ଅର୍ଥ ପୂର୍ବକାଳର ସ୍ୱୟଂବର ପଦ୍ଧତିର ବିବାହ ଦେଖିବାକୁ ମିଳିଥାଏ।

ଓଡ଼ିଶାର ତମାମ ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ। ଜନଜାତି ସଂଖ୍ୟା ଦୃଷ୍ଟିରୁ ଦେଖିଲେ ମଧ୍ୟପ୍ରଦେଶ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ବୃହତ୍ତମ ଜନଜାତି ବହୁଳ ରାଜ୍ୟ। ପରିସଂଖ୍ୟନର ତଥ୍ୟ ଅନୁଯାୟୀ ରାଜ୍ୟରେ ଜନଜାତି ଗୋଷ୍ଠୀ ହେଉଛନ୍ତି ୬୪ ପ୍ରକାରର। ସେମାନଙ୍କ ଭିତରୁ ବିଶେଷ ଭାବେ ଦୁର୍ବଳ ଓ ଅନୁନ୍ନତ ଶ୍ରେଣୀର ଜନଜାତି ଗୋଷ୍ଠୀ କୁହାଯାଉଥିବା ୧୩ଟି ଗୋଷ୍ଠୀ ରହିଛନ୍ତି। ଏହି ବଣଜଙ୍ଗଲ ଭିତରେ ସବୁଜ ପରିବେଶକୁ ନେଇ ଗୋଷ୍ଠୀଗତ ଜୀବନ ଜୀଇଁବା ହେଉଛି ଏମାନଙ୍କର ବଡ଼ ପରିଚୟ। ଆଜିର ବ୍ୟସ୍ତବହୁଳ ଓ ସ୍ୱାର୍ଥସର୍ବସ୍ୱ ଦୁନିଆରେ ଯେଉଁଠି ଯୌଥ ପରିବାର ଛୋଟ ହୋଇଯାଉଛି, ପରିବାର ପରିବାର ଲୋକଙ୍କ ଠାରୁ ଦୂରେଇ ଯାଉଛନ୍ତି ସେଠି ଏହି ଜନଜାତି ସମାଜ ଶିକ୍ଷା ଦିଅନ୍ତି ଯେ ପ୍ରକୃତି ସହିତ ମଣିଷ ମାନଙ୍କର କିପରି ଭାବପୂର୍ଣ୍ଣ ସମ୍ପର୍କ ରହିଛି।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୭୦୦୮୭୫୨୩୧୭
E-MAIL : DRBICHITRANANDAACHARYA@GMAIL.COM

**ୟୁରୋପରେ ବଢୁଛି ମହାସଙ୍କଟର ଆଶଙ୍କା**

# ରୁଷର ହାଇବ୍ରିଡ୍ ଆକ୍ରମଣକୁ ନେଇ ଚିନ୍ତିତ ନାଟୋ ରାଷ୍ଟ୍ର

ବ୍ରସେଲ୍ସ (ୟୁରୋପ),୨୦।୯ଃ ବର୍ତ୍ତମାନ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ଏକ ବଡ଼ଧରଣର ସୁରକ୍ଷା ସଙ୍କଟକୁ ନେଇ ଆତଙ୍କ ଓ ପ୍ରସ୍ତୁତି ଜୋରଦାର ହୋଇଛି। ୟୁକ୍ରେନ୍ ଯୁଦ୍ଧଭୂମି ବାହାରେ ରୁଷ ଏବେ ନାଟୋ ଦେଶଗୁଡ଼ିକର ସହନଶୀଳତା ତଥା ପ୍ରତିରକ୍ଷା ପ୍ରତିବଦ୍ଧତାକୁ ପରୀକ୍ଷା କରିପାରେ ବୋଲି ଆଶଙ୍କା କରାଯାଉଛି। ଡ୍ରୋନ୍, କ୍ଷେପଣାସ୍ତ୍ର (ମିସାଇଲ୍) ଆକ୍ରମଣ, ସାଇବର ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ସଂସଦରେ କହିଛନ୍ତି ଯେ ୟୁକ୍ରେନକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ ରୁଷ ଡ୍ରୋନ୍ କିମ୍ବା ମିସାଇଲ୍ ଆକ୍ରମଣ କରିପାରେ। ଏପରିକି ଏହି ଆକ୍ରମଣଗୁଡ଼ିକୁ ରୁଷ ଦୁର୍ଘଟଣାଜନିତ ବୋଲି ପ୍ରମାଣ





- ଜର୍ମାନୀ ଓ ଅନ୍ୟ ଦେଶରେ ଜରୁରୀକାଳୀନ ପ୍ରସ୍ତୁତି
- ୟୁକ୍ରେନ ସମର୍ଥିତ ଦେଶରେ ବଢୁଛି ରୁଷର ଡର

ଓ ଭିତ୍ତିଭୂମି ଧ୍ୱଂସ (ସାବୋଟେଜ୍) ଭଳି ହାଇବ୍ରିଡ୍ ଯୁଦ୍ଧ ଜରିଆରେ ରୁଷ ପରିସ୍ଥିତିକୁ ଜଟିଳ କରୁଥିବା ନେଇ ୟୁରୋପର ଶୀର୍ଷ ନେତାମାନେ ଚେତାବନୀ ଦେଇଛନ୍ତି। ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରୋନ୍ ଚେତାବନୀ ଦେଇ କହିଛନ୍ତି ଯେ ରୁଷ ପକ୍ଷରୁ ହେଉଥିବା ହାଇବ୍ରିଡ୍ ବିପଦ ଅତ୍ୟନ୍ତ ବୃଦ୍ଧି ପାଇଛି। ଦେଶର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁରକ୍ଷିତ ରଖିବା ପାଇଁ ସେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ନାଟୋର ମିଳିତ ପ୍ରତିରକ୍ଷା ନିୟମକୁ ଦୁର୍ବଳ କରିବାର ପ୍ରୟାସ କରିପାରେ।

ଜର୍ମାନୀରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଆଖି ଆଗରେ ରଖି ହସ୍ପିଟାଲ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି। ସେନା ହସ୍ପିଟାଲ୍‌ଗୁଡ଼ିକ ଦୈନନ୍ଦିନ ହଜାରେ ଆହତ ସୈନିକଙ୍କୁ ଚିକିତ୍ସା କରିବା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଶୀତଦିନିଆ କୋଲ୍ଡ-ୱାର୍ ସମୟର ପରମାଣୁ ବଙ୍କର ହସ୍ପିଟାଲ୍‌ଗୁଡ଼ିକୁ ମଧ୍ୟ ପୁନର୍ଜୀବିତ କରାଯାଉଛି। ରୁଷ ଏବଂ ଜର୍ମାନୀ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ରୁଷର ସେଣ୍ଟ ପିଟର୍ସବର୍ଗ ସ୍ଥିତ ଜର୍ମାନ କନ୍‌ସୁଲେଟ୍ ଜେନେରାଲ୍ ନିଜର କାର୍ଯ୍ୟକାଳ ବନ୍ଦ କରିଦେଇଛନ୍ତି। ଲିଥୁଆନିଆ ଏହାର ଜନସଂଖ୍ୟା ପାଇଁ ନୂତନ ଜରୁରୀକାଳୀନ ସ୍ଥାନାନ୍ତରଣ ଯୋଜନାକୁ ଅପଡେଟ୍ କରିଥିବାବେଳେ, ନିରପେକ୍ଷ ରାଷ୍ଟ୍ର ଭାବେ ପରିଚିତ ସ୍ୱିଜରଲାଣ୍ଡ ମଧ୍ୟ ନିଜର ସୁରକ୍ଷା ରଣନୀତି ୨୦୨୬ ଗ୍ରହଣ କରିଛି।

ତେବେ ସାମ୍ପ୍ରତିକ ପରିସ୍ଥିତିରେ ୟୁରୋପୀୟ ଦେଶଗୁଡ଼ିକ ବ୍ୟାପକ ଭାବେ ସଜାଗ ହୋଇଥିଲେ ହେଁ ନାଟୋ ପକ୍ଷରୁ ବର୍ତ୍ତମାନ ପାଇଁ ରୁଷର ସିଧାସଳଖ ଆକ୍ରମଣର କୌଣସି ତତକ୍ଷଣାତ୍ ଆଶଙ୍କା ନାହିଁ ବୋଲି କୁହାଯାଇଛି। ମାତ୍ର ରୁଷର ଏଭଳି ଛୋଟଛୋଟ କୌଶଳଗୁଡ଼ିକ ଆଗାମୀ ଦିନରେ ଏକ ବଡ଼ ବିପଦର ରୂପ ନେଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ୟୁରୋପ ପ୍ରତି ରୁଷର ଆକ୍ରମଣାତ୍ମକ ଉଦ୍ଦେଶ୍ୟ ନାହିଁ: ପୁଟିନ

ମସ୍କୋ,୨୦।୯ଃ ରୁଷର ୟୁରୋପ କିମ୍ବା କୌଣସି ୟୁରୋପୀୟ ଦେଶ ବିରୁଦ୍ଧରେ କୌଣସି ଆକ୍ରମଣାତ୍ମକ ଉଦ୍ଦେଶ୍ୟ ନାହିଁ ବୋଲି ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ସ୍ପଷ୍ଟ କରିଛନ୍ତି। ରୁଷ୍ ନିଜର ପଡ଼ୋଶୀମାନଙ୍କ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୟୁରୋପୀୟ ନେତାମାନେ ନିଜର ନୀତିଗୁଡ଼ିକୁ ନ୍ୟାୟସଙ୍ଗତ ପ୍ରମାଣ କରିବା ପାଇଁ ଅଯଥାରେ ରୁଷର ବିପଦକୁ ଆଳ ଦେଖାଉଛନ୍ତି। ଏଥିସହ ସେମାନେ ନିଜେ ରୁଷ ସହ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ପୁଟିନ୍ ଅଭିଯୋଗ କରିଛନ୍ତି।

ବାଲ୍ଟିକ୍ ସାଗରରେ ନାଟୋ ଓ ୟୁରୋପୀୟ ଦେଶଗୁଡ଼ିକର ସାମରିକ ଅଭ୍ୟାସକୁ ପୁଟିନ୍ କଡ଼ା ସମାଲୋଚନା କରିଛନ୍ତି। ଅଂଶଗ୍ରହଣକାରୀ ଦେଶଗୁଡ଼ିକ ବେସାମରିକ ଜାହାଜଗୁଡ଼ିକୁ ଅକ୍ତିଆର କରିବା ପାଇଁ ପ୍ରସ୍ତୁତି କରୁଛନ୍ତି ବୋଲି ସେ ଅଭିଯୋଗ ଆଣିବା ସହ ଆବଶ୍ୟକ ପଡ଼ିଲେ ରୁଷ ମଧ୍ୟ ଏହାର କଡ଼ା ଜବାବ ଦେବ ବୋଲି ଚେତାବନୀ ଦେଇଛନ୍ତି। 'ଆମକୁ ଶାନ୍ତିରେ ବଞ୍ଚିବାକୁ ଦିଅ, ନହେଲେ ଆମେ ମଧ୍ୟ ପ୍ରତିକ୍ରିୟା ଦେବାକୁ ବାଧ୍ୟ ହେବୁ' ବୋଲି ପୁଟିନ୍ କହିଛନ୍ତି।

ୟୁରୋପୀୟ ସରକାରମାନେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିବା ଓ ୟୁକ୍ରେନକୁ କ୍ରମାଗତ ସମର୍ଥନ ଜଣାଇ ପରିସ୍ଥିତିକୁ ଜଟିଳ କରୁଛନ୍ତି ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ମଧ୍ୟ ଚେତାବନୀ ଦେଇ କହିଥିଲେ ଯେ ନାଟୋ ଓ ରୁଷ ମଧ୍ୟରେ ଯଦି ସିଧାସଳଖ ସଂଘର୍ଷ ହୁଏ, ତେବେ ତାହା ଏକ ଅତ୍ୟନ୍ତ କ୍ଷଣସ୍ଥାୟୀ ଅଥଚ ଭୟଙ୍କର ଯୁଦ୍ଧରେ ପରିଣତ ହୋଇପାରେ।

## ବରିଷ୍ଠ ସାମ୍ବାଦିକା ପାୟଲ ମେହେଟାଙ୍କ ପରଲୋକ



**ଶୋକ ବ୍ୟକ୍ତକଲେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ,୨୦।୯ଃ ସିଏନ୍‌ଏନ୍-ନ୍ୟୁଜ୍୧୮ ର ବରିଷ୍ଠ ସାମ୍ବାଦିକା ପାୟଲ ମେହେଟାଙ୍କର ପରଲୋକ ହୋଇଛି। ରବିବାର ଭୋର ସମୟରେ ମୁମ୍ବାଇରେ ତାଙ୍କର ଦେହାନ୍ତ ହୋଇଥିବା ନେଇ ସୂଚନା ମିଳିଛି। ୪୬ ବର୍ଷ ବୟସ୍କା ପାୟଲ ମେହେଟା ମୁମ୍ବାଇ ଗସ୍ତରେ ଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସକାଳ ସମୟରେ ଅସ୍ୱସ୍ତି ଲାଗିବାରୁ ତାଙ୍କୁ ତୁରନ୍ତ ଏକ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ୨ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବରିଷ୍ଠ ସାମ୍ବାଦିକା ଶୀଲା ଭଟ୍ଟ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଯେ ରାତି ପ୍ରାୟ ୨ଟା ସମୟରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା, କିନ୍ତୁ କୌଣସି ଚିକିତ୍ସା କରାଯିବା ପୂର୍ବରୁ ତାଙ୍କର ନାଡ଼ି ସ୍ପନ୍ଦନ ବନ୍ଦ ହୋଇଯାଇଥିଲା। ତାଙ୍କର ଅକାଳ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ପାୟଲ ମେହେଟା ଜଣେ ପରିଶ୍ରମୀ ସାମ୍ବାଦିକା ଥିଲେ, ଯିଏ ଭୂମି ସହ ଦୃଢ଼ ଭାବରେ ଜଡ଼ିତ ରହି ଜାତୀୟ ପ୍ରସଙ୍ଗଗୁଡ଼ିକୁ ଗଭୀର ବୁଝାମଣା ସହିତ ରିପୋର୍ଟ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ଲେଖିଛନ୍ତି।

**କାନାଡାରେ ହିନ୍ଦୁମାନଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି**

## ଫ୍ରେଜର ନଦୀରେ ଭାରତୀୟମାନେ ଚିତାଭସ୍ମ ବିସର୍ଜନ କରିବେ



ଓଟାୱା,୨୦।୯ଃ କାନାଡା ସରକାର ଦେଶରେ ରହୁଥିବା ହିନ୍ଦୁମାନଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବ୍ରିଟିଶ କଲମ୍ବିଆର ସରେ ସହରରେ ପ୍ରବାହିତ ଫ୍ରେଜର ନଦୀ କୂଳରେ ଥିବା ସରେ ପବ୍ଲିକ ହ୍ୱାର୍ଫଠାରେ ଚିତାଭସ୍ମ ବିସର୍ଜନ ପାଇଁ ଏକ ଆଧିକାରିକ ସ୍ଥାନ ପ୍ରତିଷ୍ଠା କରାଯାଇଛି। ଏହି ନୂତନ ସୁବିଧା ଦ୍ୱାରା ହିନ୍ଦୁମାନଙ୍କୁ ସେମାନଙ୍କର ପ୍ରିୟଜନଙ୍କ ଚିତାଭସ୍ମ ବିସର୍ଜନ ପାଇଁ ଆଉ ଭାରତ ଯାତ୍ରା କରିବାକୁ ପଡ଼ିବ ନାହିଁ। ସେମାନେ ଏବେ କାନାଡା ସେମାନଙ୍କ ମୃତ ପ୍ରିୟଜନଙ୍କ ଚିତାଭସ୍ମ ବିସର୍ଜନ କରିପାରିବେ। ସରେ ମେୟର ବ୍ରେଣ୍ଡା ଲକ୍ କହିଛନ୍ତି, ହିନ୍ଦୁ ସମ୍ପ୍ରଦାୟର ଦାବି ଅନୁଯାୟୀ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି। ଅନେକ ପରିବାର ପାଇଁ ପ୍ରବାହିତ ପାଣିରେ ପ୍ରିୟଜନଙ୍କ ଚିତାଭସ୍ମ ବିସର୍ଜନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଧାର୍ମିକ ଓ ବ୍ୟକ୍ତିଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ସରେ ପ୍ରଶାସନ ସେପ୍ଟେମ୍ବର ୨୧ ତାରିଖଠାରୁ ଚିତାଭସ୍ମ ବିସର୍ଜନ ପାଇଁ ଏକ ଅନଲାଇନ୍ ବୁକିଂ ବ୍ୟବସ୍ଥା ଆରମ୍ଭ କରୁଛି। ଏହି ସୁବିଧା ବ୍ୟବହାର କରିବାକୁ ଚାହୁଁଥିବା ପରିବାରଗୁଡ଼ିକୁ ସହରର ସରକାରୀ ୱେବସାଇଟରେ ସେମାନଙ୍କର ପସନ୍ଦର ସ୍ଲଟ୍ ବୁକ୍ କରିବାକୁ ପଡ଼ିବ।

## ବାରାଣସୀରେ ଏନକାଉଣ୍ଟର, ନକ୍ସଲ ନିହତ

ବାରାଣସୀ,୨୦।୯ଃ ଉତ୍ତର ପ୍ରଦେଶର ବାରାଣସୀର ରାମନଗର ଥାନା ଅଞ୍ଚଳରେ ୟୁପି ଏଟିଏସ୍ ଓ ପୁଲିସର ମିଳିତ ଅପରେସନରେ ୩୦ ଲକ୍ଷ ଟଙ୍କା ପୁରସ୍କାର ବହନ କରିଥିବା ଜଣେ ନକ୍ସଲ ନିହତ ହୋଇଛନ୍ତି। ମୃତ ନକ୍ସଲ ଜଣଙ୍କ ବ୍ରିଜେଶ ଓରଫ ଗୋପାଳ ସିଂହ ବୋଲି ଚିହ୍ନଟ କରାଯାଇଛି। ଗୋପାଳ ଝାଡ଼ଖଣ୍ଡର ନିଷିଦ୍ଧ ନକ୍ସଲ ସଂଗଠନ ତୃତୀୟ ପ୍ରସ୍ତୁତି କମିଟିର କମାଣ୍ଡର ଥିଲେ। ଏହି ଏନକାଉଣ୍ଟର ବାରାଣସୀର ରାମନଗର ଥାନା ଅଞ୍ଚଳରେ ହୋଇଛି। ନିହତ ନକ୍ସଲଙ୍କ ମୁଣ୍ଡ ଉପରେ ଝାଡ଼ଖଣ୍ଡ ସରକାର ୨୫ ଲକ୍ଷ ଟଙ୍କା ଏବଂ ଏନଆଇଏ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା।

## କେତନଙ୍କୁ ମାରିବାକୁ ସିୟା ରଚିଥିଲା ଷଡ୍‌ଯନ୍ତ୍ର

**୫୦୫୩ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା ପୁଲିସ**



ପୁଣେ, ୨୦।୯ଃ ଗତ ଜୁନ୍ ମାସରେ ଲୋହାଗଡ଼ ଦୁର୍ଗରୁ ଠେଲି ଦେଇ ପୁଣେର ୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ହତ୍ୟା କରାଯିବା ଘଟଣାରେ ପୁଲିସ ଶନିବାର କୋର୍ଟରେ ୫, ୦୫୩ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। କେତନଙ୍କୁ ହତ୍ୟା କରିବା ପଛରେ ତାଙ୍କ ଭାବି ପତ୍ନୀ ସିୟା ଗୋୟଲ୍, ତା'ର ପ୍ରେମିକ ଚେତନ ଚୌଧୁରୀ ଓ ସହଯୋଗୀ ରିତେଶ ହାଙ୍ଗେ ମିଶି ରଚିଥିବା ନିର୍ଦ୍ଦୟ ଷଡ଼ଯନ୍ତ୍ରର ପୂରା ପର୍ଦ୍ଦାଫାଶ କରିଛି ପୁଲିସ। ପୁନେର କେତନ ଓ ସିୟାଙ୍କର ଗତ ଫେବୃଆରୀ ମାସରେ ନିର୍ବନ୍ଧ ହୋଇଥିଲା। ନଭେମ୍ବରରେ ଜୟପୁରରେ ଆଡ଼ମ୍ବରପୂର୍ଣ୍ଣ ବିବାହ ହେବାର ଥିଲା। ମାତ୍ର ପ୍ରେମିକ ସହ ମିଶି ସିୟା ଏହି ହତ୍ୟାକାଣ୍ଡର ଯୋଜନା କରିଥିଲା, ଯେଉଁଥିପାଇଁ ସେମାନେ ହତ୍ୟା ସମ୍ବନ୍ଧୀୟ ଫିଲ୍ମ ଦେଖିବା, ଚାଟଜିପିଟିର ବ୍ୟବହାର କରିବା ଓ ପୁଲିସ ଦାଉରୁ ବଞ୍ଚିବା ପାଇଁ ପୋଡକାଷ୍ଟ ଶୁଣିବା ସହ ଗତବର୍ଷ ମେଘାଳୟରେ ଘଟିଥିବା ରାଜା ରଘୁବଂଶୀ ହତ୍ୟାକାଣ୍ଡ ବିଷୟରେ ରିସର୍ଚ୍ଚ କରିଥିଲେ। ଲୋନାଭାଲାର ବିଭିନ୍ନ ସ୍ଥାନ ବୁଲିବା ପରେ ଲୋହାଗଡ଼ ଦୁର୍ଗକୁ ବାଛିଥିଲେ, ଯେପରି କେତନଙ୍କ ମୃତ୍ୟୁକୁ ସେଲଫି ନେବା ସମୟର ଏକ ଦୁର୍ଘଟଣା ବୋଲି ଦର୍ଶାଯାଇପାରିବ।

**ଫରକ୍କା ଜଳ ଚୁକ୍ତିନାମାରେ ହୋଇପାରେ ବଡ଼ ପରିବର୍ତ୍ତନ**

## ଦେଶର ହିତକୁ ଦେଖି ଭାରତ ସଠିକ୍ ନିଷ୍ପତ୍ତି ନେବ: ଜୟଶଙ୍କର



ନୂଆଦିଲ୍ଲୀ,୨୦।୯ଃ ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତିକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପରେ ଏବେ ବାଂଲାଦେଶ ସହ ହେବାକୁ ଥିବା ଫରକ୍କା ଜଳ ଚୁକ୍ତିକୁ ନେଇ ମଧ୍ୟ ବଡ଼ ପରିବର୍ତ୍ତନର ସମ୍ଭାବନା ଦେଖାଦେଇଛି। ଚଳିତ ବର୍ଷ ଶେଷରେ ୩୦ ବର୍ଷିଆ ଫରକ୍କା ଜଳ ଚୁକ୍ତିନାମାର ମିଆଦ ପୂରା ହେବାକୁ ଯାଉଛି। ଭାରତ ନିଜର ଆଭ୍ୟନ୍ତରୀଣ ହିତ, ଜଳବାୟୁ ପରିବର୍ତ୍ତନ ଓ ଘରୋଇ ରାଜନୈତିକ ଚାପକୁ ଦୃଷ୍ଟିରେ ରଖି ଏହି ଚୁକ୍ତିର ନବୀକରଣ କିମ୍ବା ନିୟମାବଳୀରେ ବଡ଼ ସଂଶୋଧନ କରିପାରେ, ଯାହା ପଡ଼ୋଶୀ ବାଂଲାଦେଶ ପାଇଁ ଚନ୍ତାର କାରଣ ପାଲଟିଛି।

ତେବେ ଭାରତ ସରକାର ସମ୍ପୂର୍ଣ୍ଣ ଭାବେ ବାଂଲାଦେଶକୁ ପାଣି ଯୋଗାଣ ବନ୍ଦ କରିବାକୁ ଚାହୁଁ ନାହାନ୍ତି, କିନ୍ତୁ କୃଷି, ବିଦ୍ୟୁତ୍ ଉତ୍ପାଦନ, କଲିକତା ବନ୍ଦରର ସୁରକ୍ଷା ଏବଂ ଦେଶର ଆଭ୍ୟନ୍ତରୀଣ ଜଳ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ବିଚାର କରୁଛନ୍ତି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପୂର୍ବରୁ ସ୍ପଷ୍ଟ କରିଛନ୍ତି ଯେ ଭାରତ ସମସ୍ତ ଜରୁରୀ ପରିସ୍ଥିତି ଓ ଦେଶର ହିତକୁ ଧ୍ୟାନରେ ରଖି ଏନେଇ ସଠିକ୍ ନିଷ୍ପତ୍ତି ନେବ। ପାକିସ୍ତାନ ପରେ ବାଂଲାଦେଶ ପ୍ରସଙ୍ଗରେ ମଧ୍ୟ ଭାରତର କଡ଼ା ଓ ସନ୍ତୁଳିତ ନୀତି ଦେଖିବାକୁ ମିଳିପାରେ। ୧୯୯୬ ମସିହା ଡିସେମ୍ବର ୧୨ ତାରିଖରେ ଭାରତ ଓ ବାଂଲାଦେଶ ମଧ୍ୟରେ ଗଙ୍ଗା ନଦୀର ଜଳ ବଣ୍ଟନକୁ ନେଇ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ଏହାର ନବୀକରଣକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜୋର ଧରିଥିବାବେଳେ ବିହାର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଉଛନ୍ତି। ଫରକ୍କା ବ୍ୟାରେଜ୍ ଯୋଗୁଁ ଗଙ୍ଗା ନଦୀରେ ଅତ୍ୟଧିକ ପଙ୍କ ଜମା ହେଉଛି ବିହାର ସରକାର ଓ ଏହାର ଶାସକ ଦଳ ଜେଡିୟୁ ପକ୍ଷରୁ ଦୃଢ଼ ଯୁକ୍ତି ରଖାଯାଇଛି।

## ରୁଷ୍ ଉପରେ ବଡ଼ ଧରଣର ଆକ୍ରମଣ

**ରାତିକରେ ହଜାରେରୁ ଅଧିକ ଡ୍ରୋନ୍ ମାଡ଼**

କିଭ୍,୨୦।୯ଃ ୟୁକ୍ରେନ ଓ ରୁଷ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ୟୁକ୍ରେନୀୟ ସେନା ସାରା ରାତି ୧,୦୦୦ ରୁ ଅଧିକ ଡ୍ରୋନ୍ ମାଡ଼ କରିଛି। ରୁଷରେ ସଂସଦ ନିର୍ବାଚନ ଜାରି ରହିଥିବାବେଳେ ୟୁକ୍ରେନ ପକ୍ଷରୁ ଅନେକ ଅଞ୍ଚଳକୁ ଟାର୍ଗେଟ କରାଯାଇଛି। ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ରୁଷ ଅଧିକାରୀ ଏବଂ ମସ୍କୋର ମେୟର ଏହାକୁ ରାଜଧାନୀ ଉପରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କହିଛନ୍ତି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦେଶର ବିଭିନ୍ନ ଅଂଶ, ବେଆଇନ ଭାବରେ ସଂଲଗ୍ନ କ୍ରିମିୟାନ୍ ଉପଦ୍ୱୀପ ଓ କୃଷ୍ଣ ସାଗରରେ ୧, ୧୦୦ରୁ ଅଧିକ ୟୁକ୍ରେନୀୟ ଡ୍ରୋନ୍‌କୁ ନଷ୍ଟ କରିଦେଇଛି। ମସ୍କୋ ମେୟର ସେରଗେଇ ସୋବୟାନିନ୍ ନିଶ୍ଚିତ କରିଛନ୍ତି, ରାଜଧାନୀ ଅଭିମୁଖେ ଯାଉଥିବା ପ୍ରାୟ ୪୫୦ ଡ୍ରୋନ୍‌କୁ ମଝି ଆକାଶରେ ଗୁଳି କରି ଖସାଇ ଦିଆଯାଇଛି। ତେବେ ଆକ୍ରମଣ ସମୟରେ କିଛି ଡ୍ରୋନ୍ ମସ୍କୋର ଏକ ତୈଳ ବିଶୋଧନାଗାର ଏବଂ ଏକ ଆବାସିକ କୋଠାରେ ଆକ୍ରମଣ କରିଛନ୍ତି। ଆକ୍ରମଣ ରୁଷର ଯୁଦ୍ଧ ପରବର୍ତ୍ତୀ ପ୍ରଥମ ସଂସଦୀୟ ନିର୍ବାଚନର ତୃତୀୟ ଏବଂ ଶେଷ ଦିନରେ ଘଟିଛି।



**ବିଶ୍ୱ ଶକ୍ତି ବଜାର ପାଇଁ ଆଶ୍ୱସ୍ତି**

## ୬ ମାସରେ ହର୍ମୁଜ୍ ଦେଇ ଯାଇଛି ୨ ହଜାର ଜାହାଜ

ତେହରାନ,୨୦।୯ଃ ବିଶ୍ୱର ଶକ୍ତି ବଜାରରେ ଅସ୍ଥିରତା ଲାଗି ରହିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ୍ ପ୍ରଣାଳୀରୁ ଆଶ୍ୱସ୍ତି ଖବର ଆସିଛି। ଇରାନ-ଆମେରିକା ସଂଘର୍ଷ ସମୟରେ ହର୍ମୁଜ୍‌ରେ ରେକର୍ଡ ପରିମାଣର ତେଲ ଯୋଗାଣ ହୋଇଛି। ଛଅ ମାସ ମଧ୍ୟରେ ୨, ୦୦୦ ରୁ ଅଧିକ ଜାହାଜ ଏହି ବାଟ ଦେଇ ଯାଇଛି। ଆମେରିକାର ସେନା ଏହାର ଶ୍ରେୟ ନେଉଛି। ଇରାନ କିଛି ଦିନ ତଳେ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଥିଲା। ଏହା ସତ୍ତ୍ୱେ ଆମେରିକା ସୁରକ୍ଷା ବାହିନୀ ଲ୍ୟାଣ୍ଡମାଇନ୍ ହଟାଇ ସମୁଦ୍ରକୁ ଜାହାଜ ଚଳାଚଳ ପାଇଁ ସୁରକ୍ଷିତ ରଖିଥିବା ଦାବି କରିଛି। ଜାହାଜଗୁଡ଼ିକ ଗତ କିଛି ମାସ ମଧ୍ୟରେ ବିଶ୍ୱର ବିଭିନ୍ନ ସ୍ଥାନକୁ ବିନା ବାଧାରେ ଏକ ବିଲିୟନ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ପରିବହନ କରିଛନ୍ତି।



**ପାକିସ୍ତାନର ହନିଟ୍ରାପ୍‌ରେ ଟ୍ରକ୍ ଡ୍ରାଇଭର**

## ଆଇଏସଆଇକୁ ଦେଉଥିଲା ସେନା ଘାଟିର ଲାଇଭ୍ ଫିଡ୍

ନୂଆଦିଲ୍ଲୀ,୨୦।୯ଃ ଭାରତୀୟ ସେନାର ଗତିବିଧି ବିଷୟରେ ଜାଣିବାକୁ ପାକିସ୍ତାନ ବିଭିନ୍ନ ଉପାୟ ଆପଣାଉଛି। ଏଥିରେ ରହିଛି ପାକିସ୍ତାନର ହନିଟ୍ରାପ କୌଶଳ। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସଆଇର 'ହନିଟ୍ରାପ୍ ମଡ୍ୟୁଲ୍' ଏବେ କେବଳ ମିଠା କଥା, ଚାଟିଂ କିମ୍ବା ଫଟୋ ମଗାଇବା ମଧ୍ୟରେ ସୀମିତ ହୋଇ ରହି ନାହିଁ, ବରଂ ୨୪ ଘଣ୍ଟିଆ ଡିଜିଟାଲ୍ ଏବଂ ଲାଇଭ୍ ନଜର ରଖିବା ସ୍ତରରେ ପହଞ୍ଚି ଗଲାଣି। ଜମ୍ମୁ-କଶ୍ମୀର ପୁଲିସ୍ ଏବଂ ଗୁପ୍ତଚର ସଂସ୍ଥାଗୁଡ଼ିକର ଏକ ବଡ଼ ମିଳିତ ଅପରେସନରେ କଠୁଆ ଅଞ୍ଚଳରେ ରହୁଥିବା ୨୪ ବର୍ଷୀୟ ଟ୍ରକ୍ ଡ୍ରାଇଭର ଅମନକୁ ଗିରଫ କରାଯାଇଛି। ଅମନ ବିରୋଧରେ ଅଭିଯୋଗ ହୋଇଛି ଯେ, ସେ ସୀମା ଆରପଟେ ବସିଥିବା ମହିଳା ହ୍ୟାଣ୍ଡଲରଙ୍କ ହନିଟ୍ରାପରେ ଫସି ନିଜ ଘର ବାହାରେ ଏକ ସିମ୍-ଆଧାରିତ ସିସିଟିଭି କ୍ୟାମେରା ଲଗାଇ ଭାରତୀୟ ସୁରକ୍ଷା ବଳର ଗତିବିଧିର ଲାଇଭ୍ ଲୋକେସନ୍ ଏବଂ ଭିଡିଓ ଫିଡ୍ ପାକିସ୍ତାନ ପଠାଉ ଥିଲା। ପୁଲିସ୍ ଅଭିଯୁକ୍ତ ବିରୋଧରେ 'ଅଫିସିଆଲ୍ ସିକ୍ରେଟ୍ସ ଆକ୍ଟ' ଅଧୀନରେ ମାମଲା ରୁଜୁ କରି ତା'ର ମୋବାଇଲ୍ ଜବତ କରିଛି। ତଦନ୍ତରୁ ସାମ୍ନାକୁ ଆସିଥିବା ତଥ୍ୟ ଅନୁଯାୟୀ, ଅମନକୁ ପ୍ରଥମେ ସୋସିଆଲ୍ ମିଡିଆରେ ଏକ ଫେକ୍ ମହିଳା ପ୍ରୋଫାଇଲ୍ ମାଧ୍ୟମରେ ନିଜ ଜାଲରେ ଫସାଯାଇ ଥିଲା। ହ୍ୟାଣ୍ଡଲରମାନଙ୍କ ନିର୍ଦ୍ଦେଶକ୍ରମେ ସେ କଠୁଆ ସୀମାନ୍ତ ଅଞ୍ଚଳରେ ଥିବା ସେନା ଘାଟି ଓ ଲଜିଷ୍ଟିକାଲ୍ ରୁଟ୍‌ର ରେକି କରିବା ଆରମ୍ଭ କରି ଥିଲା।

**ପୁଲିସ ଏଏସଆଇ ହତ୍ୟାକାଣ୍ଡ**

## ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ

ଅମୃତସର,୨୦।୯ଃ ପଞ୍ଜାବ ପୁଲିସ ଏଏସଆଇ ହରଜିତ୍ ସିଂହଙ୍କ ନୃଶଂସ ହତ୍ୟାକାଣ୍ଡ ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଶନିବାର ରାତିରେ ପୁଲିସ ସହ ହୋଇଥିବା ଏନକାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ଦୀପକ ସିଂହ ନିହତ ହୋଇଛି। ତେବେ ତା'ର ଜଣେ ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ନିହତ ଅଭିଯୁକ୍ତ ଦୀପକ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ଶେହଜାଦ୍ ଭଟ୍ଟି ଓ ତାର ଆତଙ୍କୀ ସଂଗଠନ ସହ ସମ୍ପୃକ୍ତ ଥିବା ନେଇ ପୁଲିସ ସ୍ପଷ୍ଟ କରିଛି। ପୁଲିସ କମିଶନରଙ୍କ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୮ ତାରିଖ ଅଧରାତିରେ ଭଗତାନୱାଲା ଶସ୍ୟ ମାଣ୍ଡି ନିକଟରେ ନିୟୋଜିତ ୫୦ ବର୍ଷୀୟ ଏଏସଆଇ ହରଜିତ୍ ସିଂହଙ୍କୁ ଦୁଇଜଣ ଅଭିଯୁକ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପରଠାରୁ ସିସିଟିଭି ଫୁଟେଜ୍, ଟାୱାର ଡମ୍ପ ଆନାଲିସିସ୍ ଏବଂ ଗୁଇନ୍ଦା ସୂଚନା ଆଧାରରେ ପୁଲିସ ଅଭିଯୁକ୍ତଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିଲା।



**ଦିଲ୍ଲୀର ରାତି ଝିଅଙ୍କ ପାଇଁ କେତେ ସୁରକ୍ଷିତ**

## ମହିଳା ବେଶରେ କଣ୍ଟେଣ୍ଟ କ୍ରିଏଟର କଲେ ଷ୍ଟିଂ ଅପରେସନ୍

ନୂଆଦିଲ୍ଲୀ,୨୦।୯ଃ ରାତିର ଅନ୍ଧକାରରେ ରାଜଧାନୀ ଦିଲ୍ଲୀରେ ମହିଳାମାନେ କେତେ ପରିମାଣରେ ସୁରକ୍ଷିତ, ତାହା ବାସ୍ତବରେ ଅନୁଭବ କରିବା ପାଇଁ ଜଣେ କଣ୍ଟେଣ୍ଟ କ୍ରିଏଟର୍ ନିଜେ ଏକ ଦୁଃସାହସିକ ପଦକ୍ଷେପ ନେଇଛନ୍ତି। ମାତ୍ର ଏହି ୨ ଘଣ୍ଟାର ଛୋଟ ପରୀକ୍ଷାଟି ତାଙ୍କ ପାଇଁ ଏକ ଭୟାନକ ଅଭିଜ୍ଞତାରେ ପରିଣତ ହୋଇଛି। ଇନଷ୍ଟାଗ୍ରାମରେ 'ବିଜଏଣ୍ଟଲ' ନାମରେ ପରିଚିତ ଏହି କ୍ରିଏଟର୍ ଦିଲ୍ଲୀର ରାତିର ପରିସ୍ଥିତିକୁ ନିକଟରୁ ଅନୁଭବ କରିବା ପାଇଁ ମହିଳାଙ୍କ ବେଶ ଧାରଣ କରିଥିଲେ। ସେ ନିଜ ଘରେ ପ୍ରଥମେ ଡ୍ରେସ୍ ପିନ୍ଧି, ମେକଅପ୍ କରି ଓ ମୁହଁ ତଥା ମୁଣ୍ଡକୁ ଓଢ଼ଣୀ ଦ୍ୱାରା ଘୋଡ଼ାଇ ଜଣେ ଯୁବତୀଙ୍କ ରୂପ ନେଇଥିଲେ। ଏହାପରେ ସେ ଏକ ସ୍କୁଟର ଧରି ରାସ୍ତାକୁ ବାହାରିଥିଲେ।



ତେବେ ରାସ୍ତାକୁ ଯିବାର କିଛି ସମୟ ପରେ ହିଁ ତାଙ୍କ ସାମ୍ନାକୁ ଗୋଟିଏ ପରେ ଗୋଟିଏ ଅଶ୍ୱସ୍ତିକର ପରିସ୍ଥିତି ଆସିଥିଲା। ସେ କହିଛନ୍ତି ଯେ ରାସ୍ତାରେ ଯାଉଥିବା ଅଚିହ୍ନା ଲୋକମାନେ ତାଙ୍କୁ କ୍ରମାଗତ ଦେଖିବା ଆରମ୍ଭ କରିଥିଲେ। ଏହି ସମୟରେ ଏକ ଭୟାନକ ଘଟଣା ଘଟିଥିଲା। ସେ ଦୁଇଜଣ ଯୁବକଙ୍କ ଭିଡିଓ ରେକର୍ଡ କରିଥିଲେ, ଯେଉଁମାନେ ପ୍ରଥମେ ତାଙ୍କୁ ଘୂରି ଘୂରି ଦେଖିବା ପରେ ତାଙ୍କ ସ୍କୁଟରକୁ ପିଛା କରିବା ଆରମ୍ଭ କରିଥିଲେ। ଏତିକି ନୁହେଁ, ସେମାନେ ଧୀରେ ଧୀରେ ତାଙ୍କର ଅଧିକ ନିକଟକୁ ଆସିବାକୁ ଚେଷ୍ଟା କରିଥିଲେ। ଅନ୍ୟ ଏକ ଘଟଣାରେ, ସେ ଯାତ୍ରା କରୁଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସି କଥା ହେବାକୁ ଚେଷ୍ଟା କରିଥିଲେ।

ସେ ଯାଉଥିବା ସମୟରେ ଦୁଇଟି ଅଟୋ ହଠାତ୍ ତାଙ୍କ ଗାଡ଼ିର ବାଟ ଓଗାଳି ଦେଇଥିଲେ। କ୍ୟାମେରାରେ ରେକର୍ଡ ହେଉଥିବା ଦେଖି ସେ ଅଟକି ଯାଇଥିଲେ। ଏସବୁ ଅଭିଜ୍ଞତା ପରେ ତାଙ୍କ ପାଇଁ ଏହି ପରୀକ୍ଷାକୁ ଆଗକୁ ବଢ଼ାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା। ଶେଷରେ ପରିସ୍ଥିତି ଅତି ଭୟାନକ ହେବାରୁ ସେ ଏହି ପ୍ରୟୋଗକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିଲେ।

## ଫ୍ଲାଏ-ଓଭରରୁ ତଳକୁ ଖସିଲା ବିଏମଡବ୍ଲ୍ୟୁ

- ୩ ମୃତ, ଜଣେ ଗୁରୁତର

ମୁମ୍ବାଇ,୨୦।୯ଃ ମୁମ୍ବାଇ କୋଷ୍ଟାଲ୍ ରୋଡ୍ ବ୍ରିଜରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ସୁପରଫାଷ୍ଟ ବିଏମଡବ୍ଲ୍ୟୁ କାର୍ ବ୍ରିଜ୍ ଉପରୁ ନିୟନ୍ତ୍ରଣ ହରାଇ ତଳକୁ ଖସିପଡ଼ିବା ଫଳରେ ଗାଡ଼ିରେ ଥିବା ୩ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ରବିବାର ଭୋର୍ ପ୍ରାୟ ୫ଟା ୨୦ ମିନିଟରେ ଏହି ଅଭାବନୀୟ ଘଟଣା ଘଟିଥିବା ନେଇ କୋଷ୍ଟାଲ୍ ରୋଡ୍ କଣ୍ଟ୍ରୋଲ୍ ରୁମ୍ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କଳା ରଙ୍ଗର ଏକ ବିଏମଡବ୍ଲ୍ୟୁ କାର୍ ମେରାଇନ୍ ଡ୍ରାଇଭରୁ ହାଜି ଅଲ୍ଲୀ ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ବେଳେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ କାରଟି ବ୍ରିଜରୁ ସିଧା ତଳକୁ ଖସିପଡ଼ିଥିଲା।

## ଡିଭାଇଡରରେ ପିଟି ହୋଇ ଜଳିଗଲା କାର୍

- ନ୍ୟୁରୋ ସର୍ଜନ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୨୦।୯ଃ ତେଲେଙ୍ଗାନାରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି, ଯେଉଁଥିରେ ଖ୍ୟାତିନାମା ନ୍ୟୁରୋସର୍ଜନ ଡକ୍ଟର କେ. ଜଗଦୀଶ ବାବୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ରବିବାର ସକାଳେ ସେ ତାଙ୍କ ପରିବାରକୁ ଭେଟିବା ପାଇଁ ଖମ୍ମମ୍‌ରୁ ହାଇଦ୍ରାବାଦ ଯାଉଥିବା ବେଳେ ଜାତୀୟ ରାଜପଥରେ ତାଙ୍କ କାର ଏକ ଡିଭାଇଡରରେ ଧକ୍କା ଦେଇ ହଠାତ ନିଆଁ ଲାଗିଯାଇଥିଲା। କେହି କିଛି ବୁଝିବା ପୂର୍ବରୁ ଭୟଙ୍କର ନିଆଁ ଗାଡ଼ି ଭିତରେ ଡାକ୍ତରଙ୍କୁ ଜୀବନ୍ତ ଗ୍ରାସ କରିଦେଇଥିଲା। ସୂର୍ଯ୍ୟପେଟ୍ ଜିଲ୍ଲାର ପିଲ୍ଲାମାରି ନିକଟରେ ଏହି ଦୁର୍ଘଟଣା ଘଟିଥିଲା। କାରଟି ଡକ୍ଟର କେ. ଜଗଦୀଶ ବାବୁ ଚଳାଉଥିଲେ।

## କାର୍ ଧକ୍କାରେ ଇଣ୍ଡିଗୋ କ୍ୟାବିନ୍ କ୍ରିଉ ମୃତ

ମୁମ୍ବାଇ,୨୦।୯ଃ ମୁମ୍ବାଇରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଇଣ୍ଡିଗୋ ଏୟାରଲାଇନ୍ସର ୩୪ ବର୍ଷୀୟା କ୍ୟାବିନ୍ କ୍ରିଉ କୈନୁର୍ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ଘରେ ରହୁଥିବା କୈନୁର୍ କର୍ତ୍ତବ୍ୟରେ ଯୋଗଦେବା ପାଇଁ ଏୟାରପୋର୍ଟ ଯାଉଥିବା ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସେ ଯାଉଥିବା ଗାଡ଼ିକୁ ସିଧାସଳଖ ଧକ୍କା ଦେଇଥିଲା। ଗାଡ଼ିର ବାମ ପାଖ ସିଟରେ ବସିଥିବା କୈନୁର୍ ଏଥିରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ପ୍ରଥମ ତୀର୍ଥଯାତ୍ରା ଆରମ୍ଭ

**ତୀର୍ଥଯାତ୍ରାରେ ବାହାରିଲେ ୩ ଜିଲ୍ଲାରୁ ୯୧୦ ବରିଷ୍ଠ ନାଗରିକ**




ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

ଉଦ୍ଘାଟନୀ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର ସୁଯୋଗ ସୃଷ୍ଟି ହୋଇଛି। ତୀର୍ଥଯାତ୍ରୀମାନେ ପୁରୀସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ଆସନ୍ତା ଅକ୍ଟୋବର ୧୭ ମଧ୍ୟରେ ୧୩ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି। ଆଜିର ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ ସେଥିମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଓ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ପ୍ରତି ବସରେ ୩୫ ଜଣ ତୀର୍ଥଯାତ୍ରୀଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଓ ଜଣେ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି।

ଏହି ଯୋଜନା ମାଧ୍ୟମରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ଅଧୀନରେ ନିଜ ପଞ୍ଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଓ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।

■ ବେଗୁନିଆପଡ଼ା ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

## ପରୀକ୍ଷା ଦେଲେ ୯୯୭୯ ପରୀକ୍ଷାର୍ଥୀ



ବେଗୁନିଆପଡା,୨୦।୯ (ସଂଚାର ବ୍ୟୁରୋ) : ବେଗୁନିଆପଡ଼ା ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ରବିବାର ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ପରୀକ୍ଷା କେନ୍ଦ୍ରରେ ଫାଉଣ୍ଡେସନାଲ୍ ଲିଟେରାସି ଆଣ୍ଡ ନ୍ୟୁମେରାସି ଆସେସମେଣ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟେଷ୍ଟରେ ପ୍ରାୟ ୯୯୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୪୫୫୭ ଜଣ ପୁରୁଷ ହୋଇଥିବା ବେଳେ ୫୪୨୨ ଜଣ ମହିଳା ପରୀକ୍ଷାର୍ଥୀ ମଧ୍ୟ ଅଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟେଷ୍ଟ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହୋଇଯାଇଛି। ୧୫ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ନିରକ୍ଷର ବ୍ୟକ୍ତିଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ଉଲ୍ଲାସ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଅଟେ ।

● ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ମେଡିକାଲରେ ଉତ୍ତେଜନା

## ଭଙ୍ଗାରୁଜା କଲେ ସ୍ଥାନୀୟ ଲୋକେ




ବାଙ୍ଗିରିପୋଷି,୨୦।୯(ସଂଚାର ବ୍ୟୁରୋ): ଡାକ୍ତର ଅନୁପସ୍ଥିତିକୁ ନେଇ ମେଡିକାଲରେ ଉତ୍ତେଜନା। ମୟୂରଭଞ୍ଜ ଜିଲ୍ଲା ସାରସକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତୀବ୍ର ଉତ୍ତେଜନା। ଡାକ୍ତର ଅନୁପସ୍ଥିତିକୁ ନେଇ ହସ୍ପିଟାଲ ପରିସରରେ ଭଙ୍ଗାରୁଜା କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ମୃତ ଶିଶୁର ସମ୍ପର୍କୀୟ। ମୁଣ୍ଡାକଟା ଗାଁର ବେହେରା ସାହିର ରାଜା ବେହେରାଙ୍କ ଦୁଇ ବର୍ଷର ଶିଶୁ ଘରେ ଖେଳୁଥିବା ବେଳେ ଟେବୁଲ୍ ଫ୍ୟାନର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲା। ପରିବାର ଲୋକେ ତାକୁ ତୁରନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଉପସ୍ଥିତ ନ ଥିବାରୁ ପ୍ରଥମେ ଶିର୍ଷା ଓ ଶେଷରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ତେବେ ସାରସକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ଶିଶୁର ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ପକ୍ଷରୁ ଦାବି କରାଯାଇଛି। ଝାରପୋଖରୀଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆସିଛି।

## ପୂଜା ସମ୍ବନ୍ଧୀୟ ବିଜ୍ଞାପନ ପାଇଁ ଏନ୍‌ଓସି ଆବଶ୍ୟକ

କୋଲକାତା, ୨୦।୯(ସଂଚାର ବ୍ୟୁରୋ): ପୂଜା ଉତ୍ସବ ସମୟରେ ଗେଟ୍, ହୋର୍ଡିଂ ଓ ବ୍ୟାନର ଭଳି ବିଜ୍ଞାପନ ପ୍ରଦର୍ଶନ କରିବା ପାଇଁ ସହରର ପୂଜା କମିଟିଗୁଡ଼ିକୁ କୋଲକାତା ମ୍ୟୁନିସିପାଲ କର୍ପୋରେସନ୍ (କେଏମ୍‌ସି) ଠାରୁ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ସଂଗ୍ରହ କରିବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ଆବେଦନ ଫର୍ମ କେଏମ୍‌ସିର ୱେବସାଇଟ୍‌ରୁ ସଂଗ୍ରହ କରାଯାଇପାରିବ। ଏହି ଫର୍ମଗୁଡ଼ିକ ରବିବାରଠାରୁ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ସକାଳ ୧୧ଟାରୁ ଅପରାହ୍ଣ ୪ଟା ମଧ୍ୟରେ ସଂଗ୍ରହ କରାଯାଇପାରିବ। ଫର୍ମ ପୂରଣ କରିବା ପରେ ଏହାକୁ କର୍ପୋରେସନ୍‌ର ବିଜ୍ଞାପନ ବିଭାଗରେ ଦାଖଲ କରିବାକୁ ହେବ।

**ଭୁବନେଶ୍ୱରରେ ଅଭାବନୀୟ ଘଟଣା**

## ଧାର୍ ଟଙ୍କା ଫେରି ନ ପାଇ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସାଙ୍ଗମାନଙ୍କୁ ନିଜର ଭାବି ବିଶ୍ୱାସ କରି ଧାର ଆକାରରେ ଦେଇଥିବା ବିପୁଳ ଅର୍ଥ ଆଉ ଫେରି ନ ପାଇବାରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ନିଜର କଷ୍ଟ ଉପାର୍ଜିତ ୭ ଲକ୍ଷ ଟଙ୍କା ସାଙ୍ଗମାନେ ଫେରାଇବାକୁ ମନା କରିଦେବାରୁ ମାନସିକ ଭାରସାମ୍ୟ ହରାଇ ଯୁବକ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମିଳିଥିବା ସୂଚନାନୁଯାୟୀ, ମୃତ ଯୁବକ ଜଣଙ୍କ କିଛି ଦିନ ତଳେ ତାଙ୍କର କେତେକ ଘନିଷ୍ଠ ବନ୍ଧୁଙ୍କୁ ଆର୍ଥିକ ଭାବେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ୭ ଲକ୍ଷ ଟଙ୍କା ଧାର ଆକାରରେ ଦେଇଥିଲେ। ସେତେବେଳେ ବନ୍ଧୁମାନେ ଖୁବ୍‌ଶୀଘ୍ର ଟଙ୍କା ଫେରାଇଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ସମୟ ବିତିବା ସହ ସେମାନେ ନିଜ କଥାରୁ ଓହରିଯାଇଥିଲେ। ଯେତେବେଳେ ଯୁବକ ଜଣଙ୍କ ଟଙ୍କାର ଆବଶ୍ୟକତା ପଡ଼ିବାରୁ ବାରମ୍ବାର ବନ୍ଧୁମାନଙ୍କୁ ଧାର ଆକାରରେ ଦେଇଥିବା ଟଙ୍କା ମାଗିଥିଲେ, ସେତେବେଳେ ସେମାନେ ବିଭିନ୍ନ ବାହାନା କରି ତାଙ୍କୁ ହଇରାଣ ହରକତ କରିଥିଲେ। ଏପରିକି ପରେ ସେମାନେ ଟଙ୍କା ଦେବାକୁ ସମ୍ପୂର୍ଣ୍ଣ ମନା କରିଦେଇଥିଲେ।

ତେବେ ଏତେ ଟଙ୍କା ବୁଡ଼ିଯିବା ଓ ଯେଉଁମାନଙ୍କୁ ସେ ସବୁଠାରୁ ଅଧିକ ବିଶ୍ୱାସ କରୁଥିଲେ ସେମାନଙ୍କଠାରୁ ଏଭଳି ଧୋକା ପାଇବା ପରେ ଯୁବକ ଜଣଙ୍କ ଭାଙ୍ଗି ପଡ଼ିଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ, ଗତ କିଛି ଦିନ ହେବ ସେ ଟଙ୍କା କଥାକୁ ନେଇ ଅତ୍ୟନ୍ତ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଶେଷରେ କୌଣସି ଉପାୟ ନ ପାଇ ସେ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଆଧାରରେ ପୁଲିସ ଟଙ୍କା ନେଇଥିବା ସମ୍ପୃକ୍ତ ସାଙ୍ଗମାନଙ୍କୁ ଖୋଜୁଛି। ଏ ସଂକ୍ରାନ୍ତରେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯିବ ଓ ଦୋଷୀ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ପୁଲିସ୍ ଉକ୍ତ ଯୁବକଙ୍କ ବନ୍ଧୁମାନଙ୍କ କଲ୍ ରେକର୍ଡସ୍ ଓ ବ୍ୟାଙ୍କ୍ କାରବାରର ବିବରଣୀ ମଧ୍ୟ ଯାଞ୍ଚ କରୁଛି।

## ସେପ୍ଟି ଟାଙ୍କିରେ ପଡ଼ି ଷଣ୍ଢ ମୃତ, ସଂସ୍କାର କଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୨୦।୯ (ସଂଚାର ବ୍ୟୁରୋ): ବାଲିପାଟଣା ଗ୍ରାମ ଦେବତୀ ମା' ମୋହିନୀ ଦେବୀଙ୍କ ପୀଠ ସଂଲଗ୍ନ ନାୟକସାହିର ଜନୈକ ବ୍ୟକ୍ତିଙ୍କର ସେପ୍ଟି ଟାଙ୍କିରେ ଶନିବାର ବିଳମ୍ବିତ ରାତିରେ ଏକ ଷଣ୍ଢ ପଡ଼ି ଯାଇଥିଲା। ଆଜି ସକାଳୁ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ଗ୍ରାମର ଯୁବକମାନେ ବହୁ ଉଦ୍ୟମ କରି ଥିଲେ ହେଁ ଷଣ୍ଢକୁ ଉଦ୍ଧାର କରିବା ସମ୍ଭବପର ହୋଇ ନଥିଲା। ସୁସ୍ଥ ସବଳ ଷଣ୍ଢଟି ଅଣଓସାରିଆ ସ୍ଥାନରେ ମୁହଁମାଡ଼ି ପଡ଼ି ମୃତ୍ୟୁବରଣ କରିଛି। ଷଣ୍ଢ ଉଦ୍ଧାର ନ ହୋଇପାରିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହ ଅନେକ ଲୋକ କାନ୍ଦିବା ଦେଖାଯାଇଥିଲା। ଗ୍ରାମର କିଛି ସାହସୀ ଯୁବକ ଚେନ ପୁଲି ଦ୍ୱାରା ଅପରାହ୍ଣରେ ମୃତ ଷଣ୍ଢକୁ ସେପ୍ଟି ଟାଙ୍କିରୁ ଉଦ୍ଧାର କରିଥିଲେ। ସଂକୀର୍ତ୍ତନ, ଘଣ୍ଟଘଣ୍ଟା ଓ ହରିବୋଲ ଧ୍ୱନି ସହିତ ବ୍ରାହ୍ମଣୀ ନଦୀପଠାରେ ଗାତ ଷଣ୍ଢଟିକୁ ସମାଧି ଦିଆଯାଇଥିଲା।

## ଟ୍ରଲରକୁ ପଛରୁ ପିଟିଲା ମାଲବାହୀ ଟ୍ରକ୍, ୨ ମୃତ



ଖୋର୍ଦ୍ଧା, ୨୦।୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପଲାତୋଟାପଡ଼ା ଛକ ନିକଟରେ ଶନିବାର ଭୋରୁ ଘଟିଥିବା ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଟି ପରିବାରର ଦୁଇଜଣ ମୃତ୍ୟୁବରଣ କରିଛନ୍ତି। ଆଗରେ ଯାଉଥିବା ଏକ ଟ୍ରଲର୍‌ର ପଛପଟକୁ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ଟ୍ରକ୍‌ର ସମ୍ମୁଖ ଭାଗ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଟ୍ରକ୍ ଭିତରେ ଥିବା ଡ୍ରାଇଭର ଓ ହେଲ୍ପର ଚାପି ହୋଇଯାଇଥିଲେ। ଖବର ପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର ପରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ମୃତକ ଦୁଇଜଣ ତାମିଲନାଡୁର ଓ ସେମାନେ ପ୍ରଶାନ୍ତ (୩୪) ଏବଂ ଏ. ଧନଶୀଳନ (୨୫)ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରଲରଟି ଫେରାର ହୋଇଯାଇଛି।

● ପଶ୍ଚିମ ଓଡିଶା ଅଗ୍ରଣୀ ସଂଗଠନ ନିର୍ବାଚନ

## ସଞ୍ଜୀବ ସଭାପତି, ଦୁଃଖୀଶ୍ୟାମ ଭଞ୍ଜ ସାଧାରଣ ସମ୍ପାଦକ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ଦ୍ୱିବାର୍ଷିକୀ ନିର୍ବାଚନ ଆଜି ଓଡ଼େସା ଭବନରେ ଅନୁଷ୍ଠିତ ହୋଇ ଯାଇଛି। ସଞ୍ଜୀବ କୁମାର ମିଶ୍ର ସଭାପତି, ଆଶୁତୋଷ ହୋତା କାର୍ଯ୍ୟକାରୀ ସଭାପତି, ଦୁଃଖୀଶ୍ୟାମ ଭଞ୍ଜ ସାଧାରଣ ସମ୍ପାଦକ, ସୀମାଞ୍ଚଳ ପଟ୍ଟନାୟକ, ଶ୍ରୁତିକିର୍ତ୍ତୀ ତ୍ରିପାଠୀ, ଅନିଲ ମହାପାତ୍ର, ନେତମ ଆନନ୍ଦ ସମ୍ପାଦକ, ଲୋକେଶ ଜଗତ କୋଷାଧକ୍ଷ ଓ ବିକେ ଦାସ ପ୍ରକଳ୍ପ ସଂଯୋଜକ ଭାବେ ସର୍ବସମ୍ମତ କ୍ରମେ ମନୋନୀତ ହୋଇଛନ୍ତି। ସେହିଭଳି ୫ଜଣ ଉପଦେଷ୍ଟା ଓ ୧୦ ଜଣ ସଦସ୍ୟ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ପାରିବାରିକ ନୂଆଖାଇ ଭେଟଘାଟ, ମା' ସମଲେଶ୍ୱରୀ ମନ୍ଦିର ନିର୍ମାଣ, ସମ୍ବଲପୁରୀ ଦିନ ଓ ସରକାରୀ ସହଯୋଗରେ ବୀର ସୁରେନ୍ଦ୍ର ସାଇ, ବିର୍ସାମୁଣ୍ଡା, ଗଙ୍ଗାଧର ଜୟନ୍ତୀ ପୂର୍ବ ବର୍ଷଭଳି ପାଳନ ହେବ ସେ ନେଇ ନୂତନ କମିଟି ପଦକ୍ଷେପ ନେବ ବୋଲି ଆଲୋଚନା ହୋଇଛି। ଚଳିତ ବର୍ଷ କମିଟିରେ ବହୁ ଯୁବକଙ୍କ ଯୋଗଦାନ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଆହୁରି ଋଦ୍ଧିମନ୍ତ କରିବ ବୋଲି ମତ ପ୍ରକାଶ ପାଇଛି।

# ନଗଦ ଚିନ୍ତା, କମୁଛି ବ୍ୟାଙ୍କ୍ ଏଟିଏମ୍



ଭୁବନେଶ୍ୱର,୨୦।୯: ୟୁପିଆଇ ପେମେଣ୍ଟର ନୂଆ ନିୟମକୁ ଦେଖି ଲୋକେ ପୁଣି ନଗଦ କାରବାର ଚିନ୍ତାରେ ଥିବା ବେଳେ ବ୍ୟାଙ୍କ୍‌ମାନଙ୍କର ଏଟିଏମ ସଂଖ୍ୟା କିନ୍ତୁ କମିବାରେ ଲାଗିଛି। ବିଶେଷକରି ୟୁପିଆଇର ବ୍ୟବହାର ଯୋଗୁଁ ବ୍ୟାଙ୍କ୍‌ଗୁଡ଼ିକର ଏଟିଏମ୍ ଅଲୋଡା ହେବା ପରେ ସଂଖ୍ୟା ହ୍ରାସ କରିବାରେ ଲାଗିଛନ୍ତି। ବ୍ୟାଙ୍କ୍ ଖାତାଧାରୀମାନେ ନଗଦ ଅର୍ଥ ପାଇଁ ସାଧାରଣତଃ ବ୍ୟାଙ୍କ୍ ଶାଖା ବଦଳରେ ଏଟିଏମରୁ ହିଁ ଟଙ୍କା ଉଠାଇଥାନ୍ତି। ଗୋଟିଏ ବ୍ୟାଙ୍କ୍‌ର କାର୍ଡଧାରୀ ଯେକୌଣସି ବ୍ୟାଙ୍କ୍‌ର ଏଟିଏମ୍‌ରୁ ଟଙ୍କା ବାହାର କରିବାର ସୁବିଧା ରହିଛି। ଏଥିପାଇଁ ସହରାଞ୍ଚଳରେ ପ୍ରାୟ ସମସ୍ତ ବ୍ୟାଙ୍କ୍ ନିଜ ନିଜ ଗ୍ରାହକଙ୍କ ସୁବିଧା ପାଇଁ ଏକାଧିକ ଏଟିଏମ୍ ବସାଇଥିବା ବେଳେ ଗାଁଗହଳରେ ମଧ୍ୟ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇଁ ଏହି ସୁଯୋଗ ଉପଲବ୍ଧ କରିଥିଲେ। ତେବେ ୟୁପିଆଇର ବହୁଳ ବ୍ୟବହାର ଯୋଗୁଁ ଲୋକେ ଆଉ ଏଟିଏମ୍‌ରୁ ପୂର୍ବଭଳି ଟଙ୍କା ଉଠାଇଲେ ନାହିଁ। ଫଳରେ ବ୍ୟାଙ୍କ୍‌ଗୁଡିକ ଧିରେ ଧିରେ ସମାନଙ୍କର ଏଟିଏମ ସଂଖ୍ୟା କମାଇଦେଲେ।

ସୂଚନାନୁଯାୟୀ, ଗତ ବର୍ଷ ମଧ୍ୟରେ ବିଭିନ୍ନ ବ୍ୟାଙ୍କ୍ ୪୬୩ଟି ଏଟିଏମ୍ ବନ୍ଦ କରିଦେଇଛନ୍ତି। ଏଥିରେ ସର୍ବାଧିକ ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର। ଗତବର୍ଷ ଜୁନ୍ ସୁଦ୍ଧା ଏସବିଆଇର ରାଜ୍ୟରେ ୩୩୯୦ଟି ଏଟିଏମ୍ ଥିବା ବେଳେ ଚଳିତବର୍ଷ ଜୁନ୍ ସୁଦ୍ଧା ଏଥିରୁ ୨୩୯ଟି ହ୍ରାସ ପାଇ ୩୧୫୧ରେ ପହଞ୍ଚିଛି। ସେହିଭଳି ଆକ୍ସିସ ବ୍ୟାଙ୍କ୍ ତାହାର ଏଟିଏମ ସଂଖ୍ୟା ଏହି ସମୟ ମଧ୍ୟରେ ୧୫୦ଟି କମାଇ ଦେଇଥିବା ବେଳେ ଆଇସଆଇସିଆଇ ୩୩ଟି, କାନାରା ବ୍ୟାଙ୍କ୍ ୧୪ଟି, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ୧୧ଟି ହ୍ରାସ କରିଛି। ଏହି ତାଲିକାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ର ୫ଟି ଏଟିଏମ୍ ଥିବା ବେଳେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ୪ଟି, ବନ୍ଧନ ବ୍ୟାଙ୍କ୍‌ର ୨ଟି, ଲକ୍ଷ୍ମୀ ବିଳାସ ବ୍ୟାଙ୍କ୍, ଆଇଡିବିଆଇ ଓ ଇଣ୍ଡସ ଇଣ୍ଡ୍ ବ୍ୟାଙ୍କ୍ ଗୋଟିଏ କରି ବନ୍ଦ କରିଛନ୍ତି।

ବର୍ତ୍ତମାନ ୟୁପିଆଇର ନୂତନ ପେମେଣ୍ଟ ବ୍ୟବସ୍ଥାରେ ବ୍ୟବସାୟୀଙ୍କ ପାଇଁ ୨ ହଜାର ଟଙ୍କାରୁ ଅଧିକ ଅର୍ଥ ୟୁପିଆଇ ଜରିଆରେ ଗ୍ରହଣ କଲେ ଟିକସ ଦେବାକୁ ପଡ଼ିବ ବୋଲି ପ୍ରଚାର ପରେ ବ୍ୟବସାୟୀମାନେ ୟୁପିଆଇ ଜରିଆରେ ଅର୍ଥ ନେବେନାହିଁ ବୋଲି କହିଲେଣି। ତେଣୁ ବଜାରରେ ନଗଦ କାରବାର ନିଶ୍ଚିତ ବଢ଼ିବ ବୋଲି ଆର୍ଥିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଭଳି ସ୍ଥିତିରେ ବ୍ୟାଙ୍କ୍‌ଗୁଡ଼ିକର ଏଟିଏମ୍ ହ୍ରାସ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ସେମାନେ ବ୍ୟାଙ୍କ୍ ଶାଖାକୁ ଯାଇ ଅର୍ଥ ଉଠାଇବା ଏକ ପ୍ରକାରା ପାଶୋରି ଦେଲେଣି। ଲୋକଙ୍କ ଭିଡ଼ ହ୍ରାସ ଯୋଗୁଁ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟ କର୍ମଚାରୀ ସଂଖ୍ୟା ହ୍ରାସ କରିଛନ୍ତି। ସେହିଭଳି ୟୁପିଆଇ ଯୋଗୁଁ ଏଟିଏମ୍ ଏକପ୍ରକାର ଅଚଳ ହେବା ପରେ ବ୍ୟାଙ୍କ୍‌ଗୁଡ଼ିକ ନିଜର ଅର୍ଥ ସଞ୍ଚୟ ପାଇଁ ତାହାକୁ ମଧ୍ୟ ବନ୍ଦ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଲୋକେ ନଗଦ ଅର୍ଥ କେଉଁଠୁ ଆଣି କାରବାର କରିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ବେଳେ ୟୁପିଆଇର ନୂତନ ପେମେଣ୍ଟ ନିୟମକୁ ନେଇ ଏବେ ରାଜନୀତି ଜୋର ଧରିବା ସହ ସାଧାରଣ ଲୋକେ ବି ତର୍ଜମା କରିବାରେ ଲାଗିଛନ୍ତି। (ତଥ୍ୟ)

## ପୂଜା ସମୟରେ ସ୍ୱତନ୍ତ୍ର ଟ୍ରେନ୍



କୋଲକାତା, ୨୦।୯(ସଂଚାର ବ୍ୟୁରୋ): ପୂଜା ସମୟରେ ଦୀଘା ଯାତ୍ରା ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି। ଏହି ସେବା ଗୁରୁବାର ଦିନ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ମାଲଦା ଟାଉନ୍-ଦୀଘା ସ୍ପେଶାଲ୍ (ଟ୍ରେନ୍ ନଂ ୦୩୪୬୫) ପ୍ରତିଦିନ ଅପରାହ୍ଣ ଗୋଟାଏ ୧୦ ସମୟରେ ଛାଡ଼ି ସେହି ଦିନ ରାତି ୧୧ଟା ସମୟରେ ଦୀଘାରେ ପହଞ୍ଚିବ। ଅନ୍ୟପକ୍ଷରେ, ଦୀଘା-ମାଲଦା ଟାଉନ୍ ସ୍ପେଶାଲ୍ (ଟ୍ରେନ୍ ନଂ ୦୩୪୬୬) ରାତି ୧୧ଟା ୪୦ ସମୟରେ ଦୀଘାରୁ ଛାଡ଼ି ପରଦିନ ସକାଳ ୯ଟା ୨୦ ସମୟରେ ମାଲଦାରେ ପହଞ୍ଚିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶକୁ ହରାଇ...

ବୌଳିଙ୍କ ସହ ୯୪ ରନ୍ ଯୋଡ଼ିଥିଲେ। ମନ୍ଧାନା ମାତ୍ର ୧୯ ବଲ୍‌ରେ ୫ଟି ଚୌକା ଓ ୨ଟି ଛକା କରାଆରେ ୩୭ ଏବଂ ହରମନପ୍ରୀତ୍ ୬ଟି ଚୌକା ସହ ୪୦ ରନ୍ କରିଥିଲେ। ସେହିପରି ଶେଫାଳୀ ବିସ୍ଫୋରକ ଇନିଂସ ଖେଳି ମାତ୍ର ୪୭ ବଲ୍‌ରେ ୩ଟି ଚୌକା ଓ ୯ଟି ଛକା ସହ ୧୦୦ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଟି-୨୦ କ୍ରିକେଟ୍‌ରେ ଏହା ଶେଫାଳୀଙ୍କ ପ୍ରଥମ ଶତକ ଥିଲା। ବାଂଲାଦେଶ ପକ୍ଷରୁ ମାରୁଫା ଅକ୍ତର, ଏସ. ଅକ୍ତର ମେଘଲା, ରାବେୟା ଖାନ୍ ଓ ନାହିଦା ଅକ୍ତର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବଡ଼ ଟାର୍ଗେଟ୍ ତାପରେ ଶ୍ରୀଲଙ୍କା ବ୍ୟାଟିଂରେ ୧୫.୪ ଓଭର୍‌ରେ ମାତ୍ର ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ଓପନର ଦିଲାରା ଅକ୍ତର ୨୭ ରନ୍ କରିଥିବା ବେଳେ ଦଳର କେବଳ ୩ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଭାରତ ପକ୍ଷରୁ ନନ୍ଦନୀ ଶର୍ମା ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ଏବଂ ଶ୍ରୀ ଚରଣୀ ୨ଟି ୱିକେଟ୍ ଦଖଲ କରିଥିଲେ। ଅନ୍ୟପକ୍ଷରେ ଆଜି ଖେଳାଯାଇଥିବା ପ୍ରଥମ ସେମିରେ ପାକିସ୍ତାନକୁ ଶ୍ରୀଲଙ୍କା ୮ ୱିକେଟ୍‌ରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରି ଫାଇନାଲ୍‌ରେ ପହଞ୍ଚିଛି।

### ଦୀପାବଳୀ ପର୍ବରୁ...

ମୋହନ ଚରଣ ମାଝୀଙ୍କ ସହ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ପାରସ୍ପରିକ ସହଯୋଗ, ବିକାଶ ଓ ଜନକଲ୍ୟାଣ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ନେଇ ସାର୍ଥକ ଆଲୋଚନା ହୋଇଛି। ଦୁଇ ରାଜ୍ୟ ମଧ୍ୟରେ ରହିଥିବା ପାରସ୍ପରିକ ସହଯୋଗକୁ ଆହୁରି ଗତିଶୀଳ କରିବା ସହ ଜନସ୍ୱାର୍ଥ ଓ ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ନିରନ୍ତର ଆଗକୁ ବଢ଼ିବା ପାଇଁ ଏହି ଅବସରରେ ସଂକଳ୍ପବଦ୍ଧତା ପ୍ରକାଶ ପାଇଛି। ଦୁଇ ରାଜ୍ୟର ଉନ୍ନତି ଓ ଜନକଲ୍ୟାଣ ପାଇଁ ସମନ୍ୱୟ ଏବଂ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମୋହନ ଚରଣ ମାଝୀ ମଧ୍ୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଏବଂ ଲୋକଙ୍କ ବିକାଶ ଓ କଲ୍ୟାଣ ଦିଗରେ ଆମର ମିଳିତ ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇବା ସମ୍ପର୍କରେ ଆମ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା ହୋଇଥିବା 'ଏକ୍ସ'ରେ ସୂଚନା ଦେଇଛନ୍ତି।

### ମୀନାଙ୍କ ପରେ...

୧୧ ତାରିଖରୁ ରାଷ୍ଟ୍ରପତି ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। କମିଶନରେଟ ପୁଲିସ ମଧ୍ୟ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇସାରିଛି। ତେଣୁ ବସ୍ତୁତଃ ଏବେ ଭୁବନେଶ୍ୱରରେ ସ୍ଥାୟୀ ଡିସିପି ନାହାନ୍ତି। ସରକାର ବିକଳ୍ପ ବାଛିବା ଯାଏଁ ସେ ଦାୟିତ୍ୱରେ ଅଛନ୍ତି। ତେବେ ସେ କୌଣସି ଅଫିସିଆଲ ଫାଇଲ୍‌ରେ ଆଉ ଦସ୍ତଖତ କରୁନାହାନ୍ତି। ଏଭିତରେ ବ୍ରହ୍ମପୁର ଏସ୍‌ପି ସରବଣା ବିବେକ ଏମ୍., କଟକ ଡିସିପି ଋଷିକେଶ ଖିଲାରୀ, ଖୋର୍ଦ୍ଧା ଏସ୍‌ପି ସ୍ମିତ ପରମାର୍ ଓ କେନ୍ଦୁଝର ଏସ୍‌ପି କୁଶଳକର ନୀତିନ ଦଗଡୁ ଏହି ୪ ଜଣ ଆଇପିଏସଙ୍କ ଭିତରୁ ଜଣଙ୍କୁ ରାଜଧାନୀ ଡିସିପି ଦାୟିତ୍ୱ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ତାରିଖ ପରେ ତାରିଖ ଗଡ଼ୁଛି। ଅନିଶ୍ଚିତତାରେ ଡିସିପି ଚୟନ ପ୍ରକ୍ରିୟା। ରାଜଧାନୀ ଡିସିପି କିଏ ହେବେ, ସେନେଇ ଯେତିକି ଚର୍ଚ୍ଚା ହେଉଛି ତା'ଠାରୁ ଅଧିକ ଚର୍ଚ୍ଚା ରାଜ୍ୟର ପୂର୍ଣ୍ଣକାଳୀନ ଡିଜିପି କିଏ ହେବେ? ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗରେ କୌଣସି ରାୟ ନ ହେବା ଯାଏଁ ଓଡ଼ିଶା ପୁଲିସ ପୂର୍ଣ୍ଣକାଳୀନ ଡିଜିପି ପାଇପାରିବ ନାହିଁ। ଡିଜିପି ଚୟନ ପରେ ଆଗକୁ ପୁଲିସ ଅଧିକାରୀ ସ୍ତରରେ ବଡ଼ ଅଦଳବଦଳ ହୋଇପାରେ ବୋଲି ଅନୁମାନ କରାଯାଉଛି। ଯାହାକୁ ନେଇ ପୁଲିସ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଆଗକୁ ପାର୍ବଣ ଋତୁ ଆସୁଛି, ଏସିସହ ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଅପରାଧୀ ଦମନ, ଭିଆଇପି ସୁରକ୍ଷା ଇତ୍ୟାଦି ଅନେକ ପ୍ରସଙ୍ଗ ଗୁରୁତ୍ୱ ବହନ କରେ। ଏଭଳି ସ୍ଥିତିରେ ରାଜ୍ୟ କେବେ ପୂର୍ଣ୍ଣକାଳୀନ ଡିଜିପି ପାଉଛି ଓ ରାଜଧାନୀ କେବେ ନୂଆ ଡିସିପି ପାଉଛି, ତାକୁ ସମସ୍ତଙ୍କ ଅପେକ୍ଷା ରହିଛି।

### ପୁଣି ନବୀନ ଖେଳିଲେ...

ସରକାର ଖଣି କମ୍ପାନୀ ବିରୋଧରେ ମଧ୍ୟ ସୁପ୍ରିମକୋର୍ଟରେ ଏହି ଲଢ଼େଇ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ଆଡଭୋକେଟ ଜେନେରାଲ ମଧ୍ୟ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କର ପକ୍ଷ ରଖିଥିଲେ। ଏଥିରେ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢ଼ି ନିଆଯାଏ, ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ। ଆମର ନିରନ୍ତର ଉଦ୍ୟମ ଯୋଗୁଁ ଓଡ଼ିଶା ନ୍ୟାୟ ପାଇଲା ଏବଂ ସୁପ୍ରିମକୋର୍ଟର ୯ଜଣିଆ ସାମ୍ବିଧାନିକ ବେଞ୍ଚ ତାଙ୍କ ରାୟରେ ଓଡ଼ିଶା ସରକାର ଖଣି କମ୍ପାନୀ ବିରୋଧରେ ନେଇଥିବା ପଦକ୍ଷେପକୁ ଉଚିତ ଦର୍ଶାଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ଓଡ଼ିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା। କୋଟି କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। କିନ୍ତୁ ଦୁଃଖର କଥା ସାରା ଦେଶକୁ ଆଚମ୍ବିତ କରି ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହୀତ ହୋଇଗଲା। ଏହା ଫଳରେ ରାଜ୍ୟର ଖଣିଜ ସମ୍ପଦ ଉପରୁ ଟିକସ ଆଦାୟର ସାମ୍ବିଧାନିକ କ୍ଷମତା ଓଡ଼ିଶାଠାରୁ କାଢ଼ି ନିଆଗଲା। ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧରେ ଯାଇ ବିଜେପିର ୨୦ ଜଣ ସାଂସଦ ଏହି ସଂଶୋଧନକୁ ସମର୍ଥନ କଲେ। ଶେଷରେ ସେମାନେ ଖଣି ମାଲିକ ଯାହା ଚାହୁଁଥିଲେ ତାହା କଲେ। ବର୍ତ୍ତମାନ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ)ର ପ୍ରତିକ୍ରିୟା ସ୍ୱରୂପ ଓଡ଼ିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଓ ଏହାର ସାମ୍ବିଧାନିକ ଅଧିକାର ମଧ୍ୟ ଚାଲିଯାଇଛି। ଗୃହର ନେତା ଭାବେ ବିଧାନସଭାରେ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ମୁଖ୍ୟମନ୍ତ୍ରୀଙ୍କର ନୈତିକ ଦାୟିତ୍ୱ ବୋଲି ନବୀନ କହିଛନ୍ତି। ଏହାକୁ ବିଜେଡି ସମର୍ଥନ କରିବ। ଏହାଦ୍ୱାରା ଓଡ଼ିଶାର ସାମ୍ବିଧାନିକ ଅଧିକାର ପୁନଃ ପ୍ରତିଷ୍ଠିତ ହେବା ସହ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ରହିବ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

### କାର୍ଯ୍ୟରତ ସମୟରେ...

ବିଧାନସଭା, ଲିଙ୍ଗରାଜ ମନ୍ଦିର, ଆର୍ମୋରି ଓ ଆରବିଆଇ ଭଳି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସ୍ଥାନରେ ଡ୍ୟୁଟି କରୁଥିବା ସମୟରେ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ହେବ। ସେହିପରି ପୁରୀ ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ସେବାୟତ ଓ ଭକ୍ତଙ୍କ ସହ ସେଠାରେ ନିୟୋଜିତ ଥିବା ପୁଲିସ କର୍ମଚାରୀମାନେ ମଧ୍ୟ ମୋବାଇଲ୍ ଫୋନ୍ ନେଇ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଉକ୍ତ ପ୍ରତିଷ୍ଠାନରେ ନିୟୋଜିତ ପୁଲିସ କର୍ମଚାରୀମାନେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣରେ ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡ କରିପାରିବେ ନାହିଁ। ଏହି ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ନିକଟ ଅତୀତରେ କେତେକ ପୁଲିସ କର୍ମଚାରୀ ନିଜର ଡ୍ୟୁଟି ସ୍ଥାନ ଏବଂ କାର୍ଯ୍ୟସ୍ଥଳୀ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆ ଓ ଅନ୍ୟ ସାର୍ବଜନୀନ ପ୍ଲାଟଫର୍ମରେ ଶେୟାର କରୁଥିବା ଦେଖାଯାଇଛି। ଏଭଳି ଭିଡିଓ ମାଧ୍ୟମରେ ଅଜାଣତରେ ଗୋପନୀୟ ସୂଚନା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସମ୍ବେଦନଶୀଳ ସ୍ଥାନ ସମ୍ପର୍କିତ ତଥ୍ୟ ସାର୍ବଜନୀନ ହେବାର ଆଶଙ୍କା ରହିଛି। ଏହା ସୁରକ୍ଷା ପାଇଁ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ଥିବାରୁ କମିସନରେଟ୍ ପୁଲିସ ଏହି ପଦକ୍ଷେପ ନେଇଛି।

### ଯୁଦ୍ଧ ବନ୍ଦ ପାଇଁ...

ସ୍ପଷ୍ଟ ଓ ସ୍ୱଚ୍ଛ ବୋଲି ରେଜାଇ ତାଙ୍କର 'ଏକ୍ସ' ପୋଷ୍ଟରେ ଦର୍ଶାଇଛନ୍ତି। ଅପର ପକ୍ଷରେ, ଇରାନର ୭-ସର୍ତ୍ତ ସମ୍ପର୍କିତ ପ୍ରଶ୍ନକୁ ରାଷ୍ଟ୍ରପତି ଟ୍ରମ୍ପ ଏଡ଼ାଇ ଯାଇଛନ୍ତି। ଫକ୍ସ ନ୍ୟୁଜ୍‌କୁ ଏକ ବିବୃତି ଦେଇ ଟ୍ରମ୍ପ କହିଛନ୍ତି ଯେ ତାଙ୍କ ନିକଟରେ ଏବେ କେବଳ ୩ଟି ବିକଳ୍ପ ରହିଛି। ସେଗୁଡ଼ିକ ହେଲା ଇରାନକୁ ବିଶ୍ୱ ମାନଚିତ୍ରରୁ ମୂଳପୋଛ କରିଦେବା, ଏହାର ଅର୍ଥନୀତିକୁ ଦୁର୍ବଳ କରିଦେଇ ସେମାନଙ୍କୁ ଭୋକରେ ଶଢ଼ି ମରିବାକୁ ଛାଡ଼ିଦେବା ନ ହେଲେ ଶାନ୍ତି ଚୁକ୍ତି କରିବା। ସେ ଆହୁରି କହିଛନ୍ତି ଯେ ସେ ଏବେ ବି ଆଶା ହରାଇନାହାନ୍ତି। ଆସନ୍ତା ମଙ୍ଗଳବାର ନ୍ୟୁୟର୍କରେ ଜାତିସଂଘର ସାଧାରଣ ଅଧିବେଶନ ବସିବାକୁ ଥିବା ବେଳେ ଏହି ଅବସରରେ ସେ ଇରାନର ରାଷ୍ଟ୍ରପତି ପେଜେସ୍କିଆନଙ୍କ ସହ ଭେଟିବାକୁ ଆଶା ରଖିଛନ୍ତି।

### ହାଇ-ପ୍ରୋଫାଇଲ୍...

ଥିବା ଓ ଅବସରପ୍ରାପ୍ତ ବରିଷ୍ଠ ବ୍ୟୁରୋକ୍ରାଟ୍ ମଧ୍ୟ ଏହି ତାଲିକାରେ ଅଛନ୍ତି। ସେହିପରି ସ୍ପେଶାଲ ଇନଟେନସିଭ୍ ରିଭିଜନ୍ (ଏସଆଇଆର) ପ୍ରକ୍ରିୟାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜରିୱାଲ ଓ ତାଙ୍କ ପରିବାରର ଚାରିଜଣ ସଦସ୍ୟଙ୍କୁ 'ଅନମ୍ୟାପଡ୍' ବର୍ଗରେ ରଖି ନିର୍ବାଚନ ଆୟୋଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ତାଙ୍କ ପତ୍ନୀ ସୁନୀତା କେଜରିୱାଲ, ପିତା ଗୋବିନ୍ଦ ରାମ କେଜରିୱାଲ, ମାତା ଗୀତା ଦେବୀ ଓ ୨୫ ବର୍ଷୀୟ ପୁଅ ପୁଲକିତ୍ କେଜରିୱାଲଙ୍କ ରେକର୍ଡଗୁଡ଼ିକୁ ଯାଞ୍ଚ ପାଇଁ ଚିହ୍ନଟ କରାଯାଇଛି। ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇସି) ଏହା ସ୍ପଷ୍ଟ କରିଛନ୍ତି ଯେ କେବଳ ନୋଟିସ୍ ମିଳିବା ମାତ୍ରେ କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାହାର କରାଯିବ ନାହିଁ। ଇସିଆଇନେଟ୍‌ରେ ତଥ୍ୟଗୁଡ଼ିକୁ ସଂଶୋଧନ କରିବା ପାଇଁ ଏହି ସିଷ୍ଟମ୍-ଜେନେରେଟେଡ୍ ନୋଟିସ୍ ଜାରି କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କ ପକ୍ଷ ରଖିବାର ସୁଯୋଗ ଦିଆଯିବ। ସମସ୍ତ ନିୟମ ଅନୁସାରେ ଯାଞ୍ଚ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି।

### ଫେରିଲେ ପ୍ରସାଦ...

ଗୃହକୁ ଓହ୍ଲାଇବ ତାହା ଉପରେ ସମସ୍ତଙ୍କ ନଜର ଥିବା ବେଳେ ହଠାତ୍ ପ୍ରସାଦଙ୍କ ଭଳି ବରିଷ୍ଠ ନେତା ଭକ୍ତଙ୍କୁ ତେରଚ୍ଛା ବାଣ ମାରିବାକୁ କର୍ମୀମାନେ କିନ୍ତୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ପ୍ରସାଦଙ୍କ ମନ୍ତବ୍ୟ ପଛରେ ଦଳୀୟ ହାଇକମାଣ୍ଡଙ୍କର କିଛି ସବୁଜ ସଙ୍କେତ ଅଛି କି ନାହିଁ, ତାହାକୁ ନେଇ ଦଳ ଭିତରେ ତର୍ଜମା ଆରମ୍ଭ ହୋଇଯାଇଛି।

# ଅନ୍ଧାରରେ କେନ୍ଦ୍ରାପଡ଼ା ସହର

### ରକ୍ଷଣାବେକ୍ଷଣ ନାଁରେ ସିସକା ଏଜେନ୍ସି ନେଇଛି ୫୨ଲକ୍ଷ

### ଲାଇଟ୍‌ର ନାଁ ଗନ୍ଧ ନାହିଁ, ୧୮୯୦ ଲାଇଟ୍ ଲଗାଇବା ନାଁରେ ୪.୩୦ ବିଲ୍

### ପୌରପାଳିକାର ଘରୋଇ ସଂସ୍ଥା ପ୍ରୀତି



କେନ୍ଦ୍ରାପଡ଼ା,୨୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରରେ ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ୨୧ଟି ୱାର୍ଡ ବିଶିଷ୍ଟ କେନ୍ଦ୍ରାପଡ଼ା ସହରର ବହୁ ଅଞ୍ଚଳ ସନ୍ଧ୍ୟା ପରେ ଅନ୍ଧାର ଘେରରେ ରହୁଛି। ଟାଉନ୍‌ର ଗଳିକନ୍ଦି ତ ଦୂରର କଥା, ମୁଖ୍ୟରାସ୍ତା, ଛକ ବଜାର ଅଞ୍ଚଳରେ ଅନେକ ସମୟରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। କେଉଁଠି ଫାଳେ ଜଳିଲେ ଆଉ ଫାଳେ ଅନ୍ଧାର ରହୁଛି। ଦୁହୁରିଆରୁ ଗରାପୁର ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଓ ଗରାପୁର ଭିଆଇପି ରୋଡ଼ ଦୀର୍ଘ ଦିନ ଧରି ଅନ୍ଧାରରେ ରହିବା ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ପଞ୍ଚାୟତ ଅଧୀନରେ ଏହି ରାସ୍ତା ଯାଉଥିବା ଦର୍ଶାଇ କେନ୍ଦ୍ରାପଡ଼ା ପୌରପାଳିକା ଲାଇଟ୍ ମରାମତି କରୁନାହିଁ । କିନ୍ତୁ ନିଜ ମୁନିସିପାଲିଟି ଅଞ୍ଚଳରେ ବହୁଦିନ ଧରି ଜଳୁ ନ ଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ କିଏ ମନା କରିଛି ? ସହରର ଅନେକ ଯାଗା ଅନ୍ଧକାରରେ ରହିଥିବା ବେଳେ ଇଚ୍ଛାପୁର ରଥଦାଣ୍ଡ ଅବସ୍ଥା ବି ଆହୁରି ନଗଣ୍ୟ ଅବସ୍ଥାରେ ଅଛି।ରଥଦାଣ୍ଡର ଗୋଟିଏ ପାଶ୍ୱର୍ ଜଳୁଥିଲା ବେଳେ ଅନ୍ୟପାର୍ଶ୍ୱ ଅନ୍ଧାର ତ କେତେବେଳେ ସମ୍ପୂର୍ଣ୍ଣ ଅନ୍ଧାର ଭଳି ଚିତ୍ର ପ୍ରାୟତଃ ବର୍ଷ ତମାମ୍ ସହର ଆଲୋକୀକରଣ ବ୍ୟବସ୍ଥାର ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳୁଛି। ଖୋଦ୍ କାଉନସିଲର୍‌ମାନେ ବି ଗତ ଶନିବାର ସେମାନଙ୍କ ଅଞ୍ଚଳର ଅନେକ ଯାଗାରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଲାଗିନଥିବା ଓ ବିଭିନ୍ନ ରୋଡ଼ରେ ଲାଗିରହିଥିବା ଅନ୍ଧାର ସମସ୍ୟା ଉପରେ ସାଧାରଣ ପରିଷଦ ବୈଠକରେ ଉଠାଇ ହୋହଲ୍ଲା କରିଛନ୍ତି।

ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ସହରରେ ପୂର୍ବରୁ ଲାଗିଥିବା ଲାଇଟ୍ ରକ୍ଷଣାବେକ୍ଷଣ ଓ ନୂଆ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ୨୦୨୪ ଫେବୃୟାରୀରେ ସିସକା ଏଲଇଡି ଲାଇଟସ ପ୍ରାଇଭେଟ୍ ଲିମିଟେଡ ନାମକ ଘରୋଇ ସଂସ୍ଥାକୁ ଦିଆଯାଇଛି। ୨୦୨୪ ଫେବୃୟାରୀରେ ଟେଣ୍ଡରରେ ପାଇଥିବା ଏଜେନ୍ସୀ, ମୁନିସିପାଲିଟି ଓ ପିଟିସି ଇଣ୍ଡିଆର ଇଞ୍ଜିନିୟରଙ୍କ ଦ୍ୱାରା ଏକ ମିଳିତ ସର୍ଭେ ଅନୁଯାୟୀ ସହରରେ ମୋଟ୍ ୩୧୭୫ ଲାଇଟ୍ ଥିବା ବେଳେ ଏହି ଲାଇଟ୍ ଗୁଡ଼ିକ ଇଲେକ୍ଟ୍ରି ଖୁଣ୍ଟ ଗୁଡିକରେ ଲାଗିଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ଏବଂ ୧୮୯୦ଟି ଲାଇଟ୍ ଲଗାଇବାକୁ ଖାଲି ଥିବା ବିଦ୍ୟୁତ୍ ଖୁଣ୍ଟ ରିପୋର୍ଟରେ ବାହାରିଥିଲା।

ସେହି ୧୮୯୦ ଖୁଣ୍ଟରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ସିସକା ଏଜେନ୍ସୀ ଦାୟିତ୍ୱ ନେଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏଜେନ୍ସୀ ୧୬୨୬ ଲାଇଟ୍ ଲଗାଇଥିବା କହୁଥିବା ବେଳେ ସହରର ଅନେକ ଯାଗା ଆଜି ପର୍ଯ୍ୟନ୍ତ ଅନ୍ଧକାର ଭିତରେ ବୁଡି ରହିଛି। ଏଜେନ୍ସୀର ଆଉ ୨୬୪ ଟି ଲାଇଟ୍ ଲଗାଇବାକୁ ବାକି ଅଛି ବୋଲି ପୌର ପରିଷଦ ବୈଠକରେ ତଥ୍ୟ ଉପସ୍ଥାପନରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି। କେବଳ ପୂର୍ବରୁ ଲାଗିଥିବା ୩୧୭୫ ଲାଇଟ୍ ରକ୍ଷଣାବେକ୍ଷଣ ବାବଦକୁ ଫେବୃୟାରୀ ୨୦୨୪ରୁ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ପ୍ରତି ମାସ ପିଛା ୨ଲକ୍ଷ ୨୦ହଜାର ହିସାବରେ ୫୨ଲକ୍ଷ ୮୦ହଜାର ଟଙ୍କା ନେଇଛି ସମ୍ପୃକ୍ତ ଏଜେନ୍ସୀ। କିନ୍ତୁ ସହରରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଅଚଳ ନେଇ ଅନେକ ବାର କାଉନସିଲ ମିଟିଂରେ ଅସନ୍ତୋଷ ପ୍ରକାଶ ପାଇଛି।

କାଉନସିଲରମାନେ ଲାଇଟ୍ ନ ଜଳିବା ଘଟଣାରେ ସମ୍ପୃକ୍ତ ଠିକାସଂସ୍ଥାର ଦାୟିତ୍ୱରେ ଚରମ ଅବହେଳା ତଥା ମନମୁଖୀ କାର୍ଯ୍ୟକୁ ଦାୟୀ କରିଥିଲେ । ହେଲେ ଆଲୋକୀକରଣ ବ୍ୟବସ୍ଥାରେ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ ସେଭଳି କୌଣସି ସୁଧାର ଆସିପାରିଲା ନାହିଁ। ଲାଇଟ୍ ରକ୍ଷଣାବେକ୍ଷଣ ନାଁରେ ବି ପ୍ରତିମାସ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ବି ସହରର ଅନ୍ଧାର ସମସ୍ୟା ଦୂର ହୋଇପାରୁନାହିଁ। ଆଗକୁ କେନ୍ଦ୍ରାପଡ଼ାର ଗଣପର୍ବ ଲକ୍ଷ୍ମୀପୂଜା ଆସୁଛି । ଆଉ ଏକ ମାସରୁ କମ୍ ସମୟ ରହିଥିବା ସ୍ଥିତିରେ ସହରର ଆଲୋକୀକରଣ ସମସ୍ୟା କିଭଳି ସମାଧାନ ହେବ ଏବଂ ଏଜେନ୍ସୀ ର ବେପରୁଆ ମନୋଭାବ ଓ କେଉଁଠି କାଁ ଭାଁ ହାତଗଣତି ଭାବେ ଲାଇଟ୍ ଲଗାଇ କୋଟି କୋଟି ଟଙ୍କାର ମିଥ୍ୟା ବିଲ୍ କରିନେଇଥିବାର ତଦନ୍ତ କରିବାକୁ ଜିଲ୍ଲା ପ୍ରଶାସନ ପାଖରେ ଜନସାଧାରଣ ଦାବି କରିଛନ୍ତି।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ଛୁରାମାଡ



ସତ୍ୟବାଦୀ,୨୦।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗଡ଼ବଳରାମପୁର ପଞ୍ଚାୟତର ଶ୍ରୀରାମ ବଜାରରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଛୁରିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ନିମାପଡ଼ା ବ୍ଲକ ଭୁତପଦା ଗ୍ରାମର ଅଜୟ ମୁଦୁଲି (୪୦) ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଜମିବାଡ଼ି ବିବାଦକୁ ନେଇ ଅଜୟ ମୁଦୁଲି ଓ ପ୍ରକାଶ ମୁଦୁଲି (୩୫)ଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଏ ନେଇ ବଳଙ୍ଗା ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା। ଶନିବାର ଅଜୟ ମାଛ କିଣିବା ପାଇଁ ଶ୍ରୀରାମ ବଜାରକୁ ଆସିଥିବା ବେଳେ ପ୍ରକାଶ ପଛପଟୁ ଆସି ଯୋଜନାବଦ୍ଧ ଭାବେ ତାଙ୍କୁ ଛୁରିରେ ବାରମ୍ବାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଅତଶି ଜେନା ଓ ଏଏସ୍‌ଆଇ ପ୍ରଶାନ୍ତ ବେହେରାଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଏସ୍‌ଆଇ ଅତଶି ଜେନା ଆହତ ଅଜୟଙ୍କୁ ପୁଲିସ ଗାଡ଼ିରେ ପୁରୀ ଡାକ୍ତରଖାନାକୁ ନେଇଥିଲେ। ଅଜୟଙ୍କ ଦେହର ବିଭିନ୍ନ ସ୍ଥାନରେ ୭ରୁ ୮ଟି ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଅଭିଯୁକ୍ତ ପ୍ରକାଶ ମୁଦୁଲି ଘରଜ୍ୱାଇଁ ହୋଇଥିବାରୁ ତାଙ୍କ ଶାଶୁଙ୍କ ସହ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ ବଳଙ୍ଗା କଲେଜ ରାସ୍ତାରେ ତାଙ୍କୁ ଧରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଦୋକାନରୁ ତାଲା ଭାଙ୍ଗି ଚୋରି ଉଦ୍ୟମ



ହିଞ୍ଜିଳିକାଟୁ, ୨୦।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଛକ ତଥା ଆରଏମସିର ୧ ନଂ ରୁମ ସମ୍ମୁଖ ମୁରଲୀ ପାନ ସପ୍ ରୁ ଚୋରି ଉଦ୍ୟମ ପଣ୍ଡ ହୋଇଛି। ବିଳମ୍ବିତ ରାତ୍ରୀରେ ଦୁର୍ବୃତ୍ତ ପ୍ରଥମେ ଲାଇଟ ଚୋରି କରି ଦୋକାନର ଦୁଇଟି ତାଲା ମଧ୍ୟରୁ ଗୋଟିଏ ତାଲା ଭାଙ୍ଗି ଭିତରକୁ ପ୍ରବେଶ ଉଦ୍ୟମ କରୁଥିବା ବେଳେ କେହି ବ୍ୟକ୍ତି ଆସିଯିବାରୁ ଗାଏବ ହୋଇଯାଇଛି। ଯାହା ଫଳରେ ଦୋକାନର ଜିନିଷ ଚୋରି ହୋଇନାହିଁ। ଗତକାଲି ମାଲିକ ମୁରଲୀ ରାତି ୯ ଟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରଦିନ ସକାଳ ୮ ଟାରେ ଦୋକାନ ଖୋଲିବାକୁ ଆସି ଏଭଳି ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ।ଏ ନେଇ ଦୋକାନ ମାଲିକ ମୁରଲୀ ପଣ୍ଡା ସକାଳେ ହିଞ୍ଜିଳି ଥାନାରେ ପହଞ୍ଚି ଏକ ଏତଲା ପ୍ରଦାନ କରିଛନ୍ତି। ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିବା ଜଣାପଡିଛି। ପାର୍ବଣ ଋତୁରେ ପୋଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡ଼ାକଡି କରିବାକୁ ବ୍ୟବସାୟୀ ମହଲରେ ମତ ପ୍ରକାଶ ପାଇଛି ।

## ୬୦ ମେଟ୍ରିକ୍ ଟନ୍ ଲୁହାପଥର ଜବତ

● ଦୁଇ ହାଇୱା ଓ ଜେସିବି ଜବତ, ୭ ଗିରଫ



ଯୋଡ଼ା, ୨୦।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ନାୟାଗଡ଼ ରେଳ ସାଇଡିଂ ନିକଟରୁ ବେଆଇନ ଭାବେ ଲୁହାପଥର ଖଣିଜ ଲୋଡ୍ କରି ପରିବହନ କରାଯାଉଥିବା ଅଭିଯୋଗରେ ଖଣି ବିଭାଗର ଟାସ୍କଫୋର୍ସ ଟିମ୍ ୨ଟି ହାଇୱା, ଗୋଟିଏ ଜେସିବି ସହ ପ୍ରାୟ ମେଟ୍ରିକ୍ ଟନ୍ ଲୁହାପଥର ଜବତ କରିଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଶନିବାର ରାତିରେ ନାୟାଗଡ଼ ଡମ୍ପ୍‌ୟାର୍ଡ ଅଞ୍ଚଳରୁ ନାୟାଗଡ଼ ରେଳ ସାଇଡିଂ ନିକଟରେ ବିନା ବୈଧ ଲାଇସେନ୍ସ କିମ୍ବା ଅନୁମତିରେ ଲୁହାପଥର ଲୋଡ୍ ଓ ପରିବହନ କରାଯାଉଥିବା ବେଳେ ଖଣି ବିଭାଗର ଟାସ୍କଫୋର୍ସ ଟିମ୍ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଚଢ଼ାଉ ରେ ଘଟଣାସ୍ଥଳରୁ ଦୁଇଟି ଖଣିଜ ବୋଝେଇ ହାଇୱା- ଜେଏସ୍୧୨ଏନ୍୬୮୪୨ ଓ ଜେଏସ୍୦୨ ଏକ୍ୟୁ୩୯୨୮ ସହ ଗୋଟିଏ ନମ୍ବର ବିହୀନ ଏକ ଜେସିବି ମେସିନ ଜବତ କରାଯାଇଛି। ଜବତ ଜେସିବିର କୌଣସି ପଞ୍ଜୀକରଣ ନମ୍ବର ନଥିବା ଜଣାପଡ଼ିଛି। ଏହି ଘଟଣାରେ ଝାଡ଼ଖଣ୍ଡର ସରାଇକେଲା-ଖରସୁଆଁ ଓ ପଶ୍ଚିମ ସିଂହଭୂମ ଜିଲ୍ଲା ନୂଆମୁଣ୍ଡି ଅଂଚଳ ଓ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଅଞ୍ଚଳର ରାଜ କୁମାର ମହାତୋ (୧୯), ଅବିନାଶ ଗୌଡ଼ (୨୮), କମରାନ ରଜା (୨୯), ମହମ୍ମଦ ଆରିଫ୍ (୨୧), ବିକାଶ ଗୌଡ଼ (୨୪), ରତନ ସୋରେନ୍ (୨୪) ଓ ମହମ୍ମଦ ଅମରାନ୍ (୨୮)ଙ୍କୁ ଗିରଫ କରାଯାଇଛି। ଏନେଇ ବାମେବାରୀ ଥାନାରେ କେସ୍ ନମ୍ବର ୨୨୪, ତାରିଖ ୨୦/୯/୨୦୨୬ ରୁଜୁ ହୋଇଛି।

## ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ନୀଳଗିରି, ୨୦।୯ (ସଂଚାର ବ୍ୟୁରୋ): ବନ୍ଦଘରୁ ଜୈନିକ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ମହିଳାଙ୍କ ବାପା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବାରୁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ସୂଚନାରୁ ଜଣାଯାଇଛି, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଜାରଡା ଗ୍ରାମର ପ୍ରଭଞ୍ଜନ ପ୍ରଧାନଙ୍କ କନ୍ୟା ଶୁଭଲକ୍ଷ୍ମୀ (୨୧) ବର୍ଷଙ୍କୁ ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଓଲଡ଼ଙ୍ଗ ଗ୍ରାମର ଶମ୍ଭୁନାଥ ସାମଲଙ୍କ ପୁଅ ପଙ୍କଜ ସାମଲଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ବରପକ୍ଷର ଦାବୀ ମୁତାବକ ସମସ୍ତ ଯାନିଯୌତୁକ ଦେଇ ଝିଅକୁ ବିଦା କରିଥିଲେ। କିଛିଦିନ ଭଲରେ ଘରସଂସାର କରିବାପରେ ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇଙ୍କ ସମେତ ସ୍ୱାମୀ ପଙ୍କଜ ଅଧିକ ଯୌତୁକ ଦାବିକରି ବାରମ୍ବାର ନିର୍ଯାତନା ଦେଉଥିବା ଏବଂ ଏଥିପାଇଁ ବାରମ୍ବାର ଉଭୟ ପରିବାର ବସି ସମାଧାନ କରିଥିଲେ। ଆଜି ସକାଳ ପ୍ରାୟ ୭ଟା ସମୟରେ ଶୁଭଲକ୍ଷ୍ମୀ ନିଜର ମାଆ ସହିତ ଫୋନରେ କଥାହୋଇଥିବା ବେଳେ ଦିନପ୍ରାୟ ୯ଟା ସମୟରେ ଉକ୍ତ ମହିଳାଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦଘରୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରିରଖିଥିବା ବେଳେ ସ୍ୱାମୀ ପଙ୍କଜଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ମୃତ ଶୁଭଲକ୍ଷ୍ମୀଙ୍କ ବାପା ନୀଳଗିରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ସହିତ ତାଙ୍କ ଝିଅକୁ ଶାଶୁଘର ଲୋକ ୫ଲକ୍ଷଟଙ୍କା ପାଇଁ ମାରିଦେଇ ଦଉଡ଼ିରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିବାସହ ଝିଅକୁ ନିର୍ଯାତନାର ଫୋନ ରେକର୍ଡ଼ିଂ ତାଙ୍କ ନିକଟରେ ଥିବା ଅଭିଯୋଗ କରିଛନ୍ତି। ମହିଳାଙ୍କ ଶବବ୍ୟବଚ୍ଛେଦ କରାଯିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି।

## ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ

### ବ୍ୟାପକ ଫସଲହାନି, କାମୁଡ଼ାରେ ଲୋକେ ଆହତ

ପଟ୍ଟାମୁଣ୍ଡାଇ, ୨୦।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହର ଠାରୁ ଆରମ୍ଭ କରି ବିଭିନ୍ନ ୱାର୍ଡରେ ମାଙ୍କଡ଼ ଉପଦ୍ରବ ଦେଖିବାକୁ ମିଳୁଛି । ବିଶେଷ କରି ୨୦ନଂ ୱାର୍ଡରେ ସ୍ଥିତି ଅଧିକ ସଂଗୀନ ହୋଇଛି ।

ପ୍ରାୟତଃ ସକାଳ ଖରାବେଳେ ଦଳ ଦଳ ହୋଇ ମାଙ୍କଡ଼ମାନେ ଆସି ଚାଷ ଜମି ଠାରୁ ଆରମ୍ଭ ବାଡ଼ି ବଗିଚାରେ ଥିବା ବିଭିନ୍ନ ପନି ପରିବା ଫଳ ଆଦି ଖାଇବା ସହିତ ବହୁ ଫସଲ ନଷ୍ଟ କରି ଦେଉଛନ୍ତି । ମାଙ୍କଡ଼ ମାନଙ୍କ କୁଦା କୁଦିରେ ବହୁ ଫସଲ ନଷ୍ଟ ହେଉଛି । ମାଙ୍କଡ଼ ମାନଙ୍କୁ ଘଉଡ଼ାଇବାକୁ ଯାଇ ଅନେକ ପଡି ଯାଇ ଖଣ୍ଡିଆ ଖାବରା ହେଉଥିବାବେଳେ ଅନେକଙ୍କୁ ମାଙ୍କଡ଼ କାମୁଡିବା ଫଳରେ ଆହତ ହୋଇ ଡାକ୍ତରଖାନା ଯାଉଛନ୍ତି । ପୁରୁଷ ଲୋକ ଠାରୁ ସ୍ତ୍ରୀ ଲୋକମାନେ ଲୁଗା ଶୁଖାଇବା ପାଇଁ ଘର ଛାତ ଉପରକୁ ଯାଇଥିବାବେଳେ ମାଙ୍କଡ଼ମାନେ ଗୋଡ଼ାଉ ଥିବା ଏବଂ ବେଳେ ଆକ୍ରମଣ କରି ଆହତ କରୁଥିବା ଦେଖାଯାଉଛି।

ବଣୁଆ ମାଙ୍କଡ଼ମାନେ ଘରେ ପଶି ବିଭିନ୍ନ ଖାଦ୍ୟ ସାମଗ୍ରୀ ଖାଇବା ସହିତ କଚା ଘର ଭାଙ୍ଗି ଦେଉଛନ୍ତି । ମାଙ୍କଡ଼ ଉପଦ୍ରବଯୋଗୁଁ ଛାତ୍ରଛାତ୍ରୀ, ବିଭିନ୍ନ ଦେବ ମନ୍ଦିର ଯାଉଥିବା ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ମାଙ୍କଡ଼ ଉପଦ୍ରବ ରୋକିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରାଜନଗର ବନ ବିଭାଗ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ପଟ୍ଟାମୁଣ୍ଡାଇ ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ସୁନାମଣି ଦାଶ ପତ୍ର ଲେଖି ଅନୁରୋଧ କରିଛନ୍ତି ।

## ବଣିଆମାଳ କ୍ଲବ ପକ୍ଷରୁ ଗଣେଶ ମେଢ଼କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୨୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରର ବଣିଆ ମାଳ ସ୍ଥିତ ପୁରାତନ ପତିତପାବନ କ୍ଲବ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନେଇ ଆଜି ପ୍ରଶଂସିତ ହୋଇଛି। କେନ୍ଦ୍ରାପଡ଼ାରେ ଆୟୋଜିତ ହେଉଥିବା ଗଣେଶ ପୂଜା ଭଷାଣିରେ ନୂଆବସଷ୍ଟାଣ୍ଡ ଠାରେ ବିସର୍ଜନଘାଟକୁ ଆସୁଥିବା ପ୍ରତ୍ୟେକ ମେଢ଼ର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା କରିବା ସହ ଭୋଗଲାଗି କରାଯାଇଥିଲା।

କେନ୍ଦ୍ରାପଡ଼ା ସହର ମୁଖ୍ୟତଃ ଭାଇଚାରାର ସହର। ଏଠି ମୁସଲିମ ଓ ହିନ୍ଦୁ ଏକାଠି ହୋଇ ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି। ଚଳିତ ବର୍ଷ ଗଣେଶ ପୂଜା ଭଷାଣି ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିବାରୁ ପତିତପାବନ କ୍ଲବ ବଣିଆମାଳ ପକ୍ଷରୁ ଆଜି ସମସ୍ତ ପୂଜାମଣ୍ଡପର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ପର୍ବରେ ପତିତପାବନ କ୍ଲବର ଉପଦେଷ୍ଟା ତଥା ପୂର୍ବତନ ପୌରପରିଷଦର ବିରୋଧୀ ଦଳ ନେତା ଶରତ କୁମାର ବେହୁରା, ଗ୍ରାମ କମିଟିର ସଭାପତି ଗୁଣନିଧି ଜଗତି, ସମ୍ପାଦକ ବ୍ରହ୍ମାନନ୍ଦ ତ୍ରିପାଠୀ, ଉପଦେଷ୍ଟା ରାଜକିଶୋର ରାଉତରାୟ, ନୃସିଂହ ପାତ୍ର, ଅକ୍ଷୟ ପାତ୍ରଙ୍କ ସମେତ କ୍ଲବର ସଭାପତି, ଉପସଭାପତି, ସମ୍ପାଦକଙ୍କ ସହ ସମସ୍ତ କର୍ମକର୍ତ୍ତା ସମ୍ବର୍ଦ୍ଧନା ପର୍ବରେ ସାମିଲ ହୋଇଥିଲେ।

## ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ ଅଳ୍ପକେ ବର୍ତ୍ତିଲେ ବୃଦ୍ଧ ଦମ୍ପତି



ନାରାୟଣପାଟଣା, ୨୦।୯ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷା ସାଜିଲା କାଳ। ମଧ୍ୟରାତ୍ରିରେ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଅଳ୍ପକେ ବର୍ତ୍ତିଲେ ପରିଣତ ବୟସର ଦମ୍ପତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦର ବ୍ରାହ୍ମଣ ସାହିରେ।

ସୂଚନା ଅନୁଯାୟୀ, ଭାସ୍କର ପ୍ରଧାନ ଓ ତାଙ୍କ ସ୍ତ୍ରୀ ପଦ୍ମା ପ୍ରଧାନ ରାତିରେ ଘର ଭିତରେ ଶୋଇଥିଲେ। ଏହି ସମୟରେ ଅଦିନିଆ ବର୍ଷା ଲାଗି ରହିଥିବା ବେଳେ ହଠାତ୍ ଘରର ଏକ କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ଭୁଶୁଡ଼ିବା ଶବ୍ଦରେ ଉଭୟେ ଭୟଭୀତ ହୋଇପଡ଼ିଥିଲେ। ଭାଗ୍ୟବଶତଃ ଏହି ଘଟଣାରେ ଦମ୍ପତିଙ୍କର କୌଣସି ବଡ଼ ଅଘଟଣ ଘଟିନାହିଁ। ତେବେ ପରିଣତ ବୟସରେ ରାତିରେ ଏଭଳି ଘଟଣା ଘଟିବା ପରେ ଦମ୍ପତିଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଘରର କାନ୍ଥ ଭୁଶୁଡ଼ିଯିବାରୁ ସେମାନଙ୍କ ନିରାପଦ ରହଣି ନେଇ ମଧ୍ୟ ଚିନ୍ତା ବଢ଼ିଛି। ଘଟଣା ପରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଅସହାୟ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗୁହାରି କରିଛନ୍ତି।

## ଅର୍ବାନ ବ୍ୟାଙ୍କ ଚାନ୍ଦୋଳ ଶାଖା ସ୍ଥାନାନ୍ତରିତ

କେନ୍ଦ୍ରାପଡ଼ା,୨୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ଚାନ୍ଦୋଳ ଶାଖା ବର୍ତ୍ତମାନ ପରିସର ଠାରୁ କେନ୍ଦ୍ରାପଡା ପାଶ୍ୱର୍କୁ ପ୍ରାୟ ଦେଢଶହ ମିଟର ଦୂରରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇଯାଇଛି। ତେଣୁ ସମସ୍ତ ଗ୍ରାହକ, ଋଣଧାରୀ, ଅଂଶୀଦାର ଓ ଶୁଭେଚ୍ଛୁମାନେ ସ୍ଥାନାନ୍ତରିତ ହୋଇଥିବା ଏହି ନୂତନ ସ୍ଥାନକୁ ସେମାନଙ୍କ ପୁରୁଣା ଶାଖାରେ ଥିବା କାର୍ଯ୍ୟ ନିମନ୍ତେ ଆସିବାକୁ ଅର୍ବାନବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏସମ୍ପର୍କରେ ଅର୍ବାନ କୋପରେଟିଭ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଏକ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି।

## ବ୍ୟାସନଗରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଚିକିତ୍ସା ଶିବିର



ଯାଜପୁର ରୋଡ଼, ୨୦।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଆଜି ବ୍ୟାସନଗର ପୌରାଂଚଳ ସହରର ଟାଉନ ହଲ ଠାରେ ସେବା ସଙ୍କଳ୍ପ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଚିକିତ୍ସା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ହାଇଟେକ୍ ମେଡିକାଲର ବିଭିନ୍ନ ବିଭାଗର ଡକ୍ଟର ଓ ଷ୍ଟାଫ୍ ମାନଙ୍କ ଦ୍ୱାରା ଅଂଚଳର ହଜାର ହଜାର ଜନସାଧାରଣ ମାନଙ୍କ ବିଭିନ୍ନ ରୋଗର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା।

## ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଲେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆୟୁଷ ବେହେରା



ବୋରିଗୁମ୍ମା, ୨୦।୯ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବାସୀଙ୍କ ଦୀର୍ଘ ଦିନ ର ଅପେକ୍ଷା ର ଅନ୍ତ ଘଟିଛି। ଶେଷରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମା ରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆୟୁଷ ବେହେରା ଯୋଗଦାନ କରିଛନ୍ତି। ଡାକ୍ତର ଆୟୁଷ ବେହେରା ଜୟପୁର ନିବାସୀ ସ୍ୱର୍ଗତ ଏମ୍. ଆର୍. ବେହେରାଙ୍କ ସୁପୁତ୍ର। ଦୀର୍ଘ ଦିନ ଧରି ବୋରିଗୁମ୍ମା ଅଞ୍ଚଳରେ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ନେଇ ଜନସାଧାରଣ ଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଏହି ନିଯୁକ୍ତି ଫଳରେ ଅଞ୍ଚଳର ଶିଶୁ ରୋଗୀ ମାନଙ୍କୁ ଉନ୍ନତ ଚିକିତ୍ସା ସେବା ମିଳିବାର ଆଶା ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୋରିଗୁମ୍ମା ରେ ପୂର୍ବରୁ ଜଣେ ଭେଷଜ ବିଶେଷଜ୍ଞ ଏବଂ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଦୀର୍ଘ ଦିନ ଧରି କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ଶିଶୁ ରୋଗ ବିଶେଷଜ୍ଞଙ୍କ ଯୋଗଦାନ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଶେଷଜ୍ଞ ଚିକିତ୍ସା ସେବା ଆହୁରି ସୁଦୃଢ଼ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ ଗୁଡ଼ିକ ପୂରଣ ନେଇ ଜୟପୁରର ଲୋକପ୍ରିୟ ବିଧାୟକ ତାରା ପ୍ରସାଦ ବାହିନୀପତି ପୂର୍ବରୁ ଅନେକ ଥର ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଶିଶୁ ରୋଗ ବିଶେଷଜ୍ଞ ଙ୍କ ଏହି ଯୋଗଦାନକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

### ଜଗା ଦର୍ଶନର ସ୍ୱପ୍ନ ହେଲା ସାକାର

## ଶାବର ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ଅଭିମୁଖେ ୨୧୦ ଭକ୍ତ

କୋରାପୁଟ, ୨୦।୯ (ସଂଚାର ବ୍ୟୁରୋ): ମନରେ ଥିଲା ମହାପ୍ରଭୁଙ୍କୁ ନିଜ ଆଖିରେ ଦେଖିବାର ଆକାଂକ୍ଷା। ବର୍ଷ ବର୍ଷ ଧରି ପୁରୀ ଯାଇ ଜଗା ଦର୍ଶନ କରିବାର ସ୍ୱପ୍ନ ରହିଥିଲେ ମଧ୍ୟ ଆର୍ଥିକ ଓ ଅନ୍ୟାନ୍ୟ ସମସ୍ୟା ସାଜିଥିଲା ବାଧକ। ହେଲେ ଏବେ ସେହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ଆରମ୍ଭ ହୋଇଛି ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ପବିତ୍ର ତୀର୍ଥଯାତ୍ରା। ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅଧୀନରେ କୋରାପୁଟରୁ ୨୧୦ ଜଣ ପୁରୁଷ ଓ ମହିଳା ଭକ୍ତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି।

ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।



କୋରାପୁଟରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଏବଂ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ଦର୍ଶନ ପାଇବାର ଆଶାରେ ଭକ୍ତମାନଙ୍କ ମୁହଁରେ ଥିଲା ଅପାର ଖୁସି। ଅନେକଙ୍କ ପାଇଁ ଏହି ଯାତ୍ରା କେବଳ ଏକ ତୀର୍ଥଯାତ୍ରା ନୁହେଁ, ବରଂ ଦୀର୍ଘଦିନର ଏକ ଆଧ୍ୟାତ୍ମିକ ସ୍ୱପ୍ନର ପୂରଣ। ସୁଯୋଗ ପାଇଥିବା ଭକ୍ତମାନେ ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସମେତ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୌରଭ ରଞ୍ଜନ ବାଗ, କନିଷ୍ଠ ସହାୟକ ମନୋରଞ୍ଜନ ନାୟକ, ପର୍ଯ୍ୟଟନ ବିଭାଗର କର୍ମକର୍ତ୍ତା, ଜଗନ୍ନାଥ ନାୟକ ଏବଂ ଜିଲ୍ଲା ପ୍ରଶାସନର କର୍ମଚାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରାର ପରିଚାଳନାରେ ସହଯୋଗ କରିଥିଲେ।

### ଅସ୍ତରଙ୍ଗରେ ଡିଜେ ରାଜ୍

## ସନ୍ଧ୍ୟା ହେଲେ କମ୍ପୁଛି ଛାତିଥରା ସାଉଣ୍ଡ

### ପୁଲିସ ନିରବ, ବିନାନୁମତିରେ ଚାଲିଛି ଭସାଣି



କାକଟପୁର/ଅସ୍ତରଙ୍ଗ, ୨୦।୯(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଏବେ ସନ୍ଧ୍ୟା ହେଲେ ଛାତି ଥରୁଛି। ଗଣେଶ ପୂଜା ଭସାଣି ନାଁରେ ଗାଁ ଗାଁରେ ସନ୍ଧ୍ୟା ୬ଟାରୁ ରାତି ୨ଟା ଯାଏ କାନଫଟା ଡିଜେ ସାଉଣ୍ଡରେ ଲୋକେ ଅତିଷ୍ଠ। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର, ଆଳସାହି, ନଗର, ରାଇବେରୁଆ, ପାଟସୁନ୍ଦରପୁର, ପୋଟଳଛକ, ନୂଆଗଡ ଶହ କାକଟପୁର ଥାନା ଅଧୀନ ନଈଗୁଆଁ, କେନ୍ଦ୍ରାପଟି ଯାଏ ସବୁଠି ସମାନ ଚିତ୍ର। ଶହ ଶହ ଯୁବକ ଡିଜେ ଗାଡି ପଛରେ ନାଚୁଛନ୍ତି, ଘର ଭିତରେ ବୃଦ୍ଧ ଓ ଶିଶୁ ଛଟପଟ ହେଉଛନ୍ତି। ହେଲେ ଆଶ୍ଚର୍ଯ୍ୟ - ଥାନା ଅଞ୍ଚଳରେ ଏମିତି ସାଉଣ୍ଡ ବାଜୁଛି, ପୋଲିସ ସବୁ ଜାଣି ଅଜଣା ସାଜିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ନିୟମକହୁଛି? କୌଣସି ଗାଡିର ବଡି ପାର୍ଟକୁ ମନମୁଖୀ ଭାବେ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ବିଶେଷ କରି ଶୋଭାଯାତ୍ରା, ପର୍ବପର୍ବାଣୀରେ ବ୍ୟବହୃତ ଗାଡିରେ ଲେଜର ଲାଇଟ୍, ଉଚ୍ଚ ଶବ୍ଦର ବକ୍ସ, ଫ୍ଲାସ୍ ଲାଇଟ୍ ଲଗାଇବା ସମ୍ପୂର୍ଣ୍ଣ ମନା। ଗାଡିର ଉଚ୍ଚତା, ଲମ୍ବ ନିର୍ଦ୍ଦିଷ୍ଟ ସୀମାରେ ରହିବ। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ୩ ମାସ ତଳେ ପ୍ରତ୍ୟେକ ଜିଲ୍ଲା ଏସପି ଓ ଆରଟିଓଙ୍କୁ ଗାଇଡଲାଇନ୍ ଜାରି ହୋଇଛି। ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ ଗୋଟେ ବି ଭସାଣି ହେବ ନାହିଁ। ରାତି ୧୦ଟା ପରେ ଡିଜେ ବନ୍ଦ। ନିୟମ ମାନିଲେ ଗୋଟେ ବି ଗାଡି ରାସ୍ତାକୁ ଆସିପାରିବ ନାହିଁ। ଯିଏ ମାନିବ ନାହିଁ ତା ଗାଡି ଜବତ ହେବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଅଛି।

କିନ୍ତୁ ଅସ୍ତରଙ୍ଗରେ ସବୁ ଓଲଟା ଚାଲିଛି। ଏବର୍ଷ ମାଳ ମାଳ ଗାଡି ବୁଲୁଛି, କାର୍ଯ୍ୟାନୁଷ୍ଠାନ ଶୂନ। ଲୋକଙ୍କ ଚର୍ଚ୍ଚା, ଭିତିରି ବୁଝାମଣା ଚାଲିଛି। ଗାଡି ପିଛା ମୋଟା ଅଙ୍କର ଟଙ୍କା ନେଇ ଛାଡି ଦିଆଯାଉଛି। ସେଥିପାଇଁ ବିନା ଅନୁମତିରେ ବେଧଡକ ଭସାଣି। ଗୋଟେ ଗାଡିରେ ୧୦ଟି ବଡ ବକ୍ସ, ଉପରେ ୫୦ଟି ଲେଜରଶହ ସାର୍ପି। ଶବ୍ଦର ପ୍ରକମ୍ପନରେ ଘର କାଚ ଥରୁଛି। ଛାତ୍ରଙ୍କ ପାଠ ପଢା ବନ୍ଦ, ବୃଦ୍ଧ ଓ ହୃଦ୍‌ରୋଗୀ ଅସୁସ୍ଥ ହେଉଛନ୍ତି। ପୋଲିସ ବିରୋଧରେ ଅସନ୍ତୋଷ ବଢୁଛି।

ବୁଦ୍ଧିଜୀବୀଙ୍କ ଦାବି - ପୁରୀ ଏସପି ଓ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ। ଅସ୍ତରଙ୍ଗ-ନୂଆଗଡ ଥାନା ଅଞ୍ଚଳରେ ବାଜୁଥିବା ବେଆଇନ୍ ଡିଜେ ଗାଡି ତୁରନ୍ତ ଜବତ ହେଉ, ପୋଲିସର ଭିତିରି ବୁଝାମଣାର ତଦନ୍ତ ହେଉ। ନହେଲେ ଆଗାମୀ ପୂଜା ଭସାଣିରେ ବଡ ଅଘଟଣ ହେଲେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## କେନ୍ଦ୍ରାପଡ଼ା ବ୍ଲକ ସଭାପତି ହେଲେ ଆଲୋକ ରଞ୍ଜନ ସାହୁ



କେନ୍ଦ୍ରାପଡ଼ା, ୨୦।୯(ସଂଚାର ବ୍ୟୁରୋ): ବିଜେଡି ଦଳର ସୁପ୍ରିମୋ ତଥା ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ବ୍ଲକ ସଭାପତି ଭାବେ ଆଲୋକ ରଞ୍ଜନ ସାହୁଙ୍କୁ ପଥମ ଥର ପାଇଁ ଦାୟିତ୍ୱ ଦେଇଛନ୍ତି । ଆଲୋକ ରଞ୍ଜନ ସାହୁ କେନ୍ଦ୍ରାପଡାରେ ଏକ ଜଣାଶୁଣା ଓ ଲୋକପ୍ରିୟ ନେତା । ତାଙ୍କର କାର୍ଯ୍ୟଦକ୍ଷତା ନିଜର ସାଧୁତା, ଦଳପ୍ରତି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଏ ନେଇ ଶ୍ରୀ ସାହୁ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକଙ୍କ ସହିତ କେନ୍ଦ୍ରାପଡାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ସହ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ସାହୁଙ୍କୁ ୫ମ ଥର ପାଇଁ ବ୍ଲକ ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ ଜିଲ୍ଲାର ବିଭିନ୍ନ ଅଂଚଳରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ସଂଚାର THE SANCHAR

# ସିଟି salad

## ସମର୍ଥକଙ୍କ ପାଇଁ ଦାରା ଭିତରେ



ନିଜର ଶତାଧିକ ସମର୍ଥକଙ୍କ ପାଇଁ ଦାରା ସିଂହ ଜେଲରୁ ବାହାରି ପାରୁନାହାଁନ୍ତି। କଥାଟା ବିଶ୍ୱାସ ନହେଲେ ବି ସତ। ସମର୍ଥକମାନେ ଜେଲ ଆଗରେ ଖୁସି ହୋଇ ଯେଉଁ ସ୍ଲୋଗାନ ଦେଲେ ରାଜ୍ୟ ଦଣ୍ଡ ହ୍ରାସ ସମୀକ୍ଷା ବୋର୍ଡ ତାହାକୁ ଆଳ କରି ଦାରାଙ୍କୁ ଛାଡି ହେବନାହିଁ ବୋଲି ସୁପ୍ରିମକୋର୍ଟଙ୍କୁ ଜଣାଇ ଦେଇଛନ୍ତି। ଘଟଣାଟି ଏହିଭଳି। କେହି ଜଣେ କେନ୍ଦୁଝରରେ ପ୍ରଚାର କରିଦେଲା ଯେ ଅଗଷ୍ଟ ୧୫ତାରିଖ ସ୍ୱାଧୀନତା ଦିବସ ଅବସରରେ ଦାରା ସିଂ ଜେଲରୁ ମୁକୁଳିବ। କେମିତି ମୁକୁଳିବ, କାହିଁକି ମୁକୁଳି ସେକଥା ଭାବିବାକୁ କାହା ପାଖରେ ସମୟ ନଥିଲା। ଦାରା ମୁକ୍ତି ଖୁସିରେ ୧୫ ତାରିଖ ଦିନ ସକାଳୁ ସକାଳୁ ସମର୍ଥକମାନେ କେନ୍ଦୁଝର ଜିଲ୍ଲାରେ ଦାରା ରହୁଥିବା ଜେଲ ଆଗରେ ରୁଣ୍ଡ ହେଲେ। ଦାରା ସିଂହ ସପକ୍ଷରେ ଜିନ୍ଦାବାଦ ପକାଇଲେ। ଏତେ ସଂଖ୍ୟକ ଲୋକ ରୁଣ୍ଡ ହେଲେ ଯେ ସେମାନଙ୍କୁ ଜଗିବାକୁ ପୁଲିସ୍ ଦରକାର ହେଲା। ସେଦିନ ଦାରା ନମୁକୁଳିବାରୁ ସମସ୍ତେ ମନଦୁଃଖରେ ଫେରିଲେ। ଏଣେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କହିଲେ ଦାରା ମୁକ୍ତି ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନେଇ ଜଣାଅ। ସର୍ବୋଚ୍ଚ ଅଦାଲତଙ୍କ ମନୋଭାବ ଦେଖି ସେହିମାସ ଶେଷରେ ଦଣ୍ଡ ହ୍ରାସ ସମୀକ୍ଷା ବୋର୍ଡ ବସିଲା। ବୋର୍ଡରେ କୁହାଗଲା ଯେ ଜେଲ ଆଗରେ ଲୋକେ ଯେମିତି ହୋ ହଲ୍ଲା କରିଛନ୍ତି ସେଥିରୁ ବୁଝାପଡୁଛି ଦାରା ମୁକୁଳିଲେ ଆଇନ୍ଶୃଙ୍ଖଳା ପରିସ୍ଥିତି ଉପୁଜିବ। ତେଣୁ ଦାରାର ଦଣ୍ଡ ହ୍ରାସ ରାଜ୍ୟ ସରକାର କରିପାରିବେ ନାହିଁ। ଏକଥା ସୁପ୍ରିମକୋର୍ଟଙ୍କୁ ଜଣାଇ ଦିଆଗଲା। ଦାରାର ମୁକୁଳିବାର ସବୁ ବାଟ ଏବେ ବନ୍ଦ। ବିଚରା ସମର୍ଥକମାନଙ୍କ ଖୁସି ଦାରା ପାଇଁ ଦୁଃଖ ଆଣି ଦେଲା।

## ଅବସର ପରେ ଖଣି ଚିନ୍ତା




ରାଜ୍ୟରେ ଖଣି ରାଜନୀତି ବା ଖଣିକୁ ନେଇ ଆଲୋଚନା କିଛି ନୂଆ ନୁହେଁ। ହେଲେ ଏବେ କିଛି ଅବସରପ୍ରାପ୍ତ ପ୍ରଶାସକ ଯେଭଳି ଖଣିକୁ ନେଇ ରାଜଧାନୀରେ ଧାଁ ଦଉଡ କରୁଛନ୍ତି ତାହା ଆଲୋଚନାର ବିଷୟ ପାଲଟିଛି। ଏମାନେ ହଠାତ୍ କାହିଁକି ଖଣି ସୁରକ୍ଷା ପାଇଁ ବାହାରିଲେ ତାହାକୁ ଚର୍ଚ୍ଚା ଜୋରଦାର ହୋଇଛି। ଏହି ଅବସରପ୍ରାପ୍ତଙ୍କ ମଧ୍ୟରେ ଅନେକ ଅତୀତରେ ରାଜ୍ୟ ଚଳାଉଥିଲେ। ବହୁ ଖଣି ଅନୁମତିରେ କାଗଜରେ ସେମାନଙ୍କ ସ୍ୱାକ୍ଷର ରହିଥିବ। ସେତେବେଳେ ଖଣି ପାଇଁ ଆହା ପଦେ କହିନଥିଲେ। ଏବେ କିନ୍ତୁ ରାଜ୍ୟର ଖଣି ସୁରକ୍ଷାପାଇଁ ଅଣ୍ଟା ଭିଡିଛନ୍ତି। ତେବେ ଏ ସଂକ୍ରାନ୍ତରେ ଆମେ ଆଉ ଜଣେ ପୂର୍ବତନ ପ୍ରଶାସକଙ୍କୁ ପଚାରିଲାରୁ ସିଏ ଯାହା କହିଲେ ତାହା ମୁଣ୍ଡ ଘୂରାଇ ଦେଲାଭଳି। ତାଙ୍କ ମତରେ ଏହି ଅବସରପ୍ରାପ୍ତଙ୍କ ମଧ୍ୟରୁ କିଛି ଏବେ ରାଜ୍ୟକୁ ଆସୁଥିବା ନୂଆ କମ୍ପାନୀରେ ନିଜେ କିମ୍ବା ନିଜ ସମ୍ପର୍କୀୟଙ୍କୁ ଥଇଥାନ ଚକ୍କରରେ ଅଛନ୍ତି। ବିଶେଷକରି ନିକଟରେ ଓଡିଶାରେ ଖଣି ପାଇବାକୁ ଗୋଟିଏ ବଡ କମ୍ପାନୀର ବାପ ପୁଅ ରାଜ୍ୟ ଗସ୍ତ କରିବାପରେ ଏମାନେ ସକ୍ରିୟ ହୋଇ ଉଠିଛନ୍ତି। କମ୍ପାନୀ ବି ମଉକା ଦେଖି ଚଉକା ମାରିବା ଫର୍ମୁଲାରେ ଏମାନଙ୍କ ଦୀପରେ ଘିଅ ଢାଳିବାରେ ଲାଗିଛି। ଏଥିରେ ଦୀପ ଜଳୁ କି ନଜଳୁ ଓଡିଶାର ବିକାଶ ଦୀପ କିନ୍ତୁ ଜଳିବ କି ନାହିଁ ସନ୍ଦେହ। କାରଣ ଏମାନେ ଯଦି ଏମିତି ଖଣି ପ୍ରଦାନକୁ ବିରୋଧ କରିବେ ତେବେ ଖଣି ଭିତ୍ତିକ ଶିଳ୍ପ ପାଇଁ ଆଉ କେହି ଓଡିଶା ଆସିବେ ନାହିଁ। ଓଡିଶାରେ ଯେତିକି ଶିଳ୍ପ ରହିଛି ସେମାନେ କଟକର ପ୍ରସ୍ତାବିତ ଇଭି କାରଖାନା ଭଳି ନିଜର ସାଜ ସରଞ୍ଜାମ ଧରି ପଡୋଶୀ ରାଜ୍ୟକୁ ପଳାଇବାର ସମ୍ଭାବନା ରହିଛି। ଏମାନଙ୍କ ଉପରେ ସରକାର ନଜର ରଖିବା ଆବଶ୍ୟକବୋଲି ପ୍ରଶାସକ ଜଣକ କହିବାବେଳେ ଆମେ କେବଳ ତାଙ୍କ ମୁହଁକୁ ଆଁ କରି ଅନାଇଥିଲୁ।

## ୟୁପିଆଇ ଟିକସକୁ ଓଡ଼ିଶାରୁ ସବୁଜ ସଙ୍କେତ




ସାରା ଦେଶରେ ଏବେ ୟୁପିଆଇ ପେମେଣ୍ଟ ଉପରେ ଲଗାଯିବାକୁ ଥିବା ଟିକସକୁ ନେଇ ଚର୍ଚ୍ଚା। ଶାସକ ବିରୋଧି ମୁହାଁମୁହିଁ। ଲୋକଙ୍କୁ ବୁଝାଇବାକୁ ବି କେନ୍ଦ୍ର ସରକାର ପୃଷ୍ଠା ପୃଷ୍ଠା ବିଜ୍ଞାପନ ଦେଉଛନ୍ତି। ତେବେ ଏହାକୁ ଓଡିଶାରୁ ସବୁଜ ସଙ୍କେତ ମିଳିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଆମେ ଜଣେ ଅର୍ଥନୀତିଜ୍ଞଙ୍କୁ ପଚାରିବାରୁ ସେ ବି ମୁଣ୍ଡ ଝୁଙ୍କାଇଲେ। ଆମେ ଟିକେ ଅଧିକ ଜାଣିବାକୁ ଚାହିଁବାରୁ ସେ ବୁଝାଇ କହିଲେ, ଓଡିଶାର ବିଜେପି ସାଂସଦ ଭର୍ତ୍ତୃହରି ମହତାବ ହେଉଛନ୍ତି ଅର୍ଥନୈତିକ ଆଲୋଚନା ପାଇଁ ଥିବା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ। କୌଣସି ଆର୍ଥିକ ନିଷ୍ପତ୍ତି ନେବା ପୂର୍ବରୁ ଏଠାରେ ନିଶ୍ଚିତ ଆଲୋଚନା ହୋଇଥାଏ। ତଦନୁଯାୟୀ ୟୁପିଆଇ ଟିକସ ସଂକ୍ରାନ୍ତରେ ବି ଘମାଘୋଟ ଆଲୋଚନା ହୋଇଥିବ। ଏହି କମିଟିରେ କିଏ କେଉଁ ମତ ଦେଇଛି ଜଣାନାହିଁ ମଧ୍ୟ ଶେଷରେ ଅଧ୍ୟକ୍ଷ ନିଶ୍ଚିତ ସବୁଜ ସଙ୍କେତ ଦେଇଥିବେ। ତା ପରେ ଯାଇ ଅର୍ଥ ମନ୍ତ୍ରାଳୟ ଆଗକୁ ବଢିବ। ଏବେ ଯେଉଁମାନେ ୟୁପିଆଇ ଉପରେ ଲାଗିବାକୁ ଥିବା ଟିକସକୁ ନେଇ ଦ୍ୱନ୍ଦରେ ରହିଛନ୍ତି ସେମାନେ ଟିକେ ସମୟ ଦେଖି ଭର୍ତ୍ତୃହରି ବାବୁଙ୍କୁ ପଚାରିଲେ ସିଏ ପ୍ରାଞ୍ଜଳ ଭାବେ ବୁଝାଇ ଦିଅନ୍ତେ। କୌଣସି ବୈପ୍ଳବିକ ଗଣମାଧ୍ୟମ ବି ତାଙ୍କ ସହିତ ଏ ନେଇ ଆଲୋଚନା କଲେ ଭଲ ହୁଅନ୍ତା। ମୂଳ ଓଡିଶାରେ ଥିବାବେଳେ ଦିଲ୍ଲୀ ଡାକକୁ ନେଇ ଓଡିଶାରେ କେହେ ହୋହାଲ୍ଲା ଚାଲିଛି। ଫଳରେ ଲୋକେ ସବୁ ବୁଝି ଏକ ପ୍ରକାର ଅବୁଝା ହେଉଛନ୍ତି ଓ କୋଟି କୋଟି ଟଙ୍କାର ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ବୁଝାଇବାକୁ ପଡୁଛି।

## ବହି ପାଇଁ କୃଷକ ସଂଗଠନ ଦି ଫାଳ



ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟରେ ବେଶ୍ ନାଁ କରିଥିବା ଓଡିଶା ନବ ନିର୍ମାଣ କୃଷକ ସଂଗଠନ ଏବେ ପିଲାଙ୍କ ବହି ପାଇଁ ଦି ଫାଳ। ଗୋଟିଏ ଫାଳ ପିଲାଙ୍କ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗରେ ଆମରଣ ଅନଶନ ଚଳାଇଥିବାବେଳେ ଅନ୍ୟ ଫାଳଟି ଏହା ବିରୁଦ୍ଧରେ ବୟାନବାଜି ଆରମ୍ଭ କରିଦେଇଛନ୍ତି। ତେବେ ଦୁଇ ଫାଳ ରାଜ୍ୟର ଦୁଇ ସହର ଭୁବନେଶ୍ୱର ଓ କଟକରେ ଥିବାରୁ ମୁହାଁ ମୁହିଁ ହେବାରୁ ରକ୍ଷା ପାଇଯାଉଛନ୍ତି। ନବ ନିର୍ମାଣ କୃଷକ ସଂଗଠନର ମୁଖିଆ ପାଇଥିବା ନେତା ଅକ୍ଷୟ କୁମାର। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗରେ ରାଜଧାନୀରେ ଚାଲିଥିବା ଆମରଣ ଅନଶନରେ ହଠାତ୍ ଅକ୍ଷୟ ଯୋଗ ଦେଇଛନ୍ତି। କା' ଦେବାଭଳି ଜଣେ ଆମରଣ ଅନଶନରେ ଗୁରୁତର ହୋଇ ଉଠିବାପରେ ଅକ୍ଷୟ ବସିଥିଲେ। ଅକ୍ଷୟ ବସିବାପରେ କଂଗ୍ରେସ, ବିଜେଡି ଦଳର ନେତାମାନେ ସେଠାରେ ଭିଡ଼ ହୋଇଥିଲେ। ହେଲେ କେହି ଖୋଲା ସମର୍ଥନରେ ବାହାରିନଥିଲେ। ଏବେ ଅସରପା ଦଳ ଯୋଗ ଦେଇଛନ୍ତି। ନବ ନିର୍ମାଣ ସଂଗଠନର ଅନ୍ୟତମ ଆଗଧାଡିର ନେତା ଶେଷ ଦେବ ନନ୍ଦ କିନ୍ତୁ ଅକ୍ଷୟଙ୍କ ଏଭଳି ଆମରଣ ଅନଶନକୁ ଖୋଲା ବିରୋଧ କରିଛନ୍ତି। କଟକରେ ଗଣମାଧ୍ୟମକୁ କହିଛନ୍ତି ଯେ ଏହି ଆନ୍ଦୋଳନରେ ଅକ୍ଷୟଙ୍କ ସହିତ ସେ ନାହାନ୍ତି। ବହି ପାଇଁ ଅନଶନରେ ବସିବା ଠିକ୍ ହେଲା ନାହିଁ। ଏବେ ବହିକୁ ନେଇ ସଂଗଠନରେ ଫାଟ ଏବେ କୃଷକ ସଂଗଠନର କର୍ମୀଙ୍କୁ ଚିନ୍ତାରେ ପକାଇ ଦେଇଛି। ସେମାନେ ଏବେ ଚାଷୀଙ୍କ ପାଇଁ ଲଢିବେ ନା ବହି ତ୍ରୁଟି ସଂଶୋଧନ ପାଇଁ ଲଢିବେ ତାହା ଜାଣିପାରୁ ନାହାନ୍ତି।

## ସରକାରଙ୍କୁ ଆଇନା ଦେଖାଇଲେ ଏମ୍‌ପି



ନିଜର ଦଳର ଏମପି ଏବେ ସରକାରଙ୍କୁ ଆଇନା ଦେଖାଇଛନ୍ତି। କାହାର କାମ ହେଉନାହିଁ ତ ଆଉ କାହାର କାମ ବିଳମ୍ବ। ତେଣୁ ସେମାନେ ଏବେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚିଠି ଲେଖିଲେ ତ ଲେଖିଲେ ତାହାକୁ ପୁଣି ସାର୍ବଜନୀନ କରିଦେଲେ। ଗଣମାଧ୍ୟମ ହାତରେ ପଡୁ ପଡୁ କଥାଟା ରାଷ୍ଟ୍ର ହୋଇଗଲା। ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଓ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ। ତେବେ ସବୁଠାରୁ ଅକଳରେ ପଡିଗଲେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କାରଣ ସବୁଗୁଡାକ ଅଭିଯୋଗ ଥିଲା ନିର୍ମାଣ ସଂକ୍ରାନ୍ତରେ। ଏବେ ପୂର୍ତ୍ତମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ ଡାକି ମାମଲା ରଫାଦଫା କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗକାରୀ ସାଂସଦଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ତେବେ ଆଲୋଚନା ହେଉଛି ଯେ ଏକାଥରେ ତିନି ତିନିଜଣ ସାଂସଦ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପୂର୍ତ୍ତମନ୍ତ୍ରୀଙ୍କୁ କାଠଗଡାକୁ ଟାଣିବା ପଛରେ କିଛି କାରଣ ନାହିଁ ତ? ଏହି ତିନି ସାଂସଦଙ୍କ ମଧ୍ୟରୁ ଜଣେ ପୂର୍ବତନ ବିଜେଡି ନେତା ହୋଇଥିବାବେଳେ ଆଉ ଦୁଇ ଜଣ କିନ୍ତୁ ମୂଳ ବିଜେପି। ହେଲେ ଏକା ଥରକେ ତିନି ତିନି ଜଣ ସାଂସଦ ଅଭିଯୋଗ କରିବା ଓ ଗଣମାଧ୍ୟମରେ ପହଞ୍ଚିବା ଏବେ ଦଳ ଭିତରେ ଘମାଘୋଟ ଆଲୋଚନାକୁ ଖୋରାକ ଯୋଗାଇଛି।

---

ଜିଲ୍ଲାର ୧୫ ରାଜସ୍ୱ ସହାୟକଙ୍କ ବଦଳି, ୯ ଦିନରେ ବଦଳିଗଲା ଅର୍ଡର

# ପୂର୍ବ ସ୍ଥାନକୁ ଫେରିଲେ ୬ ରାଜସ୍ୱ ସହାୟକ

କେନ୍ଦ୍ରାପଡ଼ା,୨୦।୯(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆଦେଶ ସଂଖ୍ୟା ୧୬୬୪,୯/୯/୨୦୨୬ରେ ହୋଇଥିବା ବଦଳି ତାଲିକାକୁ ୯ ଦିନ ପରେ ପୁର୍ନବାର ସଂଶୋଧନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ ଓ କନିଷ୍ଠ ରାଜସ୍ୱ ସହାୟକମାନଙ୍କ ବଦଳି ଓ ନିଯୁକ୍ତି ସମ୍ବନ୍ଧରେ ଜାରି କରାଯାଇଥିବା ଆଦେଶ ଅନୁଯାୟୀ, ୬ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କ କ୍ଷେତ୍ରରେ ଏହି ବଦଳି ଓ ନିଯୁକ୍ତି ଆଦେଶକୁ ଜିଲ୍ଲାପାଳଙ୍କ ଚିଠି ନଂ. ୧୭୨୩, ୧୯/୯/୨୦୨୬ରେ ବାତିଲ କରାଯାଇଛି। ଉକ୍ତ ୬ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି କରାଯାଇଥିବା ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ବଦଳି ନିର୍ଦ୍ଦେଶର ୯ ଦିନ ଭିତରେ ପୁର୍ନବାର ପରିବର୍ତ୍ତନ କରି ଦିଆଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବରିଷ୍ଠ ରାଜସ୍ୱ ସହାୟକ ସସ୍ମିତା ରାଉତଙ୍କୁ ଆଇସିଡିଏସ କାର୍ଯ୍ୟାଳୟ, ରାଜନଗରରୁ କେନ୍ଦ୍ରାପଡ଼ା



OFFICE OF THE COLLECTOR & DISTRICT MAGISTRATE, KENDRAPADA
(ESTABLISHMENT SECTION)
Email: - estt.kpd@gmail.com
No. 1664 /Estt./ Date. 07 . 07 .2026
OFFICE ORDER

To meet administrative exigencies and to ensure smooth day to day office functioning across Kendrapada District, the following Section Officer/ Senior Revenue Assistants/ Junior Revenue Assistants of Kendrapada District are hereby transferred and posted to the offices as indicated against their respective names, with immediate effect and until further orders.

This order is issued with the prior approval of the Revenue Division Commissioner, Kataka Division, Odisha, Kataka.

SECTION OFFICER

| Sl. No. | Name of the Section Officer (S.O) | Present Place of Posting | New Place of Posting |
|---|---|---|---|
| 1 | Minakshi Barik | Block Office, Derabish | Block Office, Mahakalapada |

SENIOR REVENUE ASSISTANTS

| Sl. No. | Name of the Senior Revenue Assistant (S.R.A) | Present Place of Posting | New Place of Posting |
|---|---|---|---|
| 1 | Rina Nath | Tahasil Office, Kanika | Tahasil Office, Pattamundai |
| 2 | Sasmita Rout | ICDS Office, Rajnagar | Block Office, Kendrapada |
| 3 | Dusmanta Patra | Block Office, Pattamundai | Block Office, Aali |
| 4 | Sili Behera | Tahasil Office, Kanika | Tahasil Office, Garadpur |
| 5 | Salma Majhi | Tahasil Office, Kendrapada | Tahasil Office, Marshaghai |
| 6 | Pragyan Paramita Jena | Tahasil Office, Kendrapada | Tahasil Office, Kanika |
| 7 | Pradeep Kumar Dash | Tahasil Office, Kendrapada | Tahasil Office, Garadpur |
| 8 | Priyanka Sahani | Tahasil Office, Pattamundai | Tahasil Office, Kanika |
| 9 | Satyabrata Giri | Collectorate, Kendrapada | ICDS Office, Rajnagar |
| 10 | Niranjan Barik | Block Office, Derabish | Tahasil Office, Rajnagar |

JUNIOR REVENUE ASSISTANTS

| Sl. No. | Name of the Junior Revenue Assistant (J.R.A) | Present Place of Posting | New Place of Posting |
|---|---|---|---|
| 1 | Keshabananda Sethy | Tahasil Office, Pattamundai | Tahasil Office, Rajnagar |
| 2 | Soumya Ranjan Mohanty | Tahasil Office, Kendrapada | Block Office, Mahakalapada |
| 3 | Alok Ranjan Rout | Tahasil Office, Pattamundai | Tahasil Office, Mahakalapada |
| 4 | Kiran Kumar | Tahasil Office, Mahakalapada | Tahasil Office, Marshaghai |

The controlling officers are hereby directed to relieve the respective employees from their present duties on or before 18.09.2026 (AN). Failing this, the employees concerned shall be deemed centrally relieved w.e.f 19.09.2026 (AN) and are instructed to report to their new places of posting immediately.

Any deviation to this order will be viewed seriously.

Collector & District Magistrate, Kendrapada

Memo No. 1665 /Estt./ Date. 07 . 07 .2026
Copy forwarded to the person(s) concerned for information and necessary action.

Collector & District Magistrate, Kendrapada

ବ୍ଲକ କାର୍ଯ୍ୟାଳୟ, ସିଲି ବେହେରାଙ୍କୁ ତହସିଲ କାର୍ଯ୍ୟାଳୟ, କନିକାରୁ ତହସିଲ କାର୍ଯ୍ୟାଳୟ, ଗରଦପୁର,ସଲ୍‌ମା ମାଝୀଙ୍କୁ ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାରୁ ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ, ପ୍ରଜ୍ଞା ପରମିତା ଜେନାଙ୍କୁ ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାରୁ ତହସିଲ କାର୍ଯ୍ୟାଳୟ, କନିକା, ପ୍ରଦୀପ କୁମାର ଦାଶଙ୍କୁ ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାରୁ ତହସିଲ କାର୍ଯ୍ୟାଳୟ, ଗରଦପୁର ଓ ସତ୍ୟବ୍ରତ ଗିରିଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଇସିଡିଏସ କାର୍ଯ୍ୟାଳୟ, ରାଜନଗରକୁ

**ଚର୍ଚ୍ଚାରେ ଜିଲ୍ଲାପାଳଙ୍କ ବଦଳି ଚିଠି**

ହୋଇଥିବା ପୂର୍ବ ବଦଳି ଅର୍ଡରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିଜ ନିଜର ବର୍ତ୍ତମାନର ନିଯୁକ୍ତି ସ୍ଥାନରେ କାର୍ଯ୍ୟରତ ରହିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ଏହାଛଡ଼ା ସେକ୍ସନ ଅଫିସର ମୀନାକ୍ଷୀ ବାରିକଙ୍କ ବଦଳି ଆଦେଶକୁ ସଂଶୋଧନ କରାଯାଇଛି ଓ ତାଙ୍କୁ ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାକୁ ବଦଳି ଓ ନିଯୁକ୍ତି ଦିଆଯାଇଛି। ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୧୬୬୪,୯/୯/୨୦୨୬ର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ଏବଂ ବଳବତ୍ତର ରହିବ। ଏହି ଆଦେଶ ତତ୍କାଳ ପ୍ରଭାବରୁ କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାର କେତେକ କାର୍ଯ୍ୟାଳୟରେ କର୍ମଚାରୀ ଆବଶ୍ୟକତା ରହିଥିବା ବେଳେ ଗତ ୯ ତାରିଖରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ମଧ୍ୟରେ ୧୫ ଜଣ ରାଜସ୍ୱ ସହାୟକଙ୍କ ବଦଳି କରାଯାଇଥିଲା। କିନ୍ତୁ ପୁନର୍ବାର ୯ ଦିନ ଭିତରେ ଅର୍ଡର ପରିବର୍ତ୍ତନ କରାଯାଇ ୬ ଜଣ ରାଜସ୍ୱ ସହାୟକଙ୍କୁ ସେମାନଙ୍କ ପୂର୍ବ ସ୍ଥାନକୁ ଫେରାଇ ଆଣିବା ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଚିଠି ମୁତାବକ ଏହି ରାଜସ୍ୱ ସହାୟକଙ୍କୁ ବଦଳି କରାଯାଇଥିବା ନୂତନ ଯାଗାରେ ସେହି ପୋଷ୍ଟ ଯଦି ନ ଥିଲା, ତେବେ କିପରି ପ୍ରଶାସନ ବଦଳି ଅର୍ଡର କରିବା ପୂର୍ବରୁ ଜାଣିପାରିଲା ନାହିଁ। ବଦଳି ଚିଠି କରିବା ପୂର୍ବରୁ ଅଧିକାରୀମାନଙ୍କ ପାଖରେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ ନ ଥିଲା କି? ଏଭଳି ଦୁଇ ଦୁଇ ଥର ବଦଳି କରିବା ଓ ପରେ ଫେରାଇ ଆଣିବା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

---



## ଓରାଙ୍ଗଉଟାନ୍ ଶିଶୁଙ୍କୁ ଦିଆଯିବ ଗୋଟା ଫଳ

ବାରଙ୍ଗ,୨୦।୯(ସଂଚାର ବ୍ୟୁରୋ): ନନ୍ଦନକାନନରେ ଥିବା ୫ ଓରାଙ୍ଗଉଟାନ ଶିଶୁଙ୍କ ଖାଦ୍ୟରେ ଏବେ କେତେକ ପରିବର୍ତ୍ତନ କରାଯାଇଛି। ସେମାନଙ୍କ ଚିକିତ୍ସା ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ହେବ। ଏବେ ସେମାନଙ୍କୁ ଗୋଟା ଫଳ ଖାଇବାକୁ ଦିଆଯିବ। ପୂର୍ବରୁ ସେମାନଙ୍କୁ ଫଳକୁ ଚକଟି ଖାଇବାକୁ ଦିଆଯାଉଥିଲା। ସେହିପରି କୃମିନାଶ ପାଇଁ ଆଇଭରମେକ୍ଟିନ୍ କିମ୍ବା ଡୋରାମେକ୍ଟିନ୍ ଦିଆଯିବ। ପ୍ରତିଦିନ ଏହି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବୈଷୟିକ କମିଟି ଦ୍ୱାରା ଯାଞ୍ଚ କରାଯାଉଛି। ଆଜି ବୈଷୟିକ କମିଟି ସଦସ୍ୟ ତଥା ଦିଲ୍ଲୀ ଚିଡ଼ିଆଖାନାର ପ୍ରାଣୀ ଚିକିତ୍ସାଧିକାରୀ ଡକ୍ଟର ଅଭିଜିତ ଭାୱାଲ ଓ ଡେରାଡୁନସ୍ଥିତ ଡବ୍ଲ୍ୟୁଆଇଆଇର ବନ୍ୟପ୍ରାଣୀ ଚିକିତ୍ସକ ସନତ୍‌କୃଷ୍ଣ ମୁଲିଆ ଆଜି ଓରାଙ୍ଗଉଟାନମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଏଥିସହ ସେମାନେ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ନେଇ ସେମାନେ ପରାମର୍ଶ ଦେଇଥିଲେ। ଧୀରେ ଧୀରେ ଖାଦ୍ୟ ପରିମାଣ ବୃଦ୍ଧି କରିବା ସହ କଠିନ ଖାଦ୍ୟ ଦେବା ସକାଶେ ସେମାନେ ପରାମର୍ଶ ଦେଇଛନ୍ତି। ଏବେ ସମସ୍ତ ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ସମସ୍ତେ ସୁସ୍ଥ ଥିବା ନନ୍ଦନକାନକ ପ୍ରାଣୀ ଉଦ୍ୟାନ ପକ୍ଷରୁ ସୂଚନା ଦିଆଯାଇଛି।

---

ଦଣ୍ଡନୃତ୍ୟରେ ଗଣ୍ଡଗୋଳ

## ଅଭିଯୁକ୍ତଙ୍କୁ ଛାଡ଼ିବା ପ୍ରତିବାଦରେ ଥାନା ଘେରାଉ




କନ୍ଧମାଳ,୨୦।୯(ସଂଚାର ବ୍ୟୁରୋ): ଠେଙ୍ଗା ଧରି ଥାନା ଘେରିଲେ ଗ୍ରାମବାସୀ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଦେଢ଼େଣମାଲ ଗାଁରେ ବିଶ୍ୱକର୍ମା ପୂଜା ଅବସରରେ ଅନୁଷ୍ଠିତ ଦଣ୍ଡନୃତ୍ୟ କାର୍ଯ୍ୟକ୍ରମରେ ଗଣ୍ଡଗୋଳକୁ ନେଇ ପୁଣି ଉତ୍ତେଜନା ପ୍ରକାଶ ପାଇଛି। ହାତରେ ଠେଙ୍ଗା ଧରି ଘଣ୍ଟାପଡ଼ା ଥାନା ଘେରାଉ କରିଛନ୍ତି ଦେଢ଼େଣମାଲ ଗ୍ରାମବାସୀ। ଶତାଧିକ ମହିଳା ଓ ପୁରୁଷ ର୍‌ୟାଲିରେ ଆସି ଥାନା ଘେରାଉ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୧୭ ତାରିଖରେ ବିଶ୍ୱକର୍ମା ପୂଜା ଦିନ ସନ୍ଧ୍ୟାରେ ଦଣ୍ଡନୃତ୍ୟ ଚାଲିଥିବା ସମୟରେ ୬/୭ ଜଣ ଅସାମାଜିକ ବ୍ୟକ୍ତି ମାରଣାସ୍ତ୍ର ଧରି ଗଣ୍ଡଗୋଳ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଦୁଇ ଜଣଙ୍କୁ କାବୁ କରିବା ସହ ବିଭିନ୍ନ ମାରଣାସ୍ତ୍ର ଜବତ କରି ଘଣ୍ଟାପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ସହ ସେମାନଙ୍କୁ ପୁଲିସ୍ ଜିମା ଦେଇଥିଲେ। କିନ୍ତୁ ପୁଲିସ ମଧ୍ୟସ୍ଥତାରେ ରାଜିନାମା କରାଇବା ସହ ଉକ୍ତ ଦୁଇ ଜଣଙ୍କୁ ଛାଡ଼ି ଦେଇଥିଲା। ପରେ ସେମାନଙ୍କ ମଧ୍ୟରୁ ଜଣେ ଭିଡିଓ ମାଧ୍ୟମରେ ଗ୍ରାମବାସୀଙ୍କୁ ଧମକ ଦେବାରୁ ଏହାକୁ ନେଇ ଆଜି ଗ୍ରାମବାସୀ ଥାନା ଘେରାଉ କରି ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

## ବଧୂ ନିର୍ଯାତନା ପରେ ମୃତ୍ୟୁ ଅଭିଯୋଗ, ସ୍ୱାମୀ ଅଟକ



ନୀଳଗିରି,୨୦।୯(ସଂଚାର ବ୍ୟୁରୋ): ୫ ଲକ୍ଷ ଟଙ୍କା ଯୌତୁକ ଦେଇ ନ ପାରିବାରୁ ବଧୂକୁ ନିର୍ଯାତନା ଦେଇ ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ସ୍ୱାମୀଙ୍କୁ ଅଟକ ରଖାଯାଇଛି। ମୃତକ ଜଣଙ୍କ ହେଲେ ଶୁଭଲକ୍ଷ୍ମୀ ପ୍ରଧାନ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଜରଡ଼ା ଗାଁର ପ୍ରଭଞ୍ଜନ ପ୍ରଧାନଙ୍କ ଝିଅ ଶୁଭଲକ୍ଷ୍ମୀ ଔପଦା ବ୍ଲକ ନୀଳଗିରି ଥାନା ଓଲଡଙ୍ଗ ଗାଁର ପଙ୍କଜ ସାମଲଙ୍କୁ ବିବାହ କରିଥିଲେ। ତେବେ ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେଇ ମାରି ଦେଇଥିବା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି ଶୁଭଲକ୍ଷ୍ମୀଙ୍କ ବାପା। ନୀଳଗିରି ପୁଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ପରିବାର ଲୋକେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ନୀଳଗିରି ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାସ୍ଥଳରେ ଯାଞ୍ଚ କରିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି। ଶୁଭଲକ୍ଷ୍ମୀଙ୍କ ପରିବାର ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ପୁଲିସର ତଦନ୍ତ ଓ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

● ସୁଧ ଟଙ୍କାକୁ ନେଇ ଅଘଟଣ

## ଓଏଏସ୍‌ଙ୍କ ଘର ସମ୍ମୁଖରେ ଯୁବକଙ୍କ ଆତ୍ମାହୁତି



ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ): ସୁଧ କାରବାର ନେଇ ଜନୈକ ଯୁବକ ଆତ୍ମାହୁତି ଦେଇଛନ୍ତି। ଓଏଏସ୍‌ଙ୍କ ଘର ଆଗରେ ନିଜ ଦେହରେ ପେଟ୍ରୋଲ ଢାଳି ଯୁବକ ଜଣଙ୍କ ନିଆଁ ଲଗାଇ ଦେଇଛନ୍ତନ୍ତି। ସୁଧରେ ଟଙ୍କା ନେଇଥିଲେ ହେଁ ଏହାକୁ ନ ଫେରାଇବାରୁ ଯୁବକ ଜଣଙ୍କ ଆତ୍ମାହୁତି ଦେଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଅଶ୍ୱିନୀ କୁମାର ତାଣ୍ଡିଆ। ଅଶ୍ୱିନୀଙ୍କ ଘର ରାଜଧାନୀର କୈଳାଶ ବିହାର ମହାବୀର ବସ୍ତିରେ ହୋଇଥିବା ବେଳେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ପୁଲିସ ତନାଘନା ଚଳାଇଛି। ଏହି ମାମଲାରେ ଓଏଏସ ବାବୁଙ୍କ ସହ ଶାଳକଙ୍କ ନାଁରେ ହୋଇଛି ଅଭିଯୋଗ। ଓଏଏସ ବାବୁଙ୍କ ଶାଳକ ପ୍ରଭାସ ପଣ୍ଡାଙ୍କୁ ପୁଲିସ୍ ଗିରଫ କରିଛି। ଓଏଏସ ଅଫିସର ଓ ତାଙ୍କ ଶାଳକ ୧୭ ଲକ୍ଷ ଟଙ୍କା ସୁଧକୁ ନେଇ ଟଙ୍କା ଫେରାଇ ନଥିବା ଅଭିଯୋଗ ହୋଇଛି। ଏନେଇ ଓଏଏସ ଅଫିସରଙ୍କୁ ପୁଲିସ ତଦନ୍ତ ପରିସରକୁ ନେଇ ତଦନ୍ତ ଚଳାଇଛି। ଓଏଏସ ବାବୁଙ୍କୁ ପୁଲିସ୍ ଗିରଫ କରିବା ସକାଶେ ବେଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡ଼ିଛି।

---

## ୪ କ୍ରସର ୟୁନିଟକୁ ଏନ୍‌ଜିଟି ଝଟ୍‌କା



ଢେଙ୍କାନାଳ,୨୦।୯(ସଂଚାର ବ୍ୟୁରୋ): ବେଆଇନ ଖଣି ଖନନ ନେଇ ଅଭିଯୋଗ ପରେ ଢେଙ୍କାନାଳରେ ୪ ପଥର କ୍ରସର ୟୁନିଟ୍‌କୁ ଏନଜିଟିର ଛାଟ। ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗରେ ତୁରନ୍ତ କ୍ରସରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି। ଗଁଦିଆ ତହସିଲ ଅନ୍ତର୍ଗତ ନିଶିନ୍ତା ପାହାଡ଼ ଓ ଏହାର ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବେଆଇନ ଖଣି ଖନନ ନେଇ ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ମାମଲାର ଶୁଣାଣି ପରେ ନିହାଲପ୍ରସାଦ ଅଞ୍ଚଳରେ ଥିବା ୪ଟି କ୍ରସର ୟୁନିଟ୍‌କୁ ସିଲ୍ କରାଯାଇଛି। ଅନୁମତି ମିଳିଥିବା ଅଞ୍ଚଳ ବାହାରେ ଜମି ଜବରଦଖଲ ହୋଇଥିବା ନେଇ ପ୍ରମାଣ ମିଳିବା ପରେ ଏନ୍‌ଜିଟିର ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚ୍ ଏହି ନିର୍ଦ୍ଦେଶ ଦେଇଛନ୍ତି। କେବଳ କ୍ରସର ବନ୍ଦ ନୁହେଁ, ବେଆଇନ ଖଣି ଉତ୍ତୋଳନର ପରିମାଣ ଆକଳନ କରି ପରିବେଶ କ୍ଷତିପୂରଣ ଆଦାୟ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କ୍ରସର ଚଳାଇବା କିମ୍ବା ସମ୍ପୃକ୍ତ ଅଞ୍ଚଳରେ ଖଣି କାର୍ଯ୍ୟ କରିବା ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଟକଣା ଲଗାଇଛନ୍ତି ଏନଜିଟିର ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚ୍।

## ୧୦ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

ମୋହନା,୨୦।୯(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ଅଡ଼ବା ଅଞ୍ଚଳର ରାସପେଟ, ଗାଲିମେରା ଓ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ଓ ଗଞ୍ଜେଇ ବିରୋଧୀ ଚଢ଼ାଉ ସମୟରେ ଗୁଲୁବା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗାଲିମେରା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ୪୩ଟି ପ୍ଲାଷ୍ଟିକ ଜରି ବ୍ୟାଗରେ ରଖାଯାଇଥିବା ୧୦ କ୍ୱିଣ୍ଟାଲ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ଭୂୟାଁଙ୍କ ଉପସ୍ଥିତିରେ ପ୍ରତ୍ୟେକ ବ୍ୟାଗ୍‌କୁ ଓଜନ କରାଯିବା ପରେ ମୋଟ ୧,୦୭୫ କିଗ୍ରା ଗଞ୍ଜେଇ ଥିବା ଜଣାପଡ଼ିଥିଲା।

---

# ଅନଲାଇନ୍ ବେଟିଂ ନେଟୱର୍କର ପର୍ଦ୍ଦାଫାସ; ୩ ଗିରଫ




ଛତ୍ରପୁର,୨୦।୯(ସଂଚାର ବ୍ୟୁରୋ): ଅନଲାଇନ୍ ବେଟିଂ ଆପ୍ ଜରିଆରେ ଅଧିକ ଟଙ୍କା ଫେରସ୍ତର ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଜମା କରାଯାଉଥିବା ଅଭିଯୋଗରେ ଗଞ୍ଜାମ ସାଇବର ପୁଲିସ ଏକ ନେଟୱର୍କର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ଡିଜିଟାଲ୍ ଉପକରଣ, ଏଟିଏମ୍ କାର୍ଡ, ସିମ୍ କାର୍ଡ ଓ ବ୍ୟାଙ୍କ ସମ୍ପର୍କିତ ଦଲିଲ ଜବତ କରାଯାଇଛି। ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ହରିଶ ବିଶି ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ରମ୍ଭା ଥାନା ଅଧୀନ ଗଜପତିନଗର ଓ ପାଲୁରଗଡ଼ା ଅଞ୍ଚଳରେ କିଛି ବାହାର ରାଜ୍ୟର ଯୁବକ ଭଡ଼ା ଘରେ ରହି ଅନଲାଇନ୍ ବେଟିଂ ଆପ୍‌ର ପ୍ରଚାର ଓ ପରିଚାଳନା କରୁଥିବା ନେଇ ସୂଚନା ମିଳିଥିଲା। ଏହାପରେ ସାଇବର ଥାନା ପୁଲିସ ସେଠାରେ ଚଢ଼ାଉ କରିଥିଲା।

ଚଢ଼ାଉ ସମୟରେ ଦୁଇ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଅନ୍ଧାରର ସୁଯୋଗ ନେଇ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲେ। ପରେ ମୋବାଇଲ୍ ନମ୍ବର ଆଧାରରେ ତଦନ୍ତ କରି ଚମାଖଣ୍ଡି ଅଞ୍ଚଳରୁ ଜଗଦୀଶ ସେଠୀ ଓରଫ ସୂରଜଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ଶତ୍ରୁଘ୍ନ କୁମାର ପାଣ୍ଡେ, ଛତିଶଗଡ଼ର ଧର୍ମଦାସ ମାଣିକପୁରୀ ଓ ଜଗଦୀଶ ସେଠୀ ଓରଫ ସୂରଜ। ଚଢ଼ାଉ ସମୟରେ ପୁଲିସ ୨ଟି ଲ୍ୟାପଟପ୍, ଗୋଟିଏ ଲେନୋଭୋ କ୍ରୋମବୁକ୍, ୭୮ଟି ଏଟିଏମ୍/ଡେବିଟ୍ ଓ ଅନ୍ୟାନ୍ୟ କାର୍ଡ, ୧୬ଟି ବ୍ୟାଙ୍କ ପାସବୁକ୍, ୧୪ଟି ସ୍ମାର୍ଟଫୋନ୍, ୮୬ଟି ସିମ୍ କାର୍ଡ ଏବଂ ଗୋଟିଏ ବଜାଜ୍ ପଲସର୍ ୨୨୦ ବାଇକ୍ ଓ ବିଭିନ୍ନ ଦଲିଲ ଜବତ କରିଛି। ଅଭିଯୁକ୍ତମାନଙ୍କ ମୋବାଇଲ୍‌ରୁ ବିଭିନ୍ନ ବ୍ୟକ୍ତିଙ୍କ ପାନ୍ କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ଓ ଅନ୍ୟାନ୍ୟ ପରିଚୟପତ୍ର ମଧ୍ୟ ମିଳିଥିବା ପୁଲିସ ସ୍ପଷ୍ଟ କରିଛି। ଏଥିସହ ରେଡ୍ଡୀ ପ୍ଲେ ୧୧, ହସ୍ ୭୭୭, ୧୦୦ ପେନେଲ, ଫେରପ୍ଲେ ଆଦି ଅନଲାଇନ୍ ଗେମିଂ/ବେଟିଂ ପ୍ଲାଟଫର୍ମ ସହ ଜଡ଼ିତ ୟୁଜର୍ ଆଇଡି, ପାସୱାର୍ଡ ଏବଂ ଟଙ୍କା ଜମା-ଉଠାଣ ସମ୍ପର୍କିତ ରେକର୍ଡ ମଧ୍ୟ ଜବତ ହୋଇଛି। ଘଟଣା ସମ୍ପର୍କରେ ଗତ ୧୯ରେ ଆଇଆଇସି ପ୍ରିୟଙ୍କା ବେହେରାଙ୍କ ଅଭିଯୋଗ କ୍ରମେ କେସ୍ ନମ୍ବର ୨୦/୨୦୨୬ ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଜବତ ଡିଜିଟାଲ୍ ଉପକରଣଗୁଡ଼ିକର ଫୋରେନସିକ୍ ଯାଞ୍ଚ କରାଯାଉଛି। ଏଥିସହ ଏହି ନେଟୱର୍କରେ ଆଉ କାହାର ସମ୍ପୃକ୍ତି ରହିଛି, ଆର୍ଥିକ କାରବାରର ପରିମାଣ ଓ ଠକେଇର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ


ସଂଚାର
SANCHAR
ସୋମବାର ୨୧ ସେପ୍ଟେମ୍ବର ୨୦୨୬
BUSINESS



## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫, ୮୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫, ୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୮୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୫, ୮୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୯୯୦ ଟଙ୍କା ଓ ୨୨ କ୍ୟାରଟେ ୧,୪୩,୦୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୫,୮୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫, ୮୪୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୮ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

## ଆମେରିକା ଅର୍ଥନୀତିରେ ମହଙ୍ଗାଇର ଚାପ

# ବଢ଼ିଲା ସୁଧ, ୭% ହୋମ୍ ଲୋନ୍, ତଥାପି ବୃଦ୍ଧି ଖର୍ଚ୍ଚ

ୱାଶିଂଟନ୍,୨୦।୯: ଆମେରିକାରେ ମହଙ୍ଗାଇ ଓ ଅର୍ଥନୀତିକୁ ନେଇ ଚିନ୍ତା ଜାରି ରହିଛି। ଗ୍ରୋସରୀ, ଇନ୍ଧନ ଓ ଘର ଖର୍ଚ୍ଚ ବଢୁଥିବା ବେଳେ ଆମେରିକୀୟ ପରିବାର ଓ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡୁଛି। ଗତ ସପ୍ତାହରେ ଆମେରିକା ଅର୍ଥନୀତି ସମ୍ପର୍କିତ ଅନେକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ପୁଣି ବଢ଼ିଲା ଫେଡର ସୁଧ ହାର ଆମେରିକାର ଫେଡେରାଲ ରିଜର୍ଭ ସେପ୍ଟେମ୍ବର ୧୭ରେ ବେଞ୍ଚମାର୍କ ସୁଧ ହାରକୁ ୦.୨୫ ପ୍ରତିଶତ ପଏଣ୍ଟ ବଢ଼ାଇ ୩.୭୫%ରୁ ୪% ରେଞ୍ଜକୁ ନେଇଛି। ୨୦୨୩ ପରେ ଏହା ଫେଡ୍ର ପ୍ରଥମ ସୁଧ ବୃଦ୍ଧି। ଫେଡ୍ କହିଛି, ମହଙ୍ଗାଇ ଏବେ ମଧ୍ୟ ଅଧିକ ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି ଓ ସୁଧ ହାର ବଢ଼ିବାର ଅର୍ଥ ହେଉଛି ଆଗାମୀ ସମୟରେ ଘର ଋଣ, କାର୍ ଲୋନ୍ ଓ କ୍ରେଡିଟ୍ କାର୍ଡ ଭଳି ଋଣର ସୁଧ ଖର୍ଚ୍ଚ ବଢ଼ିପାରେ। ଫେଡ୍ର ଅଧିକାରୀମାନଙ୍କ ଆଗାମୀ ନୀତି ମଧ୍ୟ ମହଙ୍ଗାଇ ଓ ଅର୍ଥନୈତିକ ତଥ୍ୟ ଉପରେ ନିର୍ଭର କରିବ। ୭% ପାଖାପାଖି ପହଞ୍ଚିଲା ହୋମ୍ ଲୋନ୍ ସୁଧ ଆମେରିକାରେ ଘର କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ ଋଣ ମହଙ୍ଗା ହୋଇଛି। ଫ୍ରେଡି ମ୍ୟାକ୍ର ତଥ୍ୟ ଅନୁସାରେ, ସେପ୍ଟେମ୍ବର ୧୭ରେ ୩୦ ବର୍ଷର ଫିକ୍ସଡ୍ ମର୍ଟଗେଜ୍ ହାର ୬.୯୫% ରହିଛି। ଗୋଟିଏ ସପ୍ତାହ ପୂର୍ବରୁ ଏହା ୬.୭୬% ଥିଲା ଏବଂ ଗତବର୍ଷ ସମାନ ସମୟରେ ୬.୨୬% ଥିଲା। ୧୫ ବର୍ଷର ମର୍ଟଗେଜ୍ ହାର ମଧ୍ୟ ୬.୨୬%କୁ ବଢ଼ିଛି। ଅର୍ଥାତ୍, ଆମେରିକାରେ ଘର କିଣିବା ପାଇଁ ଋଣ ନେଉଥିବା ଲୋକଙ୍କ ମାସିକ ଋଣ ପରିଶୋଧ ଖର୍ଚ୍ଚ ଉପରେ ଚାପ ବଢ଼ିପାରେ। ଅଗଷ୍ଟରେ ବଢ଼ିଲା ଲୋକଙ୍କ ଖର୍ଚ୍ଚ ସୁଧ ଓ ମହଙ୍ଗାଇର ଚାପ ମଧ୍ୟରେ ଆମେରିକୀୟ ଗ୍ରାହକଙ୍କ ଖର୍ଚ୍ଚ ତଥାପି ବଢ଼ିଛି। ଅଗଷ୍ଟରେ ରିଟେଲ୍ ବିକ୍ରି ୧.୨% ବଢ଼ିଛି। ଜୁଲାଇରେ ରିଟେଲ୍ ବିକ୍ରି ୦.୫% କମିଥିଲା। ଅଗଷ୍ଟର ବୃଦ୍ଧି ଅର୍ଥନୀତିଜ୍ଞଙ୍କ ଆଶାଠାରୁ ମଧ୍ୟ ଅଧିକ ଥିଲା। ଅନଲାଇନ୍ ରିଟେଲରଙ୍କ ବିକ୍ରି ୨.୬% ବଢ଼ିଥିବା ବେଳେ ପୋଷାକ ଓ ଆକ୍ସେସରି ଷ୍ଟୋରର ବିକ୍ରି ୦.୭% ଏବଂ ଫର୍ଣ୍ଣିଚର ଓ ହୋମ୍ ଫର୍ଣ୍ଣିସିଂ ଷ୍ଟୋରର ବିକ୍ରି ୦.୯% ବଢ଼ିଛି। କମିଲା ବେରୋଜଗାରି ଭତ୍ତା ପାଇଁ ଆବେଦନ ଆମେରିକାର ଚାକିରି ବଜାରରୁ ମଧ୍ୟ ଏକ ସକାରାତ୍ମକ ସଙ୍କେତ ମିଳିଛି। ଗତ ସପ୍ତାହରେ ବେରୋଜଗାରି ଭତ୍ତା ପାଇଁ ପ୍ରାରମ୍ଭିକ ଆବେଦନ ୧୯୬, ୦୦୦କୁ ଖସିଛି। ଏହା ଜୁଲାଇ ମଧ୍ୟଭାଗ ପରଠାରୁ ସର୍ବନିମ୍ନ ସ୍ତର। ଚାରି ସପ୍ତାହର ହାରାହାରି ଆବେଦନ ମଧ୍ୟ ୨୦୩, ୨୫୦କୁ ଖସିଛି। ଅଗଷ୍ଟରେ ଆମେରିକାର ବେରୋଜଗାରି ହାର ୪.୧%ରେ ଅପରିବର୍ତ୍ତିତ ରହିଥିଲା ଏବଂ ମୋଟ ନନ୍ଫାର୍ମ ପେରୋଲ୍ ଚାକିରି ୧୬୨, ୦୦୦ ବଢ଼ିଥିଲା। ୱାଲ୍ ଷ୍ଟ୍ରିଟ୍ରେ ଅସ୍ଥିରତା, ତେଲ ଦର ଉପରେ ନଜର ଏହି ସମସ୍ତ ଅର୍ଥନୈତିକ ଚାପ ମଧରେ ଆମେରିକାର ସେୟାର ବଜାରରେ ମଧ ଉତ୍ଥାନ-ପତନ ଦେଖାଯାଇଛି। ତେଲ ଦରରେ ମଧ ବଡ଼ ଅସ୍ଥିରତା ରହିଛି। ବ୍ରେଣ୍ଟ୍ କ୍ରୁଡ୍ ଦର ସପ୍ତାହ ଆରମ୍ଭରେ ବ୍ୟାରେଲ୍ ପିଛା ପ୍ରାୟ ୧୧୦ ଡଲାର ପାଖକୁ ଯାଇଥିଲା। ଏହି ବୃଦ୍ଧି ଇନ୍ଧନ ଦର ଏବଂ ମହଙ୍ଗାଇ ଉପରେ ଚାପ ବଢ଼ାଇପାରେ। ସାଧାରଣ ଆମେରିକୀୟଙ୍କ ପାଇଁ ଏହାର ଅର୍ଥ କ'ଣ? ଏକପଟେ ଚାକିରି ବଜାର ତୁଳନାମୂଳକ ଭାବେ ସ୍ଥିର ରହିଛି ଏବଂ ଗ୍ରାହକଙ୍କ ଖର୍ଚ୍ଚ ମଧ ଚାଲୁ ରହିଛି। ଅନ୍ୟପଟେ ଉଚ୍ଚ ମହଙ୍ଗାଇ, ମହଙ୍ଗା ଇନ୍ଧନ ଏବଂ ବଢୁଥିବା ଋଣ ସୁଧ ପରିବାରର ବଜେଟ୍ ଉପରେ ଚାପ ପକାଉଛି। ଫେଡ୍ର ସୁଧ ବୃଦ୍ଧି ମହଙ୍ଗାଇକୁ ନିୟନ୍ତ୍ରଣ କରିବାର ଚେଷ୍ଟା ହୋଇଥିବା ବେଳେ, ଏହାର ପ୍ରଭାବ ଋଣ ନେଉଥିବା ଗ୍ରାହକଙ୍କ ଉପରେ ମଧ ପଡ଼ିପାରେ। ତେଣୁ ଆଗାମୀ ଦିନରେ ଆମେରିକୀୟ ପରିବାର ପାଇଁମହଙ୍ଗାଇ, ସୁଧ ହାର, ଘର ଋଣ ଏବଂ ଇନ୍ଧନ ଦରଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବିଷୟ ହୋଇ ରହିବ।




# ଆସୁଛି କି ସ୍ପାମ୍ କଲ୍ ? ଟ୍ରାଇ ଆଣିଲା ନୂଆ ନିୟମ

ନୂଆଦିଲ୍ଲୀ,୨୦।୯: ଟେଲିକମ୍ ନିୟାମକ ଟ୍ରାଇ ନକଲି ଏବଂ ଅନାବଶ୍ୟକ କମର୍ସିଆଲ କଲ୍ ଗୁଡ଼ିକୁ ରୋକିବା ପାଇଁ ଆଜି ନୂଆ ନିୟମ ଲାଗୁ କରିଛି । ଏହା ଅଧୀନରେ ରୋବୋକଲ୍ସ, ଅଟୋମେଟେଡ୍ କଲ୍ସ ଏବଂ ଏଆଇ ଆଧାରିତ ସ୍ପାମ୍ ଚିହ୍ନଟକୁ ନିୟାମକ ପରିସରକୁ ଅଣାଯାଇଛି । ଯଦି କୌଣସି ସ୍ପାମରଙ୍କ ୫ କିମ୍ବା ଏହାଠାରୁ ଅଧିକ ନମ୍ବର ୧୦ ଦିନରେ ଚିହ୍ନଟ ହୁଏ ତେବେ ଉକ୍ତ ସ୍ପାମରଙ୍କ ଟେଲିକମ୍ ସଂଯୋଗ କାଟି ଦିଆଯାଇପାରେ ଏବଂ ବର୍ଷକ ପାଇଁ କଳାତାଲିକାଭୁକ୍ତ କରାଯାଇପାରେ। ଏହାବ୍ୟତୀତ ଅଟୋମେଟେଡ୍ କଲ୍ ଉପରେ ମିନିଟ୍ ପିଛା ୫ ପଇସା ଚାର୍ଜ ବି ଲାଗିବ । ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଟେଲିକମ୍ କମ୍ପାନୀଗୁଡ଼ିକୁ ସ୍ପାମ୍ କଲ୍ କରୁଥିବା ଅଣପଞ୍ଜିକୃତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଏକ ନିର୍ଦ୍ଦେଶନାମା ଜାରି କରିଛି । ଏହି ସୂଚନା ଟ୍ରାଇ ଦ୍ୱାରା ଏହାର ଅଫିସିଆଲ୍ ୱେବସାଇଟ୍ ଏବଂ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ସେୟାର କରାଯାଇଛି । ଟ୍ରାଇ ଏହି ସମସ୍ତ ସଂସ୍ଥାଗୁଡ଼ିକରୁ ଟେଲିକମ୍ ସମ୍ବଳ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଆପଣ ଏବେ ସ୍ପାମ୍ କଲ୍ ରୁ ମୁକ୍ତ ହେବେ। ଏହି ସମୟ ମଧରେ କୌଣସି ଟେଲିକମ୍ କମ୍ପାନୀକୁ ନୂତନ ସଂଯୋଗ ଦିଆଯିବ ନାହିଁ ବୋଲି ଟ୍ରାଇ କହିଛି। ଟ୍ରାଇ ସମସ୍ତ ଟେଲିକମ୍ ଅପରେଟରମାନଙ୍କୁ ଏହି ନୂତନ ନିୟମକୁ ତୁରନ୍ତ ପାଳନ କରିବାକୁ ଏବଂ ଏହି ବିଷୟରେ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ ଅନୁରୋଧ କରିଛି।




## ବଡ଼ ଚାକିରି ଛାଡ଼ି ଚାଷ କରୁଛନ୍ତି ଏମବିଏ ଗ୍ରାଜୁଏଟ୍

# କ୍ୟାପ୍ସିକମ୍ ଫାର୍ମିଂ କଲା କୋଟିପତି





ନୂଆଦିଲ୍ଲୀ,୨୦।୯: ଖାଦ୍ୟପ୍ରିୟ ଲୋକଙ୍କ ପାଇଁ ପିଜା, ଫ୍ରାଏଡ୍ ରାଇସ୍ କିମ୍ବା ପନୀର ପରି ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନରେ କ୍ୟାପସିକମ୍ (ଶିମଲା ଲଙ୍କା) ର ବ୍ୟବହାର ବେଶ୍ ପ୍ରିୟ। ମାତ୍ର ଏହାର ବ୍ୟବସାୟିକ ଚାଷ ପ୍ରଣାଳୀ ଓ ଏଥିରୁ କିପରି କୋଟି କୋଟି ଟଙ୍କାର ବ୍ୟବସାୟ ଗଢ଼ାଯାଇପାରେ, ତାହା ନିଜର ସଫଳତା ମାଧ୍ୟମରେ ଦେଖାଇଛନ୍ତି ମହାରାଷ୍ଟ୍ରର ମହିଳା ଉଦ୍ୟୋଗୀ ପ୍ରଣୀତା ଭାମନ୍। ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (ଟିଆଇଏସ୍ଏସ୍) ରୁ ଏମ୍ବିଏ ସମ୍ପୂର୍ଣ୍ଣ କରିବା ପରେ, ସେ ନିଜର ଆରାମଦାୟକ କର୍ପୋରେଟ୍ କ୍ୟାରିୟର୍ ଛାଡ଼ି କୃଷି କ୍ଷେତ୍ରରେ ପାଦ ଥାପିଥିଲେ ଏବଂ ମାତ୍ର କେଇ ବର୍ଷ ମଧ୍ୟରେ ୪ କୋଟି ଟଙ୍କାର ଏକ ସଫଳ କୃଷି ସାମ୍ରାଜ୍ୟ ଛିଡ଼ା କରିପାରିଛନ୍ତି। ସଫଳତାର କାହାଣୀ ମହାରାଷ୍ଟ୍ରର ଜୁନ୍ନାର୍ ଅଞ୍ଚଳର ଏକ କୃଷକ ପରିବାରରୁ ଆସିଥିବା ପ୍ରଣୀତା, ନିଜ ଏମ୍ବିଏ ପଢ଼ା ସମୟରେ ଏକ ଫୁଡ୍ ପ୍ରୋସେସିଂ (ଖାଦ୍ୟ ପ୍ରସଂସ୍କରଣ) କମ୍ପାନୀରେ ଇଣ୍ଟର୍ନସିପ୍ କରୁଥିଲେ। ଏହି ସମୟରେ ସେ ଅନୁଭବ କରିଥିଲେ ଯେ, କୃଷି-ଉଦ୍ୟୋଗୀ ହେବା ହିଁ ତାଙ୍କର ପ୍ରକୃତ ଲକ୍ଷ୍ୟ। ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ଦୃଷ୍ଟିରେ ରଖି ନିୟମିତ ଓ ଭଲ ରୋଜଗାର ପାଇଁ ସେ 'ପଲିହାଉସ୍' ଚାଷ ପ୍ରଣାଳୀକୁ ବାଛିଥିଲେ। ୨୦୨୦ ମସିହାରେ ସେ ମାତ୍ର ଏକ ଏକର ଜମିରେ ପଲିହାଉସ୍ ନିର୍ମାଣ କରି କ୍ୟାପସିକମ୍ ଚାଷ ଆରମ୍ଭ କରିଥିଲେ। ପଲିହାଉସରେ ତାପମାତ୍ରା ଓ ଆର୍ଦ୍ରତାକୁ ନିୟନ୍ତ୍ରଣ କରାଯାଉଥିବାରୁ ବର୍ଷସାରା ଫସଲ ଅମଳ କରାଯାଇପାରେ। ବ୍ରୋକୋଲି ଏବଂ ଲେଟୁସ୍ ପରି ପରିବା ବିଷୟରେ ଚିନ୍ତା କରିବା ପରେ, ସେ ଶେଷରେ କ୍ୟାପସିକମ୍ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଭିନ୍ନ ହୋଟେଲ୍, ରେଷ୍ଟୁରାଣ୍ଟ ଏବଂ ସାଧାରଣ ବଜାରରେ ବର୍ଷସାରା କ୍ୟାପସିକମର ରହିଥିବା ଅତ୍ୟଧିକ ଚାହିଦା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ଥିଲା। ମାର୍ଚ୍ଚ ୨୦୨୦, ଅର୍ଥାତ୍ କୋଭିଡ୍-୧୯ ଲକଡାଉନ୍ ଠିକ୍ ପୂର୍ବରୁ ସେ ନିଜର ଏହି କୃଷି ଯୋଜନା ଆରମ୍ଭ କରିଥିଲେ। ଜଳସେଚନ ବ୍ୟବସ୍ଥା ଏବଂ ଉନ୍ନତ ମାନର ବିହନ ପାଇଁ ସେ ନିଜ ପାଖରୁ ୨୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏହା ସହିତ ସରକାରୀ ସବସିଡି ତାଙ୍କୁ ବ୍ୟବସାୟ ଆରମ୍ଭ କରିବାରେ ବଡ଼ ସହାୟତା ଯୋଗାଇଥିଲା। ନିଜର ଦୃଢ଼ ଇଚ୍ଛାଶକ୍ତି ଓ ସଠିକ୍ ପରିଚାଳନା ବଳରେ ସେ ଆଜି ଅନ୍ୟ ଯୁବକଯୁବତୀଙ୍କ ପାଇଁ ଏକ ପ୍ରେରଣା ପାଲଟିଛନ୍ତି।

# କୋର୍ଟକୁ ଯିବ କି ଟାଟା ଗ୍ରୁପ୍‌ର ଭିତିରି କଳି ?




ନୂଆଦିଲ୍ଲୀ,୨୦।୯: ଟାଟା ଗ୍ରୁପର ଭିତିରି କନ୍ଦଳ ଏବେ ଆଉ ସୀମିତ ରହି ନାହିଁ । ଚାଲିଥିବା ଏହି ଆଧିପତ୍ୟର ଲଢ଼େଇ ଏବେ କୋର୍ଟ ପର୍ଯ୍ୟନ୍ତ ପହଞ୍ଚିବାକୁ ଯାଉଛି । ଟାଟା ଟ୍ରଷ୍ଟସ ଆଇନଗତ ପରାମର୍ଶ ତଥା କୋର୍ଟରେ ପ୍ରତିନିଧିତ୍ୱ କରିବା ପାଇଁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭିଙ୍କୁ ନିଯୁକ୍ତ କରିଛି । ଟାଟା ସନ୍ସ ବୋର୍ଡ ଏନ୍ ଚନ୍ଦ୍ରଶେଖରନଙ୍କୁ ପୁଣିଥରେ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରିବାକୁ ସହମତି ପ୍ରକାଶ ପରେ ଏହି ବିବାଦ ଆରମ୍ଭ ହୋଇଥିଲା । ଏହି ନିଯୁକ୍ତି ପରେ ଟାଟା ଟ୍ରଷ୍ଟସର ମୁଖ୍ୟ ନୋଏଲ ଟାଟା ଏକ ବିବୃତି ଜାରି କରି ଏହାକୁ ନିୟମ ବିରୋଧୀ ବୋଲି ଦର୍ଶାଇ ଥିଲେ । ଉକ୍ତ ନିଯୁକ୍ତି ପରେ ଅଭିଷେକ ମନୁ ସିଂଘଭି କହିଛନ୍ତି ଯେ, ତାଙ୍କୁ ଅତ୍ୟନ୍ତ ଦୁଃଖ ଓ ଅନୁତାପର ସହ ଏହି ପୂରା ମାମଲାର ଅଂଶବିଶେଷ ହେବାକୁ ପଡୁଛି। କାରଣ ସେ ରତନ ଟାଟାଙ୍କ ସହ କାମ କରି ସାରିଛନ୍ତି ଏବଂ ଏହି ମାମଲାର ଉଭୟ ପକ୍ଷକୁ ଭଲ ଭାବରେ ଜାଣନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ସିଂଘଭି ଲେଖିଛନ୍ତି। ଶେୟାରହୋଲ୍ଡରଙ୍କ ମାଲିକାନା ଅଧିକାରକୁ ବେକାର କରି ଦେବା ଦ୍ୱାରା, ଶହ ଶହ ଭାରତୀୟ କମ୍ପାନୀ ସମ୍ମୁଖରେ ସଙ୍କଟ ସୃଷ୍ଟି ହେବ ।

# ବିଶ୍ୱରେ ସୁପର ଟ୍ୟାଙ୍କର ଅଭାବ, ତୈଳ ପରିବହନ ମହଙ୍ଗା




ନୂଆଦିଲ୍ଲୀ,୨୦।୯: ବିଶ୍ୱବ୍ୟାପୀ ତୈଳ ପରିବହନ ଖର୍ଚ୍ଚ ବହୁ ଗୁଣା ବୃଦ୍ଧି ପାଇଛି । ଦୂରାନ୍ତ ଅଞ୍ଚଳକୁ ଅଶୋଧିତ ତୈଳ ପଠାଇବା ବ୍ୟୟବହୁଳ ପାଲଟିଛି । ଇନ୍ଧନ ବଜାର ଚାପ ମଧ୍ୟରେ ଗତି କରୁଥିବାବେଳେ ବିଶ୍ୱରେ ସୁପର୍ ଟ୍ୟାଙ୍କର ଅଭାବ ଆଉ ଏକ ବଡ଼ ସମସ୍ୟା ଛିଡ଼ା କରିବାକୁ ଯାଉଛି। ବିଶ୍ୱ ବଜାରରେ ତୈଳ ପ୍ରବାହ ବଡ଼ ମାତ୍ରାରେ ପ୍ରଭାବିତ ହେବା ଆଶଙ୍କା ରହିଛି । ବିଶ୍ୱର କେତେକ ପ୍ରାନ୍ତରେ ସୁପର୍ ଟ୍ୟାଙ୍କର ଆଦୌ ଉପଲବ୍ଧ ନାହିଁ । ତେଣୁ ଏଠାରୁ ତୈଳ ସଂଗ୍ରହ କରିବା ସମ୍ଭବ ହେଉନାହିଁ। ବିଶୋଧନକାରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ନିକଟସ୍ଥ ପ୍ରାନ୍ତରୁ ତୈଳ ସଂଗ୍ରହ କରନ୍ତୁ । ହୋଷ୍ଟନରୁ ଏସିଆକୁ ତୈଳ ପରିବହନ କରିବା ପାଇଁ ବ୍ୟାରେଲ ପିଛା ଅତିରିକ୍ତ ଚାର୍ଜ ୨୪ ଡଲାର ରହିଛି । ଏକ କାର୍ଗୋ ଲାଗି ଚାର୍ଜ ରହିଛି ୫୨ ନିୟୁତ ଡଲାର । ଯୁଦ୍ଧ ପୂର୍ବରୁ ବିଶୋଧନକାରୀମାନଙ୍କ ମୋଟ ଖର୍ଚ୍ଚର ସାମାନ୍ୟ ଅଂଶ ପରିବହନରେ ବ୍ୟୟ ହେଉଥିଲା । ଏବେ ଏହା ବଡ଼ ମାତ୍ରାରେ ବୃଦ୍ଧି ପାଇଛି । ବିଶ୍ୱର ସର୍ବବୃହତ୍ ତୈଳ ଟ୍ୟାଙ୍କର ଇକ୍ୱିଟିଗୁଡ଼ିକର ମୂଲ୍ୟ ଚଳିତ ସପ୍ତାହରେ ରେକର୍ଡ ୭୦ ବିଲିୟନ ଡଲରରେ ପହଞ୍ଚିଛି । କିନ୍ତୁ ତୈଳ କାରବାର କରୁଥିବା କମ୍ପାନିଗୁଡ଼ିକ ପାଇଁ ପରିବହନ ମହଙ୍ଗା ବ୍ୟାପାର ପାଲଟିଛି । ଉଚ୍ଚ ଦର ଯୋଗୁ ଅଶୋଧିତ ତୈଳକୁ ଇନ୍ଧନରେ ରୂପାନ୍ତର କରିବା ଅଣଲାଭକାରୀ ହେବ ବୋଲି କେତେକ ବିଶୋଧନକାରୀ ପ୍ରକାଶ କରିଛନ୍ତି । ଏଣୁ ଦୂରାନ୍ତ ଅଞ୍ଚଳରୁ କାର୍ଗୋ କିଣିବାଠାରୁ ସେମାନେ ଦୂରେଇ ରହିପାରନ୍ତି ବୋଲି କହିଛନ୍ତି ।

# ଭୂତକୋଠି ପାଲଟିଛି ଡାକବଙ୍ଗଳା

## ଚାରି ଆଡେ ଘଞ୍ଚ ଜଙ୍ଗଲ, ଭିତରେ ସାପଙ୍କ ରାଜ

## ୧୦ ବର୍ଷରୁ ଅଧିକ ସମୟ ହେଲା ଝୁଲୁଛି ତାଲା



କାକଟପୁର/ଅସ୍ତରଙ୍ଗ, ୨୦।୯ (ସଂଚାର ବ୍ୟୁରୋ): ଲୋକଙ୍କ ଦୁଃଖ ଶୁଣୁଥିବା ଡାକ ବଙ୍ଗଳା ଆଜି ନିଜେ କାନ୍ଦୁଛି। ଏହା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସାମ୍ନାରେ ଥିବା ଐତିହାସିକ ଡାକ ବଙ୍ଗଳାର କାହାଣୀ। ସ୍ୱାଧୀନତା ପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଡାକ ବଙ୍ଗଳା ତିଆରି ହୋଇଥିଲା। ଉଦ୍ଦେଶ୍ୟ ଥିଲା ଗରିବ ଲୋକଙ୍କ ସେବା। ଜିଲ୍ଲାପାଳ, ମନ୍ତ୍ରୀ, ବଡ ବଡ ଅଧିକାରୀ ଏଠାରେ ବସି ଲୋକଙ୍କ ଅଭିଯୋଗ ଶୁଣୁଥିଲେ। ଆଜି ସେହି ଗର୍ବର ଡାକ ବଙ୍ଗଳା ଭୂତକୋଠି ପାଲଟିଛି। ଚାରି ଆଡେ ଘଞ୍ଚ ଜଙ୍ଗଲ, ଭିତରେ ସାପଙ୍କ ରାଜ। ଦିନରେ ବି ଯିବାକୁ ଲୋକେ ଡରୁଛନ୍ତି।୧୦ ବର୍ଷରୁ ଅଧିକ ହେଲା ଏହି ଡାକ ବଙ୍ଗଳାରେ ତାଲା ଝୁଲୁଛି। ଛାତରୁ ପାଣି ଝରୁଛି, କାନ୍ଥ ଫାଟି ଆଁ କରିଛି, କବାଟ ଝରକା ଭାଙ୍ଗି ପଡିଛି। ପୂର୍ତ୍ତ ବିଭାଗ ଅଧୀନରେ ଥାଇ ମଧ୍ୟ ଏହାର ମରାମତି ପାଇଁ ଗୋଟିଏ ଟଙ୍କା ବି ଖର୍ଚ୍ଚ ହୋଇନାହିଁ। ପୂର୍ତ୍ତ କହୁଛି ଏହା ପ୍ରଶାସନର, ପ୍ରଶାସନ କହୁଛି ଏହା ପୂର୍ତ୍ତର। ଏମିତି ଠେଲାପେଲାରେ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି।

ଏହି ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ। ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା କ୍ଷୋଭର ସହ କହିଛନ୍ତି, "ଏହି ଡାକ ବଙ୍ଗଳା ଆମ ଅସ୍ତରଙ୍ଗର ପରିଚୟ ଥିଲା। ଆଜି ଏହା ସାପଙ୍କ ଆଡ୍ଡା। ସରକାରୀ ଟଙ୍କାକୁ ଏମିତି ବରବାଦ କରିବା କଣ ଠିକ୍? ପ୍ରଶାସନ ଓ ପୂର୍ତ୍ତ ବିଭାଗର ଘୋର ଅବହେଳା।"

ସେହିପରି ସ୍ଥାନୀୟ ବାସିନ୍ଦା ପୀତବାସ ସ୍ୱାଇଁଙ୍କ ମତ ହେଉଛି, "ଏବେ ଅସ୍ତରଙ୍ଗକୁ କୌଣସି ବଡ ନେତା, ଉପ ମୁଖ୍ୟମନ୍ତ୍ରୀ ବା ଜିଲ୍ଲାପାଳ ଆସିଲେ ବସିବାକୁ ଜାଗା ନାହିଁ। ବାଧ୍ୟ ହୋଇ ଖୋଲା ପଡିଆ ବା କାହା ଘରେ ମିଟିଂ କରିବାକୁ ପଡୁଛି। ଏହା ଅତ୍ୟନ୍ତ ଲଜ୍ଜାଜନକ।"

ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, "ଏ ସମ୍ପର୍କରେ ଉଚ୍ଚ ସ୍ତରୀୟ ଅଧିକାରୀଙ୍କୁ ଜଣାଇଛୁ, ଚେଷ୍ଟା କରିବୁ ଖୁବ ଶୀଘ୍ର କାମ ହେବା ପାଇଁ।"ସରକାର ନୂଆ ନୂଆ କୋଠା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ପୁରୁଣା ସମ୍ପତ୍ତିକୁ ସୁରକ୍ଷା କରି ପାରୁନାହାନ୍ତି। ଯଦି ତୁରନ୍ତ ମରାମତି ନ ହୁଏ, ଏହି ଡାକ ବଙ୍ଗଳା ମାଟିରେ ମିଶିଯିବ। ସରକାରୀ ଟଙ୍କାର ଅପଚୟ ବନ୍ଦ ହେବ କି? ପ୍ରଶାସନ ଉତ୍ତର ଦେବ କି?

## ମୃତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କଲା ହିଞ୍ଜିଳି କଂଗ୍ରେସ



ହିଞ୍ଜିଳିକାଟୁ, ୨୦।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଜନପଥ ମାର୍ଗ କେନାଲ ସାହିର ବାଦଲ ମୁନି (୨୧)ଗତ ରବିବାର ଗଣେଶ ମୂର୍ତ୍ତି ଆଣିବାକୁ ଗଲା ବେଳେ ଅଟୋ ଓଲଟି ମୃତ୍ୟୁ ଘଟିଥିଲା ।ପ୍ରାଣ ହରାଇଥିବା ବିଟେକ ଛାତ୍ର ବାଦଲ ମୁନୀଙ୍କ ପରିବାରକୁ ପୂର୍ବତନ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଉପଧ୍ୟାକ୍ଷ ଶିବରାମ ପ୍ରଧାନ ରବିବାର ଭେଟି ସମବେଦନା ଓ ଆଶ୍ୱାସନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।ଏହି ଦୁଃଖଦ ସମୟରେ ହିଞ୍ଜିଳିକାଟୁ ଅଞ୍ଚଳର ଯୁବ କଂଗ୍ରେସ ନେତା ପ୍ରଦୀପ କୁମାର ମହାରଣା,କଂଗ୍ରେସ କର୍ମୀ ଜଗନ୍ନାଥ ଗୌଡ଼, ଆକାଶ ସେଠୀ, ପଦ୍ମ ସେଠୀ, ଜଗା ରାଉତ ଓ ସନ୍ତୋଷ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ




ଫୁଲବାଣୀ, ୨୦।୯ (ସଂଚାର ବ୍ୟୁରୋ): ଫୁଲବାଣୀର ପ୍ରତିଷ୍ଠିତ ସାହିତ୍ୟିକ ଅନୁଷ୍ଠାନ, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ତୃତୀୟ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ବିଭାଗର ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି, ଶିକ୍ଷକ ଶିକ୍ଷୟିତ୍ରୀମାନେ ସମାଜର ନିର୍ମାଣ କର୍ତ୍ତା ଅଟନ୍ତି, ସେମାନେ ଛାତ୍ରଛାତ୍ରୀ ମାନଙ୍କ ଜୀବନ ଗଠନରେ ପିତା ମାତାଙ୍କର ଠାରୁ ମଧ୍ୟ ଆଗରେ ତେଣୁ ସେହି ପରିମାଣରେ ଜତ୍ନଶୀଳ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇ ଆମ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ତଥା ଆମ ଦେଶର ସଂସ୍କୃତିକୁ ଗୁରୁତ୍ୱ ଦେବା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ପ୍ରତିଫଳିତ ହେବା ମଧ୍ୟ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ।

ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍‌ର ଶିକ୍ଷା ବିଭାଗ ଓ ମଙ୍ଗଳ ବିଭାଗର ଆବାସିକ ବିଦ୍ୟାଳୟ ଗୁଡିକର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଢ଼ୌକନ, ମାନପତ୍ର ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସମେତ ପୁର୍ବରୁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସହିରାପାଟଣାଠାରୁ ନୂଆପଡ଼ା ରାସ୍ତା ମରଣଯନ୍ତା



ଆଳି, ୨୦।୯ (ସଂଚାର ବ୍ୟୁରୋ): ଆଳି ବ୍ଲକର ସହିରା ପାଟଣା ଗ୍ରାମ ଠାରୁ ନୂଆପଡା ରାସ୍ତାର ଅବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହେଇପଡିଛି । ଯାତ୍ରୀମାନଙ୍କ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ଅନେକ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି । ନିକଟରେ ସହିରା ଗ୍ରାମର ଜଣେ ଯୁବକ ଅପରାହ୍ନ ୧ଘଟିକା ସମୟରେ ମୋଟର ସାଇକେଲରେ ଘରକୁ ଯାଉଥିବା ବେଳେ ଉକ୍ତ ରାସ୍ତାର ଖାଲଖମା ଯୋଗୁଁ ଘଟଣାସ୍ଥଳେ ପଡିଗଲେ ଏବଂ ଏବେ ସେ ମସ୍ତିଷ୍କ ଆଘାତ ପାଇଁ କଟକର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧିନ । ନିତ୍ୟ ଜରୁରୀ କାର୍ଯ୍ୟ ପାଇଁ ଏହା ଏକ ପ୍ରଧାନ ସମସ୍ୟା ରୂପେ ଉଭା ହୋଇଛି ।

କିଛିମାସ ପୂର୍ବେ ପତ୍ରପୁର ଠାରୁ ନୂଆପଡା ରାସ୍ତାର ଦୁରାବସ୍ଥା ବିଷୟରେ ଖବର କାଗଜ ମାଧ୍ୟମରେ ପ୍ରକାଶ ହେବୁ ଗୋରିଷଦାରୁ ସହିରା ପାଟଣା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା ମାତ୍ର ୮ମାସରୁ ଅଧିକ ସମୟ ହେବ କାମ ସରିଯାଇଥିଲେ ସୁଦ୍ଧା ପରବର୍ତ୍ତୀ ପର୍ଯ୍ୟାୟ କାର୍ଯ୍ୟ ଏବେ ପର୍ଯ୍ୟନ୍ତ ଆରମ୍ଭ ହେଇପାରୁନି । ଏହାଦ୍ୱାରା ଯାତ୍ରୀମାନଙ୍କ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ଆଳି-ପଟ୍ଟାମୁଣ୍ଡାଇ ଉପରେ ନିର୍ଭର କରୁଥିବାରୁ ଗ୍ରାମବାସୀମାନଙ୍କର ଏହା ହେଉଛି ପ୍ରମୁଖ ରାସ୍ତା । ରାସ୍ତାରେ ଖାଲଖମା ସାଙ୍ଗକୁ ବଡ଼ ବଡ଼ ବୋଲ୍ଡର ଯାତ୍ରୀମାନଙ୍କ ପାଇଁ ନାନାବିଧ ଅସୁବିଧା ହେବାକୁ ପଡୁଛି । କୌଣସି ମେଡ଼ିକାଲ ପାଇଁ ହେଉ ଅଥବା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ହେଉ ଏହା ମୁଖ୍ୟ ବାଧକ ସାଜିଛି । ଜନସାଧାରଣଙ୍କ ଦ୍ୱାରା ପ୍ରଶାସନକୁ ଏ ବାବଦରେ ଜଣେଇଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଉନି । ତତକାଳ ବିଭାଗ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି । ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହେଉଛି । ରାସ୍ତା କାର୍ଯ୍ୟ ବିଳମ୍ବ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

## ବେତନଟୀ ମଣ୍ଡଳରେ ବିଜେପିର ମହାମିଶ୍ରଣ ପର୍ବ



ବେତନଟୀ, ୨୦।୯ (ସଂଚାର ବ୍ୟୁରୋ): ଭାରତୀୟ ଜନତା ଦଳର ବେତନଟୀ ମଣ୍ଡଳ ପକ୍ଷରୁ ଏକ ମହାମିଶ୍ରଣ ପର୍ବ ବେତନଟୀ ବନ୍ଧନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଆୟୋଜିତ ଏହି ମହାମିଶ୍ରଣ ପର୍ବରେ ଶତାଧିକ ଉଭୟ ପୁରୁଷ ଓ ମହିଳା ଭାରତୀୟ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ଓ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ଲୋକପ୍ରିୟତା ପାଇଁ ସେମାନେ ବିଜେପିରେ ଯୋଗଦାନ କରିଥିବା ପ୍ରକାଶ କରିଛନ୍ତି । ଏହି ମହାମିଶ୍ରଣ ପର୍ବରେ ଦଳୀୟ ନେତାମାନଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନୂତନ କର୍ମୀ ଓ ସମର୍ଥକମାନେ ବିଜେପିରେ ସାମିଲ ହୋଇଥିଲେ । ମାନ୍ୟବର ବଡସାହି ବିଧାୟକ ସନାତନ ବିଜୁଳି ସେମାନଙ୍କୁ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## ଉମାପଦାରେ ଗଣେଶ ଭସାଣି ଉତ୍ସବ ଧୁମଧାମରେ ସମାପ୍ତ



ଯାଜପୁର ରୋଡ୍, ୨୦।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଗ୍ରାମରେ ନେତାଜୀ ୟୁଥ୍ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସାର୍ବଜନୀନ ଶ୍ରୀ ଶ୍ରୀ ଗଣେଶ ଠାକୁରଙ୍କ ପୂଜା ମହୋତ୍ସବର ଭସାଣୀ ଉତ୍ସବ ୟୁଥ୍ ଫାଉଣ୍ଡେସନର ଆଗଧାଡ଼ିର ସଭ୍ୟ ପ୍ରିୟବ୍ରତ ରାଉତ ଓ ଅମିତ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି। ଗତ କିଛି ଦିନ ଧରି ଉମାପଦା ଗ୍ରାମରେ ଗଣେଶ ପୂଜାକୁ ନେଇ ଭକ୍ତି ଓ ଉଲ୍ଲାସର ମାହୋଲ ଦେଖିବାକୁ ମିଳିଥିଲା। ଆଜି ଅପରାହ୍ନରେ ଭସାଣୀ ଶୋଭାଯାତ୍ରା ବାହାରିଥିଲା। ଜହ୍ନା ଅଂଚଳର ନିତାଇ ଗୌର ଘଂଟ କମିଟିର ଘଂଟବାଜା, କୁଆଖିଆ ମଧୁବନ ମିର୍ଜାପୁରର ଢୋଲ ବାଜା ଓ ଡିଜେ ବାଜା ଗାଡ଼ିର ରଙ୍ଗବେରଙ୍ଗ ଆଲୋକମାଳା ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ "ଗଣପତି ବାପ୍ପା ମୋରିର୍ଯ୍ୟା" ଧ୍ୱନୀରେ ଉମାପଦା ଗାଁ ଏବଂ ରାଧାନାଥ ମାର୍ଗ ବଜାର ରାସ୍ତା ପ୍ରକମ୍ପିତ କରିଥିଲେ। ଏହି ପୂଜାକୁ ସଫଳ କରିବା ପାଇଁ ନେତାଜୀ ୟୁଥ୍ ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ ଉମାପଦା ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ରହିଥିଲା। ଶେଷରେ ରତ୍ନେଶ୍ୱର ପୋଖରୀରେ ଶାନ୍ତି ଶୃଙ୍ଖଳା ସହ ବିସର୍ଜନ କାର୍ଯ୍ୟ ସମ୍ପନ୍ନ ହୋଇଛି।

## ରାସନ କାର୍ଡରେ ଇ-କେୱାଇସି ଓ ବାଇପାସ ଝାମେଲା

# ଭିନ୍ନକ୍ଷମଙ୍କ ମୁହଁରୁ ଛଡ଼ାଇ ନିଆଗଲା ରାସନ



ବାଲିଆପାଳ, ୨୦।୯ (ସଂଚାର ବ୍ୟୁରୋ): ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ଇ-କେୱାଇସିକୁ ଗୁରୁତ୍ୱ ଦିଆଯାଉଛି। ତେବେ ଇ-କେୱାଇସି ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ କିଛି ଭିନ୍ନକ୍ଷମ ହିତାଧିକାରୀ ରାସନ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାସନ ବଣ୍ଟନ ବ୍ୟବସ୍ଥାରେ 'ବାଇପାସ' ବ୍ୟବସ୍ଥା ରହିଛି। ବାୟୋମେଟ୍ରିକ୍ ପ୍ରମାଣୀକରଣ ବିଫଳ ହେଲେ କିମ୍ବା ହିତାଧିକାରୀ ଶାରୀରିକ ଅକ୍ଷମତା କାରଣରୁ ରାସନ ଦୋକାନକୁ ଯାଇପାରୁନଥିଲେ, ନିୟମାନୁସାରେ ଏହି ବ୍ୟବସ୍ଥାରେ ରାସନ ସାମଗ୍ରୀ ପ୍ରଦାନ କରାଯାଇପାରେ। ମାତ୍ର ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ପ୍ରଶ୍ନ ଉଠିଛି। କିଛି ରାସନ ଡିଲରଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଭିନ୍ନକ୍ଷମ ଏବଂ ଶଯ୍ୟାଶାୟୀ ହିତାଧିକାରୀମାନେ ନିଜ ଅଧିକାରର ରାସନ ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ ଆସୁଛି।

ପାଞ୍ଚୁପାଲି ପଞ୍ଚାୟତର ଭିନ୍ନକ୍ଷମ ବିନାୟକ ଗିରି, ବଣିଆଡିହା ପଞ୍ଚାୟତର ଶ୍ରୀଦେବୀ ମୁଖୀ, ବୋଳଂ ପଞ୍ଚାୟତର ଭାରତୀ ମାଝୀ ଓ ମିନତୀ ମାଝୀ, କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ, ରାମଚନ୍ଦ୍ର ମଲ୍ଲିକ, ଶଯ୍ୟାଶାୟୀ ପାଟମଣି ସାନ୍ତରାଙ୍କ ଭଳି ବହୁ ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀମାନେ ବଣ୍ଟନ ହେଉଥିବା ଦୁଇ ମାସର ରାସନ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି । ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ନିକଟରେ ଏହି ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଜଣାଇବା ପରେ କେବଳ କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ ଏବଂ ରାମଚନ୍ଦ୍ର ମଲ୍ଲିକଙ୍କୁ ପୁନଃ ବାଇପାସ ମାଧ୍ୟମରେ ଦୁଇ ମାସର ରାସନ ଚାଉଳ ପ୍ରଦାନ କରାଯାଇଛି । ଅନ୍ୟ ଭିନ୍ନକ୍ଷମଙ୍କ ନାମ ରାସନ କାର୍ଡରୁ କାଟିଯାଇଥିବା ହେତୁ ତାଙ୍କ ନାମ ପୁନଃ ସଂଯୋଗ ପରେ ରାସନ ପ୍ରଦାନ ହେବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ମହାରଣା କହିଛନ୍ତି।

ସରକାର ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ପାଇଁ ଯେଉଁ ବିକଳ୍ପ ବ୍ୟବସ୍ଥା ରଖିଛନ୍ତି, ତାହା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ଯାଞ୍ଚ କରିବା ସହ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ନିକଟରେ ସ୍ୱେଚ୍ଛାସେବୀ ଶ୍ରୀ ପାତ୍ର ଗଣମାଧ୍ୟମ ଜରିଆରେ ଦାବୀ ରଖିଛନ୍ତି ।

## କୃଷ୍ଣାଶ୍ରମରେ ପୁଅର ଜନ୍ମଦିନ ପାଳିଲେ ବ୍ଲକ ଉପାଧ୍ୟକ୍ଷ



ସୁବର୍ଣ୍ଣପୁର, ୨୦।୯ (ସଂଚାର ବ୍ୟୁରୋ): ଆଜିକାଲିର ଚାକଚକ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଜୀବନଶୈଳୀ ମଧ୍ୟରେ ଜନ୍ମଦିନ ଭଳି ଖୁସିର ମୁହୂର୍ତ୍ତକୁ ବଡ଼ ବଡ଼ ଏସି ହୋଟେଲ କିମ୍ବା ଡିଜେ ଗୀତ ନାଚ ଓ କେକ ନ କାଟି ଏକ ନିଆରା ଭାବେ ନିରାଡମ୍ବର ଭାବେ ପୁଅ ଚେତକ ର ଜନ୍ମ ଦିନ କୁଷ୍ଠା ଶ୍ରମ ରେ ପାଳନ କଲେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା । କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ଗହଣରେ ଖାଦ୍ୟ ବଣ୍ଟନ କରି ପୂରା ପରିବାର ସହ ନୂଆଁଖାଇ ଜୁହାର ଭେଟ ଘାଟ ହୋଇ ସମାଜ ପାଇଁ ଏ ଯୁବ ପିଢୀ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ଲୁହା ।

ନିଷ୍କେଷିତ ଓ ଅବହେଳିତ ବର୍ଗଙ୍କୁ ସାମାଜିକ ମୁଖ୍ୟଧାରାରେ ଯୋଡ଼ିବା ତଥା ସେମାନଙ୍କ ମୁହଁରେ ହସ ଫୁଟାଇବାର ଏହି ପ୍ରୟାସ ବେଶ୍ ପ୍ରଶଂସନୀୟ ହୋଇଛି । ସମାଜର ମୁଖ୍ୟସ୍ରୋତରୁ ପ୍ରାୟତଃ ଅଲଗା ରହୁଥିବା ଏହି ଅନ୍ତେବାସୀମାନେ ନିଜ ପରିବେଶରେ ଏପରି ଆନନ୍ଦ ଉଲ୍ଲାସ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। କୁଷ୍ଠାଶ୍ରମ ପରିସର ହରିବୋଲ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା । ଅନ୍ତେବାସୀମାନେ ପୁଅ ଚେତକଙ୍କ ଦୀର୍ଘାୟୁ, ସୁସ୍ଥ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ହୃଦୟଭରା ଆଶୀର୍ବାଦ ପ୍ରଦାନ କରିଥିଲେ ।

ଜଣେ ଜନପ୍ରତିନିଧି ହିସାବରେ ନାରାୟଣ ଲୁହାଙ୍କର ଏହି ନିଆରା ପଦକ୍ଷେପ କେବଳ ତାଙ୍କ ପରିବାର ପାଇଁ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଆଗାମୀ ପିଢ଼ିକୁ ସେବା, ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧର ଏକ ନୂଆ ଦିଗଦର୍ଶନ ଦେଇଛି । ସ୍ଥାନୀୟ ଅଞ୍ଚଳରେ ତାଙ୍କର ଏହି ମହତ କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଭୂୟସୀ ପ୍ରଶଂସା କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜ ସେବୀ ଶ୍ରୀବସ୍ତ ମଲ୍ଲିକ ସାମିଲ ଥିଲେ ।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ




ବାଲିଆପାଳ, ୨୦।୯ (ସଂଚାର ବ୍ୟୁରୋ): ବସ୍ତା ବ୍ଲକ ଜାମଶୂଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ହେବାକୁ ଥିବା ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୈଡକୁଦ ପ୍ରତିଯୋଗିତା ଶନିବାରର ଉଦଘାଟିତ ହୋଇଯାଇଛି।

ଏହି ଉଦଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ଦାସ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ପୂର୍ବତନ କ୍ରୀଡା ସମ୍ପାଦକ ସୁଧାଂଶୁ କୁମାର ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୁହ୍ୟା ଟୁଡୁ, ଯୋଗଦେଇ ପତାକା ଉତ୍ତୋଳନ ଓ ମଶାଳ ଜଳାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରତ୍ୟେକ ଜୁନରୁ ଶହେ କୋଡ଼ିଏ ଲେଖାଏଁ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ଚାରୋଟି ଜୁନରୁ ସର୍ବମୋଟ ଚାରି ଶହ ଅଶୀ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ। ଖୋ-ଖୋ, ଚେସ, ଯୋଗ, କ୍ରିକେଟ, ବ୍ୟାଡମିଣ୍ଟନ, ଫୁଟବଲ,ଭଲିବଲ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଛି। ଅନ୍ୟ ଖେଳ ଗୁଡ଼ିକ ଆସନ୍ତାକାଲି ଖେଳା ଯିବ ବୋଲି ବ୍ଲକ କ୍ରୀଡା ସଂଘର ସମ୍ପାଦକ ପ୍ରାଣକୃଷ୍ଣ ନାୟକ ସୂଚନା ପ୍ରଦାନ କରିଛନ୍ତି।

ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜାମଶୂଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମି ମାରାଣ୍ଡି,ସିଂଲା ସରପଞ୍ଚ ବିପିନ କୁମାର ବିଶ୍ୱାଳ,ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ସୁନାଲି ଜେନା, ଭାଗ୍ୟଶ୍ରୀ ଜେନା, ଜେନାଲ ସିଂ, ଅଜୟ କୁମାର ପାତ୍ର,ରାଜେଶ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ହିଞ୍ଜିଳିରେ ସାମୂହିକ ଗଣେଶ ଭସାଣି



ହିଞ୍ଜିଳିକାଟୁ, ୨୦।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସହରର ବିଭିନ୍ନ ସାହିରେ ୭ଦିନ ଧରି ପୂଜା ପାଇଁ ଆସୁଥିବା ସିଦ୍ଧି ବିନାୟକଙ୍କୁ ରବିବାର ଦିନ ବିରାଟ ପଟୁଆରରେ ବିଦାୟ ଦିଆଯାଇଛି । ସହରରେ ପ୍ରାୟ ୨୦ଟି ମେଢ଼ର ଭସାଣି ଉତ୍ସବ ଧୁମଧାମରେ ଆ ୟୋ ଜି ତ ହୋଇଥିଲା। ସହରର ବିଭିନ୍ନ ସାହିରେ ପୂଜା ପାଉଥିବା ମେଢ଼ ନିଜ ନିଜ ସାହିରେ ପରିକ୍ରମା କରିଥିଲେ। ତାପରେ ସବୁ ମେଢ଼ ସହରର ମିନିଷ୍ଟାଡିୟମ ପରିସରକୁ ଆସି ଶୋଭାଯାତ୍ରରେ ଜଣେ ଜଣେ କରି ସମାବେଶ ସ୍ଥଳରୁ ବାହାରିଥିଲେ। ନୂଆଗଡ ଶେଷରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା ।ମେଢ଼ ଦେଖିବା ପାଇଁ ସହର ସମେତ ଆଖପାଖ ଅଂଚଳର ଲୋକେ ଦେଖିବା ପାଇଁ ରୁଣ୍ଡ ହୋଇଥିଲେ ।

# ବିଶ୍ୱକର୍ମା ପୂଜାରେ ଝଲସୁଛି ପାରାଦୀପ



ପାରାଦୀପ, ୨୦।୯ (ସଂଚାର ବ୍ୟୁରୋ): ବିଶ୍ୱକର୍ମା ପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ବନ୍ଦର ନଗରୀ ପାରାଦୀପ। ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ଆରାଧନା ସାଙ୍ଗକୁ ରଙ୍ଗିନ ଆଲୋକମାଳା, ଆକର୍ଷଣୀୟ ସାଜସଜ୍ଜା ଓ ନିଆରା ଥିମ୍‌ରେ ସଜିଛି ସହରର ବିଭିନ୍ନ ପୂଜା ମଣ୍ଡପ। ମଣ୍ଡପ ବାହାରର ସାଜସଜ୍ଜାଠାରୁ ଆରମ୍ଭ କରି ଭିତରର ଥିମ୍, ମୂର୍ତ୍ତି ଓ କଳାକାରଙ୍କ କାରିଗରୀ— ସବୁକିଛି ଏବେ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି।

ପାରାଦୀପ ଟ୍ରକ୍ ମାଲିକ ସଂଘ ପକ୍ଷରୁ ନିର୍ମିତ ରାଜସ୍ଥାନ ପ୍ୟାଲେସ୍ ଥିମ୍‌ରେ ରାଜସ୍ଥାନୀ ସ୍ଥାପତ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ଅନ୍ୟପଟେ ଓମ୍ଫା ପକ୍ଷରୁ କେରଳ ରାଜ୍ୟର ସଂସ୍କୃତି ଓ ପ୍ରସିଦ୍ଧ କଥକଳି ନୃତ୍ୟକୁ ଥିମ୍ ଭାବେ ଉପସ୍ଥାପନ କରାଯାଇଛି। ସେହିପରି ଭାରତୀୟ ମଜଦୂର ସଂଘ ପକ୍ଷରୁ ରାଜପ୍ରାସାଦ ଥିମ୍‌ରେ ନିର୍ମିତ ମଣ୍ଡପ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ମଣ୍ଡପର ଭିତର ସାଜସଜ୍ଜା, ମୂର୍ତ୍ତି ଓ ମେଲୋଡି କାର୍ଯ୍ୟକ୍ରମ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି।

ପାରାଦୀପର ବିଭିନ୍ନ ପୂଜା ମଣ୍ଡପରେ ଏଥର ଥିମ୍‌ରେ ଦେଖିବାକୁ ମିଳୁଛି ବିବିଧତା। କେଉଁଠି ଇଟାଲୀୟ ରାଜପ୍ରାସାଦର ଢାଞ୍ଚା, ତ କେଉଁଠି ଭିକ୍ଟୋରିଆ ପ୍ୟାଲେସ୍‌ର ଅବିକଳ ପ୍ରତିଛବି। କେଉଁ ମଣ୍ଡପରେ ନେପାଳର ଜଳପ୍ରଳୟର ବିଭୀଷିକାକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି, ତ ଆଉ କେଉଁଠି ପ୍ରଜାପତି ଆକୃତିରେ ନିର୍ମାଣ ହୋଇଛି ପୂଜା ମଣ୍ଡପ। ଆଦିବାସୀ ପରମ୍ପରା ଓ ସଂସ୍କୃତିର ବିଭିନ୍ନ ଚିତ୍ରକୁ ମଧ୍ୟ ଅତି ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି।

ପୂଜା ମଣ୍ଡପଗୁଡ଼ିକ ମଧ୍ୟରେ ନିଆରା ଥିମ୍ ଓ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ମଧ୍ୟ ହେଉଛି। ମଣ୍ଡପର ଥିମ୍, ମୂର୍ତ୍ତି, ଆଲୋକସଜ୍ଜା, ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ଶ୍ରେଷ୍ଠ ମଣ୍ଡପ ଚୟନ କରାଯାଏ। ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଆୟୋଜକମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଏ। ଏହି ପ୍ରତିଯୋଗିତା ଯୋଗୁଁ ପ୍ରତିବର୍ଷ ଆୟୋଜକମାନେ ନୂଆ ନୂଆ ଥିମ୍ ଓ ଆକର୍ଷଣୀୟ ସାଜସଜ୍ଜା କରିବାକୁ ଉତ୍ସାହିତ ହେଉଛନ୍ତି।

ବିଶ୍ୱକର୍ମା ପୂଜା ଏବେ କେବଳ ପୂଜା ମଣ୍ଡପରେ ସୀମିତ ନାହିଁ। ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନରେ ଜମୁଛି ମେଲୋଡି, ଯାତ୍ରା, ଭଜନ ଓ ବିଭିନ୍ନ ସାଂସ୍କୃତିକ ଆସର। ପିଲାଙ୍କ ପାଇଁ ଦୋଳି ଓ ବିଭିନ୍ନ ମନୋରଞ୍ଜନର ବ୍ୟବସ୍ଥା ରହିଥିବା ବେଳେ ମଣ୍ଡପ ନିକଟରେ ଚଟପଟା ଖାଦ୍ୟ, ଆଇସକ୍ରିମ୍ ଓ ବିଭିନ୍ନ ଖାଦ୍ୟର ଷ୍ଟଲ୍ ସାଙ୍ଗକୁ ବ୍ୟବସାୟୀମାନେ ବିଭିନ୍ନ ପସରା ମେଲାଇଛନ୍ତି।

ପୂଜାକୁ ନେଇ ଛୋଟରୁ ବଡ଼ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପୂଜା ବୁଲା ସାଙ୍ଗକୁ ପାରାଦୀପ ସମୁଦ୍ରକୂଳର ମଜା ନେବାକୁ ମଧ୍ୟ ଲୋକଙ୍କ ଭିଡ଼ ଜମୁଛି। କେବଳ ପାରାଦୀପ କିମ୍ବା ଜଗତସିଂହପୁର ଜିଲ୍ଲା ନୁହେଁ, ବିଭିନ୍ନ ଜିଲ୍ଲାରୁ ମଧ୍ୟ ଲୋକେ ପୂଜା ଦେଖିବାକୁ ପାରାଦୀପ ଆସୁଛନ୍ତି। ଫଳରେ ସହରରେ ଉତ୍ସବ ସାଙ୍ଗକୁ ଏକ ପର୍ଯ୍ୟଟନମୟ ପରିବେଶ ସୃଷ୍ଟି ହୋଇଛି।

ଅନ୍ୟପଟେ ପୂଜା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିବା ବେଳେ ସିସିଟିଭି ମାଧ୍ୟମରେ ମଧ୍ୟ ନଜର ରଖାଯାଉଛି।

ଭକ୍ତି, ଆଲୋକ, ରଙ୍ଗିନ ଥିମ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନର ମିଶ୍ରଣରେ ଏବେ ଝଲସୁଛି ସାରା ପାରାଦୀପ। ବର୍ଷାକୁ ଖାତିର ନକରି ବିଶ୍ୱକର୍ମା ପୂଜାର ଆନନ୍ଦ ନେବାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ଦର୍ଶକଙ୍କ ସମାଗମ ହେବାର ଆଶା ରହିଛି।

## ୨୩ରୁ ସୁବର୍ଣ୍ଣପୁରରେ ରାଜ୍ୟସ୍ତରୀୟ ମର୍ଯ୍ୟାଦାପୂର୍ଣ୍ଣ ସାହାଣୀ କପ୍ ଫୁଟବଲ୍




ସୁବର୍ଣ୍ଣପୁର, ୨୦।୯ (ସଂଚାର ବ୍ୟୁରୋ): ଚଳିତ ମାସ ୨୩ ତାରିଖ ଠାରୁ ସୁବର୍ଣ୍ଣପୁର ସହରର ଗାନ୍ଧୀ ଷ୍ଟାଡିୟମ ପ୍ରଥମ ଥର ପାଇଁ ଅୟୋଜନ ହେବାକୁ ଥିବା ୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍ ୨୦୨୬/୨୭ ପାଇଁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିଅମ୍ ଠାରେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ ଓଡ଼ିଶା ସରକାରଙ୍କ କ୍ରୀଡା ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ସାହାଣୀ କପ୍ ଫୁଟବଲ୍ ଜିଲ୍ଲା କ୍ରୀଡା ସଂଘ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ ପାଇଛି।

ଚଳିତ ମାସ ୨୩ ତାରିଖ ବୁଧବାର ଦିନ ଠାରୁ ଅକ୍ଟୋବର ୩ ତାରିଖ ଯାଏ ରାଜ୍ୟରେ ଏକା ସାଙ୍ଗରେ ଚାରି ଗୋଟି ଜୋନରେ ଖେଳ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏହି ସୁବର୍ଣ୍ଣପୁର ଜୋନ୍‌ରେ ରାଜ୍ୟର ୯ଟି ଫୁଟବଲ୍ ଦଳ ଅଂଶ ଗ୍ରହଣ କରିବେ ବୋଲି ସୁଚନା ମିଳିଛି । ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଅଫିସିଆଲ୍ ଏହି ମେଗା ଫୁଟବଲ୍ ଲିଗ୍‌ର ସମସ୍ତ ବ୍ୟବସ୍ଥା ତଦାରଖ ସହ ପରିଚାଳନାରେ ନଜର ରଖିବେ ବୋଲି ସୁଚନା ମିଳିଛି । ୧୮୦ ଜଣ ଖେଳାଳି ଙ୍କ ସହ ଅଫିସିଆଲ୍ ୨୦ ଜଣ ସମୁଦାୟ ୨୦୦ ଜଣ ଅତିଥିଙ୍କ ପାଇଁ ୧୨ ଦିନ ଧରି ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରହିବା ଖାଇବା ସମସ୍ତ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଛି।

SANCHAR
ସଂଚାର
ସୋମବାର ୨୧ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ




# ଲିଭରରେ କେମିତି ଜମେ ଫ୍ୟାଟ୍

**ଲିଭର ବା ଯକୃତ ଆମ ଶରୀରର ପରିଚାଳନା ବିଭାଗକୁ ସମ୍ଭାଳିଥାଏ। ଶରୀର ନାମକ ମେଶିନକୁ ସଠିକ୍ ଭାବରେ ଚାଲୁ ରଖିବା ପାଇଁ ଲିଭରକୁ ସୁସ୍ଥ ରଖିବା ଗୁରୁତ୍ୱପୂର୍ଣ୍ଣ। ଲିଭରରେ ସମସ୍ୟା ସମଗ୍ର ଶରୀରକୁ ପ୍ରଭାବିତ କରିଥାଏ। ଜୀବନଶୈଳୀ ପରିବର୍ତ୍ତନ ହେଉଥିବା ଏବଂ ଖାଦ୍ୟର ଗୁଣବତ୍ତା ହ୍ରାସ ପାଇବା ସହିତ ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବାର ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଜାଣନ୍ତୁ କେମିତି ଆଉ କେବେ ଲିଭରରେ ଜମା ହୁଏ ଚର୍ବି...**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବା ଆରମ୍ଭ ହେବା ମାତ୍ରେ ସତର୍କ ରହିବା ଉଚିତ୍। ବିଶେଷକରି ଯଦି ନିୟମିତ ଭାବରେ ମଦ୍ୟପାନ କରନ୍ତି ଏବଂ ଅଧିକ ଚର୍ବି ଜାତୀୟ ଆମିଷ ଖାଦ୍ୟ ଖାଆନ୍ତି, ତେବେ ଲିଭରରେ ଫ୍ୟାଟ୍ ଜମା ହେବାର ଆଶଙ୍କା ଥାଏ। ଏପରି ପରିସ୍ଥିତିରେ ଆପଣଙ୍କୁ ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାଇବା ଉଚିତ। ଯଦି ଲିଭରରେ ଚର୍ବି ଜମା ହେବା ବିଷୟରେ ସୂଚନା ଥାଏ, ତେବେ ଏହାକୁ ତୁରନ୍ତ ନିୟନ୍ତ୍ରଣ କରିବା ଉଚିତ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ଚିକିତ୍ସା ଆରମ୍ଭ କରିବା ଉଚିତ। ଲିଭରରେ ପୂର୍ବରୁ ଅଳ୍ପ ପରିମାଣରେ ଫ୍ୟାଟ୍ ଅଂଶ ଚର୍ବି ଥାଏ, କିନ୍ତୁ ଯେତେବେଳେ ଏହା ୫ରୁ ୧୦ ପ୍ରତିଶତ ବୃଦ୍ଧି ପାଏ, ଏହାକୁ ଫ୍ୟାଟି ଲିଭର କୁହାଯାଏ। ଏହା ଅନେକ କାରଣ ଯୋଗୁ ବୃଦ୍ଧି ପାଏ ଯେପରିକି- ତେଲିଆ ଖାଦ୍ୟ, ମିଠା ଏବଂ ଫାଷ୍ଟଫୁଡ୍ ଖାଇବା, ଅତ୍ୟଧିକ ମଦ୍ୟପାନ ଲିଭରକୁ କ୍ଷତି ପହଞ୍ଚାଏ। ଏହା ବ୍ୟତୀତ ମେଦବହୁଳତା ଏବଂ ଡାଇବେଟିସ୍ ବୃଦ୍ଧି ହେତୁ, ଶରୀରରେ ଚର୍ବି ଜମା ହେବାକୁ ଲାଗେ, ଯାହା ଫ୍ୟାଟି ଲିଭରର କାରଣ ହୁଏ। ସବୁଠାରୁ ବଡ଼ କାରଣ ହେଉଛି ବ୍ୟାୟାମ ନ କରି ବସିବାର ଅଭ୍ୟାସ। ଯଦି ଶରୀର ସକ୍ରିୟ ନ ଥାଏ, ତେବେ ଏହା ଲିଭରକୁ ମଧ୍ୟ ପ୍ରଭାବିତ କରେ, କାରଣ ବସିବା ଦ୍ୱାରା ଚର୍ବି କମ୍ ହୁଏ ନାହିଁ ବରଂ ଜମା ହୋଇ ରହିଥାଏ। ଯାହା ଫ୍ୟାଟି ଲିଭରର ମୁଖ୍ୟ କାରଣ ହୁଏ।

ପ୍ରାରମ୍ଭରେ ଲିଭରରେ ଚର୍ବି ଜମା ହେଉଥିବାର ଜଣାପଡ଼େ ନାହିଁ, କିନ୍ତୁ ପରେ ଏହା ଗମ୍ଭୀର ରୂପ ନେଇପାରେ। ଏହା ଯୋଗୁ ଅନେକ ପ୍ରକାରର ରୋଗ ମଧ୍ୟ ହୋଇପାରେ। ଲିଭର ସିରୋସିସ୍, ଲିଭରରେ ଫୁଲା ଏବଂ ଚିହ୍ନ ଦେଖାଯାଏ, ଯାହା ଯୋଗୁ ଲିଭର ଟିସୁ ଧିରେ ଧିରେ ନଷ୍ଟ ହେବାକୁ ଲାଗେ। ଏହା ଲିଭର ଫେଲ୍ୟୁଅର ହେବାର ଆଶଙ୍କା ମଧ୍ୟ ବଢ଼ାଇଥାଏ। ଏହା ବ୍ୟତୀତ, ଫ୍ୟାଟି ଲିଭର କ୍ୟାନସର ରୋଗ ମଧ୍ୟ ସୃଷ୍ଟି କରିପାରେ। ଫ୍ୟାଟି ଲିଭର ଯୋଗୁ ହାର୍ଟରୋଗ ମଧ୍ୟ ହୋଇପାରେ। ଲିଭରକୁ ସୁସ୍ଥ ରଖିବା ପାଇଁ ତେଲ ଏବଂ ମିଠା ଜିନିଷଠାରୁ ଦୂରେଇ ରୁହନ୍ତୁ କିମ୍ବା ପରିମାଣ ସୀମିତ କରନ୍ତୁ। ସବୁଜ ପନିପରିବା ଖାଆନ୍ତୁ। ଖାଦ୍ୟରେ ଫାଇବର ସାମିଲ କରନ୍ତୁ। ଫାଇବର ଖାଦ୍ୟ ଶୀଘ୍ର ହଜମ କରେ ଏବଂ ପାଚନ ଭଲ ହୁଏ। ଏହା ସହିତ ବ୍ୟାୟାମ କରନ୍ତୁ। ଯୋଗ ମଧ୍ୟ ଲାଭଦାୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲିଭରକୁ ସୁସ୍ଥ ରଖିବା ପାଇଁ ମଦ୍ୟପାନରୁ ଦୂରେଇ ରୁହନ୍ତୁ। ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାନ୍ତୁ।

# ପାଚନ ଶକ୍ତି ପାଇଁ ରାମବାଣ ଆଲୋବେରା ଜୁସ୍



**ଆଲୋବେରା ହେଉଛି ଏକ ଔଷଧୀୟ ଗଛ ଯାହା ପ୍ରାଚୀନ କାଳରୁ ଘିଁ କୁଆରୀ ନାଁରେ ଜଣାଶୁଣା। ଏହା କଣ୍ଟାର ପତ୍ର ହୋଇଥାଏ ଯାହା ପାଖରେ ଅନେକ ରୋଗର ନିରାକରଣ ଗୁଣ ରହିଛି।**

**ଶକ୍ତି ବଢ଼ାଇଥାଏ:** ନିୟମିତ ଭାବେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରରେ ଶକ୍ତ ସଂଚାର ହୋଇଥାଏ। ଏହି ଜୁସରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ , ଭିଟାମିନସ୍ ଏବଂ ମିନେରାଲ ରହିଛି ଯାହା ଦ୍ୱାରା ଶରୀରର ଉତ୍ତମ ପରିବର୍ତ୍ତନ ଆସିଥାଏ ଏବଂ ସୁସ୍ଥ ରଖିଥାଏ। ଏହି ଜୁସ୍ ପାଇଁ ପ୍ରତିରକ୍ଷା କ୍ଷମତା ମଧ୍ୟ ବଢ଼ିଥାଏ। ୩ରୁ ୪ ଚାମଚ ଆଲୋବେରା ପାଣି ଖାଲି ପେଟରେ ସକାଳୁ ନିୟମିତ ପିଇଲେ ଫୁର୍ତ୍ତି ଲାଗିଥାଏ।

**କେଶ ଏବଂ ତ୍ୱଚାର ସୁନ୍ଦରତା ବଢ଼ାଇଥାଏ:** ଆଲୋବେରା ଜୁସ୍ ପିଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ଲମ୍ବା ସମୟ ଯାଏ ଗ୍ଲେଜ୍ କମି ନଥାଏ। ଆଖି ତଳର କଳା ଦାଗ, ରୁକ୍ଷ୍ୟ ତ୍ୱଚା, ବ୍ରଣ, ଖରାରେ ଝାଉଁଳି ପଡିଥିବା ତ୍ୱଚା ସବୁକିଛି ସମସ୍ୟାରୁ ରକ୍ଷା ମିଳିଥାଏ। ଏହି ଜୁସକୁ ପିଇବା ଦ୍ୱାରା ମଧ୍ୟ କେଶରେ ଚମକ ଆସିଥାଏ ଏହା ସହ ରୁପି ସମସ୍ୟାରୁ ଉପସମ ମିଳିଥାଏ। ଆଲୋବେରାର ରସକୁ ମେହେନ୍ଦୀରେ ମିଶାଇ କେଶରେ ଲଗାଇବା ଦ୍ୱାରା କେଶର ରଙ୍ଗ ଚମକିବା ସହ ମଜଭୁତ୍ ରହିଥାଏ।

**ଭଲ ପାଚନ:** ଆଲୋବେରା ଜୁସରେ ପ୍ରଚୁର ମାତ୍ରାରେ ପାଚକ ତତ୍ତ୍ୱ ରହିଥାଏ। ଏହି କାରଣ ପାଇଁ ପେଟ ଜନିତ ସମସ୍ୟା ଦେଖା ଯାଇ ନଥାଏ।

**ଓଜନ କମାଇଥାଏ:** ନିୟମିତ ରୂପେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରର ଓଜନ କମିବାକୁ ଲାଗିଥାଏ ଏବଂ ଏହାକୁ ଖାଇବା ଦ୍ୱାରା ବାରମ୍ବାର ଭୋକ ହୋଇ ନଥାଏ। ଏହି ଜୁସ୍ ଶରୀରକୁ ଦୁର୍ବଳ କରି ନଥାଏ।

ଦାନ୍ତ ପାଇଁ ଉପକାରୀ : ଆଲୋବେରା ଜୁସ୍ ଦାନ୍ତ ପାଇଁ ଖୁବ୍ ଲାଭକାରୀ ହୋଇଥାଏ। ଏହା ଆମ ଦାନ୍ତକୁ ପରିଷ୍କାର ରଖିବା ସହ ଜିବାଣୁ ମୁକ୍ତ ମଧ୍ୟ କରିଥାଏ।

# ମାଇଗ୍ରେନ୍ ସମସ୍ୟା କାହିଁକି ଦେଖାଦିଏ ?




ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ବେଳେ ବେଳେ ଭିଟାମିନ୍ ଅଭାବ ସହିତ ମଧ୍ୟ ଜଡିତ ହୋଇପାରେ। ବିଶେଷକରି, ଭିଟାମିନ୍ ଡି ଅଭାବ ଏହି ସମସ୍ୟାର ଏକ ପ୍ରମୁଖ କାରଣ ହୋଇପାରେ। ଏହି ଭିଟାମିନ୍ ଆମ ମସ୍ତିଷ୍କର କାର୍ଯ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ନ୍ୟୁରୋଟ୍ରାନ୍ସମିଟର ମେଟାବୋଲିଜିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ଏହାର ସ୍ତର କମ୍ ଥାଏ, ଏହା ଅନେକ ପ୍ରକାରେ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ।

**ଭିଟାମିନ୍ ଡି ଅଭାବ ଏବଂ ମୁଣ୍ଡବିନ୍ଧା ମଧ୍ୟରେ ସମ୍ପର୍କ:** ଭିଟାମିନ୍ ଡି ରେ ପ୍ରଦାହ-ବିରୋଧୀ ଗୁଣ ଅଛି। ଏହାର ଅଭାବ ମସ୍ତିଷ୍କରେ ପ୍ରଦାହ ବୃଦ୍ଧି କରିପାରେ, ଯାହା ମାଇଗ୍ରେନ୍ ଯନ୍ତ୍ରଣାକୁ ବୃଦ୍ଧି କରେ। ମସ୍ତିଷ୍କରେ ଅନେକ ଭିଟାମିନ୍ ଡି ରିସେପ୍ଟର ଅଛି। ଭିଟାମିନ୍ ଡି ଅଭାବ ନ୍ୟୁରୋଟ୍ରାନ୍ସମିଟରର ସନ୍ତୁଳନକୁ ବିଚଳିତ କରିପାରେ, ଯାହା ମୁଣ୍ଡବିନ୍ଧାର ସମ୍ଭାବନାକୁ ବୃଦ୍ଧି କରିଦେଇଥାଏ। ଶରୀରକୁ ମ୍ୟାଗ୍ନେସିୟମ୍ ଶୋଷଣ କରିବା ପାଇଁ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ। ମ୍ୟାଗ୍ନେସିୟମ୍ ଅଭାବ ମଧ୍ୟ ମାଇଗ୍ରେନ୍ ସହିତ ଜଡିତ। ତେଣୁ, ଭିଟାମିନ୍ ଡି ଅଭାବ ପରୋକ୍ଷ ଭାବରେ ମ୍ୟାଗ୍ନେସିୟମ୍ ଶୋଷଣରେ ବାଧା ସୃଷ୍ଟି କରି ମୁଣ୍ଡବିନ୍ଧାର ଆଶଙ୍କାକୁ ଆହୁରି ବୃଦ୍ଧି କରିପାରେ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ହେଉଛି, ତେବେ ଏହା ଭିଟାମିନ୍ ଡି ଅଭାବର ଲକ୍ଷଣ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଡାକ୍ତରଙ୍କୁ ଭେଟି ଆପଣଙ୍କର ଭିଟାମିନ୍ ଡି ପରୀକ୍ଷା କରାଇବା ଉଚିତ। ଡାକ୍ତରଙ୍କ ପରାମର୍ଶରେ ଆପଣ ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ। ଭିଟାମିନ୍ ଡିର ସର୍ବୋତ୍ତମ ଏବଂ ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ। ସକାଳେ ହାଲୁକା ସୂର୍ଯ୍ୟକିରଣରେ କିଛି ସମୟ ବସିବା ଆପଣଙ୍କ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ପାଇଁ ବହୁତ ଲାଭଦାୟକ ହୋଇପାରେ। ଆପଣଙ୍କ ଖାଦ୍ୟରେ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯେପରିକି ଟୁନା ମାଛ, କ୍ଷୀର ଏବଂ ପନିର, ଅଣ୍ଡା, ଛତୁ, ସୋୟାବିନ ଏବଂ କମଳା ରସ। ଏହି ଉପାୟଗୁଡ଼ିକ ଗ୍ରହଣ କରି ଆପଣ ଭିଟାମିନ୍ ଡି' ର ଅଭାବକୁ ଦୂର କରିପାରିବେ ଏବଂ ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟାରୁ ମୁକ୍ତି ପାଇପାରିବେ।

# ଓଜନ କମାଇବାକୁ ଚାହୁଁଛନ୍ତି କି ?



ଗୁପଚୁପ୍ କାହାକୁ ବା ପସନ୍ଦ ନୁହେଁ। ଖାସ୍ କରି ଝିଅମାନଙ୍କୁ ଏହା ବେଶୀ ଭଲ ଲାଗିଥାଏ। ଗୁପଚୁପ୍ ନାଁ ଆସିବା ମାତ୍ରେ ସମସ୍ତଙ୍କ ପାଟିରେ ପାଣି ଆସିଯାଏ। ବର୍ଷା ହଉ ଅବା ଗରମ ସବୁବେଳେ ଗୁପଚୁପ୍ ଖାଇବାର ମଜା ନିଆରା ଥାଏ। ଗୁପଚୁପ୍କୁ ବଡ଼ଠୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଖାଇବାକୁ ଭଲ ପାଆନ୍ତି। ଗୁପଚୁପ୍କୁ କେହି ଗୋଲଗପ୍ପା କୁହନ୍ତି ତ ଆଉ ପୁଣି କିଏ ପାନୀପୁରୀ, ପୁଚକାଁ ବୋଲି ମଧ୍ୟ କୁହନ୍ତି। ଏହା ସମସ୍ତଙ୍କ ରୋଡ୍ ସାଇଡର ପ୍ରିୟ ଖାଦ୍ୟ କହିଲେ କିଛି ଭୁଲ ହେବ ନାହିଁ। ଏହା ପାଟିକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ଲାଭକାରୀ ହୋଇଥାଏ। କେବଳ ପାଟିର ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ଜନିତ ଫାଇଦା ମଧ୍ୟ ଦେଇଥାଏ। ଏ କଥା ଶୁଣିବା ମାତ୍ରେ ହୁଏ ତ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ସତ କିନ୍ତୁ ଏହା ସତ। କିନ୍ତୁ ଯଦି ଆପଣ ମଇଳା ସ୍ଥାନରୁ କିମ୍ବା ଅପରିଷ୍କାର ଭାବରେ ତିଆରି ଗୋଲଗପ୍ପା ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ଖୁବ୍ କମ୍ ଲୋକ ଗୁପ୍ଚୁପ୍ ଖାଇବାର ଫାଇଦା ସମ୍ପର୍କରେ ଜାଣନ୍ତି। କିନ୍ତୁ ଆମେ ଆଜି ଆପଣଙ୍କୁ ଏହାର ଲାଭ ସମ୍ପର୍କରେ ଜଣାଇବୁ। ବିଶେଷଜ୍ଞଙ୍କ ମତରେ ଗୁପଚୁପରେ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିସାର ରହିଛି। ଏଥିରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଭିଟାମିନ୍ ସି ରହିଛି। ଏହି ସମସ୍ତ ଉପାଦାନ ଶରୀରର ଗଠନରେ ସାହାଯ୍ୟ କରେ। ଏହା ସତ୍ତ୍ୱେ ବିଶେଷଜ୍ଞମାନେ ସୀମିତ ପରିମାଣରେ ଗୁପଚୁପ୍ ଖାଇବାକୁ ପରାମର୍ଶ ଦେଉଛନ୍ତି। ଏହାକୁ ଅଧିକ ପରିମାଣରେ ଖାଇବାର କ୍ଷତି ମଧ୍ୟ ହୋଇଥାଏ। ତେବେ ଆସନ୍ତୁ ଏହାର ଗୁଣକାରୀ ଫାଇଦା ସମ୍ପର୍କରେ ଜାଣିବା। ଯଦି ଓଜନକୁ କମାଇବାକୁ ଚାହୁଁଛନ୍ତି ତେବେ ଏହି ସମସ୍ୟା ପାଇଁ ଗୁପଚୁପ୍ ବେଷ୍ଟ ହୋଇଥାଏ। ପାଟିକୁ ଟେଷ୍ଟି ଲାଗିବା ସହ ଓଜନ ଯାତ୍ରାକୁ ମଧ୍ୟ ସରଳ କରିଦେଇଥାଏ। ଏଥିରେ ପୋଦିନା, ହେଙ୍ଗୁ, ଲେମ୍ବୁ ଏବଂ ଆମ୍ବକସିଆ ଅଦା ରହିଥାଏ। ଯାହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସମସ୍ୟା ଦୂର କରିବା ପାଇଁ ଗୁପଚୁପକୁ ଭଲ ବୋଲି ବିବେଚନା କରାଯାଏ। ଯାହା ଓଜନ କମ୍ କରିବାରେ ଚମତ୍କାର ଫାଇଦା ଦେଇଥାଏ। ଏଥିରେ ତେନ୍ତୁଳି, କଳା ଲୁଣ, ଜିରା, ଜଳଜିରା ଏବଂ ଅନ୍ୟାନ୍ୟ ମସଲା ଥାଏ। ତେଣୁ ଏହାକୁ ପାଚନ ସମସ୍ୟା ପାଇଁ ମଧ୍ୟ ଭଲ ବୋଲି ବିବେଚନା କରାଯାଏ। ଯାହା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେଇଥାଏ। ଏତିକି ନୁହେଁ ବରଂ ଏଥିରେ ସୁଜି, ଚଣା ଏବଂ ସିଝା ଆଳୁ ଥାଏ। ଯାହାକୁ ଖାଇବା ଦ୍ୱାରା ଆପଣ କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ପାଇପାରିବେ। ଗୁପଚୁପ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ। କାରଣ ଏଥିରେ ଥିବା କଳା ଗୋଲମରିଚ, ଜିରା ଇତ୍ୟାଦି ମସଲା ଡାଇବେଟିସ୍ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। କଳାଚଣାରୁ ଭରପୁର ମାତ୍ରାର ପ୍ରୋଟିନ୍ ମିଳିଥାଏ। ଯାହା କୋଲେଷ୍ଟ୍ରୋଲ ସମସ୍ୟା ପାଇଁ ଭଲ ବିକଳ୍ପ। ଏହି ସବୁ ସମସ୍ୟା ଥିଲେ ଗୁପଚୁପ୍ ଖାଇବା ଆବଶ୍ୟକ। କିନ୍ତୁ ଅଧିକ ଖାଇବା ଦ୍ୱାରା କ୍ଷତିରେ ପକାଇଥାଏ।

# ପେଟ ଗ୍ୟାସ୍ କିମ୍ବା ଫୁଲା ସମସ୍ୟାକୁ ଦୂରକରେ ହର୍ବାଲ ଚା'

ସକାଳୁ ଉଠିବା ମାତ୍ରେ ଆପଣ ପେଟରେ ଭାରୀ ଅନୁଭବ କରୁଛନ୍ତି କି? ଯଦି ହଁ, ତେବେ ଏହି ନ୍ୟୁଜଟି ଆପଣଙ୍କ ପାଇଁ ବେଷ୍ଟ ହେବ। ଆଜିକାଲି ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ସାଧାରଣ ହୋଇଗଲାଣି। ଭୁଲ ଖାଦ୍ୟପେୟ ଏବଂ ଜୀବନଶୈଳୀରେ କିଛି ଭୁଲ ଏହାର ମୁଖ୍ୟ କାରଣ ହୋଇପାରେ। ଯେପରିକି କିଛି ଲୋକ ରାତିରେ ଅତ୍ୟଧିକ ଖାଦ୍ୟ ଖାଇଥାନ୍ତି, ଯାହା ଫଳରେ ଗ୍ୟାସ୍ ସମସ୍ୟା ସୃଷ୍ଟି ହୁଏ ଏବଂ ପେଟ ଫୁଲିବା ଭଳି ସମସ୍ୟା ଦେଖାଦିଏ। ସେହି ସମୟରେ କିଛି ଭୁଲ ଖାଇବା ଯୋଗୁଁ ମଧ୍ୟ ଏହି ସମସ୍ୟା ହୋଇପାରେ। ଏଥିପାଇଁ କିଛି ଲୋକ ଔଷଧ ଉପରେ ନିର୍ଭର କରନ୍ତି, ଯାହା ଭବିଷ୍ୟତରେ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏପରି ପରିସ୍ଥିତିରେ ଆପଣ କିଛି ପ୍ରାକୃତିକ ପଦ୍ଧତି ଗ୍ରହଣ କରିପାରିବେ। ଏହା ସହିତ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ଆପଣ ଏହି ସମସ୍ୟାରୁ ମଧ୍ୟ ମୁକ୍ତି ପାଇପାରିବେ। ତେବେ ଅପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ଏବଂ ଅଭ୍ୟାସ ବିଷୟରେ କହିବୁ ଯାହାକୁ ଆପଣାଇବା ଉଚିତ। ଏହା ଆପଣଙ୍କୁ ଶୀଘ୍ର ଫଳାଫଳ ମଧ୍ୟ ଦେବ।

**ଗ୍ୟାସ ସମସ୍ୟା:** ପେଟରେ ଗ୍ୟାସ୍ ଯୋଗୁଁ ଅନେକ ସମସ୍ୟା ହୋଇପାରେ। କେତେବେଳେ ଖାଦ୍ୟ ଯୋଗୁଁ ଗ୍ୟାସ୍ ହୁଏ ତ କେତେବେଳେ ଏହାର ଗମ୍ଭୀର କାରଣ ମଧ୍ୟ ହୋଇପାରେ। ଆମେ ଖାଉଥିବା ଖାଦ୍ୟର କିଛି ଅଂଶ ସହଜରେ ହଜମ ହୁଏ, କିନ୍ତୁ କାର୍ବୋହାଇଡ୍ରେଟ୍, ଚିନି, ଫାଇବର ଏବଂ କିଛି ଷ୍ଟାର୍ଚ ଭଳି କିଛି ଜିନିଷ ଶୀଘ୍ର ହଜମ ହୁଏ ନାହିଁ। ଗ୍ୟାସ୍ କେବଳ ଭୁଲ ଖାଦ୍ୟ ଅଭ୍ୟାସ ଉପରେ ନୁହେଁ ବରଂ ପାଚନ ପ୍ରକ୍ରିୟା ଉପରେ ମଧ୍ୟ ନିର୍ଭର କରେ। କିଛି ଲୋକ ଏହି ସମସ୍ୟାକୁ ହାଲୁକା ଭାବରେ ନିଅନ୍ତି। କିନ୍ତୁ ଗ୍ୟାସ୍ ଗଠନ ଅନେକ ଅନ୍ୟାନ୍ୟ ରୋଗର କାରଣ ମଧ୍ୟ ହୋଇପାରେ। ତେଣୁ ଏଥିରୁ ମୁକ୍ତି ପାଇବା ନିହାତି ଜରୁରୀ। ଆପଣ ସକାଳ ଉଷୁମ ପାଣି ସହିତ ଦିନଟି ଆରମ୍ଭ କରନ୍ତୁ: ଯଦି ଆପଣଙ୍କର ବହୁତ ଗ୍ୟାସ୍ ସମସ୍ୟା ଅଛି, ତେବେ ଆପଣ ସକାଳେ ଉଠିବା ପରେ ଖାଲି ପେଟରେ ଉଷୁମ ପାଣି ପିଇ ଦିନଟିକୁ ଆରମ୍ଭ କରିବା ଉଚିତ। ଏହା ଆପଣଙ୍କ ପେଟକୁ ହାଲୁକା କରିବାରେ ସାହାଯ୍ୟ କରେ। ଯଦି ଆପଣ ଚାହାଁନ୍ତି ତେବେ ଆପଣ ଏଥିରେ ଲେମ୍ବୁ ମିଶାଇ ଉଷୁମ ପାଣି ମଧ୍ୟ ପିଇପାରିବେ। ଏହା ଶରୀରରୁ ସୋଡିୟମ୍ ବାହାର କରିଦିଏ ଏବଂ ପେଟ ଫୁଲିବା କମ କରିବାରେ ସାହାଯ୍ୟ ମଧ୍ୟ କରେ। ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ: କିଛି ଲୋକ ରାତିରେ ଅତ୍ୟଧିକ କିମ୍ବା ଭାରୀ ଖାଦ୍ୟ ଖାଆନ୍ତି, ଯାହା ଗ୍ୟାସ ଏବଂ ପେଟ ଫୁଲିବାର ସବୁଠାରୁ ବଡ଼ ଏବଂ ସାଧାରଣ କାରଣ। ଏପରି ପରିସ୍ଥିତିରେ ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଏହା ବଦଳରେ ରାତ୍ରୀ ଭୋଜନରେ ଏପରି ଜିନିଷ ଖାଆନ୍ତୁ ଯାହା ସହଜରେ ହଜମ ହେବ। ଏହା ଦ୍ୱାରା ସକାଳେ ଆପଣଙ୍କ ପେଟ ହାଲୁକା ଅନୁଭବ ହେବ ଏବଂ ଗ୍ୟାସର ସମସ୍ୟା ହେବ ନାହିଁ।

**ହର୍ବାଲ୍ ଚା:** ପୁଦିନା, ଅଦା ଏବଂ ମେଥି ଦାନା ଭଳି ଜିନିଷ ପେଟ ଫୁଲିବା ଦୂର କରିବାରେ ସହାୟକ ହୋଇଥାଏ। ଏଥିରୁ ତିଆରି ଚା ପିଇବା ଦ୍ୱାରା ଗ୍ୟାସରୁ ମୁକ୍ତି ମିଳିଥାଏ। ଏହି ଜିନିଷଗୁଡ଼ିକ ପାଚନ ତନ୍ତ୍ରରେ ମାଂସପେଶୀ ସଙ୍କୋଚନକୁ ହ୍ରାସ କରିଥାଏ, ଯାହା ଫଳରେ ଗ୍ୟାସ ସହଜରେ ବାହାରକୁ ଆସିଥାଏ ଏବଂ ପେଟ ହାଲୁକା ଅନୁଭବ ହୁଏ। ଏଥିସହ ଯଦି ଆପଣଙ୍କର ଏହିଭଳି ସମସ୍ୟା ଦେଖାଦେଉଛି, ତେବେ ଏହି ଟିପ୍ସକୁ ନିଶ୍ଚିତ ଭାବରେ ଫଲୋ କରନ୍ତୁ।



# ସିରିଜ ଚୋରି ଘଟଣାର ଦୁଇଦିନ ପରେ ପୁଣି ଚୋରି

ବୈଶିଙ୍ଗା, ୨୦।୯ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଞ୍ଚଳରେ ବାରମ୍ବାର ଚୋରି ଡ଼କାୟତି ଘଟଣା ଯୋଗୁଁ ଚିନ୍ତାରେ ଅଞ୍ଚଳବାସୀ। ଶନିବାର ରାତିରେ ମନୋରଞ୍ଜନ ବେହେରାଙ୍କ ବଡଗୁମା ଛକରେ ଥିବା ଇଲେକ୍ଟ୍ରୋନିକ୍ସ ଦୋକାନର ଗ୍ରୀଲ ତାଲା ଭାଙ୍ଗି ଭିତରେ ପଶିଥିବା ବେଳେ ହଠାତ୍ ପଡୋଶୀ ଆସି ପହଞ୍ଚି ଯିବାରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ। ସେହିଭଳି ବୈଶିଙ୍ଗା ବଜାର ଅଞ୍ଚଳରେ ଥିବା ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ଚା ଦୋକାନରେ ଶନିବାର ରାତିରେ କବାଟ ତାଲା ଭାଙ୍ଗି ଭିତରେ ଥିବା ଏଲପିଜି ସିଲିଣ୍ଡର ଚୋରି କରିନେଇଥିବା ଘଟଣାରେ ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି।

ମାତ୍ର ଦୁଇ ଦିନ ତଳେ ରଙ୍ଗାମାଟିଆ ଗ୍ରାମରେ ଜଣେ ଶିକ୍ଷକ ଓ ଅନ୍ୟ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରେ ଚୋରି ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ଘଟଣା ବାରମ୍ବାର ଘଟୁଥିବା ଯୋଗୁଁ ଚିନ୍ତାରେ ପଡିଛନ୍ତି ଅଞ୍ଚଳବାସୀ । ଏ ସମ୍ପର୍କରେ ପୋଲିସ ପ୍ରଶାସନ ପକ୍ଷରୁ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ବାଲିଆପାଳ ଥାନାରେ ଚାଲିଛି ଦଲାଲଙ୍କ ରାଜୁତି

## ଅଫିସର ସାଜିଛନ୍ତି ଦେଖଣାହାରି

ବାଲିଆପାଳ, ୨୦।୯ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକରେ ବାଲିଆପାଳ ଥାନା ଏବେ ଦଲାଲଙ୍କ କବ୍‌ଜାରେ ବନ୍ଦୀହୋଇ ରହିଥିବା ଦେଖିବାକୁ ମିଳିଛି। ଏହି ଫାଣ୍ଡି ଉପରେ ଭରସା କରି ଯେ କେହିବି ନ୍ୟାୟ ପାଇବା ଆଶାରେ ଆସୁଛି ସେମାନଙ୍କ ବିଚାର କରୁଛନ୍ତି କୁଜି ନେତା ଓ କିଛି ଦଲାଲ |

କହିବାର ଅର୍ଥ ଯେଉଁ ଜାଗାରେ କୁଜି ନେତା, ଦଲାଲ ଏବଂ ସ୍ୱାର୍ଥବାଦୀମାନେ ଥାନାରେ ବସି ବିଚାର କରି ନ୍ୟାୟ କରିବେ ସେତେବେଳେ ଜଣେ ସାଧାରଣ ଲୋକଟିଏ, ଜଣେ ପୀଡିତା କେତେ ନ୍ୟାୟ ପାଇପାରୁଥିବ ତାହା ଦାଣ୍ଡରେ ପଡି ହାଟରେ ଗଡୁଛି |




ସୂଚନା ଥାଉକି ଥାନା ର ଦୁଆର ଦେଇ ପ୍ରତେକ ଦିନ ସହ ସହ ଚୋରା ବାଲି, ପଥର, ମଦ ଗାଡି ଦିନ ଦ୍ୱିପ୍ରହରରେ ଯାଉଛି, ଅତ୍ୟଧିକ ଲୋଡ଼ କରି ଛଣ କଳା ବଜାରରେ ବିକ୍ରି ହେଉଛି, ଏପରିକି ଏହି ବଜାର ରେ ସନ୍ଧ୍ୟା ହେଲେ ବିଭିର୍ଣ୍ଣ ପ୍ରକାର ର ନିଶାଦ୍ରବ୍ୟ, ବ୍ରାଉନ ସୁଗର ଖୁଲମ ଖୁଲା ବିକ୍ରି ହେଉଛି ହେଲେ ଅଫିସର ସାଜିଛନ୍ତି ଦେଖଣାହାରି ଦୁଃଖର ବିଷୟ ଏମାନଙ୍କ ପାଖରେ ପହଞ୍ଚି ପାରୁନି ବାଲିଆପାଳ ଥାନା ଗାଡି | ରାଧେ ରାଧେ ତମର ଅଧେକୁ ଆମର ଅଧେ ପରି ଦଲାଲ ମାନଙ୍କ ମୁନାଫାରୁ ସିଙ୍ଗଭାଗ ଯାଉଛି ବାଲିଆପାଳ ଥାନାକୁ। ତେବେ ଏହି ଥାନା ର ବଡ ବଡ଼ ବାବୁ ମାନେ କାହା ସ୍ୱାର୍ଥରେ ନିରବ ବସିଛନ୍ତି ଆଉ କେଉଁ ଆଇନି ବଳରେ ଦଲାଲ ମାନେ ଫାଣ୍ଡିରେ ବସି ନିସାବ କରୁଛନ୍ତି ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି । ଅନେକ ସମୟରେ ଦୁବ୍ୟବହାର କରିବା ସହ ବିଭିନ୍ନ ପ୍ରକାର ଅପ୍ରିତିକର ଘଟଣା ଦେଖିବାକୁ ମିଳିଛି। ତେବେ ବାଲିଆପାଳ ଥାନାର ଏମାନଙ୍କ ପ୍ରତି ଟିଳେ ମାତ୍ର ନିଘା ନାହିଁ।

ତେବେ କେଉଁ ଚାପରେ ଚାପି ହୋଇଯାଉଛି ବାଲିଆପାଳ ଥାନା ତାହା ତୁରନ୍ତ ବାଲେଶ୍ୱର ଏସପି ତଦନ୍ତ ପରିସରକୁ ନେବାପାଇଁ ସାଧାରଣ ରେ ଦାବି ହୋଇଛି | ଦେଖିବାକୁ ବାକି ରହିଲା ଏହି ଘଟଣାକୁ କେବେ ବାଲେଶ୍ୱର ଏସପି ଦୃଷ୍ଟି କୁ ନେଉଛନ୍ତି ଏବଂ ବାଲିଆପାଳ ଥାନାରୁ କେବେ ଭାଙ୍ଗୁଛି ଦଲାଲଙ୍କ ବସା |

# ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନ୍‌କୁ 'ମାଇନ୍ ଇନୋଭେସନ୍ ଆୱାର୍ଡ' ସମ୍ମାନ

ଯୋଡ଼ା,୨୦।୯ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ ଓଏମକ୍ୟୁ (ଓର୍, ମାଇନ୍ସ ଏବଂ କ୍ୱାରିଜ୍) ଡିଭିଜନ୍ କୁ ଖଣି କ୍ଷେତ୍ରରେ ଉଲ୍ଲେଖନୀୟ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗିତା ପାଇଁ "ମାଇନ୍ ଇନୋଭେସନ୍ ଆୱାର୍ଡ"ରେ ସମ୍ମାନିତ କରାଯାଇଛି। 'ଇଣ୍ଡିଆନ୍ ମାଇନିଂ ଏବଂ ଇଞ୍ଜିନିୟରିଂ ଜର୍ଣ୍ଣାଲ୍' (ଆଇଏମ୍ଇଜେ) ଦ୍ୱାରା ଶନିବାର ଦିନ ଯୋଡ଼ାସ୍ଥିତ ଟାଟା ଷ୍ଟିଲର ଭ୍ୟାଲି କ୍ଲବ୍‌ଠାରେ ଆୟୋଜିତ ୫ମ 'ଇଣ୍ଟରନ୍ୟାସନାଲ୍ କନ୍‌ଫରେନ୍ସ ଅନ୍ ସେଫ୍ ଆଣ୍ଡ ସଷ୍ଟେନେବୁଲ୍ ମାଇନିଂ ଟେକ୍ନୋଲୋଜିଜ୍ ଏବଂ ମାଇନିଂ ଏକ୍ସପୋ ୨୦୨୬' ଆୟୋଜନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।




ଏହି ସମ୍ମାନ ଖଣି ପରିଚାଳନାରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ନିପୁଣତା ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ବିନିଯୋଗ ନେଇ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଭିନ୍ନ ଉଦ୍ଭାବନମୂଳକ ଡିଜିଟାଲ୍ ପ୍ରକଳ୍ପ ଜରିଆରେ ଟାଟା ଷ୍ଟିଲ୍, ଓଏମକ୍ୟୁ ଡିଭିଜନ୍ ଖଣି କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ସହ ନିଜର ସମସ୍ତ ଖନନ ପ୍ରକ୍ରିୟାରେ ଉଲ୍ଲେଖମୂଳକ ପରିବର୍ତ୍ତନ ଆଣିପାରିଛି।

ଟାଟା ଷ୍ଟିଲ୍ ଓଏମକ୍ୟୁ ଡିଭିଜନ୍‌ର ଜେନେରାଲ୍ ମ୍ୟାନେଜର୍ ଦେବାଶିଷ ଜେନା ଏବଂ ଟାଟା ଷ୍ଟିଲ୍ ଯୋଡ଼ାର ଚିଫ୍ ଜି.ଭି. ସତ୍ୟନାରାୟଣ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଦୁଇ ଦିନିଆ ସମ୍ମିଳନୀ ଓ ମାଇନିଂ ଏକ୍ସପୋରେ ଶିଳ୍ପପତି, ଖଣି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ୍‌ମାନେ ଏକତ୍ରିତ ହୋଇ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପଦ୍ଧତିର ବିକାଶ ଏବଂ ଆଗାମୀ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଖଣି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ବିଭିନ୍ନ ଡିଜିଟାଲ୍ ପଦକ୍ଷେପଗୁଡ଼ିକୁ ଆପଣେଇବା, ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପ୍ରକ୍ରିୟାରେ ନବସୃଜନାତ୍ମକ ବିକାଶକୁ ବଜାୟ ରଖିବା ଦିଗରେ ପ୍ରୋତ୍ସାହିତ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ-୨୦୨୬'

ଖୋର୍ଦ୍ଧା, ୨୦।୯ (ସଂଚାର ବ୍ୟୁରୋ): ଶିଶୁମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ - ୨୦୨୬' ଖୋର୍ଦ୍ଧା ଷ୍ଟାଡିୟମ ରେ ଆନନ୍ଦର ସହିତ ଅନୁଷ୍ଠିତ ହୋଇଯାଇଛି।



ଏହି ମହୋତ୍ସବରେ ଜିଲ୍ଲାର ୧୦ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ମୋଟ ୧୦୮ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ପାଇଁ ୧୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ୍ ଓ କ୍ୟାରମ୍ ଭଳି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଭୟ ବାଳକ ଓ ବାଳିକା ଉତ୍ସାହର ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିବା ସହ ଶିଶୁମାନଙ୍କୁ କ୍ରୀଡ଼ା ଓ ଅନ୍ୟାନ୍ୟ ସୃଜନଶୀଳ କାର୍ଯ୍ୟରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳୀ ପଣ୍ଡା, ସୁରକ୍ଷା ଅଧିକାରୀ (ମହିଳା ହିଂସା) ସୌଦାମିନୀ ଦାଶ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଶ୍ରୀମତୀ କାନ୍ତା ମାହାନ୍ତି, ସଦସ୍ୟ ଶ୍ରୀ ରମେଶ ବେହେରା, ସଭ୍ୟା ବାସବି ଖାଡଙ୍ଗା, ପ୍ଲାନ୍ ଇଣ୍ଡିଆର ଜିଲ୍ଲା ସଂଯୋଜିକା ଶ୍ରୀମତୀ ଅମିତା ସିଂ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।

# ଘନ ଶବରଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହର କଲା କଂଗ୍ରେସ



ଫୁଲବାଣୀ, ୨୦।୯ (ସଂଚାର ବ୍ୟୁରୋ): କଂଗ୍ରେସ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ଘନ କୁମାର ଶବରଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନେଇଛି ଦଳ। ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ରାଜ୍ୟ କଂଗ୍ରେସର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ।

ସୂଚନାଯୋଗ୍ୟ, ଗତ ଜୁନ ୨୦ ତାରିଖ ଦିନ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଘନ ଶବରଙ୍କ ସମେତ ୯ ଜଣ ଆଗଧାଡିର ନେତାଙ୍କୁ ପିସିସି ପକ୍ଷରୁ ଦଳରୁ ନିଲମ୍ବନ କରାଯାଇଥିଲା। ଏଆଇସିସି ସଂପାଦକ କେ ଟି କୁସୁମ କୁମାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଜିଲା କାଯ୍ୟର୍କାରିଣୀ ବୈଠକରେ ଏମାନେ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗ ପରେ ଦଳ ଏହି ନିଷ୍ପତ୍ତି ନେଇଥିଲା। ତେବେ ଏ ନେଇ ବିଶଦ ଆଲୋଚନା ପରେ ଶବରଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ନିଲମ୍ବିତ ଅନ୍ୟ ନେତା ମାନଙ୍କ ସମ୍ପର୍କରେ ଦଳ କୌଣସି ନିଷ୍ପତ୍ତି ନେଇନାହିଁ।

# ନିଖୋଜ ଯୁବକଙ୍କ ମୃତ ଦେହ ଉଦ୍ଧାର

● ଗାଈ ଖୋଜିବାକୁ ଯାଇ ଘରକୁ ଫେରିନଥିଲେ

ଧାମନଗର,୨୦।୯ (ସଂଚାର ବ୍ୟୁରୋ): ଶନିବାର ଠାରୁ ଗାଈ ଖୋଜିବାକୁ ଯାଇ ଆଉ ଘରକୁ ଫେରିନଥିଲେ।ରବିବାର ସକାଳ ଗାଁ ପାଖ ଆମ୍ବ ପାଣି ନାଳ ରେ ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡ ପୁର ଗ୍ରାମର କେଶବ ଚନ୍ଦ୍ର ମିଶ୍ରଙ୍କ ପୁଅ ବିରଞ୍ଚି ମିଶ୍ର (୨୭) ଙ୍କ ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରେ ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ। ପୋଲିସ କେସ ନଂ ୧୯/୨୬ ଏକ ଅପମୃତ ମାମଲା କରି ଘଟଣାର ତଦନ୍ତ କରୁଛି।



ସୂଚନା ଅନୁଯାୟୀ ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡ ପୁର ଗ୍ରାମର ବିରଞ୍ଚି ମିଶ୍ର (୨୭) ଗତ ଶନିବାର ଗାଈ ଖୋଜିବାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ବିରଞ୍ଚି ନଫେରିବା ନେଇ ପରିବାର ଲୋକେ ବନ୍ଧୁ ବାନ୍ଧବ, ସାଇପଡ଼ିଶା ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ରବିବାର ସକାଳ ଗାଁ ପାଖ ନାଳ ରେ ବିରଞ୍ଚିଙ୍କ ମୃତ ଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଲୋକେ ଜମା ହୋଇ ଯାଇଥିଲେ। ଖବର ପାଇ ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିଲା।

# ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ



ଆଳି, ୨୦।୯ (ସଂଚାର ବ୍ୟୁରୋ): ମାଛ ଧରା ହେଲା କାଳ। ମାଛ ଧରୁଥିବା ବେଳେ ସାପ କାମୁଡାରେ ଯୁବକଙ୍କ ମୃତୁ ଘଟିଛି। ଯୁବକ ଜଣକ ହେଲେ ଆଳି ବ୍ଲକ ସଂସିଧା ପଞ୍ଚାୟତ ମାନପୁର ସେଠୀ ସାହିର ଦଶରଥ ସେଠୀଙ୍କ ପୁଅ ସୁମନ୍ତ ସେଠୀ (୨୮) ସାପ କାମୁଡାରେ ମୃତ୍ୟୁ ହୋଇଛି। ଶନିବାର ଦିନ ରାତିରେ ମାନପୁର ଘୋଷରକୁ ମାଛ ଧରିବାକୁ ଯାଇଥିବା ସମୟରେ ବିଷାକ୍ତ ସାପ କାମୁଡି ଦେଇଥିଲା।ପ୍ରଥମେ ଆଳି ସ୍ୱାସ୍ଥ୍ୟ ଗୋଷ୍ଠି କେନ୍ଦ୍ରକୁ ନିଆଯାଇଥିଲା ତାଙ୍କର ସ୍ୱାସ୍ଥ୍ୟ ଗୁରୁତର ହେବାରୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ତାଙ୍କୁ ଡାକ୍ତର ଦେଖି ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛଦ ପରେ ତାଙ୍କ ମର ଶରୀରକୁ ଘର କୁ ଅଣାଯାଇଥିଲା।ଅନ୍ୟପଟେ ଏହି ଦୁଃଖଦ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଅବହେଳିତ ଅବସ୍ଥାରେ ପ୍ରଧାନିଗୁଡ଼ା ବଟାନିକାଲ୍ ଗାର୍ଡେନ

ମାଲକାନଗିରି, ୨୦।୯ (ସଂଚାର ବ୍ୟୁରୋ): ସରକାରୀ ଅର୍ଥରେ ନିର୍ମିତ ପ୍ରଧାନିଗୁଡ଼ା ବଟାନିକାଲ୍ ଗାର୍ଡେନ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ଏହି ଉଦ୍ୟାନର କାର୍ଯ୍ୟ କେବେ ଆରମ୍ଭ ହୋଇଥିଲା, ସେନେଇ ସ୍ପଷ୍ଟ ସୂଚନା ମିଳିନଥିଲେ ମଧ୍ୟ, ସ୍ଥଳରେ ଥିବା ଫଳକରେ ୧୯/୦୧/୨୦୨୪ ତାରିଖ ଉଲ୍ଲେଖ ରହିଛି।




ଏଠାରେ ଶତାଧିକ ପ୍ରକାରର ମୂଲ୍ୟବାନ ଗଛ ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠିଛି। ନର୍ସରୀ ଚାରିପାଖରେ ପ୍ଲାଷ୍ଟିକ ବୋତଲ, ମଦ ବୋତଲ, କେନ୍ ଓ ପାଉଚ୍ ପଡ଼ିଥିବା ଦେଖିବାକୁ ମିଳୁଛି। ଏହା ସହିତ ବିଭିନ୍ନ ସ୍ଥାନରେ ଭଙ୍ଗା କାଚ ପଡ଼ିଥିବାରୁ ପରିଦର୍ଶକଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି।

ବଟାନିକାଲ୍ ଗାର୍ଡେନର ୱାଚ୍ ଟାୱାର ଅଞ୍ଚଳରେ ମଧ୍ୟ ମଦ୍ୟପାନ ହେଉଥିବା ଅଭିଯୋଗ ରହିଛି। ଦିନ ସମୟରେ ମଧ୍ୟ ଏଭଳି ପରିବେଶ ଦେଖାଯାଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ରାତି ସମୟରେ ଅଞ୍ଚଳଟି ଅନ୍ଧକାରମୟ ରହୁଥିବାରୁ ରାତ୍ରି ସମୟର ପରିସ୍ଥିତି ସମ୍ପର୍କିତ ଦୃଶ୍ୟ ସଂଗ୍ରହ କରିବା ସମ୍ଭବ ହୋଇନଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତି ଯୋଗୁଁ ପରିବାର ସହ ବଟାନିକାଲ୍ ଗାର୍ଡେନ ବୁଲିବାକୁ ଲୋକେ ଅମଙ୍ଗ ହେଉଥିବା ବେଳେ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ସରକାରଙ୍କ ଲକ୍ଷାଧିକ ଟଙ୍କା ବ୍ୟୟରେ ଗଢ଼ିଉଠିଥିବା ଏହି ଉପାଦେୟ ସ୍ଥଳୀର ଉଦ୍ଦେଶ୍ୟ ଯଦି ରକ୍ଷଣାବେକ୍ଷଣ ଅଭାବରୁ ବିଫଳ ହୁଏ, ତେବେ ଏହା ସରକାରୀ ଅର୍ଥର ସଦୁପଯୋଗକୁ ନେଇ ପ୍ରଶ୍ନ ସୃଷ୍ଟି କରିପାରେ। ତେଣୁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହାର ସୁରକ୍ଷା, ସଫେଇ, ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ଦିଗରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

ଯଦି ଉପଯୁକ୍ତ ବ୍ୟବସ୍ଥା କରାଯାଏ, ତେବେ ଏଠାରେ ଥିବା ବିଭିନ୍ନ ପ୍ରଜାତିର ଗଛ ସମ୍ପର୍କରେ ଲୋକେ ଜାଣିବା ସହିତ ପ୍ରଧାନିଗୁଡ଼ା ବଟାନିକାଲ୍ ଗାର୍ଡେନକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯାଇପାରିବ।

# ମିନିଟ୍ରକ ଓ ପଲ୍ସର୍ ମୁହାଁମୁହିଁ: ଜଣେ ମୃତ, ଦୁଇ ଗୁରୁତର



ରାଇଘର, ୨୦।୯ (ସଂଚାର ବ୍ୟୁରୋ): ରାସ୍ତା ଉପରେ ମାତ୍ର କିଛି ସେକେଣ୍ଡର ଅସାବଧାନତା ଯେ ଏକ ପରିବାରକୁ ସାରାଜୀବନର ଦୁଃଖ ଦେଇପାରେ, ତାହାର ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ରାଇଘର ଥାନା ଅନ୍ତର୍ଗତ ଶାନ୍ତିନଗର ଛକ ନିକଟରେ। ଶନିବାର ସନ୍ଧ୍ୟାରେ ଏକ ମିନିଟ୍ରକ ଓ ପଲ୍ସର୍ ମୋଟରସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏକ ମିନିଟ୍ରକ (ନଂ- ଓଡି ୨୪ ଜି ୭୯୭୩) କୁସୁମପୁର ଗ୍ରାମ ଛଅଭିମୁଖେ ପରିବା ବୋଝେଇ କରିବା ପାଇଁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପଲ୍ସର୍ ମୋଟରସାଇକଲ (ନଂ- ସିଜିସିଜି ୨୭ ଟି ୭୭୬୬) ସହ ଶାନ୍ତିନଗର ଛକ ନିକଟରେ ମୁହାଁମୁହିଁ ଜୋରଦାର ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ମୋଟରସାଇକଲଟି ରାସ୍ତାକଡ଼ରେ ଥିବା ଖାଲ ମଧ୍ୟକୁ ଛିଟିକି ପଡ଼ିଥିଲା। ଦୁର୍ଘଟଣାରେ ବାବୁଲାଲ ଗଣ୍ଡ (୧୭)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆଖି ପିଛୁଳକେ ସବୁକିଛି ଶେଷ ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ବାବୁଲାଲଙ୍କ ମୃତ୍ୟୁ ଘଟିଥିଲା।

ଅନ୍ୟପକ୍ଷରେ, ଦୁର୍ଘଟଣାରେ ତରୁଣ ରାମ ଗଣ୍ଡ ଓ ଶ୍ୟାମ କୁମାର ଗଣ୍ଡ ଗୁରୁତର ଆହତ ହୋଇଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ବର୍ତ୍ତମାନ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ସମୂହ ଗାନ ଓ 'ଭାରତ କୋ ଜାନୋ' ପ୍ରତିଯୋଗିତା

# ୨୫ ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ସତ୍ୟବାଦୀ, ୨୦।୯ (ସଂଚାର ବ୍ୟୁରୋ): ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ସ୍ୱର୍ଣ୍ଣ ମଣ୍ଡପରେ 'ରାଷ୍ଟ୍ରୀୟ ସମୂହ ଗାନ' ଓ 'ଭାରତ କୋ ଜାନୋ' କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ବିକାଶ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ୨୫ଟି ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସାମୂହିକ 'ବନ୍ଦେ ମାତରମ୍' ଗାନ ହୋଇଥିଲା। ବନ୍ଦନା ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ସଭାପତି ସତ୍ୟବାଦୀ ଦାସ ମୁଖ୍ୟ ବକ୍ତା ଏବଂ ପୂର୍ବତନ ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବ ପ୍ରାନ୍ତର ସଂସ୍କାର ସଚିବ ବିଜୟଲକ୍ଷ୍ମୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।

'ରାଷ୍ଟ୍ରୀୟ ସମୂହ ଗାନ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୭ଟି ବିଦ୍ୟାଳୟ ମଧ୍ୟରୁ ହିନ୍ଦୀ, ସଂସ୍କୃତ ଓ ଓଡ଼ିଆ - ତିନୋଟି ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ମୂଳ ଅଳସା ନୋଡାଲ ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀ ଚାମ୍ପିଅନ ହୋଇଥିଲା। ନିହାର ରଞ୍ଜନ ସ୍ୱାଇଁ ଏହି ପ୍ରତିଯୋଗିତା ସଂଚାଳନା କରିଥିବା ବେଳେ ଦୁର୍ଗା ପ୍ରସାଦ ମିଶ୍ର, ଦିଗମ୍ବର ରଥ ଓ ବ୍ରଜ କିଶୋର ମହାପାତ୍ର ବିଚାରକ ଥିଲେ। 'ଭାରତ କୋ ଜାନୋ' କୁଇଜ୍‌ର କନିଷ୍ଠ ବର୍ଗରେ ୨୧ଟି ଓ ବରିଷ୍ଠ ବର୍ଗରେ ୨୫ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ଓଏଭି, ସତ୍ୟବାଦୀ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବରିଷ୍ଠ ବର୍ଗରେ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ, ଗବକୁଣ୍ଡ ପ୍ରଥମ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଇଣ୍ଡିଆନ ବ୍ୟାଙ୍କର ମ୍ୟାନେଜର ରମେଶଚନ୍ଦ୍ର ସେଠୀ ଯୋଗଦେଇଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକ ନଗର ବିଜେଡି ପୁନଃଗଠିତ

*କିଶୋର ସଭାପତି, କଳାକର ଓ ଜ୍ୟୋତି କାର୍ଯ୍ୟକାରୀ ସଭାପତି, ବୁଢ଼ା ନଗର ସଭାପତି*



ପଟ୍ଟାମୁଣ୍ଡାଇ, ୨୦।୯ (ସଂଚାର ବ୍ୟୁରୋ): ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ବିଜେଡି ସୁପ୍ରିମୋ ବିରୋଧୀ ଦଳ ନେତା ନବୀନ ପଟନାୟକ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡିର ପୁନଃଗଠନ କରିଛନ୍ତି । ନବୀନଙ୍କ ଅନୁମୋଦନକ୍ରମେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ପଟ୍ଟାମୁଣ୍ଡାଇ ବିଜେଡିର ବର୍ଷିଆନ ନେତା କିଶୋର କୁମାର ସାହୁ (ବିନ )ଙ୍କୁ ପୁନଃବାର ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି । ସେହିପରି ବ୍ଲକ ସଭାପତିଙ୍କୁ ସାଙ୍ଗଠନିକ କାର୍ଯ୍ୟରେ ସହଯୋଗ ପାଇଁ ଯୁବନେତା ପୂର୍ବତନ ସରପଞ୍ଚ କଳାକର ପ୍ରଧାନ ( କାଳିଆ )ଓ ୧୫ନଂ ଜୋନ ଧୋୟାଞ୍ଚଳର ଅନ୍ୟତମ ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ ( ବଣ୍ଟି )ଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି । ଏହାଛଡା ପଟ୍ଟାମୁଣ୍ଡାଇ ନଗର ଅଂଚଳରେ ବିଜେଡି ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ଯୁବନେତା ପୂର୍ବତନ ପୌରାଧକ୍ଷା ପ୍ରତିନିଧି ଖଗେଶ୍ୱର ଲେଙ୍କା (ବୁଢ଼ା)ଙ୍କୁ ପୁନଃବାର ନଗର ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି ।

# ଢେଙ୍କାନାଳରେ ଆଜି ଗଜାନନଙ୍କ ଭସାଣି ଉତ୍ସବ

## ସାମିଲ ହେବେ ୩୮ ପୂଜାମଣ୍ଡପର ମେଢ଼



ଢେଙ୍କାନାଳ, ୨୦।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ସହରରେ ଆଜି ଅନୁଷ୍ଠିତ ହେବ ଗଜାନନଙ୍କ ଭସାଣି ଉତ୍ସବ। ସହରର ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଇଥିବା ପ୍ରଭୁ ଶ୍ରୀଗଣେଶଙ୍କ ମେଢ଼ ଏହି ଭସାଣି ଉତ୍ସବରେ ସାମିଲ ହେବ। ଚଳିତବର୍ଷ ମୋଟ ୩୮ଟି ପୂଜାମଣ୍ଡପର ମେଢ଼ ଭସାଣି ଶୋଭାଯାତ୍ରାରେ ଯୋଗଦେବାକୁ ଥିବାରୁ ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଭସାଣି ଉତ୍ସବକୁ ସୁରୁଖୁରୁରେ ପରିଚାଳନା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଢ଼ଗୁଡ଼ିକର ଶୋଭାଯାତ୍ରା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଭସାଣି ସମୟରେ ଯେପରି କୌଣସି ଅଘଟଣ ନଘଟେ, ସେଥିପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭସାଣି ଉତ୍ସବ ପୂର୍ବରୁ ମିନି ଷ୍ଟାଡିୟମ୍ ପରିସରରେ ସକାଳ ୮ଟା ସମୟରେ ଲଟେରି ଉଠାଣ କରାଯିବ। ଲଟେରି ମାଧ୍ୟମରେ ମେଢ଼ଗୁଡ଼ିକର ଶୋଭାଯାତ୍ରା ଓ ଭସାଣିର କ୍ରମ ନିର୍ଦ୍ଧାରଣ କରାଯିବ। ଏହାପରେ ନିର୍ଦ୍ଧାରିତ କ୍ରମ ଅନୁସାରେ ମେଢ଼ଗୁଡ଼ିକ ଭସାଣି ଶୋଭାଯାତ୍ରାରେ ସାମିଲ ହେବେ। ଉତ୍ସବରେ ବହୁ ସଂଖ୍ୟକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଭିଡ଼ ନିୟନ୍ତ୍ରଣ ସହ ଟ୍ରାଫିକ୍ ପରିଚାଳନା, ମେଢ଼ ଯାତାୟାତ ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ନଜର ରଖିବ। ଏଥିସହ ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପକ୍ଷରୁ ପୂଜା କମିଟି ଓ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ାଯାଇଛି।

## ହୁମ୍ମାରେ ଆମ ପୁଲିସ ସମିତି ବୈଠକ

# ଲୋକଙ୍କ ଅଭିଯୋଗ ଶୁଣିଲେ ଏସ୍‌ପି

ଛତ୍ରପୁର, ୨୦।୯ (ସଂଚାର ବ୍ୟୁରୋ): ରମ୍ଭା ଥାନା ଅଞ୍ଚଳରେ ପୁଲିସ ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ହୁମ୍ମା ଫାଣ୍ଡିରେ 'ଆମ ପୁଲିସ ସମିତି' ବୈଠକ ଅନୁଷ୍ଠିତ ହୋଇଛି। ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକେ ସିସିଟିଭି, ନାଇଟ୍ ପେଟ୍ରୋଲିଂ, ବେଆଇନ ମଦ, ସଡ଼କ ଦୁର୍ଘଟଣା ଓ ସୁରକ୍ଷା ସମସ୍ୟା ନେଇ ଅଭିଯୋଗ ରଖିଥିଲେ। ଅଭିଯୋଗ ଶୁଣି ଏସ୍‌ପି ହରିଶ ବିଶି ଆଜିଠାରୁ ନାଇଟ୍ ପେଟ୍ରୋଲିଂ କାର୍ଯ୍ୟକ୍ଷମ କରିବା ସହ ବଟେଶ୍ୱର ବେଳାଭୂମିରେ ଦୁଇଜଣ ହୋମଗାର୍ଡ ନିୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲିଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଛତ୍ରପୁର ଏସ୍‌ପି ହରିଶ ବିଶି ମୁଖ୍ୟ ଅତିଥି ଓ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଅତିଥି ଭାବେ ଯୋଗଦେଇଥିଲେ। ହୁମ୍ମା ଫାଣ୍ଡି ଅଧିକାରୀ ବିନୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବୈଠକରେ ରମ୍ଭା ଥାନା ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ସିସିଟିଭି ଲଗାଇବା, ହୁମ୍ମା ବଜାର ଓ ହାଟରେ ନିୟମିତ ପୁଲିସ ମୁତୟନ, ଗଣେଶ ପୂଜା ଭସାଣି ସମୟରେ ବଟେଶ୍ୱର ବେଳାଭୂମିରେ ସୁରକ୍ଷା ବଢ଼ାଇବା, ରାତ୍ରି ପାଟ୍ରୋଲିଂ ମଜବୁତ କରିବା ଓ ହୁମ୍ମା ରେଳ ଷ୍ଟେସନ ନିକଟରେ ବେଆଇନ ମଦ କାରବାର ବନ୍ଦ କରିବାକୁ ଦାବି ହୋଇଥିଲା। ଏହାସହ ରୋଡ୍ ରୋମିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବଟେଶ୍ୱର ବେଳାଭୂମିରେ କୂଳ କ୍ଷୟ ର ପ୍ରତିକାର,ହୁମ୍ମା ଓଭରବ୍ରିଜ୍ କାମ ଶେଷ କରିବାରେ ପୁଲିସ ସହଯୋଗ ଏବଂ ଜାତୀୟ ରାଜପଥରେ ବୁଲା ଗୋରୁ ଯୋଗୁଁ ହେଉଥିବା ଦୁର୍ଘଟଣାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଦାବି ଉଠିଥିଲା।

ଅଭିଯୋଗ ଶୁଣି ଏସ୍‌ପି ନାଇଟ୍ ପେଟ୍ରୋଲିଂକୁ ଆଜିଠାରୁ କାର୍ଯ୍ୟକ୍ଷମ କରିବା ଏବଂ ବଟେଶ୍ୱର ବେଳାଭୂମିରେ ଦୁଇଜଣ ହୋମଗାର୍ଡ ନିୟୋଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକେ ବିନା ଭୟରେ ପୁଲିସକୁ ଅଭିଯୋଗ ଓ ଅପରାଧ ସମ୍ପର୍କିତ ତଥ୍ୟ ଜଣାଇବାକୁ ସେ ଆହ୍ୱାନ ଦେଇଥିଲେ। ପୁଲିସ ଲୋକଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା ଶୁଣିବା ଓ ଆବଶ୍ୟକ ସମୟରେ ସହଯୋଗ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅପରାଧୀଙ୍କ ଗତିବିଧି ଉପରେ ମଧ୍ୟ ଲୋକେ ନଜର ରଖି ପୁଲିସକୁ ସୂଚନା ଦେବାକୁ କହିଥିଲେ।

ରମ୍ଭା ଥାନାରେ ଦୀର୍ଘଦିନ ଧରି ଖାଲି ଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ପେସାଦାର ଅପରାଧୀମାନେ ନିଜକୁ ସୁଧାରି ନେବାକୁ ସେ ପରାମର୍ଶ ଦେବା ସହ ନଚେତ୍ କଠୋର କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ ବୋଲି ସ୍ପଷ୍ଟ କରିଥିଲେ। ଅଭିଯୋଗ ପାଇଁ ପୁଲିସର ହ୍ୱାଟ୍ସଆପ୍ ନମ୍ବର ୯୩୩୭୧୧୨୧୧୨ ଜାରି କରାଯାଇଥିଲା।